# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୭/୨୦୨୨ (୨୦ ପୃଷ୍ଠା) | Sambalpur, Wednesday, September 7/2022 | Page 20 | ₹ 7.00 | ★★

୧୮ଶ ଭାଗ ୨୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 261 | ମୂଲ୍ୟ ₹୭/-







# ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ

## ଜନସେବାରେ ୨୫ ବର୍ଷ

- ବିଜେଡି ପକ୍ଷରୁ ଭବ୍ୟ ସ୍ୱାଗତ
- ପାରମ୍ପରିକ ନୃତ୍ୟଗୀତରେ କମ୍ପିଲା ବିମାନବନ୍ଦର

ଭୁବନେଶ୍ୱର,୬।୯(ବ୍ୟୁରୋ)

ଦୀର୍ଘ ୨୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ସେବାରେ ନିଜକୁ ନିୟୋଜିତ କରି ଆସିଛନ୍ତି। ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ନବୀନଙ୍କୁ କେବଳ ରାଜ୍ୟ ନୁହେଁ, ଜାତୀୟ ରାଜନୀତିରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଦୀର୍ଘ ଉତ୍ସର୍ଗୀକୃତ ସେବା ପାଇଁ ନବୀନଙ୍କୁ ନୂଆଦିଲ୍ଲୀଠାରେ ଚଳିତମାସ ୪ ତାରିଖରେ କ୍ୟାପିଟାଲ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଲାଇଫ୍‌ଟାଇମ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ଏହି ସମ୍ମାନରେ ସମ୍ମାନିତ ହେବା ପରେ ନବୀନ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୨୫ ମିନିଟରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଥିଲେ। ପାରମ୍ପରିକ ନୃତ୍ୟଗୀତ ତଥା ଢୋଲ ବାଜା ଓ ନୃତ୍ୟର ତାଳେ ତାଳେ ☞ପୃଷ୍ଠା-୪





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ନୂଆଦିଲ୍ଲୀରୁ ଫେରିବା ପରେ ତାଙ୍କୁ ସ୍ୱାଗତ କରିବା ପାଇଁ ଭୁବନେଶ୍ୱର ବିମାନବନ୍ଦର ନିକଟରେ ସମବେତ ବିଜେଡି ନେତା ଓ କର୍ମୀ।

## ରାଜ୍ୟବାସୀଙ୍କୁ ସମ୍ମାନ ଉତ୍ସର୍ଗ କଲେ ନବୀନ

## ଭାରତର ପ୍ରଥମ ନାଜାଲ କୋଭିଡ୍ ଭାକ୍ସିନ୍‌କୁ ମଞ୍ଜୁରୀ

ନୂଆଦିଲ୍ଲୀ, ୬।୯(ପି.ଟି.)

ଭାରତ ବାୟୋଟେକ୍ ପ୍ରସ୍ତୁତ ନାଜାଲ କୋଭିଡ୍ ଟିକାକୁ ଜରୁରୀ ବ୍ୟବହାର ଲାଗି ମଞ୍ଜୁରୀ ମିଳିଛି। ଏହା କୋଭିଡ୍-୧୯ ବିରୋଧରେ ଭାରତର ଲଢ଼େଇକୁ ଆଉପାଦେ ଆଗେଇନେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟ କହିଛନ୍ତି। ୧୮ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ଏହି ଟିକା ଦିଆଯାଇପାରିବ। ହାଇଦ୍ରାବାଦର ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

କେବଳ ଚେରାପୁଞ୍ଜି ନୁହେଁ










ଧରିତ୍ରୀ
DHARITRI
ବୁଧବାର, ୭ ସେପ୍ଟେମ୍ବର, ୨୦୨୨





# ସୁସ୍ମିତାଙ୍କୁ ଭୁଲିଗଲେ ମୋଦି

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରଥମ କମିଶନର ତଥା ପଳାତକ ବ୍ୟବସାୟୀ ଲଳିତ ମୋଦି ନିଜ ଇନ୍‌ଷ୍ଟାଗ୍ରାମ ବାୟୋରେ ପ୍ରୋଫାଇଲ ଫଟୋ ବଦଳାଇଛନ୍ତି। ପୂର୍ବରୁ ଏଥିରେ ସେ ପ୍ରାକ୍ତନ ମିସ୍ ୟୁନିଭର୍ସ ସୁସ୍ମିତା ସେନଙ୍କ ସହ ନିଜ ଫଟୋ ରଖିଥିଲେ, ଯହିଁରେ ଉଭୟେ ହସୁଥିବା ଦେଖିବାକୁ ମିଳିଥିଲା। ଗତ ଜୁଲାଇ ୧୪ରେ ପୋଷ୍ଟ କରିଥିବା ଉକ୍ତ ଫଟୋରେ ଲଳିତ ମୋଦି ଲେଖିଥିଲେ, ଯାହାବି ହେଉ ଶେଷରେ ମୁଁ ମୋ ପ୍ରେମିକା ସୁସ୍ମିତା ସେନଙ୍କ ସହ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଛି। ଏହା ଉପରେ ସୁସ୍ମିତା ମଧ୍ୟ ନିଜ ପ୍ରତିକ୍ରିୟା ରଖିଥିଲେ। ସୋସିଆଲ ମିଡିଆରେ ଏହା ବହୁଳ ପ୍ରସାରିତ ହେବା ପରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି ବୋଲି ସୁସ୍ମିତାଙ୍କ ପ୍ରଶଂସକମାନେ ମନେକରିଥିଲେ। କିନ୍ତୁ ମୋଦି ଏବେ ସେହି ପ୍ରୋଫାଇଲ ଫଟୋକୁ ଚେଞ୍ଜ କରି କେବଳ ନିଜର ଏକ ଫଟୋ ରଖିଛନ୍ତି। ଟୁଇଟରରେ ୟୁଜର୍ସ ଲେଖିଛନ୍ତି, ମୋଦି କ'ଣ ତାଙ୍କ ବେଟର ହାଫ୍ ସୁସ୍ମିତାଙ୍କୁ ଭୁଲିଗଲେ ? ଦୁହିଁଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଗଲା କି? ଡେଟିଂର ଦେଢ଼ମାସ ପରେ ପ୍ରେମରେ ଭଙ୍ଗା ପଡ଼ିଗଲା କି? ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଆଉ ଜଣେ ୟୁଜର ଲେଖିଛନ୍ତି, ଆରେ ହେ... ଅଭିନେତ୍ରୀ ସୁସ୍ମିତା ସେନ ପରା ଗତମାସରେ ତାଙ୍କ ଏକ୍ସ ବୟଫ୍ରେଣ୍ଡ ରହମାନ ଶଲ୍‌ଙ୍କ ସହ ବୁଲୁଥିଲେ। ଦୁହେଁ ମିଶି ମୁମ୍ବାଇରେ ଶପିଙ୍ଗ୍ କରୁଥିଲେ।



୧୯୪୭ରେ ଭାରତର ଶେଷ ଚିତାର ମୃତ୍ୟୁ ଘଟିଥିଲା ଛତିଶଗଡ଼ର କୋରେଆ ଜିଲାରେ। ଏହା ପରେ ବିଶ୍ୱର ଦ୍ରୁତତମ ପ୍ରାଣୀକୁ ଦେଶରେ ବିଲୁପ୍ତ ଘୋଷଣା କରାଯାଇଥିଲା। ଏହାର ୭୫ ବର୍ଷ ପରେ ମଧ୍ୟପ୍ରଦେଶର କୁନୋ ନ୍ୟାଶନାଲ ପାର୍କକୁ ୬ ଆଫ୍ରିକୀୟ ଚିତା ଆସୁଛନ୍ତି। ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ

## ୧୭ରେ ଆସୁଛନ୍ତି ୬ ଆଫ୍ରିକୀୟ ଚିତା

ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମଙ୍ଗଳବାର ସୂଚନା ଦେଇଛନ୍ତି। ଚିତାଙ୍କୁ ନାମ୍ବିଆର ୱିଣ୍ଡହୋଏକ୍‌ରୁ ରାଜସ୍ଥାନର ଜୟପୁରକୁ ଅଣାଯିବ। ସେଠାରୁ ସ୍ୱତନ୍ତ୍ର ବିମାନରେ ପାଲପୁର ଦେଇ କୁନୋ ଜାତୀୟ ଉଦ୍ୟାନର ଏନ୍‌କ୍ଲୋଜରକୁ ନିଆଯିବ। ଏଥିପାଇଁ ଦୁଇଟି ହେଲିପ୍ୟାଡ୍ ନିର୍ମାଣ କରାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବା ଭିଭିଆଇପି ଅତିଥିମାନଙ୍କ ପାଇଁ ୫ ହେଲିପ୍ୟାଡ୍ ବ୍ୟବସ୍ଥା କରାଯାଇଛି। ୨୦୦୯ରେ ଆଫ୍ରିକାନ୍ ଚିତା ଇଣ୍ଟ୍ରୋଡକ୍ସନ ପ୍ରୋଜେକ୍ଟ ଇନ୍ ଇଣ୍ଡିଆର ପରିକଳ୍ପନା କରାଯାଇଥିଲା। କୋଭିଡ୍ ମହାମାରୀ ଯୋଗୁ ଏହି ପ୍ରକଳ୍ପ ଆଗେଇ ପାରି ନ ଥିଲା।

## ଆସାମରେ ୪ର୍ଥ ମଦ୍ରାସା ଭଙ୍ଗାଗଲା



**ଗୁଆହାଟୀ,୬।୯ :** ଆତଙ୍କବାଦୀ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିବା ଅଭିଯୋଗରେ ଆସାମ ଗୋଆଲପରା ଜିଲାର ଏକ ମଦ୍ରାସାକୁ ସ୍ଥାନୀୟ ଲୋକେ ଭାଙ୍ଗିଦେଇଛନ୍ତି। ଅଲ୍ କାଏଦା ସ୍ୱୀକୃତିପ୍ରାପ୍ତ ସଂଗଠନର ସଦସ୍ୟ ଥିବା ଦୁଇ ବାଂଲାଦେଶୀ ଉକ୍ତ ମଦ୍ରାସାକୁ ଆତଙ୍କବାଦୀ କାର୍ଯ୍ୟ ପାଇଁ ବ୍ୟବହାର କରୁଥିଲେ ବୋଲି ପୋଲିସ କହିଛି। ଅମିନୁଲ ଇସ୍‌ଲାମ ଏବଂ ଜାହାଙ୍ଗୀର ଆଲମ୍ ନାମକ ଦୁଇ ବାଂଲାଦେଶୀ ସେଠାରେ ୨୦୨୦ରୁ ଶିକ୍ଷାଦାନ କରିଆସୁଥିଲେ। ସେମାନେ ଫେରାର ହୋଇଯାଇଥିବାବେଳେ ପୋଲିସ ସେମାନଙ୍କୁ ଧରିବା ଲାଗି ତନାଘନା ଚଳାଇଛି। ମଦ୍ରାସା ଭଙ୍ଗାରୁଜାରେ ସରକାରୀ ଅଧିକାରୀ ସମ୍ପୃକ୍ତ ନ ଥିଲେ। ଏହାକୁ ମିଶାଇ ମାସକ ମଧ୍ୟରେ ୪ ମଦ୍ରାସା ଭଙ୍ଗାଗଲାଣି। ଆସାମ ଜିହାଦି କାର୍ଯ୍ୟକଳାପର ପେଣ୍ଠସ୍ଥଳ ପାଲଟିଥିବା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗତ ମାସରେ କହିଥିଲେ। ମସ୍‌ଜିଦ ଓ ମଦ୍ରାସାର ଧର୍ମଗୁରୁମାନେ ରାଜ୍ୟ ବାହାରୁ ଆସିଥିଲେ ନିଜକୁ ସରକାରୀ ପୋର୍ଟାଲରେ ପଞ୍ଜୀକୃତ କରାଇନେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୬।୯:** ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ସୁରକ୍ଷା କର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ହିଜ୍‌ବୁଲ ମୁଜାହିଦ୍ଦିନର ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନାକୁ ଆଧାର କରି ସୁରକ୍ଷା ବଳ ଜିଲାର ପୋଶକ୍ରିରି ଅଞ୍ଚଳକୁ ଚାରିପଟୁ ଘେରି ତଲାସି ଅଭିଯାନ ଆରମ୍ଭ କରିଥିଲେ। ଆତଙ୍କବାଦୀମାନେ ସୁରକ୍ଷା ବଳ ଉପରକୁ ଗୁଳି ଚଳାଇବାରୁ ତାହା ଏନ୍‌କାଉଣ୍ଟରର ରୂପ ନେଇଥିଲା। ସୁରକ୍ଷା ବଳର ପାଲଟା ଗୁଳିମାଡ଼ରେ ୨ ଆତଙ୍କବାଦୀ ଡାନିସ ଭଟ୍ଟ ଓରଫ କୋକବ ଦୁରୀ ଏବଂ ବଶରତ ନବୀ ନିହତ ହୋଇଛନ୍ତି। ଗତବର୍ଷ ଏପ୍ରିଲ ୯ରେ ଜଣେ ଟିଏ ଯବାନ ଏବଂ ମେ' ୨୯ରେ ଦୁଇଜଣ ସାଧାରଣ ନାଗରିକଙ୍କ ହତ୍ୟାରେ ଏହି ଆତଙ୍କବାଦୀମାନେ ସମ୍ପୃକ୍ତ ଥିଲେ ବୋଲି କଶ୍ମୀର ଜୋନ୍‌ର ଅତିରିକ୍ତ ପୋଲିସ ଡିଜି ବିଜୟ୍ କୁମାର ଟୁଇଟ୍ କରିଛନ୍ତି।

# ୨୫ ବର୍ଷରେ ପ୍ରଥମ ଜଳ ଚୁକ୍ତି

## ଭାରତ ଓ ବାଂଲାଦେଶ ମଧ୍ୟରେ ୭ ରାଜିନାମା ସ୍ୱାକ୍ଷରିତ

ନୂଆଦିଲ୍ଲୀ,୬।୯

ଭାରତ-ବାଂଲାଦେଶ ମଙ୍ଗଳବାର ଏକ ଅନ୍ତରୀଣ ଜଳ ବଣ୍ଟନ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ୧୯୯୬ ଡିସେମ୍ବର ୧୨ରେ ସ୍ୱାକ୍ଷରିତ ଗଙ୍ଗା ଜଳ ଚୁକ୍ତି ପରେ କୁଶିୟାରା ନଦୀ ଜଳ ବଣ୍ଟନ ରାଜିନାମା ଉପରେ ଦୁଇ ଦେଶର ପ୍ରଧାନମନ୍ତ୍ରୀ ମୋହର ଦେଇଛନ୍ତି। ଦୁଇ ପଡ଼ୋଶୀ ରାଷ୍ଟ୍ରର ସୀମା ଦେଇ ପ୍ରବାହିତ ୫୪ଟି ନଦୀକୁ ତୀସ୍ତା ଜଳ ବଣ୍ଟନ ରାଜିନାମାରେ ସାମିଲ କରିବା ପାଇଁ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା ଗୁରୁତ୍ୱାରୋପ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧ ଯୋଗୁ ଏହି ପ୍ରସଙ୍ଗ ଦୀର୍ଘ ୧ ଦଶନ୍ଧି ଧରି ଝୁଲି ରହିଥିଲା। ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ଓ ବାଂଲାଦେଶର ଜଳ ସମ୍ପଦ ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତି ଅନୁସାରେ ସୀମାନ୍ତ କୁଶିୟାରା ନଦୀରୁ ଉଭୟ ଦେଶ ପାଣି ନେବେ। ଏଥିରୁ ଆସାମର ଦକ୍ଷିଣାଞ୍ଚଳ ଓ ବାଂଲାଦେଶର ସିଲହେଟ୍ ଡିଭିଜନ୍ ଉପକୃତ ହେବା ଆଶା କରାଯାଉଛି। ନଦୀ ଓ ସେଗୁଡ଼ିକୁ ନେଇ ରହିଥିବା ଲୋକ କଥା ତଥା ଲୋକ ଗୀତ ଆମ ସାଂସ୍କୃତିକ ଐତିହ୍ୟର ସାକ୍ଷୀ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ଭାରତ ଓ ବାଂଲାଦେଶ ମଧ୍ୟରେ ୭ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୪ ଦିନିଆ ଭାରତ ଗସ୍ତରେ ଆସିଥିବା ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀ ଶେଖ ହାସିନା ଓ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଏହି ରାଜିନାମା ହୋଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ ହାସିନା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ମୋଦି କହିଛନ୍ତି, ଭାରତ ଓ ବାଂଲାଦେଶ ଆଇଟି, ମହାକାଶ, ଆଣବିକ ଶକ୍ତି ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗିତା ବୃଦ୍ଧି ଲାଗି ନିଷ୍ପତ୍ତି ନେଇଛନ୍ତି। ବାଂଲାଦେଶ ପ୍ରଧାନମନ୍ତ୍ରୀ ହାସିନା ଭାରତ ସହ ତୀସ୍ତା ନଦୀ ଜଳ ବଣ୍ଟନ ପ୍ରସଙ୍ଗର ଖୁବ୍‌ଶୀଘ୍ର ସମାଧାନ ହୋଇଯିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ସେ ଭାରତକୁ ବାଂଲାଦେଶର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବନ୍ଧୁ ତଥା ଘନିଷ୍ଠ ପଡ଼ୋଶୀ ରୂପେ ଅଭିହିତ କରିଛନ୍ତି। ସ୍ୱାକ୍ଷରିତ ଚୁକ୍ତି ଅନୁସାରେ ବାଂଲାଦେଶର ରେଲୱେ କର୍ମଚାରୀମାନଙ୍କୁ ଭାରତରେ ପ୍ରଶିକ୍ଷଣ ଦେବା ପାଇଁ ଦୁଇ ଦେଶର ରେଳ ମନ୍ତ୍ରଣାଳୟ ମଧ୍ୟରେ ସହମତି ପ୍ରକାଶ ପାଇଛି। ସେହିପରି ରେଲୱେ ବୋର୍ଡ ଓ ବାଂଲାଦେଶ ସରକାରଙ୍କ ମିଳିତ ଆନୁକୂଲ୍ୟରେ ପଡ଼ୋଶୀ ଦେଶର ରେଳପଥ ପାଇଁ ଏଫ୍‌ଓଆଇଏସ୍ ଓ ଅନ୍ୟ ଆଇଟି ଆପ୍ଲିକେଶନ୍ ସମେତ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା ବିକଶିତ କରାଯିବ। ଭାରତର ନ୍ୟାଶନାଲ ଜୁଡିସିଆଲ ଏକାଡେମୀ ଓ ବାଂଲାଦେଶର ସୁପ୍ରିମକୋର୍ଟ ମଧ୍ୟରେ ସ୍ୱାକ୍ଷରିତ ରାଜିନାମା ଅନୁସାରେ ବାଂଲାଦେଶର ବିଚାରପତିମାନଙ୍କୁ ତାଲିମ ଓ ସେମାନଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଭାରତରେ ଆୟୋଜନ କରାଯିବ। ଭାରତର କାଉନ୍ସିଲ ଫର୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍) ଏବଂ ବାଂଲାଦେଶ କାଉନ୍ସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ବିସିଏସ୍‌ଆଇଆର୍) ମଧ୍ୟରେ ବୈଜ୍ଞାନିକ ତଥା କାରିଗରି ସହଯୋଗ ସକାଶେ ଏକ ଚୁକ୍ତି ସ୍ୱାକ୍ଷର କରାଯାଇଛି। ମହାକାଶ କାରିଗରି କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ନିମନ୍ତେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଏମ୍‌ଓୟୁ ହୋଇଛି। ପ୍ରସାର ଭାରତୀ ଓ ବାଂଲାଦେଶ ଟେଲିଭିଜନ ମଧ୍ୟରେ ପ୍ରସାରଣ କ୍ଷେତ୍ରରେ ସହଯୋଗ ନେଇ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଛି।



ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବାଂଲାଦେଶ ପ୍ରତିପକ୍ଷ ଶେଖ ହାସିନା।

**ଭାରତ ଓ ବାଂଲାଦେଶର ପାରସ୍ପରିକ ଆସ୍ଥାକୁ ଆକ୍ରମଣ କରୁଥିବା ମୌଳବାଦୀ ଶକ୍ତିଗୁଡ଼ିକର ମିଳିତ ମୁକାବିଲା ଜରୁରୀ। ୧୯୭୧ର ଆବେଗକୁ ଜୀବିତ ରଖିବା ପାଇଁ ବନ୍ଧୁତା ଓ ସହଯୋଗିତାକୁ ବଜାୟ ରଖାଯିବ। ତୀସ୍ତା ଜଳ ବଣ୍ଟନ ଚୁକ୍ତି ସମେତ ସମସ୍ତ ପ୍ରସଙ୍ଗର ସମାଧାନ ଯଥାଶୀଘ୍ର ସମ୍ଭବ କରାଯିବ। ଦୁଇ ଦେଶର ସୀମାରେ ୫୪ଟି ନଦୀ ପ୍ରବାହିତ ହେଉଛି, ଯାହାକି ଉଭୟ ପଡ଼ୋଶୀ ରାଷ୍ଟ୍ରର ଲୋକଙ୍କ ଜୀବିକା ସହ ଜଡ଼ିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।**

**୧୯୭୧ ବାଂଲାଦେଶ ମୁକ୍ତି ଯୁଦ୍ଧରେ ସାମିଲ ହୋଇ ଶହୀଦ ହୋଇଥିବା ଯବାନମାନଙ୍କ ପିଲାଙ୍କୁ ପଡ଼ୋଶୀ ଦେଶ ମୁଜିବୁର ସ୍କଲାରଶିପ୍ ପ୍ରଦାନ କରିବ। ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ବାପା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କ ନାମରେ ଏହି ପୁରସ୍କାରର ନାମକରଣ କରାଯାଇଛି। ଭାରତୀୟ ସେନାର ୨୦୦ ଶହୀଦଙ୍କ ପରିବାରକୁ ବୁଧବାର ସ୍କଲାରଶିପ୍ ଦିଆଯିବ। ମୁକ୍ତି ଯୁଦ୍ଧ ବେଳେ ବାଂଲାଦେଶକୁ ଦେଇଥିବା ବହୁମୂଲ୍ୟ ସମର୍ଥନ ପାଇଁ ଆମେ ଭାରତ ନିକଟରେ ଋଣୀ ବୋଲି ହାସିନା କହିଛନ୍ତି। ଏହି ଯୁଦ୍ଧରେ ଭାରତୀୟ ସେନାର ୧,୯୮୪ ଯବାନ ଶହୀଦ ହୋଇଥିଲେ।**

## ଘରୋଇ ହସ୍ପିଟାଲରେ ସୁରକ୍ଷା ଯୋଗାଇବାକୁ ସରକାରଙ୍କୁ କୁହାଯାଇପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୬।୯

ପ୍ରାଇଭେଟ ହସ୍ପିଟାଲଗୁଡ଼ିକ ଘରୋଇ ଉଦ୍ୟୋଗ ହୋଇଥିବାରୁ ସେମାନଙ୍କୁ ନିଜସ୍ୱ ସୁରକ୍ଷା ବ୍ୟବସ୍ଥା କରିବାକୁ ହେବ। ସୁରକ୍ଷା ଯୋଗାଇବାକୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସରକାରୀ ହସ୍ପିଟାଲ ପାଇଁ ସୁରକ୍ଷା ବ୍ୟବସ୍ଥା ରହିଛି। ଘରୋଇ ହସ୍ପିଟାଲର ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇଦେବା ନିମନ୍ତେ ଗାଇଡ୍‌ଲାଇନ ପାଇଁ ଦାଏର ପିଟିଶନକୁ ଜଷ୍ଟିସ ଏସ୍.କେ. କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି।

## ସହରାଞ୍ଚଳରେ କମୁଛି ବେରୋଜଗାରୀ

ନୂଆଦିଲ୍ଲୀ,୬।୯(ଆଇଏଏନ୍‌ଏସ୍)

ଗତ ଏପ୍ରିଲ-ଜୁନ୍ ତ୍ରୈମାସିକରେ ଭାରତର ସହରାଞ୍ଚଳରେ ବେରୋଜଗାରୀ ହାରରେ ଉନ୍ନତି ଘଟିଥିବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ରିପୋର୍ଟରୁ ଜଣାପଡ଼ିଛି। ଏହି ତ୍ରୈମାସିକରେ ବେରୋଜଗାରୀ ହାର ୭.୬%କୁ ହ୍ରାସ ପାଇଛି, ଯାହାକି ପୂର୍ବବର୍ଷ ୧୨.୬ ପ୍ରତିଶତ ଥିଲା। ଦେଶର ଅର୍ଥନୀତି କୋଭିଡ୍‌ଜନିତ ମାନ୍ଦାବସ୍ଥାରୁ ମୁକୁଳି ଆସିଥିବାର ଏହା ସ୍ପଷ୍ଟ ସୂଚନା। ଗତ ମାର୍ଚ୍ଚରେ ଶେଷ ହୋଇଥିବା ତ୍ରୈମାସିକରେ ସହରାଞ୍ଚଳ ବେରୋଜଗାରୀହାର ୮.୨ ପ୍ରତିଶତ ଥିଲା।



ତେଲ ଆଭିଭ୍ ଆକ୍ରମଣକାରୀ ରାଏଦ୍ ହଜେମଙ୍କ ୱେଷ୍ଟ ବ୍ୟାଙ୍କ ସ୍ଥିତ ନେନିନ ବାସଭବନକୁ ଇସ୍ରାଏଲ୍ ସୁରକ୍ଷା ବଳ ଭାଙ୍ଗିଦେବା ପରେ ପାଲେଷ୍ଟିନୀୟ ମାନେ ସେଠାକୁ ଯାଇ ଦେଖୁଛନ୍ତି।

# ସିସୋଡିଆଙ୍କ ଘରେ ଇଡି

ନୂଆଦିଲ୍ଲୀ,୬।୯

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ବାସଭବନ ସମେତ ଦେଶର ୩୦ ସ୍ଥାନରେ ଚଢ଼ାଉ କରିଛି। ସିସୋଡିଆ ମଦ ବ୍ୟବସାୟୀମାନଙ୍କ ଇଚ୍ଛା ଅନୁସାରେ ସେମାନଙ୍କ ଲାଇସେନ୍ସ ଅବଧି ବଢ଼ାଇବା ସହ ୩୦ କୋଟି ଟଙ୍କା ଛାଡ଼ କରିଥିବା ଇଡି ଅଧିକାରୀମାନେ କହିଛନ୍ତି। ସୂଚନାନୁସାରେ ଉତ୍ତର ପ୍ରଦେଶର



ମନୀଷ ସିସୋଡିଆ

ଲକ୍ଷ୍ନୌ, ହରିୟାଣାର ଗୁରୁଗ୍ରାମ, ଚଣ୍ଡିଗଡ଼, ମୁମ୍ବାଇ, ହାଇଦ୍ରାବାଦ ଓ ଅନ୍ୟ କେତେକ ସହରରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଛି। ସକାଳୁ ଆରମ୍ଭ ହୋଇଥିବା ଯାଞ୍ଚ ବିଳମ୍ବିତ ରାତି ଯାଏ ଚାଲିଥିଲା।

## ଦେଶର ୩୦ ସ୍ଥାନରେ ଚଢ଼ାଉ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଦାଏର ଏଫ୍‌ଆଇଆର୍ ଆଧାରରେ ଇଡି ଏହି ମାମଲା ରୁଜୁ କରିଛି। ଉକ୍ତ ଏଫ୍‌ଆଇଆର୍‌ରେ ସିସୋଡିଆଙ୍କୁ ୧ ନମ୍ବର ଅଭିଯୁକ୍ତ ଦର୍ଶାଯାଇଛି। ଦିଲ୍ଲୀର ଅବକାରୀ ନୀତି ଏକ୍ସାଇଜ୍ ରୁଲ୍ସକୁ ଉଲ୍ଲଂଘନ କରୁଥିବା ଏଥିରେ କୁହାଯାଇଛି।

# ଦାୟିତ୍ୱ ନେଲେ ଲିଜ୍ ଟ୍ରସ୍

**ଲଣ୍ଡନ,୬।୯:** ବ୍ରିଟେନ ମହାରାଣୀ ଏଲିଜାବେଥ ଦ୍ୱିତୀୟ କଞ୍ଜରଭେଟିଭ୍ ପାର୍ଟିର ନବନିର୍ବାଚିତ ନେତା ଲିଜ୍ ଟ୍ରସ୍‌ଙ୍କୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ତଥା ଫାଷ୍ଟ ଲେଡି ଅଫ୍ ଟ୍ରେଜେରି ନିଯୁକ୍ତ କରିଛନ୍ତି। ୪୭ ବର୍ଷୀୟା ଟ୍ରସ୍ ହେଉଛନ୍ତି ୬ ବର୍ଷ ମଧ୍ୟରେ କଞ୍ଜରଭେଟିଭ୍ ପାର୍ଟିରୁ ନିର୍ବାଚିତ ଚତୁର୍ଥ ପ୍ରଧାନମନ୍ତ୍ରୀ। ୯୬ ବର୍ଷୀୟା ସମ୍ରାଜ୍ଞୀ ଏଲିଜାବେଥ ତାଙ୍କୁ ନୂଆ ସରକାର ଗଠନ ପାଇଁ ପରାମର୍ଶ ଦେଇଥିବା ବକିଂହାମ୍ ପ୍ୟାସେଲ ପକ୍ଷରୁ କୁହାଯାଇଛି। ୩ ବର୍ଷ ପ୍ରଧାନମନ୍ତ୍ରୀ ରହିବା ପରେ ବିବାଦୀୟ ହୋଇ ପଦ ଛାଡ଼ିଥିବା ବୋରିସ୍ ଜନ୍‌ସନଙ୍କ ଉତ୍ତରାଧିକାରୀ ଟ୍ରସ୍‌ଙ୍କ ଆଗରେ ଦରଦାମ ବୃଦ୍ଧି, ମୁଦ୍ରାସ୍ଫୀତି, ଶକ୍ତି



ସଙ୍କଟ ଭଳି ଅନେକ ଚ୍ୟାଲେଞ୍ଜ ରହିଛି। ବ୍ରିଟେନ ଚଳିତ ବର୍ଷ ଶେଷ ସୁଦ୍ଧା ଏକ ଦୀର୍ଘକାଳୀନ ମାନ୍ଦାବସ୍ଥାକୁ ସାମ୍ନା କରିବାକୁ ଯାଉଛି ବୋଲି ବ୍ୟାଙ୍କ ଅଫ୍ ଇଂଲଣ୍ଡ ପକ୍ଷରୁ ସତର୍କ କରାଯାଇଥିବାବେଳେ ଏହି ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଟ୍ରସ୍ କେତେ ସଫଳ ହେବେ ତା' ଉପରେ ସମସ୍ତଙ୍କ ନଜର ରହିଛି।

# ୭୭ ପୃଷ୍ଠାର ସୁଇସାଇଡ୍ ନୋଟ୍

ନୂଆଦିଲ୍ଲୀ,୬।୯

ଆତ୍ମହତ୍ୟା କରିବା ପୂର୍ବରୁ କେହି କେହି ଏହାର କାରଣ ଦର୍ଶାଇ ସୁଇସାଇଡ୍ ନୋଟ ଲେଖିଛନ୍ତି। ତେବେ ୭୭ ପୃଷ୍ଠାର ସୁଇସାଇଡ୍ ନୋଟ୍ ଲେଖିବା ପ୍ରଥମ ଘଟଣା। ଦିଲ୍ଲୀର ଜଣେ ୨୫ ବର୍ଷୀୟ ଯୁବକ ଜୀବନ ହାରିବା ପୂର୍ବରୁ ଏଭଳି ଏକ ଲମ୍ବା ପତ୍ର ଲେଖିଛନ୍ତି। କେବଳ ସେତିକି ନୁହେଁ ସେ ୩ ଦିନ ପୂର୍ବରୁ ନିଜ ମାଆଙ୍କୁ ହତ୍ୟା କରି ଘରେ ରଖିଥିଲେ। ଦୁର୍ଗନ୍ଧ ନ ବାହାରିବା ପାଇଁ ସେ ଘରେ ଅତର ସ୍ପ୍ରେ କରିଥିଲେ ଓ ଗୀତାପାଠ କରିଥିଲେ। ରୋହିଣୀ ଅଞ୍ଚଳରେ ରହୁଥିବା କ୍ଷିତିଜଙ୍କ ଘରୁ ଦୁର୍ଗନ୍ଧ ଆସିବାରୁ ରବିବାର ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ ଗତ ଗୁରୁବାର କ୍ଷିତିଜ ତାଙ୍କ ମାଆଙ୍କୁ ହତ୍ୟା କରିଥିଲେ। ରବିବାର ସକାଳ ୭ଟାରେ ସେ ତାଙ୍କର ଜଣେ ସାଙ୍ଗଙ୍କୁ ଏ ସମ୍ପର୍କରେ ସୂଚନା ଦେବା ସହ ନିଜେ ଆତ୍ମହତ୍ୟା କରିବାକୁ ଯାଉଥିବା ଟେଲିଫୋନ୍ ଯୋଗେ କହିଥିଲେ। ସେ ଅବସାଦରେ ଥିଲେ ଏବଂ ମାଆଙ୍କୁ ହତ୍ୟା କରିବା ସମ୍ପର୍କରେ ୭୭ ପୃଷ୍ଠାର ସୁଇସାଇଡ୍ ନୋଟରେ ସ୍ୱୀକାର କରିଛନ୍ତି। ବେରୋଜଗାରୀ କାରଣରୁ ସେ ଆତ୍ମହତ୍ୟା କରିବାକୁ ଚାହିଁଲେ ବୋଲି ସେଥିରେ ଉଲ୍ଲେଖ କରିଛନ୍ତି।

## ଆତ୍ମହତ୍ୟା ପୂର୍ବରୁ ମା'ଙ୍କୁ ମାରି ଗୀତାପାଠ



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୦୯,୮୦,୬୧୯ | ୬୫,୦୫,୭୫୫ | ୫୮,୮୫,୨୬,୮୭୫ |
| ଭାରତ | ୪,୪୪,୬୬,୮୬୨ | ୫,୨୮,୦୩୦ | ୪,୩୮,୮୬,୪୯୬ |
| ଓଡ଼ିଶା | ୧୩,୨୮,୮୭୫ | ୯୧୮୨(+୫୩) | ୧୩,୧୮,୩୫୧ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ପୋଲାଭରମ୍ ମାମଲାରେ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ବିବାଦ ସମାଧାନରେ ଅଗ୍ରଣୀ ଭୂମିକା ନିଅ

ନୂଆଦିଲ୍ଲୀ,୬।୯

ଗୋଦାବରୀ ନଦୀରେ ପୋଲାଭରମ ଜଳସେଚନ ପ୍ରକଳ୍ପ ନିର୍ମାଣକୁ ନେଇ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଛତିଶଗଡ଼ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ଏହାର ସମାଧାନରେ ଅଗ୍ରଣୀ ଭୂମିକା ନେବା ଲାଗି ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଧ୍ର ସରକାର ନିର୍ମାଣ କରୁଥିବା ପୋଲାଭରମ ପ୍ରକଳ୍ପ ଯୋଗୁ ପରିବେଶଗତ ସମସ୍ୟା ସୃଷ୍ଟି ହେବାକୁ ଥିବାରୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଏଥିପାଇଁ ସମ୍ପୃକ୍ତ ରାଜ୍ୟଗୁଡ଼ିକର ଉଚ୍ଚ ପଦାଧିକାରୀମାନଙ୍କ ବୈଠକ ଡାକି ସମାଧାନର ସୂତ୍ର ବାହାର କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ପାଣ୍ଠି ଯୋଗାଇଛନ୍ତି। ତେଣୁ ସମସ୍ତ ସମ୍ପୃକ୍ତ ରାଜ୍ୟର ମୁଖ୍ୟ ସଚିବଙ୍କ ବୈଠକ ଡାକି କେନ୍ଦ୍ର ସମାଧାନ ସୂତ୍ର ବାହାର କରିବା ଆବଶ୍ୟକ। ସେଥିରେ କୌଣସି ମତପାର୍ଥକ୍ୟ ରହିଲେ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ ଡକାଯାଇ ସମାଧାନ କରାଯାଇପାରେ ବୋଲି ଜଷ୍ଟିସ୍ ସଞ୍ଜୟ କିଷନ କୌଲ, ଅଭୟ ଏସ୍. ଓକା ଏବଂ ବିକ୍ରମ ନାଥଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରସ୍ତାବ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୭କୁ ଧାର୍ଯ୍ୟ ହୋଇଛି।

ଓଡ଼ିଶା ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ସୁବ୍ରମଣ୍ୟମ୍ କୋର୍ଟଙ୍କୁ କହିଥିଲେ, ବୈଧ ପରିବେଶ ମଞ୍ଜୁରୀ ବିନା



ପୋଲାଭରମ୍ ପ୍ରକଳ୍ପ ନିର୍ମାଣ ହେଉଥିବାରୁ ଏହା କାର୍ଯ୍ୟକାରୀ ହେଲେ ଓଡ଼ିଶାର ବହୁ ଅଞ୍ଚଳ ଜଳମଗ୍ନ ହେବ। ନିକଟରେ ଓଡ଼ିଶାର ଅନେକ ଅଞ୍ଚଳରେ ବନ୍ୟା ଦେଖାଦେଇଛି। ବଚାୱତ ଟ୍ରିବ୍ୟୁନାଲ ସୁପାରିସ୍‌ର ଉଲ୍ଲଂଘନ କରାଯାଇ ପ୍ରକଳ୍ପ ନିର୍ମାଣ କରାଯାଉଥିବା ସୁବ୍ରମଣ୍ୟମ କହିଥିଲେ। ଓଡ଼ିଶାର ଅନେକ ଅଞ୍ଚଳକୁ ବୁଡ଼ିରୁ ରକ୍ଷା କରିବାକୁ ହେଲେ ଗୋଦାବରୀ ନଦୀରେ ପ୍ରକଳ୍ପର ଉପର ମୁଣ୍ଡରେ ଦୁଇଟି ବ୍ୟାରେଜ୍ ନିର୍ମାଣ ହେବା ଆବଶ୍ୟକ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ପୋଲାଭରମ ପ୍ରକଳ୍ପର ଜଳଧାରଣ କ୍ଷମତା ୩୬ ଲକ୍ଷରୁ ୫୦ ଲକ୍ଷ କ୍ୟୁସେକ୍‌କୁ ବୃଦ୍ଧି କରାଯାଇଥିବାରୁ ତେଲଙ୍ଗାନା ପକ୍ଷର ଓକିଲ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରକଳ୍ପ ଯୋଗୁ ତେଲଙ୍ଗାନାର ବିଭିନ୍ନ ଅଞ୍ଚଳରେ ନିକଟରେ ବନ୍ୟା ହୋଇଥିବା ସେ କହିଥିଲେ। ଅନ୍ୟପକ୍ଷରେ ଜନଶୁଣାଣି ଆୟୋଜନ ନିମନ୍ତେ ଓଡ଼ିଶା ସରକାର ସହଯୋଗ କରୁ ନ ଥିବା ଆନ୍ଧ୍ରପ୍ରଦେଶ ପକ୍ଷରୁ କୁହାଯାଇଛି।

# ମହିଳା କନଷ୍ଟେବଲ୍‌ଙ୍କ ସମେତ ୨ ମୃତ

- ଟ୍ରକ୍ ପଛରେ ଧକ୍କା ହେଲା ବାଇକ୍
- ଭଣଜାଙ୍କ ସତ୍କାର ସାରି ଘରକୁ ଫେରୁଥିଲେ

ସାକ୍ଷୀଗୋପାଳ,୬।୯ (ଡି.ଏନ୍.ଏ./ସ୍ୱ.ପ୍ର.)

ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ମହିଳା କନଷ୍ଟେବଲ୍‌ଙ୍କ ସମେତ ୨ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ମହିଳାଙ୍କ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ହୋତା ସାହି (ଗୋପାଳପୁର ପାଟଣା) ଗ୍ରାମର ସୁଷମା ମିଶ୍ର(୪୨) ଓ ତାଙ୍କ ଘରେ ରହୁଥିବା ସମ୍ପର୍କୀୟ ସୂର୍ଯ୍ୟକାନ୍ତ ସାହୁ (୨୮)। ସୁଷମା କୋଣାର୍କ କୋର୍ଟରେ କନଷ୍ଟେବଲ ରୂପେ କାର୍ଯ୍ୟରତ ଥିଲେ। ଖବରପାଇ ସତ୍ୟବାଦୀ ପୋଲିସ ଘଟଣାସ୍ଥଳରେ ଗୁରୁତରଙ୍କୁ ମେଡିକାଲ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ସୁଷମାଙ୍କ ଭଣଜା ଜଟଣୀ ଥାନା ଅନ୍ତର୍ଗତ ବାଛେରା ଗ୍ରାମର ଜ୍ୟୋତି ରଞ୍ଜନ ଦାସ (୩୨)ଙ୍କ ପରଲୋକ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ଭଣଜାଙ୍କ ସତ୍କାର ଥିବାରୁ ସୁଷମାଙ୍କ ପରିବାର ଲୋକ ସୋମବାର ରାତିରେ ଯାଇଥିଲେ। କାର୍ଯ୍ୟ ସାରି ମଙ୍ଗଳବାର ସୁଷମା ତାଙ୍କ ପୁଅ ଚିନ୍ମୟ ପ୍ରସାଦ ଆଚାର୍ଯ୍ୟ (୧୮) ଓ ସମ୍ପର୍କୀୟ ସୂର୍ଯ୍ୟକାନ୍ତଙ୍କ ସହ ବାଇକ୍(ନଂ.ଓଡି ୧୩ ପି ୯୬୭୫) ଯୋଗେ ଘରକୁ ଫେରୁଥିଲେ। ଅପରାହ୍ଣ ୪ଟା ୨୦ରେ ଭାରସାମ୍ୟ ହରାଇ ବାଇକ୍‌ଟି ବୀରଗୋବିନ୍ଦପୁର ପେଟ୍ରୋଲ ପମ୍ପ ନିକଟରେ ଠିଆ ହୋଇଥିବା(ନଂ. ଓଡି ୦୧ ୱାଇ ୯୮୫୫) ଏକ ଟ୍ରକ ପଛରେ ପିଟି ହୋଇଯାଇଥିଲା। ଫଳରେ ୩ଜଣ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବରପାଇ ଜାତୀୟ ରାଜପଥ ପାଟ୍ରୋଲିଂ କରୁଥିବା ପୋଲିସ ଅଧିକାରୀ ସର୍ବେଶ୍ୱର ପ୍ରଧାନ ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ପହଞ୍ଚିବାରୁ କିଛି ସମୟ ଉତ୍ତେଜନା ପରିସ୍ଥିତି ହୋଇଥିଲା। ପରେ ଅଗ୍ନିଶମ ବିଭାଗ ଅଧିକାରୀ ମନୋଜ ପାତ୍ର ଓ ଟିମ୍ ମଧ୍ୟ ପହଞ୍ଚି ଗୁରୁତରଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସୁଷମା ଓ ସୂର୍ଯ୍ୟକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଗୁରୁତର ଚିନ୍ମୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି । ସତ୍ୟବାଦୀ ପୋଲିସ ଦୁର୍ଘଟଣାଗ୍ରସ୍ତ ୨ଗାଡ଼ିକୁ ଜବତ କରିଛି। ଏହି ଖବର ଯୋଗୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆଲବମ୍ କଳାକାର ସତ୍ୟଜିତ୍ ପୁରୋହିତଙ୍କ ପରଲୋକ

ବଲାଙ୍ଗୀର ଅଫିସ/ କଣ୍ଟାବାଞ୍ଜି, ୬।୯(ଡି.ଏନ.ଏ.)



ସତ୍ୟଜିତ୍ ପୁରୋହିତ

ଲୋକପ୍ରିୟ ଆଲବମ୍ ତଥା ସିରିଏଲ କଳାକାର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହର ଆଶ୍ରମପଡା ନିବାସୀ ସତ୍ୟଜିତ୍ ପୁରୋହିତ (୩୫)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସକାଳେ ସେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୁବ୍ କମ୍‌ଦିନରେ ସେ ଆଲବମ୍ ଜଗତରେ ଲୋକପ୍ରିୟ କଳାକାରଭାବେ ସୁନାମ ଅର୍ଜନ କରିଥିଲେ। ଅନେକ ଟିଭି ସିରିଏଲରେ ସେ ପ୍ରଭାବୀ ଅଭିନୟ କରିଛନ୍ତି। ସତ୍ୟଜିତ ଲୋକପ୍ରିୟ ଆଲବମ୍ ଶ୍ରାବଣୀରେ ଶ୍ରାବଣ, କହିବକି ପ୍ରେମ କାହିଁକି ହୁଏ, ଝରଣା ପାଣି, ସିରିଆଲ ପରୀରେ ଅଭିନୟ କରି ତାଙ୍କ ଅଭିନୟ ଦକ୍ଷତା ପ୍ରତିପାଦିତ କରିଥିଲେ। ସେ ସମ୍ବଲପୁରୀ ଏବଂ ନାଗପୁରୀ ଆଲବମ୍‌ରେ ମଧ୍ୟ ଅଭିନୟ କରିଛନ୍ତି। ତାଙ୍କ ବିୟୋଗରେ ଆଲବମ୍ ଜଗତ ଓ କଳାକାରଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କ ମରଶରୀର କଣ୍ଟାବାଞ୍ଜି ନିଆଯାଇଛି। ମୃତ୍ୟୁଶଯ୍ୟା ନିକଟରେ ବଡଭାଇ କିଶୋର ପୁରୋହିତ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଆଶ୍ରମପଡା ବାସଭବନକୁ ଯାଇ ଶେଷଦର୍ଶନ କରିଛନ୍ତି।

# ୟୁକ୍ରେନ୍ ଫେରନ୍ତାଙ୍କୁ ଏନ୍‌ଏମ୍‌ସିର କ୍ଲିନ୍‌ଚିଟ୍

## ବିଶ୍ୱର ଯେକୌଣସି ସ୍ଥାନରେ ପଢ଼ିପାରିବେ

ନୂଆଦିଲ୍ଲୀ,୬।୯

ୟୁକ୍ରେନ୍‌ରେ ମେଡିକାଲ ଶିକ୍ଷା ଲାଭ କରୁଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ପାଇଁ ନ୍ୟାଶନାଲ ମେଡିକାଲ କମିଶନ(ଏନ୍‌ଏମ୍‌ସି) ପକ୍ଷରୁ ବଡ଼ ଆଶ୍ୱସ୍ତି ମିଳିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପାଇଁ ସେଠାରୁ ଅଧାରୁ ଫେରି ଆସିଥିବା ଛାତ୍ରୀଛାତ୍ରମାନେ ଏବେ ବିଶ୍ୱର ଯେକୌଣସି ସ୍ଥାନରେ ଶିକ୍ଷା ଗ୍ରହଣ ପାଇଁ ଆବେଦନ କରିପାରିବେ। ଏଥିପାଇଁ ଏନ୍‌ଏମ୍‌ସି ମଞ୍ଜୁରୀ ପ୍ରଦାନ କରିଛି। ପୂର୍ବରୁ ବିଦେଶରେ ଶିକ୍ଷାଲାଭ କରୁଥିବା ଛାତ୍ରୀଛାତ୍ରଙ୍କୁ ପାଠ୍ୟକ୍ରମ ଅଧାରୁ ଦେଶ ପରିବର୍ତ୍ତନ କରିବାକୁ ଅନୁମତି ନ ଥିଲା। ବିଶେଷ ସ୍ଥିତିକୁ ଅନୁଧ୍ୟାନ କରି ଏନ୍‌ଏମ୍‌ସି ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ତେବେ କ୍ରାଇଟେରିଆ ଅଫ୍ ସ୍କ୍ରିନିଂ ଟେଷ୍ଟ ରେଗୁଲେଶନ-୨୦୦୨କୁ ଯେଉଁ ପିଲାମାନେ ପୂରଣ କରିପାରୁଥିବେ ସେହିମାନଙ୍କ କ୍ଷେତ୍ରରେ ହିଁ ଉପରୋକ୍ତ ନିର୍ଦ୍ଦେଶ ଲାଗୁ ହୋଇପାରିବ ବୋଲି ଏନ୍‌ଏମ୍‌ସି ସ୍ପଷ୍ଟ କରିଛି।

ପୂର୍ବରୁ ଯେଉଁ ବିଦେଶୀ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନେ ମେଡିକାଲ ଶିକ୍ଷା ଲାଭ କରୁଥିଲେ, ସେହିଠାରେ ସେମାନେ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ଶେଷ କରିବା ସହ ପ୍ରଶିକ୍ଷଣ ଏବଂ ଇର୍ଣ୍ଟର୍ନଶିପ୍ ଏବଂ କ୍ଲର୍କଶିପ୍ କରିବାକୁ ଅନୁମତି ମିଳୁଥିଲା। ପାଠ୍ୟକ୍ରମ ମଝିରେ ସେମାନଙ୍କୁ ଅନ୍ୟ ସ୍ଥାନରେ ପ୍ରଶିକ୍ଷଣ କିମ୍ବା ଇର୍ଣ୍ଟର୍ନଶିପ୍ ନେବାକୁ ଅନୁମତି ନ ଥିଲା। ୟୁକ୍ରେନ୍‌ରେ ଯୁଦ୍ଧ ହେବା ପରେ ସେଠାରେ ଶିକ୍ଷା ଗ୍ରହଣ କରୁଥିବା ଭାରତୀୟ ଛାତ୍ରମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ନିଜର ଭବିଷ୍ୟତକୁ ନେଇ ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି। ଏଭଳି ସ୍ଥିତିରେ ୟୁକ୍ରେନ ପକ୍ଷରୁ ଶିକ୍ଷାନୁଷ୍ଠାନ ପରିବର୍ତ୍ତନ କରିବା ପାଇଁ ଅନୁମତି ଦେବାସମ୍ପର୍କରେ ହୋଇଥିବା ପ୍ରସ୍ତାବକୁ ବୈଦେଶିକ ମନ୍ତ୍ରଣାଳୟ ସହ ଆଲୋଚନା କରି କମିଶନ ଏଭଳି ନିଷ୍ପତ୍ତି ନେଇଛି। ତେବେ ଏହି ନିଷ୍ପତ୍ତି ସାମୟିକ ଭାବେ କାର୍ଯ୍ୟ କରିବାକୁ ଥିବାବେଳେ ମେଡିକାଲ୍ ଡ୍ରିଗୀ ପ୍ରମାଣପତ୍ର ମୂଳ ଶିକ୍ଷାନୁଷ୍ଠାନଠାରୁ ମିଳିବ ବୋଲି ଏନ୍‌ଏମ୍‌ସି ସ୍ପଷ୍ଟ କରିଛି। ଇତିମଧ୍ୟରେ ୟୁକ୍ରେନରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ଖୋଲିଯାଇଥିଲେ ସୁଦ୍ଧା ସେଠାରେ ଲାଗି ରହିଥିବା ବିବାଦୀୟ ସ୍ଥିତି ଯୋଗୁ ପିଲାମାନେ ଯିବାକୁ ଚାହୁଁ ନ ଥିବା ଜଣାପଡ଼ିଛି। ଅଧିକାଂଶ ଛାତ୍ରୀଛାତ୍ର ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷା ଲାଭ କରୁଛନ୍ତି। ତେବେ କେବଳ ଥିଓରି କ୍ଲାସ୍‌କୁ ଅନ୍‌ଲାଇନ୍ ମାଧ୍ୟମରେ କରିବାକୁ ଏନ୍‌ଏମ୍‌ସି ଅନୁମତି ଦେଇଥିଲା। ହେଲେ ଏବେ ଛାତ୍ରୀଛାତ୍ରମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ଲାଗୁ କରାଯାଇଥିବାରୁ ସେମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

# ୮ରେ ଲଘୁଚାପ

ଭୁବନେଶ୍ୱର,୬।୯(ବ୍ୟୁରୋ)



ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ବୁଧବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହାର ପରବର୍ତ୍ତୀ ୪୮ ଘଣ୍ଟାରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବ। ଏହା ପ୍ରଭାବରେ ୮ରୁ ଦକ୍ଷିଣ ଓଡ଼ିଶା ଓ ୯ରୁ ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ବୁଧବାର ରାଜ୍ୟର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ମୁତାବକ ବୁଧବାର ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡ଼ା ଜିଲାରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରାଜ୍ୟରେ ଜୁନ ପହିଲାରୁ ସେପ୍ଟେମ୍ବର ୬ ତାରିଖ ସୁଦ୍ଧା ସ୍ୱାଭାବିକ ବର୍ଷା ହୋଇଛି। ଏହି ସମୟରେ ୯୩୭.୯ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୦୦୬.୫ ମିଲିମିଟର।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:...................................
ଜନ୍ମ ତାରିଖ: ..............................


ଆରାଧନା
ପରିବାରବର୍ଗ


ସ୍ୱପ୍ନାରାଣୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମହୁମାଛି ଆକ୍ରମଣରେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ

**ଲହୁଣୀପଡ଼ା,୬।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ମହୁଲପଦା ପଞ୍ଚାୟତ ଧୁକାମୁଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମହୁମାଛି ଆକ୍ରମଣରେ ଜଣେ ୭ ମାସର ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁମି ମୁଣ୍ଡା (୩୫)।

ମିଳିଥିବା ସୂଚନା ଅନୁଯାୟୀ, ଧୁକାମୁଣ୍ଡା ଗ୍ରାମର ଘୁଷା ମୁଣ୍ଡାଙ୍କ ସ୍ତ୍ରୀ ସୁମି ସୋମବାର ଅପରାହ୍ନ ପ୍ରାୟ ୪ଟା ବେଳେ ବାସନ ଧୋଇବା ପାଇଁ ଘର ନିକଟସ୍ଥ ନାଳକୁ ଯାଇଥିଲେ। ଏହି ସମୟରେ ପାଖ ଗଛରୁ ମହୁମାଛିମାନେ ହଠାତ୍ ବାହାରି ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହେବା ସହ ଚେତାଶୂନ୍ୟ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଘରକୁ ଆଣିଥିଲେ। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇ ପଡ଼ିବାରୁ ତାଙ୍କୁ ବଣାଇ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁମିଙ୍କର ରାତିରେ ମୃତ୍ୟୁ ଘଟିଥିବାରୁ ମୃତଦେହ ମର୍ଗ ହାଉସରେ ରଖାଯାଇଥିଲା। ମଙ୍ଗଳବାର ସକାଳେ ଘଟଣା ସମ୍ପର୍କରେ ପରିବାର ପକ୍ଷରୁ ମହୁଲପଦା ଥାନାରେ ଲିଖତ ଅଭିଯୋଗ କରାଯାଇଥିଲା। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଉକ୍ତ ଗାଁ ଚାରିପାଖରେ ଜଙ୍ଗଲ ରହିଛି।

# ଆଜି ପ୍ରକାଶ ପାଇବ ମେଧା ତାଲିକା

## ଯୁକ୍ତ୩ ପ୍ରଥମ, ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତ୩ ନାମଲେଖା ପାଇଁ ବୁଧବାର ଅପରାହ୍ନ ୨ଟାରେ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ବା ମେଧା ତାଲିକା ପ୍ରକାଶ ପାଇବ। ଏହା ସାମ୍ସ ୱେବ୍‌ସାଇଟ samsodisha.gov.inରେ ଉପଲବ୍ଧ ହେବ। ପ୍ରଥମ ପର୍ଯ୍ୟାୟ ନାମଲେଖା ୭ତାରିଖ ଅପରାହ୍ନ ୨ଟାରୁ ୧୧ ତାରିଖ ଅପରାହ୍ନ ୫ଟା ଯାଏ ଚାଲିବ। ରବିବାର ମଧ ନାମଲେଖା ହେବ। ଏହାପରେ ୧୬ତାରିଖ ଅପରାହ୍ନ ୨ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ ଲିଷ୍ଟ ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ୧୬ତାରିଖ ଅପରାହ୍ନ ୨ଟାରୁ ୧୯ତାରିଖ ଅପରାହ୍ନ ୫ଟା ଭିତରେ ନାମ ଲେଖାଇବେ। ଏଥିରେ ମଧ ରବିବାର ନାମଲେଖା ହେବ। ୨୮ତାରିଖ ଅପରାହ୍ନ ୨ଟାରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୮ତାରିଖ ଅପରାହ୍ନ ୨ଟାରୁ ଅକ୍ଟୋବର ୧ ତାରିଖ ଅପରାହ୍ନ ୫ଟା ମଧ୍ୟରେ ସ୍ପଟ ନାମଲେଖା ହେବ। ସୂଚନାଯୋଗ୍ୟ, ଯୁକ୍ତ୩ ନାମଲେଖା ପାଇଁ ଅଗଷ୍ଟ ୧୧ରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୫ ତାରିଖ ପର୍ଯ୍ୟନ୍ତ ଆବେଦନ କରିବାକୁ ସମୟ ଧାର୍ଯ୍ୟ ହୋଇଥିବାବେଳେ ରାଜ୍ୟରେ ବନ୍ୟା ପରିସ୍ଥିତି ପାଇଁ ତାହାକୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା।

ସେହିପରି ରାଜ୍ୟର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ନାମଲେଖା ପାଇଁ ବୁଧବାର ଅପରାହ୍ନ ୩ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଏହା ସାମ୍ସ ୱେବ୍‌ସାଇଟ samsodisha.gov.inରେ ଉପଲବ୍ଧ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ୮ରୁ ୧୦ତାରିଖ ଅପରାହ୍ନ ୫ଟା ଭିତରେ ନାମ ଲେଖାଇବେ। ବଳକା ସିଟ୍‌ରେ ନାମଲେଖା ପାଇଁ ୧୫ ତାରିଖ ଅପରାହ୍ନ ୨ଟାରେ ସ୍ପଟ ମେଧା ତାଲିକା ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପରେ ଯେତିକି ସିଟ୍ ବଳକା ପଡ଼ିଥିବ ତା'ର ୧୦ ଗୁଣା ସ୍ପଟ ମେଧା ତାଲିକାରେ ପ୍ରକାଶ ପାଇବ। ୧୭ରୁ ୨୦ ତାରିଖ ମଧ୍ୟରେ ସ୍ପଟ ନାମଲେଖା ହେବ। ସୂଚନାଯୋଗ୍ୟ, ଚଳିତବର୍ଷ ଯୁକ୍ତ୨ ନାମଲେଖା ପାଇଁ ୪,୮୦,୭୦୪ ଛାତ୍ରୀଛାତ୍ର ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୪,୦୪,୪୦୦ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଥିଲେ। ପ୍ରଥମ ପର୍ଯ୍ୟାୟ ନାମଲେଖା ଅଗଷ୍ଟ ୧୯ରୁ ୩୦ତାରିଖ ମଧ୍ୟରେ ହୋଇଥିଲା। ପୂର୍ବରୁ ୨୫ତାରିଖ ପର୍ଯ୍ୟନ୍ତ ଏହି ନାମଲେଖା ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ରାଜ୍ୟରେ ବନ୍ୟା ପରିସ୍ଥିତି ପାଇଁ ପ୍ରଥମ ପର୍ଯ୍ୟାୟ ନାମଲେଖା ଅବଧିକୁ ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏହି ପର୍ଯ୍ୟାୟରେ ମୋଟ ୩ଲକ୍ଷ ୪୪ହଜାର ୩୪୩ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି।


# classifieds

**Everyday 0674-2580101, 2549302**


MATRIMONIAL

**BRIDE WANTED**

Handsome khandayat boy 1992, 5'6" MS.c, Serving IFS-SUNASANSAR-9937512659, 8249969649. D-74110

Wanted Brahmin bride for Brahmin groom MBA/5'3"/1987 Director NGO. 6371090682. D-68300

**GROOM WANTED**

ଏକାକୀ ରହୁଥିବା ୩୨ ବର୍ଷୀୟା Divorce Govt. ଚାକିରିଆ ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 7008080967. D-1422

Govt. ଚାକିରିଆ 33 ବର୍ଷୀୟା କରଣ divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 8093583208. D-1413




**SALE**

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ 'Grand Bazar' (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8249310759. D-74108

**Residential gharabari plot at Brahmanjharilo, Cuttack with boundary wall, electripole, inside Temple on Bank Loan facilities near English Medium High School, 6K.M. from Phulnakhara, 11K.M. from Bhubaneswar. 7809525452.** D-73963

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

**Gated community Gharabari plot sale at Pipili NH side near Ranch Hotel - 9437522339.** D-74106

Investment plot for sale at Cuttack to Banki NH side. Very close to Sai International School and CISF. (Per sqft. only 249/-). 9937450545. D-1421

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

BDA yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ୍ ୩୦୦-୫୦୦ ଜାଗା ବିକ୍ରିହେବ। 9556840491. D-73641

**ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166.** D-74111




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1420

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




"2 BHK, 2nd Floor, Bharat Villa, Hanspal Near Metro Satellite 9437241031". D-1416

**3BHK flat available for rent at- Utkal Royal Residency, Kalpana Square, Bhubaneswar with Servant Room on 11th Floor, Semi-Furnished. Contact: 8598923231.** D-73868

1 BHK flat for Rent near Laxmitalkies Ramchandi Sahi, Puri. Mob: 7204256982. D-1411




Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73962

Full body massage in homely atmoshpere. All therapy. Mob.- 8114881641. D-73412

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

Ayurvedic fullbody massage, refresh you mind with relaxed by expert Lady Therapist. Contact: 8480939300. D-1404




Medical Exam. Registration- BAMS/BHMS/BUMS/GNM/D.Pharma. 9893869473. D-1440

**LOST**

I Sagar Kumar Nayak, S/o. Shyam Sundar Nayak, R/o. CWS M-21, Bandhabahal, Dist. Jharsuguda declared that I have lost the Sale deed bearing No. 10872100395 near Airport road and inspite of my best efforts I could not trace out the same. D-1449

**AFFIDAVIT**

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଉ ଅଛି ଯେ, ଭାଗୀରଥି ଦାସ, ପିତା- ଭାସ୍କର ଦାସ, ସା- ରାଘପୁର, ଭାୟା- ଡାମରପୁର, ଥାନା- ପଟ୍ଟାମୁଣ୍ଡାଇ, ଜିଲ୍ଲା- କେନ୍ଦ୍ରାପଡ଼ା ଆମ୍ଭ ଜୀବନ ସୁରକ୍ଷା ବୀମା ବଣ୍ଡରେ ଆମ୍ଭର ନାମ ମୋହନ ଦାସ ହୋଇଯାଇଛି। ଏଣୁ L.I.C. କର୍ତ୍ତୃପକ୍ଷ ଆମ୍ଭ ବୀମା ରାଶି ପ୍ରଦାନ କରୁନାହାନ୍ତି। ଆଧାର କାର୍ଡରେ ମଧ ଭାଗୀରଥି ଦାସ ନାମ ଲିଖିତ ଅଛି। ଆମ୍ଭେ ଏହି ସତ୍ୟପାଠ ଦ୍ୱାରା ଜଣାଉ ଅଛି କି ସମସ୍ତ ସରକାରୀ ବେସରକାରୀ ବଣ୍ଡରେ ଆମ୍ଭେ ଏହି ଭାଗୀରଥି ନାମରେ ଚିହ୍ନିତ ରହିବୁ। ଧ-୧୪୪୧

By virtue of an affidavit sworn before the Executive Magistrate, Paralakhemundi, I have corrected my name from Dukshi Sayam Paik to Dukhi Shyam Paik. Henceforth I shall be known as Dukhi Shyam Paik for all purpose. D-1452

By virtue of an affidavit sworn before the Executive Magistrate, Paralakhemundi, I have rectified my name as Puspanjali Paik, on the strength of my marriage with Sri Dukhishyam Paik. So both the names Puspanjali Paik and Tulasi Devi indicates to me only being one and the same person for all purpose. D-1453


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୭୯୪ ଶିକ୍ଷକଙ୍କ ମେଡିକାଲ ଟେଷ୍ଟ ହେବ

## ସ୍ୱାସ୍ଥ୍ୟଗତ କାରଣ ଯୋଗୁ ବଦଳି ଚାହୁଁଛନ୍ତି

**ଭୁବନେଶ୍ୱର, ୬।୯(ବ୍ୟୁରୋ):** ରାଜ୍ୟରେ ୭୯୪ ଜଣ ଶିକ୍ଷକଙ୍କ ମେଡିକାଲ ଟେଷ୍ଟ ହେବ। ୨୦୨୨ରେ ଏହି ଶିକ୍ଷକମାନେ ବଦଳି ପାଇଁ ଆବେଦନ କରିଥିଲେ। କେଉଁ ସ୍ୱାସ୍ଥ୍ୟଗତ କାରଣ ଯୋଗୁ ସେମାନେ ବଦଳି ଚାହୁଁଛନ୍ତି, ତାହା ଜାଣିବା ଲାଗି ସେମାନଙ୍କର ମେଡିକାଲ ଟେଷ୍ଟ କରାଯିବ। ସେପ୍ଟେମ୍ବର ୧୪, ୧୫, ୨୧, ୨୨, ୨୮, ୨୯ ଏବଂ ଅକ୍ଟୋବର ୧୨ ଓ ୧୩ରେ କଟକ ବକ୍ସିବଜାରସ୍ଥିତ ପୁରୁଣା ସେକ୍ରେଟାରିଏଟ କ୍ୟାମ୍ପସରେ ଥିବା ଜିଲା ସ୍ୱାସ୍ଥ୍ୟ ଭବନରେ ଏହି ମେଡିକାଲ ଟେଷ୍ଟ ହେବ। ପ୍ରତିଦିନ ଶହେ ଶିକ୍ଷକଙ୍କ ମେଡିକାଲ ଟେଷ୍ଟ ହେବାକୁ ଥିବା ବେଳେ ଶେଷଦିନ ଅର୍ଥାତ୍ ଅକ୍ଟୋବର ୧୩ରେ ୯୪ଜଣ ଶିକ୍ଷକଙ୍କ ଟେଷ୍ଟ କରାଯିବ। ଶିକ୍ଷକମାନେ ସେଠାରେ ପୂର୍ବାହ୍ନ ୯ଟା ସୁଦ୍ଧା ପହଞ୍ଚିବେ। ଚିକିତ୍ସା ହେଉଥିବା ସମସ୍ତ ରିପୋର୍ଟର ଅରିଜିନାଲ କପି, ସେଲ୍‌ଫ ଆଟେଷ୍ଟେଡ କପି, ପରିଚୟପତ୍ର, ଫଟୋ, ୭୨ଘଣ୍ଟା ଭିତରେ କରୋନା ଆର୍‌ଟି-ପିସିଆର ନେଗେଟିଭ ଟେଷ୍ଟ ରିପୋର୍ଟ କିମ୍ବା ସମ୍ପୂର୍ଣ୍ଣ କୋଭିଡ୍ ଟିକା ନେଇଥିବା ସାର୍ଟିଫିକେଟ ସାଙ୍ଗରେ ନେବା ପାଇଁ କୁହାଯାଇଛି। ଏ ନେଇ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଚିଠି ଲେଖି ଅବଗତ କରାଇଛନ୍ତି। ସେହିପରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ଡିପିସି ଓ ଏସ୍‌ଏସ୍‌ଙ୍କୁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ କୁହାଯାଇଛି। ସମସ୍ତ ତଥ୍ୟ ସହିତ ଷ୍ଟେଟ ମେଡିକାଲ ବୋର୍ଡରେ ପହଞ୍ଚିବା ପାଇଁ ସମ୍ପୃକ୍ତ ୭୯୪ ଶିକ୍ଷକଙ୍କୁ ଜଣାଇଦେବାକୁ କୁହାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେଁ ଟେଁୟା ଶାରୀ**
**ଚିକ୍କଣିଆ ଭଣ୍ଡାରି**
**ଚାହିଁ ଜଳକୀ ବିଟପୀ ନାରୀ**
**ସଖି ବଡ଼ ମନ୍ଦ ଏ।**

ଅହରହ ରା କରୁଥିବା ଶାରୀକୁ କେହି ଆଦର କରି ନ ଥାନ୍ତି। ଚିକ୍କଣିଆ କଥା କହୁଥିବା ବ୍ୟକ୍ତି କେବେ ବି ବିଶ୍ୱାସ ବା ଭରସାଯୋଗ୍ୟ ହୋଇପାରି ନଥାନ୍ତି। ସେହିପରି ବ୍ୟଭିଚାରିଣୀ ନାରୀକୁ କେହି ସାଦରେ ଗ୍ରହଣ କରି ନ ଥାନ୍ତି। ସ୍ଥଳବିଶେଷରେ ଏମାନେ ସମସ୍ତେ ଖରାପ ସ୍ୱଭାବର ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଟୋକୀ ହଳଦୀ ଲଗାଇ ଗାଲରେ**
**ଟୋକାଙ୍କୁ ପକାଏ ପାଲରେ।**

ସାଧାରଣତଃ ଯୁବତୀମାନେ ବେଶ ପରିପାଟୀ ହୋଇ ନିଜକୁ ଅନ୍ୟ ଆଗରେ ଦେଖେଇ ହେବାରେ ଆନନ୍ଦ ପାଇଥାନ୍ତି। ଏଭଳି ସ୍ଥିତିରେ ଗାଉଁଲି ଯୁବତୀ ଜଣକ ନିଜକୁ ସଜ୍ଜିତ କରାଇ ଯୁବକମାନଙ୍କୁ ନିଜ ଆଡକୁ ଆକର୍ଷିତ କରାଇବା ଅର୍ଥରେ ଏପରି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ

# ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ...

ପ୍ରଥମ ପୃଷ୍ଠାରୁ...

ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ୱତନ୍ତ୍ର ହାଇଡ୍ରୋଲିକ୍ ବସ୍‌ରେ ନବୀନ ନିବାସ ଅଭିମୁଖେ ପାଛୋଟି ନିଆଯାଇଥିଲା। ମୁଖ୍ୟମନ୍ତ୍ରୀ ବସ୍‌ରେ ରହି ଲୋକମାନଙ୍କୁ ଧନ୍ୟବାଦ ଦେବା ସହ ଏହି ସମ୍ମାନକୁ ରାଜ୍ୟବାସୀଙ୍କୁ ଉତ୍ସର୍ଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ପାଇଁ ପୂର୍ବରୁ ବିଜେଡି ପକ୍ଷରୁ ବିରାଟ ପ୍ରସ୍ତୁତି କରାଯାଇଥିଲା। ତୁହାକୁ ତୁହା ବର୍ଷା ସତ୍ତ୍ୱେ ବିଜେଡି କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହ କିଛି କମ୍ ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ଏକ ଝଲକ ପାଇବାକୁ ତଥା ତାଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ବିମାନବନ୍ଦର ବାହାରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ମନ୍ତ୍ରୀ, ବିଧାୟକ ଓ ନେତାମାନେ ନିଜ ନିଜ ସମର୍ଥକଙ୍କ ସହ ବିମାନବନ୍ଦରରେ ପୋଷ୍ଟର, ବ୍ୟାନର ଓ ଶଙ୍ଖ ଚିହ୍ନ ସହ ଉପସ୍ଥିତ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଯେପରି ନଜର ପଡ଼ିବ ସେ ନେଇ ନେତା ଓ ମନ୍ତ୍ରୀମାନଙ୍କ ମଧ୍ୟରେ ବ୍ୟାନର ଓ ପୋଷ୍ଟର ପ୍ରତିଯୋଗିତା ହୋଇଥିଲା। ନବୀନ ଆମର ହିରୋ ଲେଖାଥିବା ବ୍ୟାନର ଧରି ସମର୍ଥକମାନେ ବିମାନବନ୍ଦରରୁ ନବୀନ ନିବାସ ଯାଏ ଛାଇ ଯାଇଥିଲେ।

ଏଥିସହିତ ଗୋଟିପୁଅ, ଯୋଡ଼ିଶଙ୍ଖ, ଢେମସା, ସମ୍ବଲପୁରୀ, ଘୁମୁରା ନୃତ୍ୟ ପରିବେଷଣରେ ବିମାନବନ୍ଦର ପରିସର ପ୍ରକମ୍ପିତ ହୋଇଥିଲା। ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବିମାନବନ୍ଦରରୁ ନବୀନ ନିବାସ ଯାଏ ନବୀନଙ୍କ ବଡ଼ ବଡ଼ ହୋର୍ଡିଂ ଲଗାଯାଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲୋକଙ୍କୁ ରାଜଧାନୀକୁ ଆଣିବା ପାଇଁ ବିଧାୟକମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ହୋଇଥିଲା। ସକାଳ ୮ଟାରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ବିଜେଡି କର୍ମୀମାନଙ୍କର ରାଜଧାନୀକୁ ଆଗମନ ଆରମ୍ଭ ହୋଇଥିଲା। ଦଳୀୟ ନେତାମାନେ ନିଜର ପୋଷ୍ଟର ଲଗାଇ କର୍ମୀଙ୍କ ଗହଣରେ ପୂର୍ବାହ୍ନ ୧୦ଟାରେ ବିମାନବନ୍ଦରରେ ପହଞ୍ଚିଥିଲେ। ୫୦ ହଜାର ଲୋକଙ୍କ ସମାଗମ ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କମିଶନରେଟ ପୋଲିସ ପକ୍ଷରୁ ସଭାସ୍ଥଳୀ ସମେତ ବିମାନବନ୍ଦର ପାଖ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ୨୦୧୮ରେ ନବୀନ ଆଦର୍ଶ ମୁଖ୍ୟମନ୍ତ୍ରୀ ସମ୍ମାନ ପାଇବା ପରେ ବିଜେଡି ପକ୍ଷରୁ ରାଲି କରି ଯେଉଁଭଳି ଶକ୍ତି ପ୍ରଦର୍ଶନ କରାଯାଇଥିଲା, ଏଥର ବି ଠିକ୍ ସେହି ସମାନ ଢଙ୍ଗରେ ଦଳ ପକ୍ଷରୁ ବିରାଟ ସମ୍ବର୍ଦ୍ଧନା ରାଲିର ଆୟୋଜନ କରାଯାଇଥିଲା। ଦଳର ଏହି ପ୍ରଦର୍ଶନ ଆସନ୍ତା ୨୦୨୪ ନିର୍ବାଚନ ସକାଶେ ଶକ୍ତି ପ୍ରଦର୍ଶନ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପରିସ୍ଥିତିବଶତଃ କରଜ କରିବାକୁ ବନ୍ଧୁଙ୍କୁ ସାହାଯ୍ୟ କରିବା ସକାଶେ ଅନୁରୋଧ କରିପାରନ୍ତି। ବିଶେଷ ଭ୍ରମଣଜନିତ ଅବସାଦ ଦେଖାଦେଇପାରେ। ଶନିଯୁକ୍ତ ଚନ୍ଦ୍ର ହେତୁ ବନ୍ଧୁଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯାଇପାରନ୍ତି। ବ୍ୟବସାୟ, ପରିବହନ ବିଶେଷ ସନ୍ତୋଷଜନକ ହୋଇ ନ ପାରେ।

**ବୃଷ**
ଆକସ୍ମିକ ଭାବେ ଦୂର ଯାତ୍ରା କରିବାକୁ ମନ ବଳାଇବେ। ସାମାଜିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ଼ କରିବାକୁ ପଡ଼ିବ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ସାମୟିକ ପୁରାତନ ରୋଗ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ**
ଅଷ୍ଟମ ଚନ୍ଦ୍ରଜନିତ ବିଭିନ୍ନ ପ୍ରତିବନ୍ଧକ ହେତୁ କୌଣସି କାମ ହାସଲ କରିପାରିବେ ନାହିଁ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ନିଜର କ୍ଷତିକୁ ନିମନ୍ତ୍ରଣ କରିବେ। ଜମିଜମା ସମ୍ପର୍କୀୟ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି।

**କର୍କଟ**
ଆଜି ସାଧାରଣ କଥାକୁ ନେଇ କର୍ମକ୍ଷେତ୍ରରେ କଳହର ସମ୍ଭାବନା ରହିଛି। ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଅଫିସ୍‌ରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ସିଂହ**
ପରିସ୍ଥିତି ଯାହା ହେଉନା କାହିଁକି ଆପଣ ମାନସିକ ଭାରସାମ୍ୟ ରକ୍ଷା କରି ଚଳିବାକୁ ବାଧ ହେବେ। ପରିବାରର ଦାବି ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**
ପ୍ରତ୍ୟେକ କ୍ଷେତ୍ରରେ ତରବର ନ ହୋଇ କାମ କଲେ ସମସ୍ୟାର ସରଳ ସମାଧାନ ହେବ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ।

**ତୁଳା**
କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥ ଆବଶ୍ୟକ ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କର୍ମକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା**
ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବା ଫଳରେ ମନଟା କେମିତି କେମିତି ଲାଗିପାରେ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ସବୁକିଛି ଜାଣିଲେ ମଧ କିଛି ପ୍ରକାଶ ନ କରି ନୀରବ ରହିବାକୁ ପଡ଼ିବ।

**ଧନୁ**
ଆଜି ବନ୍ଧୁଙ୍କ ଜରିଆରେ ଅଟକି ରହିଥିବା କାମ ସମ୍ପନ୍ନ ହୋଇଯିବ। ସାମାଜିକ ସ୍ତରରେ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ।

**ମକର**
ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ ମାତ୍ର, ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଆଜିର ସନ୍ଧ୍ୟା ସମୟରେ ପରିବାର ସହ ସୁଖ ଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗି ରହିବ।

**କୁମ୍ଭ**
କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକମାନେ ଯେତେ ସମସ୍ୟା ସୃଷ୍ଟି କଲେ ଆପଙ୍କର କୌଣସି ଅସୁବିଧା ହେବ ନାହିଁ। ସମୟାନ୍ତରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହି ପାରେ।

**ମୀନ**
ବିଭିନ୍ନ ପ୍ରକାରର ପାରିବାରିକ ସମସ୍ୟା ହେତୁ ମାନସିକ ସୁସ୍ଥତା ରହି ନ ପାରେ। ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ। କଠିନ ଶ୍ରମ ଓ ଭ୍ରମଣ କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ ।

# ଭାରତର ପ୍ରଥମ...

ଭାରତ ବାୟୋଟେକ୍ ଇଣ୍ଟରନ୍ୟାଶନାଲ ଲିଃ ଏହାର ନାଜାଲ ଭାକ୍ସିନର କ୍ଲିନିକାଲ ପରୀକ୍ଷା ଶେଷ କରିଛି। ଏଥିରେ ୪,୦୦୦ ସ୍ୱେଚ୍ଛାସେବୀଙ୍କୁ ସାମିଲ କରାଯାଇଥିଲା। ପରୀକ୍ଷାରୁ ଟିକାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା କିମ୍ବା ବିପରୀତ ପ୍ରତିକ୍ରିୟା ନ ଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। କୋଭିଡ୍-୧୯ ଇଣ୍ଟ୍ରାନାଜାଲ ଭାକ୍ସିନ୍ (ବିବିଭି୧୫୪) ସମ୍ପୂର୍ଣ୍ଣ ନିରାପଦ ଏବଂ ରୋଗ ପ୍ରତିରୋଧକ୍ଷମ ବୋଲି ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷାରୁ ସ୍ପଷ୍ଟ ହୋଇଥିବା କମ୍ପାନୀ ପକ୍ଷରୁ ଅଗଷ୍ଟରେ ସୂଚନା ଦିଆଯାଇଥିଲା। ଏହା କମ୍ ଦାମରେ ଉପଲବ୍ଧ ହେବ। ନାଜାଲ ଟିକା ହୋଇଥିବାରୁ ଏହା ଶ୍ୱାସନଳୀର ଉପରିଭାଗରେ ଆଣ୍ଟିବଡ଼ି ପ୍ରସ୍ତୁତ କରିପାରିବ, ଯାହା ସଂକ୍ରମଣକୁ ହ୍ରାସ କରିବ ବୋଲି କମ୍ପାନୀ କହିଛି। ଏହାକୁ ଉଭୟ ପ୍ରାଇମେରୀ ଓ ବୁଷ୍ଟର ଡୋଜ୍ ଭାବେ ପରୀକ୍ଷା କରାଯାଇଛି। ତେଣୁ ଯେଉଁମାନେ ପୂର୍ବରୁ କୋଭିଶିଲ୍ଡ କିମ୍ବା କୋଭାକ୍ସିନ ଟିକାର ଦୁଇଟି ଡୋଜ୍ ନେଇଛନ୍ତି, ସେମାନେ ବୁଷ୍ଟର ଡୋଜ୍ ଭାବେ ବିବିଭି ୧୫୪କୁ ନେଇପାରିବେ।

ମଧ୍ୟଯୁଗରେ ସନ୍ନ୍ୟାସୀମାନେ ନାରୀକୁ ଘୃଣାର ପାତ୍ରୀ ବୋଲି ଭାବୁଥିଲେ। ସେମାନେ ଭାବୁଥିଲେ- ଭଗବାନ ସନ୍ନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନଙ୍କ ସମ୍ବନ୍ଧେ ଓ ନାରୀ ସମ୍ବନ୍ଧେ ଆଉ ଟିକିଏ ଉଚ୍ଚ ଧାରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ। -ଶ୍ରୀଅରବିନ୍ଦ

# କେବଳ ଚେରାପୁଞ୍ଜି ନୁହେଁ

ପିଲାଦିନେ ପଢ଼ିଥିଲୁ ପୃଥିବୀର ସର୍ବାଧିକ ବର୍ଷା ହେଉଥିବା ଅଞ୍ଚଳ ମେଘାଳୟର ଚେରାପୁଞ୍ଜି। ଏବେ ମନେ ହେଉଛି ସେହି ଅଞ୍ଚଳ ବ୍ୟାପିବାରେ ଲାଗିଛି। ଅସରାଏ ବର୍ଷାରେ ସହର ଉବୁଟୁବୁ ହୋଇଯାଉଛି ଏବଂ ଏହା ଲୋକଙ୍କ ଜୀବନ, ଜୀବିକା ଓ ସହରର ଭିତ୍ତିଭୂମିକୁ ଘୋର ପ୍ରଭାବିତ କରୁଛି। ଭୁବନେଶ୍ୱରରେ ସମସ୍ତେ ଭାବୁଥିଲେ ଇସ୍କନ ମନ୍ଦିର ସାମ୍ନା ହେଉଛି ବୁଡ଼ି ଅଞ୍ଚଳ। ଏବେ ବର୍ଷାହେଲେ ରସୁଲଗଡ଼ଠାରୁ ଖଣ୍ଡଗିରି ପର୍ଯ୍ୟନ୍ତ ସବୁଆଡ଼େ ଜଳମୟ ହୋଇଯାଉଛି ଏବଂ ସଡ଼କ ବ୍ୟବହାରକାରୀଙ୍କ ଜୀବନ ବିପଦପୂର୍ଣ୍ଣ ହେଉଛି। କେଉଁଠି ଗାତ ତ ଅନ୍ୟ କେଉଁଠି ଖୋଲା ନାଳରେ ପଡ଼ିଗଲେ ବଞ୍ଚିବାର କୌଣସି ଆଶା ରହୁନାହିଁ। ଦେଶର ସହରଗୁଡ଼ିକର ମଧ୍ୟ ପରିସ୍ଥିତି ସେହିଭଳି। ପାଖାପାଖି ଦୁଇ ଦଶନ୍ଧି ହେଲା ପ୍ରାୟ ପ୍ରତିବର୍ଷ ଦେଶ ଓ ବିଦେଶରେ ସହର ବନ୍ୟା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ବିଶ୍ୱର ଅତ୍ୟାଧୁନିକ ସହର ବେଜିଂ, ସିଙ୍ଗାପୁର ଓ ଲଣ୍ଡନଠାରୁ ଆରମ୍ଭକରି ଭାରତର ଚେନ୍ନାଇ, ମୁମ୍ବାଇ, କୋଲକାତା ଓ ଦିଲ୍ଲୀ ଆଦି ପ୍ରମୁଖ ସହର ବନ୍ୟାରୁ ବାଦ୍ ପଡ଼ିନାହାନ୍ତି। ଏପରି କି ୨୦୦୫ରେ ମୁମ୍ବାଇ ବନ୍ୟାରେ ୧୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ, ଯାହା ଅନେକଙ୍କର ମନେଥିବ। ଏବେ ଦୁଇଦିନ ହେବ ଭାରତର ଟେକ୍ ସହର ବେଙ୍ଗାଲୁରୁ ବର୍ଷାରେ ଉବୁଟୁବୁ। ଅନେକ ସ୍ଥାନ ଜଳବନ୍ଦୀ ଅବସ୍ଥାରେ ରହିଛି। ବହୁ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବା ସହ ପାନୀୟ ଜଳଯୋଗାଣରେ ବ୍ୟାଘାତ ଘଟିଛି। ଜଣେ ମହିଳାଙ୍କ ମଧ୍ୟ ମୃତ୍ୟୁ ହୋଇଛି। ଭାରତର ପାଣିପାଗ ବିଭାଗ(ଆଇଏମ୍‌ଡି) ସୂଚନା ଅନୁଯାୟୀ, ବେଙ୍ଗାଲୁରୁରେ ୧୩୧.୬ ମିଲିମିଟର ବର୍ଷା ହୋଇ ୮ ବର୍ଷର ରେକର୍ଡ ଭାଙ୍ଗିଛି। ରେକର୍ଡ ପରିମାଣର ବର୍ଷା ଭାରତର ପ୍ରମୁଖ ସହରଗୁଡ଼ିକରେ ବନ୍ୟାର କାରଣ ହେଉଛି। ଅତ୍ୟଧିକ ବର୍ଷା ସାଙ୍ଗକୁ ଦୁର୍ବଳ ଜଳ ନିଷ୍କାସନ ବା ଡ୍ରେନେଜ୍ ବ୍ୟବସ୍ଥା, ଜଳାଶୟ ନିକଟବର୍ତ୍ତୀ ଅଞ୍ଚଳ ଓ ଖୋଲା ସ୍ଥାନ ଜବରଦଖଲ ଏବଂ ପୁରାତନ ନାଳୀ ସଙ୍କୁଚିତ ହେବା ଯୋଗୁ ବର୍ଷା ଜଳ ସହର ମଧ୍ୟରୁ ନିଷ୍କାସିତ ହୋଇପାରୁନାହିଁ। ଏଥିସହିତ ସହରାଞ୍ଚଳଗୁଡ଼ିକରେ ସବୁଠାରେ ପିଚୁ ଓ ସିମେଣ୍ଟ କଂକ୍ରିଟ ପଡ଼ିଯିବାରୁ ଟୋପାଏ ଜଳ ମଧ୍ୟ ମାଟି ଭେଦିପାରୁନାହିଁ। ଫଳରେ ଏସବୁ କାରଣରୁ ସ୍ଥିତି ଅଣାୟତ୍ତ ହୋଇଯାଉଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଗତବର୍ଷ ଅକ୍ଟୋବରରେ ବେଙ୍ଗାଲୁରୁରେ ଚିହ୍ନଟ ୨,୬୦୦ରୁ ଊର୍ଦ୍ଧ୍ୱ ଜଳାଶୟ ନିକଟରୁ ୭୧୪ ଜବରଦଖଲକୁ ବୃହତ୍ ବେଙ୍ଗାଲୁରୁ ମହାନଗର ପାଳିକା(ବିବିଏମ୍‌ପି) ହଟାଇ ନ ଥିବା ସିଏଜି ରିପୋର୍ଟରେ ପ୍ରକାଶ ପାଇଥିଲା ; ଯାହାକୁ ଏବକାର ବନ୍ୟାର ଏକ ପ୍ରମୁଖ କାରଣ ବୋଲି କୁହାଯାଇପାରେ। ସମସ୍ୟା ସୁଧାରିବାରେ ପରିଚାଳନାଗତ ତ୍ରୁଟି ରହୁଥିବାରୁ ଏହି ବନ୍ୟାକୁ ମନୁଷ୍ୟକୃତ ବିପର୍ଯ୍ୟୟ କହିଲେ ଭୁଲ୍ ହେବ ନାହିଁ। ଏଭଳି ସ୍ଥିତି ମଧ୍ୟ ଆମ ସ୍ମାର୍ଟସିଟି ଭୁବନେଶ୍ୱର, ଧବଳ ନଗର କଟକ ଓ ଶଙ୍ଖକ୍ଷେତ୍ର ପୁରୀରେ ଅନୁଭବ କରୁଛୁ।

ସହର ବନ୍ୟା ପଛରେ ଥିବା ପରିବେଶଗତ କାରଣକୁ ଏଡ଼ାଇଯିବା ମହଙ୍ଗା ହେଉଛି। ଜଳବାୟୁ ଅନିୟମିତତା ଯୋଗୁ ଦୁଇ ଦଶନ୍ଧି ହେବ ଏହି ସମସ୍ୟା ଆହୁରି ବଢ଼ିଛି। ଇଣ୍ଟରଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ୍ ବା ଆନ୍ତଃସରକାରୀ ଜଳବାୟୁ ପରିବର୍ତ୍ତନ ପ୍ୟାନେଲ(ଆଇପିସିସି)ର ରିପୋର୍ଟ ବିଶ୍ୱ ତଥା ଭାରତର ସହରଗୁଡ଼ିକରେ ଜଳବାୟୁର ପ୍ରତିକୂଳ ପ୍ରଭାବ ସମ୍ପର୍କରେ ବହୁବାର ସୂଚାଇ ଦେଇଛି। ଦୁର୍ଭାଗ୍ୟର କଥା, ଏହାକୁ ଲକ୍ଷ୍ୟକରି ଏବକାର ସ୍ମାର୍ଟସିଟି ପ୍ରୋଜେକ୍ଟର ପ୍ରଯୁକ୍ତିଗତ ପଦକ୍ଷେପ ଅନୁକୂଳ ସ୍ଥିତି ସୃଷ୍ଟି କରିପାରିନାହିଁ। ଏହାବାଦ୍ ୨୦୧୮ରେ ବେଲ୍‌ଜିୟମର ବ୍ରସେଲ୍‌ସ୍ଥିତ ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଦ ଏପିଡେମିଓଲୋଜି ଅଫ୍ ଡିଜାଷ୍ଟର୍ସ ଦ୍ୱାରା ପ୍ରକାଶିତ ରିପୋର୍ଟ ଦର୍ଶାଇଥିଲା ଯେ, ଭାରତର ୫୫ ପ୍ରତିଶତରୁ ଊର୍ଦ୍ଧ୍ୱ ସ୍ମାର୍ଟସିଟି ବନ୍ୟାପ୍ରବଣ। ଏସବୁ ସତ୍ତ୍ୱେ ଆମ ସ୍ମାର୍ଟସିଟି ପ୍ରୋଜେକ୍ଟ ଏହାକୁ ଗୁରୁତ୍ୱର ସହ ନେଉ ନ ଥିବା ସ୍ପଷ୍ଟ ହେଉଛି। ଏବେ ଆମେ ଏତେ ସ୍ମାର୍ଟ ହୋଇଗଲୁଣି ଯେ, ଆମର ସ୍ମାର୍ଟନେସ୍‌କୁ 'କେଉଁଠି ଥୋଇବା' ହୋଇଗଲାଣି ମୁଖ୍ୟ ପ୍ରଶ୍ନ। ଭୁବନେଶ୍ୱରର ଉଦାହରଣ ଦେଖିଲେ ୧୯ ସେପ୍ଟେମ୍ବର ୨୦୨୧ରେ ଜଣେ ଛାତ୍ରର ମୃତ୍ୟୁ ପରେ ରାଜ୍ୟ ସରକାର କେବଳ ଡ୍ରେନେଜ ପୁନରୁଦ୍ଧାର ପାଇଁ ୧,୦୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବା କୁହାଯାଇଥିଲା। ସେହି ଅର୍ଥ ଚଲୁ ହୋଇଯାଇଥିବା ଭଳି ଏବକାର ବର୍ଷାରୁ ଜଣାପଡୁଛି। ଏକ ଆକଳନ ଅନୁଯାୟୀ ୨୦୫୦ ସୁଦ୍ଧା ଭାରତରେ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଅଧିକ ଲୋକ ରହିବେ। ଏଣୁ ସହରରେ ଘର, ରାସ୍ତା, ଡାକ୍ତରଖାନା ଏବଂ ଅନ୍ୟ ଭିତ୍ତିଭୂମି ପାଇଁ ଯୋଜନା କରିବାବେଳେ ସେହିସବୁ ଅଞ୍ଚଳର ଜଳ ବିଜ୍ଞାନର ଅନୁଧ୍ୟାନ ଅପରିହାର୍ଯ୍ୟ। ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବ ହ୍ରାସ କରିବା ଲାଗି ଅତ୍ୟାଧୁନିକ ପ୍ରଯୁକ୍ତିଗତ ପଦକ୍ଷେପ ଲୋଡ଼ା। ଆର୍ଜେଣ୍ଟିନାର ବ୍ୟୁନୋସ ଆରିଜ୍ ଏବଂ ଆମେରିକାର କେତେକ ସହରରେ ଡ୍ରେନ୍‌ରେ ଥିବା ସେନ୍‌ସର ଯେଭଳି ଡ୍ରେନ୍‌ର ସ୍ଥିତି ସମ୍ପର୍କରେ ଅବଗତ କରିପାରୁଛି ଠିକ୍ ସେହିଭଳି ପଦକ୍ଷେପ କିଛିଟା ବିପଦ ଟାଳି ପାରିବ। ଏହା ସତ୍ୟ ଯେ, ସହଜ ବୈଷୟିକ ଜ୍ଞାନ ବ୍ୟବହାର କରି ଭୁବନେଶ୍ୱର ଏବଂ ବେଙ୍ଗାଲୁରୁ ଭଳି ସହରରେ ବର୍ଷାଜନିତ ଅସ୍ୱାଭାବିକ ସ୍ଥିତିରୁ ଜନସାଧାରଣ ବଞ୍ଚିପାରିବେ। କିନ୍ତୁ ସେଥିପାଇଁ ସରକାରୀ ଉଦ୍ୟମ ଲୋଡ଼ା ହେବା ସହିତ ଲୋକଙ୍କ ସହଯୋଗ ମଧ୍ୟ ଆବଶ୍ୟକ। ଏଥିସହିତ ଏକ ବୃହତ୍ ଦୃଷ୍ଟିକୋଣରୁ ଦେଖିଲେ ଜଳବାୟୁ ପରିବର୍ତ୍ତନ ପାଇଁ ସମସ୍ତେ ଖୁବ୍ ଶୀଘ୍ର ସଚେତନ ହେବାକୁ ବାଧ୍ୟ। ଏହି ସମସ୍ୟାକୁ ଅଣଦେଖା କରିବା କିମ୍ବା ଅଚିହ୍ନା ବାରିଲେ କ୍ଷତି ଆମର ବ୍ୟକ୍ତିଗତ ହେବ।

# କରିବ କିଏ

ଓଡ଼ିଶାର ବିଭିନ୍ନ ସ୍ଥାନରେ ନକଲି ସାମଗ୍ରୀ ତା'ର ପସରା ମେଲାଇ ଚାଲିଛି। କଟକର ଜଗତପୁରଠାରୁ ଆରମ୍ଭକରି ଅନୁଗୋଳ, ବ୍ରହ୍ମପୁର, କୋରାପୁଟ ଓ ରାଜଧାନୀ ସମେତ ଅନେକ ଅଞ୍ଚଳରେ ଖାଦ୍ୟସାମଗ୍ରୀ ଭେଜାଲ ଥିବା ଦେଖିବାକୁ ମିଳୁଛି। ୫ ସେପ୍ଟେମ୍ବରରେ ଭୁବନେଶ୍ୱର ଉପକଣ୍ଠ ଅଟଳା ନିକଟରେ ନକଲି ଲୁଣ ଓ ସର୍ଫ କାରଖାନା ଠାବ କରାଯାଇଛି। ଟାଟା ସଲ୍ଟ ଭଳି ନାମୀଦାମୀ କମ୍ପାନୀର ଲୋଗୋ ବ୍ୟବହାର କରାଯାଇ ଏଭଳି କାରବାର ହେଉଥିବା ଜଣାପଡ଼ିବା ପରେ ଖାଉଟିଙ୍କ ମନରେ ପ୍ରତିକ୍ରିୟା ସୃଷ୍ଟି ହେବା ସ୍ୱାଭାବିକ। ବିଶେଷକରି ଲୁଣ ଦୈନିକ ଆବଶ୍ୟକ ଜିନିଷ ହୋଇଥିବାରୁ ଏହା ପର୍ଯ୍ୟାପ୍ତ ପରିମାଣରେ ବ୍ୟବହାର ହୋଇଥାଏ। ଏହାକୁ କାହିଁକି ରୋକାଯାଇପାରୁ ନାହିଁ ବୋଲି ପ୍ରଶ୍ନ ହେଲେ ନିଶ୍ଚିତ ଭାବେ ଯାଞ୍ଚ ସଂସ୍ଥା ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖାଯାଇ କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡସ ଆକ୍ଟ-୨୦୦୬ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ଖାଦ୍ୟପଦାର୍ଥର ମାନ ଯାଞ୍ଚ କରିବା ସହ ଅପମିଶ୍ରଣ ସାମଗ୍ରୀରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ବରିଷ୍ଠ ଅଧିକାରୀମାନେ ଥିଲେ ମଧ୍ୟ ଏ ଦିଗରେ ଆଶାନୁରୂପ ସଫଳତା ମିଳୁପାରୁ ନାହିଁ। କାରଣ ଅଧିକାଂଶ ନାଗରିକ ସୁଯୋଗ ପାଇଲେ ଚୋର ପାଲଟୁଛନ୍ତି। ଯେଉଁମାନେ ସଚ୍ଚୋଟ ବୋଲି ଦେଖାଉଛନ୍ତି, ସେମାନେ ସୁଯୋଗରୁ ବଞ୍ଚିତ ହେଉଛନ୍ତି ବୋଲି ଧରି ନେବାକୁ ହେବ। ଅଭିଯୋଗ ହୋଇଥାଏ ଭେଜାଲକାରୀଙ୍କ ସହ ଯାଞ୍ଚ ଅଧିକାରୀ ଓ ବିଶେଷକରି ପୋଲିସ ସ୍ଥଳବିଶେଷରେ ହାତ ମିଳାଇଥାଆନ୍ତି। ରାଜଧାନୀ ଉପକଣ୍ଠରେ ନକଲି ଲୁଣ ଓ ସର୍ଫ କାରବାର ଚାଲୁଥିଲେ ମଧ୍ୟ ଜଣାପଡୁ ନ ଥିଲା ବୋଲି ଯାଞ୍ଚ ଅଧିକାରୀଙ୍କୁ ପ୍ରଶ୍ନ ହେବାରୁ ଉତ୍ତର ମିଳୁଛି ଯେ, କର୍ମଚାରୀ ଅଭାବରୁ ନମୁନା ସଂଗ୍ରହ ତ୍ୱରାନ୍ୱିତ ହୋଇପାରୁ ନାହିଁ।

ପୂର୍ବରୁ ସାଧାରଣତଃ ଖୁଚୁରା ବ୍ୟବସାୟୀମାନେ ଗାଁଠୁ ସହର ଯାଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବେପାର କରୁଥିଲେ। ଯେବେଠାରୁ ଖୁଚୁରା ରିଟେଲ୍ ଚେନ୍‌ଗୁଡ଼ିକ ନିର୍ଦ୍ୱନ୍ଦ୍ୱରେ ବଜାର ପ୍ରବେଶ କଲେ ସେବେଠାରୁ ବଜାର ପରିଚାଳନା ସେମାନଙ୍କ ହାତକୁ ଚାଲିଯାଇଛି। ସେମାନଙ୍କ ଭିତରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏଭଳି ମାନସିକତାରୁ ମଧ୍ୟ ଷଡ଼ଯନ୍ତ୍ରମୂଳକ ଅପରାଧ ବଳ ପାଉଛି। ସ୍ଥଳବିଶେଷରେ ଯେଉଁଠାରେ ନକଲି ସାମଗ୍ରୀ କାରବାର ହେଉଛି, ତାହାକୁ ବଡ଼ ଆକାରରେ ପ୍ରଚାର ପ୍ରସାର କରାଯାଉଛି। ଏହାଦ୍ୱାରା ଉପଭୋକ୍ତାଙ୍କ ମନରେ ଭୟ ସୃଷ୍ଟି କରାଯାଉଛି କି ଖୁଚୁରା ବେପାର କରୁଥିବା ଦୋକାନୀ ନକଲି ସାମଗ୍ରୀକୁ ବିକ୍ରି କରୁଛନ୍ତି। ଯେତେବେଳେ ଲୋକେ ମଲ୍ କିମ୍ବା ରିଟେଲ୍ ଚେନ୍‌ରୁ ବିଶୁଦ୍ଧ ଜିନିଷ ପାଇବେ ବୋଲି ଭାବୁଛନ୍ତି ସେଗୁଡ଼ିକ ଯେ ନକଲି ବେପାରୀଙ୍କଠାରୁ ଆସି ନ ଥିବ, ତାହାର ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ। କହିବାକୁ ଗଲେ ସବୁଆଡ଼େ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ଦରକାର। ବିଶେଷକରି ଖାଦ୍ୟସାମଗ୍ରୀ ନକଲ କରୁଥିବା ବ୍ୟକ୍ତିଙ୍କୁ ଧରାଯାଇ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଉଚିତ। କିନ୍ତୁ କରିବ କିଏ ? ଯାହା ଆମେ ଜାଣୁ ସମ୍ଭବତଃ ଭାରତ ଏକମାତ୍ର ଦେଶ ଯେଉଁଠାରେ ଖାଦ୍ୟପଦାର୍ଥ ଅପମିଶ୍ରଣ ହୁଏ। କୌତୂହଳର ବିଷୟ ହେଉଛି, ଏହି ଜଘନ୍ୟ କାର୍ଯ୍ୟକୁ କୌଣସି ପାକିସ୍ତାନୀ କିମ୍ବା ଚାଇନା ଲୋକ କରନ୍ତି ନାହିଁ। ଏହି ମାଟିର ପାଣି ପବନ ପାଇ ବଢ଼ିଥିବା ନାଗରିକ ଏଭଳି କୁତ୍ସିତ କାର୍ଯ୍ୟ କରିବା ପାଇଁ ଆଗେଇ ଆସିଥାଆନ୍ତି।

# ଶିକ୍ଷା ବ୍ୟବସ୍ଥାର ସଞ୍ଜୀବନୀ: ସୃଜନଶୀଳତା



ଡ. ଶରତ ଚନ୍ଦ୍ର ପରିଡ଼ା

ବିଶ୍ୱ ବର୍ତ୍ତମାନ ଶିକ୍ଷା ସୃଜନଶୀଳତା ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ। ପାଠ୍ୟକ୍ରମ ବ୍ୟବସ୍ଥାରେ ଏହା ଅଗ୍ରାଧିକାର ଲାଭ କରିଛି। ଆମ ଶିକ୍ଷା ବ୍ୟବସ୍ଥା ସ୍ୱାଧୀନତା ପ୍ରାପ୍ତିର ପଞ୍ଚସ୍ତରି ବର୍ଷ ପରେ ମଧ୍ୟ ପାରମ୍ପରିକ ହୋଇ ରହିଛି। ପାଠ୍ୟକ୍ରମ ଅଳ୍ପବହୁତ ଗତାନୁଗତିକ। ଠିକ୍ ସମୟରେ ପାଠ୍ୟଦାନ ସମାପ୍ତ କରି ପରୀକ୍ଷା ନିମିତ୍ତ ପିଲାମାନଙ୍କୁ ପ୍ରସ୍ତୁତ କରିବା ଶିକ୍ଷକମାନଙ୍କ ପାଇଁ ବଡ଼ ଆହ୍ୱାନ। ପିଲାମାନେ କେତେକ ବିଷୟରେ କିଛି ଜ୍ଞାନଲାଭ କରୁଛନ୍ତି ସତ, କିନ୍ତୁ ସେମାନଙ୍କ ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ଏବେ ବି ଏକ ବିରାଟ ପ୍ରଶ୍ନବାଚୀ। ଦେଶର ଆବଶ୍ୟକତା ଅନୁସାରେ ପାଠ୍ୟକ୍ରମ ପ୍ରସ୍ତୁତ ହୋଇ ପାରିଲା ନାହିଁ। ପିଲାମାନଙ୍କର ଅନ୍ତର୍ନିହିତ ମୌଳିକ ଗୁଣାବଳୀର ଉପଯୁକ୍ତ ବିକାଶ ସମ୍ଭବ ନୁହେଁ। ତେଣୁ ସୃଜନଶୀଳତା ଭଳି ଏକ ସୂକ୍ଷ୍ମ ମାନସିକ ପ୍ରକ୍ରିୟାର କିଭଳି ଉନ୍ମେଷ ଘଟିବ ? ସାର୍ କେନ୍ ରବିନଶନ ହେଉଛନ୍ତି ସୃଜନଶୀଳତା, ଉଦ୍ଭାବନ, ମାନବସମ୍ବଳ କ୍ଷେତ୍ରରେ କାମ କରୁଥିବା ଜଣେ ଆନ୍ତର୍ଜାତିକ ନେତା। ସେ କହନ୍ତି-''ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ସୃଜନଶୀଳତାର ପ୍ରତିପାଳନ ଓ ବୃଦ୍ଧି କରିବା ବଦଳରେ ବାସ୍ତବରେ ଏହାର ଶ୍ୱାସରୁଦ୍ଧ କରି ଦିଆଯାଉଛି।'' ସାଧାରଣ ଭାବେ ଆନୁଷ୍ଠାନିକ ଶିକ୍ଷାରେ ନିର୍ଦ୍ଧାରିତ ନୀତି ଓ ନିୟମ ସମୂହକୁ ପ୍ରୟୋଗ କରିବା ପାଇଁ ଶିକ୍ଷକ ପିଲାମାନଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି। ଚିନ୍ତା ଉଦ୍ରେକକାରୀ ଖେଳ ଖେଳାଇବା, ସୃଜନମୂଳକ କାର୍ଯ୍ୟକୁ ପ୍ରଶଂସା କରିବା, ନୂଆ ପ୍ରକାର କାର୍ଯ୍ୟଭାର ଦେବା, ପିଲାକୁ ନିଜ ଗତିରେ ଶିକ୍ଷାଲାଭ କରିବାର ସୁଯୋଗ ପ୍ରଦାନ କରିବା, ବିଜ୍ଞାନ ଓ କଳାକୁ ପଢ଼ାଇବା ପାଇଁ ଅଲଗା ଅଲଗା ଶିକ୍ଷଣ ପଦ୍ଧତି ଆପଣେଇବା- ଏହା ପରମ୍ପରାଗତ ଆନୁଷ୍ଠାନିକ ଶିକ୍ଷାରେ ସମ୍ଭବ ନୁହେଁ। ନୂଆ ନୂଆ କଥା ଗ୍ରହଣ କରିବା, ଚିନ୍ତାରେ ନମନୀୟ ହେବା ଓ ବିଭିନ୍ନ ଉତ୍କୃଷ୍ଟ ନିକୃଷ୍ଟ ସଫଳତାକୁ ତୁଳନା କରିବା ଆଦି ସୃଜନଶୀଳତାର ଲକ୍ଷଣ। ପ୍ରଚଳିତ ଶିକ୍ଷା ଓ ଶିକ୍ଷଣର ବ୍ୟବସ୍ଥା ଭିତରେ ଥାଇ କେତେକ ଦିଗ ପ୍ରତି ସଚେତନ ହେଲେ ଆମେ କିଛି ପରିମାଣରେ ସୃଜନଶୀଳତାର ବିକାଶ ଘଟାଇ ପାରିବା। ଶୈକ୍ଷିକ ପ୍ରକ୍ରିୟାରେ ଶିକ୍ଷକଙ୍କର ପ୍ରାଧାନ୍ୟ ରହିଛି। ଶିକ୍ଷକ ନିଜେ ସୃଜନଶୀଳ ହେବା ସର୍ବାଦୌ କାମ୍ୟ। ଶିକ୍ଷା ଆମୂଳଚୂଳ ଏକ ସୃଜନଶୀଳ ବୃତ୍ତି। ଯେଉଁ ଶିକ୍ଷକମାନେ ଏକ ସୃଜନମୂଳକ ଚିନ୍ତାକୁ ଆପଣେଇ ପାରନ୍ତି, ବିଷୟବସ୍ତୁକୁ ଖେଳୁଆଡ଼ ମନ ନେଇ ଉପସ୍ଥାପନ କରି ନିଜର ଭାବନା ପ୍ରକାଶ କରନ୍ତି ; ସେମାନଙ୍କ ଛାତ୍ରୀଛାତ୍ରମାନେ ସୃଜନଶୀଳ ହୋଇଥାନ୍ତି। ବିଷୟ ଡ୍ରଇଂ ହେଉ ଅବା ଗଣିତ ପିଲାମାନେ ଲକ୍ଷ୍ୟ କରନ୍ତି କେଉଁ ଶିକ୍ଷକମାନଙ୍କର ପଢ଼ାଇବା ପାଇଁ ହୃଦୟରେ ଆବେଗ ରହିଛି। ଆଲବର୍ଟ ଆଇନଷ୍ଟାଇନ୍ କହନ୍ତି-''ସୃଜନଶୀଳ ପରିପ୍ରକାଶ ଓ ଜ୍ଞାନରେ ଆନନ୍ଦ ଜାଗରିତ କରିବା ହେଉଛି ଶିକ୍ଷକଙ୍କର ସର୍ବଶ୍ରେଷ୍ଠ କଳା''।



ମୌଳିକ ଚିନ୍ତା ଦ୍ୱାରା ଯୁଗୋପଯୋଗୀ ଉତ୍ପାଦ ନିର୍ମାଣ କରିବା ସୃଜନଶୀଳତା। ଶିକ୍ଷାକୁ ସୃଜନ ଉନ୍ମୁଖ କରିବା ନିମିତ୍ତ ବିଭିନ୍ନ ସ୍ୱାଧୀନ ଓ ବିବିଧ ଚିନ୍ତା ଜରୁରୀ। ଚିନ୍ତାର ବୈଭିନ୍ନ୍ୟ ନୂତନ ଉଦ୍ଭାବନକୁ ବାଟ କଢେଇ ନିଏ। ସୃଜନର ମନସ୍ତତ୍ତ୍ୱବିତ୍‌ମାନେ ମତ ଦିଅନ୍ତି ଯେ ଏଭଳି ଭଳିକି ଭଳି ଚିନ୍ତା କରିବା ହେଉଛି ଗୋଟିଏ କୌଶଳ ; ଯାହା ଜୀବନ ତମାମ ରହିଥାଏ। ଗୋଟିଏ ସମସ୍ୟା ଦିଆଯାଇ ସମାଧାନ ପାଇଁ ଦଳଗତ ଆଲୋଚନାର ଆୟୋଜନ ହେଉ। ସମସ୍ୟା ସମାଧାନ ପାଇଁ ଉପାୟ ଖୋଜାଯାଉ। ସମ୍ଭାବ୍ୟ ଅସୁବିଧା ଦୂର ପାଇଁ ଆବଶ୍ୟକ ପଡ଼ିଲେ ଶିକ୍ଷକଙ୍କ ପରାମର୍ଶ ଓ ସାହାଯ୍ୟ ନିଆଯାଉ। ପିଲାର ମନ ଯେତେବେଳେ ପାଠରୁ ଅଲଗା ହୋଇଯାଏ ସେତେବେଳେ ତା'ଠାରେ ଅନ୍ତର୍ନିହିତ ଆଗ୍ରହର ସ୍ଫୁଲିଙ୍ଗ ଘଟେ। ଦୈନିକ ପାଠପଢ଼ା ସହିତ ଏକ ଦୈନନ୍ଦିନୀ ରଖାଯାଉ। ଏଥିରେ ଛାତ୍ରୀଛାତ୍ରର ମନକୁ ଯାହା ଭଲ ଲାଗୁଛି ସେ ଲେଖି ରଖୁ। ଯେ କୌଣସି ବିଷୟରେ ୧୦୦ଟି ପ୍ରଶ୍ନ ତିଆରି କରୁ। ଉଦାହରଣ ସ୍ୱରୂପ ମସ୍ତିଷ୍କ କେମିତି କାମ କରେ ? ଆମେ କାହିଁକି ସଙ୍ଗୀତ ଶୁଣୁ ? ମୁଁ କାହିଁକି ବାଘ ହେଲିନି ? ପ୍ରତ୍ୟେକ ବସ୍ତୁର ମୃତ୍ୟୁ କାହିଁକି ହୁଏ ? ଆମର କାର୍ କାହିଁକି ଇଲେକ୍ଟ୍ରିଚାଳିତ ନୁହେଁ ? ଚାବିରେ ତାଲା କାହିଁକି ଖୋଲିଯାଏ ? ସୃଜନ ବିଶେଷଜ୍ଞ ଲିଓନାର୍ଡୋ ଦା ଭିନ୍‌ସି ସୃଜନଶୀଳତା ଉପରେ ଏହିପରି ୭ ହଜାର ନୋଟବୁକ୍ ପ୍ରସ୍ତୁତ କରିଥିଲେ। ଏ ସବୁ ଦା ଭିନ୍‌ସିଙ୍କର ସୃଜନଶୀଳ ମନୋବୃତ୍ତିର ପରିଚାୟକ। ଏଗୁଡ଼ିକ ଶିକ୍ଷକମାନଙ୍କୁ ବହୁତ ସାହାଯ୍ୟ କରେ। ଏହା ଶିକ୍ଷକ ଓ ଶିକ୍ଷାର୍ଥୀ ସମସ୍ତଙ୍କ ଭିତରେ ଏପରି ଜିଜ୍ଞାସା ଓ କୌତୂହଳ ସୃଜନର ମଞ୍ଜି ବୁଣେ।

ପ୍ରତ୍ୟେକ ଶିଶୁଠାରେ ଅମାପ ଶକ୍ତି ସୁପ୍ତ ଅବସ୍ଥାରେ ରହିଛି। ସେମାନଙ୍କର ନୂତନ କିଛି ଗଢିବାର ଓ ନିର୍ମାଣ କରିବାର ଶକ୍ତି ସାମର୍ଥ୍ୟ ଓ କ୍ଷମତା ଅନ୍ତର୍ନିହିତ। ସେଗୁଡ଼ିକର ଉପଯୁକ୍ତ ବିନିଯୋଗ ହୋଇପାରିଲେ ଶିକ୍ଷାର୍ଥୀର ଆତ୍ମବିକାଶ ସହିତ ସମାଜର ଅଭୂତପୂର୍ବ ପ୍ରଗତି ସମ୍ଭବ। ଜୋହନ୍ ଲେନନ୍‌ଙ୍କ ମତ''ସୃଜନଶୀଳତା ହେଉଛି ଏକ ଉପହାର,ଅସଜଡ଼ା ପରିବେଶରେ ଏହାର ପରିପ୍ରକାଶ ଘଟେ ନାହିଁ।'' ଏଥିପାଇଁ ବିଦ୍ୟାଳୟରେ ଛାତ୍ରମାନଙ୍କ ଆତ୍ମପ୍ରକାଶ ନିମନ୍ତେ ଗୋଟିଏ ସୃଜନ ସମୟ ଓ ପରିବେଶ ସ୍ଥିର ହେଉ। ପରିବେଶଟି ନିରାପଦ ଓ ସ୍ୱାଧୀନ ହେଉ। ଗୋଟିଏ ପାଠ ପଢ଼ି ସାରିଲା ପରେ ତା'ର ଆଲୋଚନା ସମାଲୋଚନା କରାଯାଉ। ସମାଲୋଚନାଟି ଦାୟିତ୍ୱପୂର୍ଣ୍ଣ ଓ ଉତ୍ପାଦନକ୍ଷମ ହେଉ। ମୁକ୍ତ ପ୍ରଶ୍ନ ପଚାରି ଓ ମୁକ୍ତ ଉତ୍ତର ସ୍ୱାଗତ କରାଯାଉ। ତା'ର ବିଶ୍ଳେଷଣ ଓ ସମୀକ୍ଷା ନିମନ୍ତେ ପିଲାମାନଙ୍କୁ ଉତ୍ସାହିତ କରାଯାଉ। ପରିବେଶଟି ନିରାପଦ ହେଲେ ସେମାନେ ନିଜର ସୃଜନଶୀଳ ଭାବନା ପ୍ରକାଶ ପାଇଁ ସାହସ ବାନ୍ଧିପାରିବେ। ସ୍ୱାଧୀନ ହେଲେ ପିଲାମାନଙ୍କୁ ଆସୁଥିବା ଉତ୍ତର ବା ପ୍ରସଙ୍ଗ ବିନା ଦ୍ୱିଧାରେ ପ୍ରକାଶ କରିପାରିବେ। ପିଲାଙ୍କ ସ୍ୱତଃପ୍ରବୃତ୍ତ ଆବେଗ ଓ ଉତ୍କଣ୍ଠା ଉପରେ ଗୁରୁତ୍ୱ ଦେବାକୁ ହେବ। ପିଲା ଯାହା କହିବେ ଓ କରିବେ ତାକୁ ଗ୍ରହଣ କରିପାରୁଥିବା ସମ୍ବେଦନଶୀଳ ପରିବେଶଟି ଆବଶ୍ୟକ। ଏପରି ଗ୍ରହଣୀୟତା ରହିଲେ ସେମାନେ ଦେଉଥିବା ଉତ୍ତର ଠିକ୍ କି ଭୁଲ୍ ଓ ଏହା ଶ୍ରେଣୀରେ କେମିତି ଗ୍ରହଣ କରାଯାଉଛି ଜାଣି ଉତ୍ସାହିତ ହେବେ। ସେଥିପାଇଁ ଶିକ୍ଷାକର୍ତ୍ତୃପକ୍ଷ ଓ ଅଭିଭାବକ ସୃଜନଶୀଳତାକୁ ସମର୍ଥନ କରିବା ଦରକାର।

ସୃଜନଶୀଳତା ହେଉଛି କୌଶଳ ଆବଶ୍ୟକ କରୁଥିବା ବିଶେଷ ଚିନ୍ତନ ପ୍ରକ୍ରିୟା ବା ସାମର୍ଥ୍ୟ। ଆଲୋଚନା ଦ୍ୱାରା ଗୋଟିଏ ସାଧାରଣ ସତ୍ୟରୁ ଯୁକ୍ତି ଦ୍ୱାରା ଅନ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ପରିସ୍ଥିତିର ସତ୍ୟାସତ୍ୟ ନିର୍ଣ୍ଣୟ କରି ହୁଏ। ପିଲାମାନଙ୍କର ନିଷ୍ପତ୍ତି ନେବାର ଶକ୍ତି ବୃଦ୍ଧି ହୋଇଥାଏ। ଆଲୋଚନାରେ ବିଚାର ଓ ସମୟର ଚାପ ନ ରହିବା ଚାହି। ଆବଶ୍ୟକ ସ୍ଥଳେ ସୃଜନଶୀଳତାକୁ ପୁରସ୍କୃତ ନ କରି ତା' ଉପରେ ସଂକ୍ଷିପ୍ତ ଟିପ୍ପଣୀ ଦେବାର ବା ମାପକର ବ୍ୟବସ୍ଥା ହେଉ। ସୃଜନଶୀଳତା ପାଇଁ ବାହ୍ୟ ପୁରସ୍କାର ବ୍ୟବସ୍ଥା କଲେ ଏହା ସୃଜନଶୀଳତା ହ୍ରାସ କରିଥାଏ। ପୁରସ୍କାର ବ୍ୟବସ୍ଥା ନ କରି ଅନ୍ତର୍ନିହିତ ସନ୍ତୋଷ ପାଇଁ ସବୁ ପ୍ରକାର ନିର୍ଦ୍ଦେଶାବଳୀ ଓ ପଦାର୍ଥ ଯୋଗାଇବାର ବ୍ୟବସ୍ଥା କରାଯାଉ। ଏଗୁଡ଼ିକ ଛାତ୍ରମାନେ ନ୍ୟସ୍ତ ଦାୟିତ୍ୱ ଓ କାର୍ଯ୍ୟ ସମ୍ପାଦନ ନିମିତ୍ତ ଆବଶ୍ୟକ କରିଥାନ୍ତି। ତେଣୁ ବୈଜ୍ଞାନିକ ଆଲବର୍ଟ ଆଇନ୍ ଷ୍ଟାଇନ୍ କହନ୍ତି, ''ମୁଁ ଶିଷ୍ୟମାନଙ୍କୁ କେବେ ଶିକ୍ଷାଦିଏ ନାହିଁ, ସେମାନେ ଶିକ୍ଷାଲାଭ କଲାଭଳି ପରିବେଶଟି ସୃଷ୍ଟି କରିବା ପାଇଁ ମୁଁ ଚେଷ୍ଟା କରେ।''

ମୋ:୭୦୦୮୪୭୫୪୪୨
scparida30@gmail.com

# ଆଧୁନିକତା ଓ ଓଡ଼ିଆ କାବ୍ୟ



ଡ. ପ୍ରମୋଦ କୁମାର ପଣ୍ଡା

ସମାଜର ହିତ ସାଧନ କରୁଥିବା ଲେଖାକୁ ସାହିତ୍ୟ କୁହାଯାଇଥାଏ। ଏହା ମାଧ୍ୟମରେ ଜନସାଧାରଣ ତା'ର ସଭ୍ୟତା, ସଂସ୍କୃତି, ଇତିହାସ, ଭୂଗୋଳ, ବିଜ୍ଞାନ, ଦର୍ଶନ ଆଦିକୁ ପରିପ୍ରକାଶ କରିଥା'ନ୍ତି। ସାହିତ୍ୟର ଆହୁରି ଏକ ବଡ଼ ଦିଗ ହେଉଛି ମନୋରଞ୍ଜନ ଓ ସମାଜ ସଂସ୍କାର। ଏହି ସାହିତ୍ୟ ଦୁଇ ପ୍ରକାରର। ଏକ ଗଦ୍ୟ ସାହିତ୍ୟ ଓ ଅନ୍ୟଟି ପଦ୍ୟ ସାହିତ୍ୟ। ଉଭୟ ବିଭାଗ, ସେ ପଦ୍ୟ ସାହିତ୍ୟର ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ହେଉ କିମ୍ବା ଗଦ୍ୟ ସାହିତ୍ୟର ଫକୀରମୋହନ ସେନାପତିଙ୍କ ପେଟେଣ୍ଟ ମେଡିସିନ ଅବା ଡାକ ମୁନିସୀ କିମ୍ବା ଲିଓ ଟଲ୍‌ଷ୍ଟୟଙ୍କ ଟମକକାଙ୍କ କୁଟିର, ସବୁକିଛି ସମାଜ ପାଇଁ ଉପଯୋଗୀ ହୋଇଛି। ଏହି ଦୁଇ ବିଭାଗରୁ ପଦ୍ୟ ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। କାରଣ ଏହାକୁ ସ୍ୱର, ତାଳ ଓ ଲୟରେ ଗାନ ଦ୍ୱାରା ଏହା ଏକ ସଙ୍ଗେ ଲକ୍ଷ ଲକ୍ଷ ଲୋକଙ୍କ ମନୋରଞ୍ଜନ କରାଇଥାଏ, ଯାହାକି ଗଦ୍ୟ ସାହିତ୍ୟ କ୍ଷେତ୍ରରେ ସମ୍ଭବ ହୁଏ ନାହିଁ। ତାକୁ ନିଜେ ପଢ଼ି ତା'ର ମହତ୍ତ୍ୱ ଉପଲବ୍ଧି କରିବାକୁ ପଡ଼େ। ଏହି ପଦ୍ୟ ସାହିତ୍ୟ ବା କାବ୍ୟ ପଦ୍ୟାବଳୀ ବିଭିନ୍ନ ଛାନ୍ଦ, ରାଗ ଉପରେ ପର୍ଯ୍ୟବସିତ ହେଲେ ଖୁବ୍ ସୁନ୍ଦର ଲାଗେ। ଏହା ହୃଦୟ ଓ ମନକୁ ଛୁଇଁଯାଇ ଥାଏ।

ବିଭିନ୍ନ ପ୍ରକାର ଛାନ୍ଦରେ ଭିନ୍ନ ଭିନ୍ନ ସ୍ୱର ଦେବାକୁ ପଡ଼େ। ତେଣୁ ସଙ୍ଗୀତ ଏକ ପ୍ରକାର ନ ହୋଇ ବିବିଧତା ବଜାୟ ରଖେ ଓ ଜନାଦୃତି ବୃଦ୍ଧି କରେ। ଆମ ଓଡ଼ିଆ ଭାଷାରେ ବିଭିନ୍ନ ପ୍ରକାର ଛାନ୍ଦ ଯଥା ବଙ୍ଗଳାଶ୍ରୀ, ରସକୁଲ୍ୟା, ବିଭାସକେଦାର, ଗୁର୍ଜ୍ଜରୀ, ଚକ୍ରକେଳି, କଳହଂସ କେଦାର, ଶଙ୍କରାଭରଣ, ଆଷାଢ଼ ଶୁକ୍ଳ, ଚୋଖି, ଦାଣ୍ଡି ଇତ୍ୟାଦି କେଉଁ ଆଦିମ କାଳରୁ ପ୍ରଚଳିତ। ଆମର ପୁରୁଣା ଲେଖକମାନେ ବ୍ୟାକରଣର ଏହିସବୁ ନିୟମରେ ଅଭ୍ୟସ୍ତ ଥିଲେ ଓ ସୁନ୍ଦର କାବ୍ୟ ମାନ ରଚନା କରିଯାଇଛନ୍ତି। ସେ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀସ ବିଳାସ ହେଉ ବା ଗଙ୍ଗାଧର ମେହେରଙ୍କ ତପସ୍ୱିନୀ କିମ୍ବା ପ୍ରଣୟ ବଲ୍ଲରୀ କିମ୍ବା ଦୀନକୃଷ୍ଣ ଦାସଙ୍କ ରସ କଲ୍ଲୋଳ କିମ୍ବା ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ବିଦଗ୍ଧ ଚିନ୍ତାମଣି କିମ୍ବା କବିବର ରାଧାନାଥଙ୍କ ଚିଲିକା କାବ୍ୟ ତା'ର ଛାନ୍ଦ ଓ ରାଗ ପାଇଁ ପ୍ରସିଦ୍ଧ।

ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପାଲା, ଦାସକାଠିଆରେ ଛାନ୍ଦ ଓ ରାଗର ଭରପୂର ବ୍ୟବହାର ହୋଇଥାଏ। ଏହା ଆମ ଭାଷାର ଗରିଷ୍ଠତାକୁ ପ୍ରମାଣ ମଧ୍ୟ କରିଥାଏ। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା, ଓଡ଼ିଶୀ ନୃତ୍ୟ ମଧ୍ୟ ଶାସ୍ତ୍ରୀୟ ନୃତ୍ୟ। ଯଦିଓ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇ ନାହିଁ, ତଥାପି ଓଡ଼ିଶୀ ସଙ୍ଗୀତରେ ଶାସ୍ତ୍ରୀୟତା ପାଇଁ ସବୁକିଛି ଉପାଦାନ ଭରିରହିଛି। ଆମର ଗୀତ, କାବ୍ୟ ଇତ୍ୟାଦି ଛାନ୍ଦ ଓ ରାଗ ଉପରେ ପର୍ଯ୍ୟବସିତ ହେବା ଆବଶ୍ୟକ। ମାତ୍ର ବର୍ତ୍ତମାନର ନୂଆ ପିଢ଼ିର ଲେଖକ, ଲେଖିକାମାନେ ସାଦାସିଧା ଶୈଳୀ ଆପଣାଉଛନ୍ତି। ସେମାନେ ଛାନ୍ଦ ଓ ରାଗ ବିଷୟରେ ସମ୍ପୂର୍ଣ୍ଣ ଅଗଣ୍ୟ ହୁଅନ୍ତୁ କିମ୍ବା ସମୟ ଅଭାବ ହେଉ କିମ୍ବା ସାଦାସିଧା ଶୈଳୀରେ ସଙ୍ଗୀତ ରଚନା କରିବା ସହଜ ସାଧ୍ୟ ବୋଧ ହେଉ, କିନ୍ତୁ ପରିଶେଷରେ ଆଧୁନିକ ଯୁଗର କାବ୍ୟ କବିତା ଯେ ଅଧିକାଂଶ ଛାନ୍ଦ ଓ ରସ ହୀନ ଏଥିରେ ଦ୍ୱିମତ ନାହିଁ। ଯଦି ଏହିପରି ଭାବରେ କାବ୍ୟ କବିତା ରଚନା ଜାରି



ରହେ, ତା' ହେଲେ ସମୟ ଆସିବ ଓଡ଼ିଆ କାବ୍ୟ କବିତାକୁ କେହି ସ୍ୱର, ଲୟ ଓ ତାଳରେ ଗାଇ ପାରିବେ ନାହିଁ। ତେଣୁ ଏହା ଜନମାନସରୁ ଦୂରେଇ ଯିବ। ପାଲା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏହାର ବ୍ୟବହାର ହୋଇପାରିବ ନାହିଁ, କାରଣ ଏହା ଲୋକଙ୍କୁ ଅପେକ୍ଷିତ ମନୋରଞ୍ଜନ ପ୍ରଦାନରେ ବିଫଳ ହେବ। ଓଡ଼ିଆ ଭାଷାର ମଧୁରତା ଓ ଲାବନ୍ୟତା ପାଇଁ କାବ୍ୟ କବିତାରେ ଛାନ୍ଦ ରାଗ ରହିବା ଆବଶ୍ୟକ। ଅବଶ୍ୟ ବର୍ତ୍ତମାନ କିଛି ଆଗଧାଡ଼ିର କବି ଓଡ଼ିଆ କାବ୍ୟ କବିତାକୁ ସାଦାସିଧା ବା ସରଳ ଶୈଳୀରେ ପରିବେଷଣ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସେମାନେ ପଦ୍ୟ ସାହିତ୍ୟକୁ ଗଦ୍ୟରେ ପରିବେଷଣ କରି ସବୁ ପ୍ରକାର ସାହିତ୍ୟକୁ ଏକାକାର କରିବାକୁ ଚାହୁଁଛନ୍ତି। ଏହା ଠିକ୍ ନୁହେଁ।

ସାହିତ୍ୟର ବିବିଧତା ତା'ର ମହାନତାର ପରିପ୍ରକାଶ କରିଥାଏ। ଯଦି ଆମେ ସାହିତ୍ୟର ଗଳ୍ପ, ଉପନ୍ୟାସ, କାବ୍ୟ, କବିତା, କ୍ଷୁଦ୍ର ନାଟକ ଇତ୍ୟାଦି ମଧ୍ୟରେ ପାର୍ଥକ୍ୟକୁ ବଜାୟ ନ ରଖିବା, ତା' ହେଲେ ଆମ ସାହିତ୍ୟର କଳେବର ସଙ୍କୁଚିତ ହୋଇଯିବ। ଅର୍ଥାତ୍ ୧୦୦ କିମ୍ବା ୨୦୦ ବର୍ଷ ପରେ ଆମେ ଦେଖିବାକୁ ପାଇବା ଯେ ଆମ ସାହିତ୍ୟ କେବଳ ଗଦ୍ୟ ହୋଇଯାଇଛି। ଏପରିକି କାବ୍ୟ କବିତାରେ ଛାନ୍ଦ, ରାଗ, ରସ ଇତ୍ୟାଦି ଉଭେଇ ଯାଇଛି। ସାହିତ୍ୟର ବିଭାଗ ବିବିଧତା ବିଲୋପ ମଧ୍ୟ ଭବିଷ୍ୟତରେ ସାହିତ୍ୟ ପାଇଁ ଏକ ବହୁତ ବଡ଼ କ୍ଷତି ସାଧନ କରିବ। ଅବଶ୍ୟ କାବ୍ୟ କବିତା ରଚନା ବେଳେ ପାଠକମାନଙ୍କ ବୋଧଗମ୍ୟ ବିଷୟକୁ ଧ୍ୟାନରେ ରଖିବା ଉଚିତ। ଆଧୁନିକ ଗଳ୍ପ, ଉପନ୍ୟାସ ବା ପ୍ରବନ୍ଧ ଠିକ୍ ଭାବେ ପରିବେଷଣ ବା ସୃଷ୍ଟି କରାଯାଉଛି। ମାତ୍ର ଆଧୁନିକ କାବ୍ୟ କବିତାକୁ ବିଶ୍ଳେଷଣ କଲେ ଦେଖାଯିବ ଯେ ଅନେକ ସମୟରେ ପାଠକ କବିତାଟିର ଅର୍ଥ ବୁଝିବାରେ ଅସମର୍ଥ ହୋଇପଡ଼େ କିମ୍ବା ଦ୍ୱିଧା ଭିତରେ ବୁଡ଼ିଯାଏ, ଯାହାକି ତାକୁ ଏହାକୁ ପାଠ ନ କରିବା ପାଇଁ ପ୍ରବର୍ତ୍ତାଇ ଥାଏ। ପାଠକ ଯେତେବେଳେ କାବ୍ୟ ଓ କବିତା ଭଲ ଭାବେ ବୁଝିପାରେ ସେ ସେତେବେଳେ ତା'ର ରସ ଆସ୍ୱାଦନ କରେ ଓ ଭିତରକୁ ପଶି ଆହୁରି ପଢ଼ିବାକୁ ଇଚ୍ଛା ପ୍ରକାଶ କରେ। ମାତ୍ର ଯେତେବେଳେ କାବ୍ୟ କବିତାଟି ପାଠକ ପାଇଁ ଦୁର୍ଭେଦ୍ୟବୋଧ ମନେହୁଏ କିମ୍ବା ମୂଲ୍ୟହୀନ ମନେହୁଏ, ସେତେବେଳେ ସେ ଆଉ ପଢ଼ିବାକୁ ଆଗ୍ରହ ପ୍ରକାଶ କରେ ନାହିଁ। ସେଥିପାଇଁ ବର୍ତ୍ତମାନ ଓଡ଼ିଶାରେ ପାଠକବୃନ୍ଦ ଓଡ଼ିଆ କାବ୍ୟ କବିତାକୁ ପଢୁନାହାନ୍ତି। କବି ବା ଲେଖକ ଭାବିବା ଆବଶ୍ୟକ ଯେ, ଲେଖା ପଢ଼ିବା ପାଇଁ ପାଠକ ସମୟ ନିବେଶ କରୁଛନ୍ତି, ଯଦି ସେମାନେ ତାଙ୍କ ସମୟର ମୂଲ୍ୟ ମୋ ଲେଖା ମାଧ୍ୟମରେ ପାଇବେ ନାହିଁ, ତା' ହେଲେ ମୋ ଲେଖାକୁ କାହିଁକି ପଢ଼ିବେ ? ତେଣୁ ମୋ ଲେଖାରେ ପାଠକଙ୍କ ସମୟ ଓ ଶ୍ରମ ମୂଲ୍ୟ ଫେରାଇବା ପାଇଁ ପର୍ଯ୍ୟାପ୍ତ ଉପାଦାନ ଭରି ରହିଥିବା ଆବଶ୍ୟକ। ସାଧାରଣତଃ କବି ବା ଲେଖକମାନେ ବିଭିନ୍ନ କ୍ଷେତ୍ରରୁ ଆସିଥାଆନ୍ତି। ସବୁ କବି ଲେଖକଙ୍କ ପାଖରେ ଛାନ୍ଦ, ରାଗ ଇତ୍ୟାଦି ଜ୍ଞାନ ମିଳିବା କଷ୍ଟକର ହୋଇଥାଏ। ତେଣୁ ଆମର ଓଡ଼ିଆ ବିଭାଗର ବିଶେଷଜ୍ଞ, ବୁଦ୍ଧିଜୀବୀ, ପ୍ରଫେସର ଆଦି ଛାନ୍ଦ, ରାଗ ଇତ୍ୟାଦିର ସରଳୀକରଣ ଅଧ୍ୟାୟକୁ ସ୍ୱଳ୍ପରେ ପ୍ରକାଶ କରିବା ଆବଶ୍ୟକ, ଯାହାଦ୍ୱାରା ନୂତନ ପିଢ଼ିର କବି ଭାବୁକମାନେ ନିଜକୁ ଛାନ୍ଦ, ରାଗ ବ୍ୟାକରଣର ସମସ୍ତ ନିୟମରେ ଅଭ୍ୟସ୍ତ କରିପାରିବେ ଓ ଲେଖାଲେଖି କଲାବେଳେ ତାକୁ ବ୍ୟବହାର କରି ଓଡ଼ିଆ ଭାଷାର ମାଧୁର୍ଯ୍ୟକୁ ବଜାୟ ରଖିବାରେ ସହାୟକ ହେବେ।

ମୋ -୮୯୧୭୪୨୬୪୪୦

## ଏଇ ଭାରତରେ

ବାଇକରେ ନୂଆ ଜାଗା ବୁଲିବା ସହ ରୋଜଗାରର ନୂଆ ତରିକା ସାମ୍ନାକୁ ଆଣିଛନ୍ତି କେରଳର ଜୀବିନ ମଧୁ। ଚାକିରି ନିଶାରେ ଘର ଛାଡ଼ି ବାଇକରେ ଭାରତର ୧୦ଟି ରାଜ୍ୟ, ନେପାଳ ଓ ମ୍ୟାନ୍‌ମାର ବୁଲିଛନ୍ତି ୨୪ ବର୍ଷୀୟ ଜୀବିନ। ମୋଟରେ ସେ ୧ ବର୍ଷ ୪ ମାସ ଓ ୧୭ଦିନ ବୁଲିବା ଭିତରେ ନିଆରା ଶୈଳୀରେ ରୋଜଗାର କରିଛନ୍ତି। ତାଙ୍କ ୟାମା ଏଫଜେ ବାଇକରେ ଏକ ଷ୍ଟଲ୍ କରି ଦିନକୁ ୫୦୦ରୁ ୬୦୦ ଟଙ୍କା ରୋଜଗାର କରୁଥିଲେ। ଏହା ବ୍ୟତୀତ ଯେଉଁ ଜାଗାକୁ ଯାଉଥିଲେ ସେଠାରେ କିଛି ଦିନ ପାଇଁ କାମ କରି ରୋଜଗାର କରୁଥିବା ପରେ ଅନ୍ୟ ସ୍ଥାନକୁ ଯାଉଥିଲେ। ସେ ତାଙ୍କ ବାଇକ୍‌ର ପଛ ଟପ୍‌ବକ୍ସ ଉପରେ କରିଥିବା ଫୁଡ ଷ୍ଟଲ୍‌ରେ ବ୍ରେଡ ଓମଲେଟ, ଚା, ନୁଡଲ୍ସ ଓ କେରଳମାତା ରାଇସରେ ପ୍ରସ୍ତୁତ ଅନ୍ନ ବିକ୍ରି କରୁଥିଲେ। ଏହି ରୋଜଗାରରେ ସେ ତାଙ୍କର ସମସ୍ତ ଖର୍ଚ୍ଚ ବହନ କରିଛନ୍ତି , ଏପରି କି ବାଇକ୍ ସଜାଡ଼ିବାରେ ୧୦,୦୦୦ ଟଙ୍କା ବ୍ୟୟ କରିଛନ୍ତି। ଏହି ଟ୍ରିପ୍‌ରେ ଜୀବିନ ସବୁ ସ୍ଥାନର ସଂସ୍କୃତି ସହ ପରିଚିତ ହୋଇପାରିଛନ୍ତି। ଏହି ଧାରାରେ ଜୀବିନ ତାଙ୍କ ବାଇକରେ ଥାଇଲାଣ୍ଡ ଯିବା ଲାଗି ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ସେପ୍ଟେମ୍ବର ୧୯୯୭

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ କେନ୍ଦ୍ର ରେଳମନ୍ତ୍ରୀ ସି.କେ. ଜାଫର ସରିଫଙ୍କ ବିରୁଦ୍ଧରେ ସିବିଆଇ ଚାର୍ଜସିଟ୍।
- ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧିବାଦୀ ଏବଂ ଗୁଜରାଟର ପୂର୍ବତନ ମନ୍ତ୍ରୀ ରାଜୁଭାଇ ଆବାନୀଙ୍କ ୮୪ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

କେନାଲର ଦୁଇ କୂଳେ
ତାଳଗଛ ଧାଡ଼ି ମୂଳେ
ଫୁଲିଉଠେ ଗରବିତ ପାଣିରେ !
ଉଦ୍‌ଭିନ୍ନ ଯଉବନ ଠାଣିରେ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | 5 | | 9 | |
| | 3 | | | | | 5 | 8 | |
| | | | | | 9 | | | 3 |
| | | 2 | 9 | 8 | 3 | 6 | | 5 |
| | | | | | 7 | | | 2 |
| 4 | | | | | | | 3 | |
| 9 | | | 4 | | | | | 8 |
| | 6 | | | | | 2 | 7 | |
| 1 | 2 | | | | 8 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 2 | 8 | 3 | 7 | 9 | 6 | 1 |
| 1 | 9 | 3 | 6 | 5 | 2 | 7 | 4 | 8 |
| 8 | 6 | 7 | 4 | 9 | 1 | 5 | 2 | 3 |
| 6 | 1 | 9 | 5 | 2 | 4 | 8 | 3 | 7 |
| 3 | 5 | 4 | 7 | 8 | 6 | 1 | 9 | 2 |
| 2 | 7 | 8 | 3 | 1 | 9 | 4 | 5 | 6 |
| 9 | 3 | 6 | 1 | 4 | 8 | 2 | 7 | 5 |
| 4 | 8 | 5 | 2 | 7 | 3 | 6 | 1 | 9 |
| 7 | 2 | 1 | 9 | 6 | 5 | 3 | 8 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମହତ୍ୟା କ'ଣ ଶେଷ ରାସ୍ତା

ମହାଶୟ, ଆମେ ପଢ଼ିଛୁ ଆତ୍ମହତ୍ୟା ମହାପାପ। ମାତ୍ର ଏବେ ଶିକ୍ଷିତ ଯୁବକ ଯୁବତୀମାନେ ଆତ୍ମହତ୍ୟା କରୁଥିବା ଖୁବ୍ ଦୁଃଖର ବିଷୟ। ନିକଟରେ ସଫ୍ଟୱେର ଇଞ୍ଜିନିୟର ଶ୍ୱେତାଙ୍କ ମୃତ୍ୟୁ ମନରୁ ନ ଲିଭୁଣୁ ପୁଣି ଜଣେ କର୍ତ୍ତବ୍ୟରତ ମହିଳା ଏସ୍‌ଆଇଙ୍କ ଆତ୍ମହତ୍ୟା ଦୁଃଖ ଓ ନିରାଶା ଭରିଦେଇଛି। ସାମାନ୍ୟ ଗଛଟିଏ ବାତ୍ୟାରେ ବଙ୍କା ହେଲେ ମଧ୍ୟ ଧୀରେ ଧୀରେ ସିଧା ହୋଇପାରୁଛି। ମାତ୍ର ସଂସାରର ଶ୍ରେଷ୍ଠ ପ୍ରାଣୀ ବୋଲାଉଥିବା ମଣିଷଟିଏ ଏପରି ନିଚ ମାନସିକତାଠାରୁ ମୁକୁଳିପାରୁନି କେମିତି ? ପ୍ରଶ୍ନ ଉଠେ ଆତ୍ମହତ୍ୟା କ'ଣ ଶେଷ ରାସ୍ତା।

-ଅଶୋକ ରାଉଳ, ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com
(Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com:miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସାନଭାଇଙ୍କୁ ଆକ୍ରମଣ କରି ବଡ଼ ଗିରଫ



କୁଚିଣ୍ଡା,୬।୯(ଡି.ଏନ.ଏ.): କୁଚିଣ୍ଡା ଥାନା କୁଲେଇଗଡ ପଞ୍ଚାୟତ ଗୟାମାଲ ଗ୍ରାମର ବେଣୁଧର କାଲୋ ନିଜ ସାନଭାଇଙ୍କୁ ଭୁଜାଲିରେ ଆକ୍ରମଣ କରି ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ସୂଚନା ଅନୁଯାୟୀ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ରବିବାର ସନ୍ଧ୍ୟାରେ ବେଣୁଧର ସାନଭାଇ ଉପେନ୍ଦ୍ରଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ପରିବାର ଲୋକେ ଆହତ ଉପେନ୍ଦ୍ରଙ୍କୁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରି କୁଚିଣ୍ଡା ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଆଇପିସି ଧାରା ୪୫୨, ୩୨୪, ୩୦୭ରେ ମାମଲା (ନଂ.୧୬୫/୨୨) ରୁଜୁ କରି ଅଭିଯୁକ୍ତ ବେଣୁଧରଙ୍କୁ ଗିରଫ କରି ଆକ୍ରମଣ କରିଥିବା ଭୁଜାଲି ଜବତ କରିଛି। ପୋଲିସ ମଙ୍ଗଳବାର ବେଣୁଧରଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ଶୋଭାକର ସେଠ୍ କହିଛନ୍ତି।

### ଡ୍ରାଇଭର ମହାସଂଘର ନୂଆଖାଇ ଭେଟଘାଟ

ଜମନକିରା,୬।୯(ଡି.ଏନ.ଏ.): ଜମନକିରା ବ୍ଲକ ବାବା ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଜମନକିରା ଡ୍ରାଇଭର ମହସଂଘର ସଭାପତି ଜଟିଆ କିଷାନଙ୍କ ସଭାପତିତ୍ୱରେ ନୂଆଖାଇ ଭେଟଘାଟ୍ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ଏଡିଏମ୍ ଅରୁଣ ସୁନାର, ପ୍ରମୋଦ ମହାପାତ୍ର, ଅଶୋକ ଠାକୁରଙ୍କ ସମେତ ୨୧ ପଞ୍ଚାୟତର ଦୁଇଶହରୁ ଅଧିକ ଡ୍ରାଇଭର ଉପସ୍ଥିତ ରହି ଆଲୋଚନା କରିଥିଲେ। ସମସ୍ତେ ଏକାଠି ହୋଇ ନୂଆଖାଇ ଭେଟଘାଟ ଆନନ୍ଦ ଉଲ୍ଲାସରେ ପାଳନ କରିଥିଲେ। କେନାଡିପା ପଞ୍ଚାୟତ ସଭାପତି ସୁବାସ ଧୁରୁଆ, ଉପସଭାପତି ନରେନ୍ଦ୍ର ସାହୁ, ସମ୍ପାଦକ ସଞ୍ଜୀବ ରାଉତ, ମହଦା ପଞ୍ଚାୟତ ସଭାପତି ମଣ୍ଟୁ ସାହୁ, କଟଙ୍ଗପାଣି ପଞ୍ଚାୟତ ସଭାପତି କାଳିଆ ଖାଲୋକୋ ପ୍ରମୁଖ ଉପସ୍ଥିତ ଥିଲେ।

### ଚିକିତ୍ସାଧୀନ ବୃଦ୍ଧଙ୍କ ମୃତ୍ୟୁ

ବ୍ରଜରାଜନଗର,୬।୯(ଡି.ଏନ.ଏ.): ବ୍ରଜରାଜନଗର କେନ୍ଦ୍ରୀୟ ଚିକିତ୍ସାଳୟରେ ମଙ୍ଗଳବାର ଜଣେ ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କ ବୟସ ୭୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କ ପରିଚୟ ମିଳିନାହିଁ। ଦୁଇ ଜଣ ଯୁବକ ତାଙ୍କୁ ଅସୁସ୍ଥ ଅବସ୍ଥାରେ ଆଣି କେନ୍ଦ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମେଡିକାଲ ପକ୍ଷରୁ ଚିକିତ୍ସା କରାଯାଇଥିଲେ ମଧ ତାଙ୍କର ମୃତ୍ୟୁ ଘଟିଥିଲା। ଶବାଗାରରେ ମୃତଦେହ ରଖି ପରିଚୟ ପାଇଁ ସ୍ଥାନୀୟ ଓରିଏଣ୍ଟ ଥାନାରେ ମେଡିକାଲ ପକ୍ଷରୁ ଅଭିଯୋଗ କରାଯାଇଛି।

### ଜନ ଆରୋଗ୍ୟ ସମିତି ବୈଠକ

ଜମନକିରା,୬।୯(ଡି.ଏନ.ଏ.): ଜମନକିରା ବ୍ଲକ ଅନ୍ତର୍ଗତ କେନାଡିପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଆରୋଗ୍ୟ ସମିତିର ପ୍ରଥମ ବୈଠକ ଜମନକିରା ଜୋନ ୨ର ଜିଲା ପରିଷଦ ସଭ୍ୟା ତନ୍ମୟା ଧୁରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ଜିଲା ପରିଷଦ ନୋମିନି ରାଜ କିଶୋର ବେହେରା, ଅତୁଲ୍ୟ ପଟେଲ, ସରପଞ୍ଚ କଲ୍ୟାଣୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଜୟ ରଞ୍ଜନ ଦ୍ୱିବେଦୀ, ରଞ୍ଜିତା ବେହେରା, ସ୍ୱସ୍ତିକା ପଟେଲ, ଆନନ୍ଦ ପଟେଲ, ଶିକ୍ଷୟିତ୍ରୀ ମଧୁମିତା ନାୟକ ଉପସ୍ଥିତ ଥିଲେ। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଅତିଥିମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସପକ୍ଷବାଦୀ-ବିପକ୍ଷବାଦୀ ଛକାପଞ୍ଝା

**ଦ୍ୱନ୍ଦ୍ୱରେ ସମ୍ବଲପୁର ବନ୍ଦ ପାଳନ**

- ୭ରେ କୋଶଳ ମୁକ୍ତିମୋର୍ଚ୍ଚା ଦେଇଛି ବନ୍ଦ ଡାକରା
- ବଳ ପ୍ରୟୋଗ କଲେ କାର୍ଯ୍ୟାନୁଷ୍ଠାନ: ଏସ୍‌ପି



ସମ୍ବଲପୁର ବନ୍ଦ ପାଳନକୁ ବିରୋଧ କରି ବ୍ୟାନର ଲଗାଯାଇଛି।

ସମ୍ବଲପୁର,୬।୯(ବ୍ୟୁରୋ)

ସମ୍ବଲପୁର ଜିଲାରେ ବନ୍ଦ ପାଳନକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କୋଶଳ ରାଜ୍ୟ ଗଠନ ଦାବିରେ କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ସେପ୍ଟେମ୍ବର ୭ରେ ଦିଆଯାଇଥିବା ମହାବନ୍ଦ ଡାକରାକୁ ବିରୋଧ କରାଯାଇଛି। ସହରର ମୁଖ୍ୟ ସ୍ଥାନରେ ସବୁ ଖୋଲା ବୋଲି ଲେଖାଯାଇଥିବା ବ୍ୟାନର ଲଗାଯାଇଛି। ଅନ୍ୟପଟେ ବନ୍ଦ ପାଳନକୁ ସମର୍ଥନ କରୁଥିବା ଅନୁଷ୍ଠାନ ମଧ ବନ୍ଦ ପାଳନ ସଫଳ ହେବା ନେଇ ରଣନୀତି କରୁଛି। ଏହାକୁ ନେଇ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହି ଉତ୍ତେଜନା ପ୍ରକାଶ ପାଇଛି। ଉଭୟ ଗୋଷ୍ଠୀ ବିଭିନ୍ନ ଅନୁଷ୍ଠାନ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନକୁ ଭେଟି ସମର୍ଥନ ଜୁଟାଇବାରେ ଲାଗିଛନ୍ତି। ଜିଲା ଓକିଲ ସଂଘ ମଧ ବନ୍ଦକୁ ସମର୍ଥନ କିମ୍ବା ବିରୋଧ କରିବ ନାହିଁ। କୋର୍ଟକୁ ସାଧାରଣ ଲୋକ ଆସିବାରେ ସମସ୍ୟା ହେବା କାରଣରୁ ସଂଘ କର୍ମକର୍ତ୍ତା ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ବନ୍ଦ ପାଳନକୁ ବିରୋଧ କରୁଥିବା ହୀରାଖଣ୍ଡ ସାମ୍ମୁଖ୍ୟ ଓ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ଆହ୍ୱାନକ୍ରମେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ସାମିଲ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠାନର ସଦସ୍ୟମାନେ ଜିଲା ଓକିଲ ସଂଘ, ଏସ୍‌ପି, ଜିଲାପାଳ ତଥା ଅନ୍ୟ କେନ୍ଦ୍ର ଓ ରାଜ୍ୟ ସରକାରୀ ବେସରକାରୀ, ବ୍ୟବସାୟୀ ସଂଘ, ଶିକ୍ଷାନୁଷ୍ଠାନକୁ ଯାଇ ସବୁ ଖୋଲା ରଖିବାକୁ ପିକେଟିଂ କରିଛନ୍ତି। ସବୁଠାରେ ଖୋଲା ରଖିବାକୁ ବ୍ୟାନର ଲଗାଇ ସଚେତନ କରୁଛନ୍ତି। ଆମର ଭାଷା ସମ୍ବଲପୁରୀ, ଆମର ରାଏଜ ହୀରାଖଣ୍ଡ ବୋଲି ସ୍ଲୋଗାନ୍ ଦେଇଛନ୍ତି। ଏଥିରେ ସାଲିସ କରାଯିବ ନାହିଁ ବୋଲି କହିଥିଲେ। ଅନ୍ୟପଟେ କୋଶଳ ମୁକ୍ତି ମୋର୍ଚ୍ଚା ସପକ୍ଷବାଦୀ ମଧ ଜିଲା ଓକିଲ ସଂଘ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଫିସକୁ ଯାଇ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ବନ୍ଦ ପାଳନ କରିବା ଆଇନସମ୍ମତ ନୁହେଁ। ଯେଉଁମାନେ ବନ୍ଦ କରିବାକୁ ଚାହିଁବେ କରିପାରିବେ। ହେଲେ ବନ୍ଦ ପାଇଁ କାହା ଉପରେ ବଳ ପ୍ରୟୋଗ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୁରକ୍ଷା ଓ ଆଇନଶୃଙ୍ଖଳା ଦୃଷ୍ଟିରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ।

### ଶ୍ରୀମଦ ଭାଗବତ ଜ୍ଞାନ ମହୋତ୍ସବ



ସମ୍ବଲପୁର,୬।୯(ବ୍ୟୁରୋ)

ଶ୍ରୀମଦ୍ ଭାଗବତ ଜ୍ଞାନ ମହୋତ୍ସବ ସମ୍ବଲପୁର ମହାନଗର ମ ଅନ୍ତର୍ଗତ କ୍ଷେତରାଜପୁର ଅଗ୍ରସେନ ଭବନଠାରେ ଉଦ୍‌ଯାପିତ ହୋଇଯାଇଛି। ମହନ୍ତ ଚିନ୍ମୟ ଦାସ ମହାରାଜ ଯୋଗଦେଇ ଭାଗବତ ଜ୍ଞାନ ପ୍ରଦାନ କରିଥିଲେ। ମଧୁସୂଦନ କେଡିଆ, ଆନନ୍ଦ କେଡିଆ, କମଲ କେଡିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ରାଉରକେଲା, ବଲାଙ୍ଗୀର, ରାୟପୁର ଅଞ୍ଚଳରୁ ଭକ୍ତମାନେ ସାମିଲ ହୋଇଥିଲେ।

### ଏଇତ ଜୀବନ ଭି ଫାଉଣ୍ଡେଶନ ପକ୍ଷରୁ ଗୁରୁଦିବସ

ଝାରସୁଗୁଡ଼ା ଅଫିସ,୬।୯

ଏଇତ ଜୀବନ ଭି ଫାଉଣ୍ଡେଶନ ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜେଏସଡବ୍ଲ୍ୟୁ ଉପସଭାପତି ଡିକେ ସିହ୍ନା ମୁଖ୍ୟଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଦୀପ୍ତ ସା ମୁଖ୍ୟବକ୍ତା ଓ ୨ୟ ବାଟାଲିୟନର କମାଣ୍ଡାଣ୍ଟ ଆଶିଷ କୁମାର ଦୁବେ, ଶିକ୍ଷାବିତ୍ ଟହଲୁ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ତର୍ଯାମୀ ପାଣିଗ୍ରାହୀ, ଅଞ୍ଜଳିପ୍ରଭା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଆୟୋଜକ ସଂଗଠନର ମୁଖ୍ୟ ମାନସୀ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଏସ ପଣ୍ଡା ବିବରଣୀ ପାଠ କରିଥିଲେ। ପବିତ୍ର ସ୍ୱାଇଁ, ଗଙ୍ଗାଧର ମେହେର, ବ୍ରଜ ରୟ, ପଙ୍କଜିନୀ ପାଣିଗ୍ରାହୀ, ପୁନମ ପଟେଲ, ମଞ୍ଜୁଳା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଭୋଟର ସଚେତନତା ରଥ ଶୁଭାରମ୍ଭ

ଝାରସୁଗୁଡ଼ା ଅଫିସ, ୬।୯

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜିଲାପାଳ ସରୋଜ କୁମାର ସାମଲ ପତାକା ଦେଖାଇ ଭୋଟର ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ରୂପାନ୍ତରିତ ପଞ୍ଜୀକରଣ ଫର୍ମ ୨୦୨୨ ଅଗଷ୍ଟ ୧ରୁ କାର୍ଯ୍ୟକାରୀ କରାଯାଇଛି। ସଂଶୋଧିତ ପଞ୍ଜୀକରଣ ଫର୍ମ ଅନୁସାରେ ଏଣିକି ଫର୍ମ ନଂ.୬ରେ କେବଳ ନୂତନ ଭୋଟରଙ୍କ ପଞ୍ଜୀକରଣ କରାଯିବ। ପୂର୍ବରୁ ଫର୍ମ ନଂ ୬(କ) ଅନୁସାରେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ନିମନ୍ତେ ପ୍ରବାସୀ ଭାରତୀୟ ଭୋଟରଙ୍କ ଦ୍ୱାରା ଦରଖାସ୍ତ କରାଯାଉଥିଲା। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଆଧାର ବିବରଣୀ ଦାଖଲ ନିମନ୍ତେ ଏକ ନୂତନ ଫର୍ମ ୬(ଖ) ପ୍ରଚଳନ କରାଯାଇଛି। ନିୟମ ଅନୁସାରେ ଏଣିକି ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ୪ଗୋଟି ଯୋଗ୍ୟତାସୂଚକ ତାରିଖ ରଖାଯାଇଛି। ତାହା ହେଲା ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ତାରିଖ। ଏହି ନିୟମାବଳୀ ସମ୍ପର୍କରେ ସମସ୍ତେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବା ସକାଶେ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପଜିଲାପାଳ ଦୟାମୟ ପାଢୀ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ସହକାରୀ ଜିଲାପାଳ ଦୁଷ୍ମନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ପତାକା ଦେଖାଇ ରଥର ଶୁଭାରମ୍ଭ କରୁଛନ୍ତି।

## ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

**କଲେଜ ଅଧ୍ୟକ୍ଷଙ୍କ ବଦଳି ପ୍ରସଙ୍ଗ**

କୁଚିଣ୍ଡା,୬।୯(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅର୍ଡାବାହାଲଠାରେ ସରକାରଙ୍କ ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ ପକ୍ଷରୁ ପରିଚାଳିତ ଯୁକ୍ତଦୁଇ ବିଜ୍ଞାନ କଲେଜ ଅଧ୍ୟକ୍ଷ ରଞ୍ଜନ କୁମାର ନାୟକଙ୍କ ବଦଳି ଦାବିରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ଶତାଧିକ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର କଲେଜ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ଅପରାହ୍ନ ୧ଟା ୩୦ମିନିଟରେ ସହକାରୀ ଜିଲାପାଳ ଲୋଚନ ଶବର, ଏଡିଡବ୍ଲ୍ୟୁଓ ଜଗଦୀଶ ଚନ୍ଦ୍ର ମେହେର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାଜକିଶୋର ମିଶ୍ର, ମହୁଲପାଲି ଆଇଆଇସି ସୁଶାନ୍ତ ଦାଶ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଅଧ୍ୟକ୍ଷଙ୍କ ବଦଳି ପାଇଁ ଜିଲାପାଳ ସରକାରଙ୍କୁ ଚିଠି କରିଥିବା ବେଳେ ଛାତ୍ରୀମାନଙ୍କ ଅଭିଯୋଗ ଉପରେ ଖୁବ୍‌ଶୀଘ୍ର ଏକ କମିଟି କଲେଜକୁ ଆସି ତଦନ୍ତ କରିବାର ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୨ଟାରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରିଥିଲେ। ସୂଚନାଯୋଗ୍ୟ ସୋମବାର କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋୟଲ ଅର୍ଡାବାହାଲ ଗ୍ରାମବାସୀ, ଅଭିଭାବକ ଓ ଏସ୍‌ଏମ୍‌ସି ଚେୟାରମ୍ୟାନଙ୍କ ସହ ଆଲୋଚନା କରି ଆନ୍ଦୋଳନରୁ ବିରତ ରହିବାକୁ ଅନୁରୋଧ କରିଥିଲେ। ହେଲେ ଦୀର୍ଘଦିନରୁ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ର ପ୍ରତିକ୍ରିୟାଶୀଳ ହୋଇ ଆନ୍ଦୋଳନକୁ ଓହ୍ଲାଇଥିଲେ।


ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି ଅଧିକାରୀ।

## ୧୨ରେ ରାସ୍ତାରୋକୋ ଚେତାବନୀ

**ପ୍ରଧାନମନ୍ତ୍ରୀ ଫସଲ ବୀମାରୁ ବଞ୍ଚିତ ଚାଷୀ**

ଜମନକିରା,୬।୯(ଡି.ଏନ.ଏ.)

ପ୍ରଶାସନର ପ୍ରତିଶ୍ରୁତି ପରେ ମଧ ଜମନକିରା ବ୍ଲକର ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପାଇପାରି ନାହାନ୍ତି। ଏହାକୁ ନେଇ ଅଗଷ୍ଟ ୩ରେ ବ୍ଲକ କୃଷକ ସଂଗଠନ ସଭାଗୃହରେ କୁଚିଣ୍ଡା ଉପଖଣ୍ଡସ୍ତରୀୟ ଚାଷୀମାନଙ୍କ ଏକ ସଭା କରାଯାଇ ଅଗଷ୍ଟ ୧୦ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ସେ ସମୟରେ ପ୍ରଶାସନର ଅନୁରୋଧକୁ ଗ୍ରହଣ କରି ଅଗଷ୍ଟ ୨୦ ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। କିନ୍ତୁ ପ୍ରଶାସନ ଓ ବୀମା କମ୍ପାନୀ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିଲେ। ଫଳରେ କୃଷକ ସଂଗଠନ କର୍ମକର୍ତ୍ତା ଅଗଷ୍ଟ ୨୩ରେ ରାଜରାସ୍ତା ଅବରୋଧ କରିଥିଲେ। କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋୟଲଙ୍କ ଉପସ୍ଥିତିରେ ତ୍ରିପାକ୍ଷିକ ବୈଠକ ହୋଇ ବୀମା କମ୍ପାନୀ ଅଗଷ୍ଟ ୩୧ ମଧ୍ୟରେ ଚାଷୀଙ୍କ ଦାବି ପୂରଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲା। ହେଲେ ବୀମା କମ୍ପାନୀ ପ୍ରତିଶ୍ରୁତି ରକ୍ଷା କରି ନ ଥିବାରୁ ଚାଷୀମାନେ ଆସନ୍ତା ୧୨ତାରିଖରେ ରାସ୍ତାରୋକୋ କରିବାକୁ ଚେତାବନୀ ଦେଇଛନ୍ତି। ସୋମବାର ଜମନକିରା କଦଳୀମୁଣ୍ଡା ନାମଯଜ୍ଞ ମଣ୍ଡପରେ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର ଚୌଧୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

## ଉପଖଣ୍ଡର ୪୫ ଛାତ୍ରୀଛାତ୍ରଙ୍କୁ ପ୍ରତିଭା ସମ୍ମାନ



ସମାରୋହରେ ଅତିଥିଙ୍କ ସହ ସମ୍ମାନିତ ଛାତ୍ରୀଛାତ୍ର।

କୁଚିଣ୍ଡା,୬।୯(ଡି.ଏନ.ଏ.)

କୁଚିଣ୍ଡା ସରକାରୀ ହାଇସ୍କୁଲରେ ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ରବିବାର ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା, ଜମନକିରା ଓ ବାମରା ବ୍ଲକର ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୪୫ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ଆୟୋଜିତ ସଭାରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସୁରେଶ କୁମାର ପ୍ରଧାନ ମୁଖ୍ୟଅତିଥି, ଡା. ସତ୍ୟ ପ୍ରକାଶ ଦୋରା ମୁଖ୍ୟବକ୍ତା, ଚଳଚ୍ଚିତ୍ର ନିର୍ଦ୍ଦେଶକ ଡ. ଦିଲୀପ ପାଣି, ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ଶାନ୍ତନୁ ସାହୁ, ଶିକ୍ଷାବିତ ପର୍ଶୁରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ପୂର୍ବତନ କଲେଜ ଅଧ୍ୟକ୍ଷ ତଥା ଅଭିଯାନର ଉପଦେଷ୍ଟା ସ୍ୱର୍ଗତ ଅଶୋକ ନାୟକଙ୍କ ଉଦ୍ଦେଶ୍ୟରେ ତାଙ୍କ ପରିବାର ସଦସ୍ୟଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପ୍ରଦାନ ପୂର୍ବକ ମରଣୋତ୍ତର ସମ୍ମାନ ଦିଆଯାଇଥିଲା। ସେହିପରି କୁଚିଣ୍ଡା କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ଅଭିଯାନର ଅନ୍ୟତମ ଉପଦେଷ୍ଟା ମେଜର ଡ. ବସନ୍ତ ପଟେଲଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ପ୍ରତି ବ୍ଲକର ଶ୍ରେଷ୍ଠ ଦଶଜଣ ଲେଖାଏ ଏବଂ ଇଂରାଜୀ ମିଡିୟମ ସ୍କୁଲର ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପ୍ରତିଭା ସମ୍ମାନ ଦିଆଯାଇଥିଲା। ସେହିପରି ଉପଖଣ୍ଡରେ ଯୁକ୍ତ ଦୁଇ କଳା, ବାଣିଜ୍ୟ ଓ ବିଜ୍ଞାନରେ ଶ୍ରେଷ୍ଠ ତିନିଜଣ ଲେଖାଏ ଏବଂ କୁଚିଣ୍ଡା ବାହାରେ ପଢୁଥିବା ମୋଟ ୧୨ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷପତି ନନ୍ଦ ସ୍ୱାଗତ ବକ୍ତବ୍ୟ ଓ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସତ୍ୟନାରାୟଣ ପଟେଲ, ଶିକ୍ଷକ ପ୍ରମୋଦ ଚୌଧୁରୀ ପରିଚାଳନା କରିଥିଲେ।

### ଗେଙ୍ଗୁଟିପାଲି, ପ୍ରତିଭା ଫୋରସି ଦଳ ବିଜୟୀ

**ଜିଲାସ୍ତରୀୟ ଫୁଟବଲ**

ସମ୍ବଲପୁର,୬।୯(ବ୍ୟୁରୋ)

ଜିଲା କ୍ରୀଡ଼ା ସଂଘ ଆୟୋଜିତ ଜିଲାସ୍ତରୀୟ ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ମ୍ୟାଚରେ ଗେଙ୍ଗୁଟିପାଲି ଓ ପ୍ରତିଭା ଫୋରସି ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ମ୍ୟାଚ ସିଂହପାଲି ପଡ଼ିଆଠାରେ ଗେଙ୍ଗୁଟିପାଲି ବନାମ ସିଂହପାଲି ମଧ୍ୟରେ ହୋଇଥିଲା। ଏଥିରେ ଗେଙ୍ଗୁଟିପାଲି ୩-୧ ଗୋଲରେ ବିଜୟୀ ହୋଇଥିଲା। ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନିଲ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସୁରେଶ ଓରାମ, ଯୋଗେଶ ଓରାମ, ରାଜାରାମ ଓରାମ, ମନୋଜ ଭୋଇ, ମଥୁରା ଓରାମ ମ୍ୟାଚ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ବାର୍ଡ କ୍ଲବ ବନାମ ପ୍ରତିଭା ଫୋରସି ମଧ୍ୟରେ ହୋଇଥିଲା। ପ୍ରତିଭା ଫୋରସି ୨-୦ ଗୋଲରେ ବିଜୟୀ ହୋଇଥିଲା। ଲିଙ୍ଗରାଜ ପ୍ରଧାନ, ବିଜୟ ଓରାମ, ପରେଶ ଭୋଇ ମ୍ୟାଚ ପରିଚାଳନା କରିଥିଲେ। ଉମାପତି ତ୍ରିପାଠୀ ଓ ରତିକାନ୍ତ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ନୂଆଡିହି ବିଜୟୀ


ଅତିଥିଙ୍କ ସହ ଖେଳାଳିମାନେ।

ଜମନକିରା,୬।୯(ଡି.ଏନ.ଏ.)

ଜମନକିରା ବ୍ଲକ ବଡ଼ମାଳ ପଞ୍ଚାୟତ ସୁଦବଲଣ୍ଡା ଗ୍ରାମ ଖେଳପଡ଼ିଆରେ ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବିଧାୟକ ରବିନାରାୟଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅସ୍ମିତା ଭୋଇ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ତଥା ବର୍ତ୍ତମାନର ସମିତି ସଭ୍ୟା ଜେମାଦେଇ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସୁନ୍ଦରଗଡ଼ ରଜାବସା ଓ ଲୁଧର ନୂଆଡିହି ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ନୂଆଡିହି ଦଳ ୧-୦ରେ ବିଜୟୀ ହୋଇ ପୁରସ୍କୃତ ହୋଇଥିଲା। ପିଇଟି ରାଜୀବ ନାଏକ ଓ ତାଙ୍କ ସହଯୋଗୀ ଖେଳ ପରିଚାଳନା କରିଥିଲେ।

## ଗଣପତି ମେଟାଲିକ୍ସରେ ଆୟକର ବିଭାଗର ଚଢ଼ାଉ

ରେଙ୍ଗାଲି,୬।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବୋମାଲୋଇସ୍ଥିତ ଆର୍ଯ୍ୟନ ଇସ୍ପାତର ଠିକାସଂସ୍ଥା ଗଣପତି ମେଟାଲିକ୍ସ ଉପରେ ମଙ୍ଗଳବାର ଆୟକର ବିଭାଗ ପକ୍ଷରୁ ଚଢ଼ାଉ ହେଇଛି। ସୂଚନାଯୋଗ୍ୟ ଆର୍ଯ୍ୟନ ଇସ୍ପାତରେ ପ୍ରଡକ୍ସନ ଓ ମେଣ୍ଟେନାନ୍ସ କାମ ଗଣପତି ମେଟାଲିକ୍ସ ଠିକା ନେଇଛି। ଏହି ଠିକାସଂସ୍ଥାର ୩ଟି ସ୍ଥାନରେ ଏକସଙ୍ଗେ ଆୟକର ବିଭାଗ ଚଢ଼ାଉ କରିଛି। ସକାଳ ୫ଟାରୁ ଏହି ଚଢ଼ାଉ ହୋଇଥିଲା। ଚଢ଼ାଉରେ ଆୟକର ବିଭାଗର ୧୧ଜଣିଆ ଦଳ ସାମିଲ ହୋଇଥିଲେ। ଚଢ଼ାଉ ସମୟରେ ଠିକାସଂସ୍ଥା କର୍ମଚାରୀଙ୍କ ମୋବାଇଲ ଫୋନ ନେଇଯାଇଥିବା ଜଣାପଡିଛି। କେଉଁ କାରଣ ପାଇଁ ଚଢ଼ାଉ ହୋଇଛି ତାହା ଜଣାପଡିନାହିଁ।


ଗଣପତି ମେଟାଲିକ୍ସ ଉପରେ ଆୟକର ବିଭାଗ ଚଢ଼ାଉ କରୁଛି।

**ଅଗଷ୍ଟରେ ୧୧୯.୩୨ ନିୟୁତ ଟନ୍ ମାଲ ପରିବହନ**

**ନୂଆଦିଲ୍ଲୀ:** ଚଳିତ ବର୍ଷ ଅଗଷ୍ଟ ଶେଷ ସୁଦ୍ଧା ଭାରତୀୟ ରେଳପଥରେ ୧୧୯.୩୨ ନିୟୁତ ଟନ୍ ମାଲ ପରିବହନ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତୀୟ ରେଳପଥ ମାଲ ବୋଝେଇ ବୃଦ୍ଧିରେ କୋଇଲା ୯.୨ ନିୟୁତ ଟନ ରହିଥିବା ବେଳେ ତା' ପଛକୁ ୦.୭୧ ନିୟୁତ ଟନ୍ ସାର, ୦. ୬୮ ନିୟୁତ ଟନ୍ ବଳକା ସାମଗ୍ରୀ ଓ ୦.୬୨ ଟନ କଣ୍ଟେନର ଆଦି ଅନ୍ତର୍ଭୁକ୍ତ ରହିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ଯାନବାହନ ବୋଝେଇ ମାଲ ପରିବହନ ବ୍ୟବସାୟର ଆଉ ଏକ ସଫଳତା ବୋଲି ଜଣାପଡ଼ିଛି।

# ଅସ୍ଥିରତା ମଧ୍ୟରେ ଭଲ ପ୍ରଦର୍ଶନ କରୁଛି ଟଙ୍କା: ଶକ୍ତିକାନ୍ତ

**ନୂଆଦିଲ୍ଲୀ,୬।୯**


ଶକ୍ତିକାନ୍ତ ଦାସ

**ଅନ୍ୟ ଦେଶ ତୁଳନାରେ ଭାରତୀୟ ମୁଦ୍ରାର ସ୍ଥିତି ଭଲ ରହିଛି**

**ସାରା ବିଶ୍ୱର ମୁଦ୍ରା ମୂଲ୍ୟ ଅସ୍ଥିର**

ଗତ କିଛି ମାସ ହେବ ସାରା ବିଶ୍ୱରେ ମାନ୍ଦାବସ୍ଥା ଜାରି ରହିଛି। ଏପରିକି ମୁଦ୍ରା ବିନିମୟ ବଜାରରେ ଘୋର ଅସ୍ଥିରତା ସତ୍ତ୍ୱେ ମଧ୍ୟ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ପ୍ରଦର୍ଶନ ଭଲ ରହିଛି। ସେହିଭଳି ଅନ୍ୟ ଦେଶଗୁଡ଼ିକର ମୁଦ୍ରା ଦୁର୍ବଳ ପ୍ରଦର୍ଶନ କରୁଥିବା ବେଳେ ଭାରତୀୟ ଟଙ୍କାର ମୂଲ୍ୟରେ ସୁଧାର ସାଙ୍ଗକୁ ପୂର୍ବ ସ୍ଥିତିର କାରବାର ବଜାୟ ରଖିପାରିଛି। ସେହିପରି ମୁଦ୍ରାବଜାରରେ ଲାଗି ରହିଥିବା ଅସ୍ଥିରତାକୁ ରୋକିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମଧ୍ୟ ଆବଶ୍ୟକ ପଦକ୍ଷେପ ସାଙ୍ଗକୁ କାରବାର ସମୟରେ ହସ୍ତକ୍ଷେପ କରୁଛନ୍ତି। ଫଳରେ ଦେଶରେ ଥିବା ୫୬,୧୦୦ କୋଟି ଡଲାରର ଗଚ୍ଛିତ ବୈଦେଶିକ ମୁଦ୍ରାଭଣ୍ଡାର ଦୈନିକ ହ୍ରାସର ମୁକାବିଲା କରିବାରେ ସହାୟକ ହେଉଛି ବୋଲି ଆର୍‌ବିଆଇର ଗଭର୍ନର ଶକ୍ତିକାନ୍ତ ଦାସ ଏଭଳି ମତବ୍ୟକ୍ତ କରିଛନ୍ତି। ନିକଟରେ ଜାତୀୟସ୍ତରର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଦାସ କହିଛନ୍ତି,ବିଶ୍ୱର ବହୁ ଦେଶ ମାନ୍ଦାବସ୍ଥା କିମ୍ବା ଅଭିବୃଦ୍ଧିରେ ହ୍ରାସ ଭଳି ସ୍ଥିତିର ମୁକାବିଲା କରୁଥିବା ବେଳେ ଭାରତ ଦ୍ରୁତଗତିରେ ଆଗକୁ ବଢୁଛି। ଆସନ୍ତା ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୁଦ୍ରାସ୍ଫୀତି ହାର ନିୟନ୍ତ୍ରଣ ମଧ୍ୟକୁ ଆସିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସୋଭରେନ୍ ଗ୍ରୀନ୍ ବଣ୍ଡ ଜାରି କରିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ସରକାର ମିଳିତ ଭାବେ କାମ କରୁଛନ୍ତି ବୋଲି ସେ କହିଛନ୍ତି। ଅପରପକ୍ଷରେ ଆମେରିକାର ଫେଡେରାଲ ରିଜର୍ଭ ଅଧ୍ୟକ୍ଷ ଜେରୋମି ପାୱେଲ ଜ୍ୟାକ୍‌ସନ୍ ହୋଲ୍ ସିମ୍ପୋଜିୟମ୍-୨୦୨୨କୁ ସମ୍ବୋଧିତ କରିବା ପରେ ଷ୍ଟକ୍ ବଜାର କାରବାର ଅସ୍ଥିର ଓ ଅନିଶ୍ଚିତ ରହିଛି। ଆଜି ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଦୁର୍ବଳ ହୋଇ ୭୯.୮୦ ଟଙ୍କା ହୋଇଯାଇଥିଲା। ଏଭଳି ସ୍ଥିତିରେ ଆର୍‌ବିଆଇର ହସ୍ତକ୍ଷେପ ପରେ ସେଥିରେ ମଧ୍ୟ ସୁଧାର ଘଟିଥିଲା। ପରିଶେଷରେ ବଜାର ବନ୍ଦ ହେବା ବେଳକୁ ଟଙ୍କାର ମୂଲ୍ୟ ୭୯. ୮୪ ଟଙ୍କାରେ ରହିଥିଲା। ଭାରତୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ବେଶ୍ ଦୃଢ ଭାବେ ବର୍ଣ୍ଣନା କରି ଶକ୍ତିକାନ୍ତ କହିଛନ୍ତି , ଦେଶ ବାହାରେ ଘଟୁଥିବା ଘଟଣାଗୁଡ଼ିକର ପ୍ରଭାବ ମୁକାବିଲା କରିବା ଲାଗି ବ୍ୟାଙ୍କଗୁଡ଼ିକ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।

# ୮% ବୃଦ୍ଧି ପାଇଛି ବିଦେଶୀ ଋଣ

**ନୂଆଦିଲ୍ଲୀ,୬।୯**

ଗତ ଆର୍ଥିକ ବର୍ଷରେ ଭାରତର ବିଦେଶୀ ଋଣ ହାର ପୂର୍ବ ବର୍ଷ ତୁଳନାରେ ଅନେକ ମାତ୍ରାରେ ବୃଦ୍ଧି ପାଇଛି। ଏପରିକି ସରକାରଙ୍କ ପକ୍ଷରୁ ଜାରି ପରିସଂଖ୍ୟାନ ଅନୁସାରେ ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ଭାରତର ବିଦେଶୀ ଋଣ ୬୨୦.୭ ବିଲିୟନ ଡଲାର ରହିଛି। ଏହା ୨୦୨୧ ମାର୍ଚ୍ଚ ଶେଷରେ ଥିବା ଋଣଠାରୁ ୮.୨% ଅଧିକ ବୋଲି କୁହାଯାଉଛି। ସେହିଭଳି ୨୦୨୧ ମାର୍ଚ୍ଚ ଶେଷ ସୁଦ୍ଧା ଦେଶର ବିଦେଶୀ ଋଣ ୫୭୩.୭ ବିଲିୟନ ଡଲାର ରହିଥିଲା। ୨୦୨୨ ମାର୍ଚ୍ଚ ଶେଷରେ ଦେଶର ଋଣ ଜିଡିପି ଅନୁପାତରେ ୧୯.୯% ହୋଇଛି। ଗୋଟିଏ ବର୍ଷ ପୂର୍ବେ ଏହା ୨୧.୨% ଥିଲା। ସେହିପରି ବିଦେଶୀ ଋଣର ଅନୁପାତରେ ବିଦେଶୀ ମୁଦ୍ରା ଭଣ୍ଡାର ହ୍ରାସହୋଇ ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ୯୭.୮% ହୋଇଥିଲା।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଦ୍ୱାରା ଡୁଏଲ୍ ସିଷ୍ଟମ ଟ୍ରେନିଂ




**ଭୁବନେଶ୍ୱର,୬।୯**

ଆର୍ସେଲର ମିତ୍ତଲ-ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ) ଏହାର ଦକ୍ଷତା ଉନ୍ନୟନ କାର୍ଯକ୍ରମ ଅଧୀନରେ ଏକ ସିଏସ୍‌ଆର୍ ପଦକ୍ଷେପକୁ ତ୍ୱରାନ୍ୱିତ କରିବାକୁ ଯାଇ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ, କୋଇଡା ସହ ବୁଝାମଣାପତ୍ର ତଥା ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଷ୍ଟୋନ୍ ପ୍ରୋସେସିଂ ମେଶିନ ଅପରେଟରମାନଙ୍କ ପାଇଁ ଡୁଏଲ୍ ସିଷ୍ଟମ ତାଲିମ ଦେବା ପାଇଁ ଏହି ଏମ୍‌ଓୟୁ ସ୍ୱାକ୍ଷର କରାଯାଇଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଏହି ପଦକ୍ଷେପ ମାଧ୍ୟମରେ ଭିତ୍ତିଭୂମିର ନବୀକରଣ,ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ଶିଳ୍ପ ଏକ୍ସପୋଜର ସୁଯୋଗ ପ୍ରଦାନ, ଶିଳ୍ପ ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବା ପାଇଁ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ(ଆଇଟିଆଇ)ରେ ଶିଳ୍ପ ଆଧାରିତ ଆଡ୍-ଅନ୍ ପାଠ୍ୟକ୍ରମ ପ୍ରଦାନ ସହିତ ପ୍ରଶିକ୍ଷଣରେ ଗୁଣାତ୍ମକ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ବିକାଶ ଯାଦଭେନ୍ଦୁ କହିଛନ୍ତି, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଏକ ଦାୟିତ୍ୱବାନ କର୍ପୋରେଟ ଏବଂ ସରକାରୀ ଆଇଟିଆଇ କୋଇଡା ସହ ଜଡ଼ିତ ହୋଇ ଆମେ ବହୁତ ଖୁସି। ସକ୍ରିୟ ସହଯୋଗ ମାଧ୍ୟମରେ ଆମେ ଏହି ଅଞ୍ଚଳରେ ଖଣି ଓ ଧାତୁ ଶିଳ୍ପ ପାଇଁ ଆବଶ୍ୟକ ମାନବ ଶକ୍ତି ସୃଷ୍ଟି କରିବାରେ ସାହାଯ୍ୟ କରିବୁ।

# କ୍ୟାଶ୍‌ବ୍ୟାକ୍ ଏସ୍‌ବିଆଇ କାର୍ଡର ଶୁଭାରମ୍ଭ

**ନୂଆଦିଲ୍ଲୀ,୬।୯**

ଦେଶର ପ୍ରମୁଖ ପିଓର-ପ୍ଲେ କ୍ରେଡିଟ୍ କାର୍ଡ ଜାରିକର୍ତ୍ତା ଏସ୍‌ବିଆଇ କାର୍ଡ ପକ୍ଷରୁ ନିକଟରେ 'କ୍ୟାଶ୍‌ବ୍ୟାକ୍ ଏସ୍‌ବିଆଇ କାର୍ଡ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। କ୍ୟାଶ୍‌ବ୍ୟାକ୍ ଏସ୍‌ବିଆଇ କାର୍ଡ ହେଉଛି ଉଦ୍ୟୋଗର ପ୍ରଥମ କ୍ୟାଶ୍‌ବ୍ୟାକ୍ ଉପରେ ଧ୍ୟାନ ଆକର୍ଷଣ କରୁଥିବା କ୍ରେଡିଟ୍ କାର୍ଡ, ଯାହା ସହାୟତାରେ କାର୍ଡଧାରୀମାନେ ସେମାନଙ୍କର ସମସ୍ତ ପ୍ରକାର ଅନ୍‌ଲାଇନ ଖର୍ଚ୍ଚରେ ୫% କ୍ୟାଶ୍‌ବ୍ୟାକ୍ ସୁବିଧା ପାଇପାରିବେ ଓ ଏଥିରେ କୌଣସି ପ୍ରକାର ବାଣିଜ୍ୟିକ ପ୍ରତିବନ୍ଧକ ରହିବ ନାହିଁ। ଏହା ସମସ୍ତ ବର୍ଗର ଗ୍ରାହକଙ୍କୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ମାସଠାରୁ ଆରମ୍ଭକରି ପ୍ରିମିୟମ ପର୍ଯ୍ୟନ୍ତ ଏହି କାର୍ଡ ସରଳ, ସିମ୍‌ଲେସ୍ ଓ ସମ୍ପୂର୍ଣ୍ଣ ଡିଜିଟାଲ ଜଏନିଂ ଅନୁଭବ ପ୍ରଦାନ କରିଥାଏ। ସମଗ୍ର ଭାରତର ଗ୍ରାହକମାନଙ୍କ ପାଇଁ ଟିୟର ୨ ଓ ଟିୟର ୩ ସହର ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ସେମାନେ ମଧ୍ୟ ଘରେ ବସି 'ଏସ୍‌ବିଆଇ କାର୍ଡ ସ୍ପ୍ରିଣ୍ଟ'ର ଡିଜିଟାଲ ଆପ୍ଲିକେଶନ ପ୍ଲାଟ୍‌ଫର୍ମ ମାଧ୍ୟମରେ କ୍ଲିକ୍ କରି ତୁରନ୍ତ କ୍ୟାଶ୍‌ବ୍ୟାକ୍ ଏସ୍‌ବିଆଇ କାର୍ଡକୁ ସହଜରେ ପାଇପାରିବେ। ଏକ ସ୍ୱତନ୍ତ୍ର ଅଫର ଭାବରେ ଏହି କଣ୍ଟାକ୍ଟଲେସ୍ କାର୍ଡଟି ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ମାଗଣା ରହିଛି। ଏହାର ଦୃଢ଼ କାର୍ଯ୍ୟକାରିତା କାରଣରୁ କ୍ୟାସ୍‌ବ୍ୟାକ୍ ଏସ୍‌ବିଆଇ କାର୍ଡ ଗ୍ରାହକମାନେ ସମସ୍ତ ଖର୍ଚ୍ଚରେ ଅନ୍‌ଲିମିଟେଡ୍ ୧% କ୍ୟାଶ୍‌ବ୍ୟାକ୍ ପାଇପାରିବେ। କ୍ୟାଶ୍‌ବ୍ୟାକ୍ ପରିମାଣ ଅନ୍‌ଲାଇନ ଖର୍ଚ୍ଚରେ ୫%କୁ ବୃଦ୍ଧିପାଇବ ଯାହାକି ମାସିକ ଷ୍ଟେଟମେଣ୍ଟ ସାଇକେଲରେ ସର୍ବାଧିକ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ହେବ ବୋଲି ଏସ୍‌ବିଆଇ କାର୍ଡର ଏମ୍‌ଡି ତଥା ସିଇଓ ରାମମୋହନ ରାଓ ଅମାରା ମତବ୍ୟକ୍ତ କରିଛନ୍ତି।

# ଜଳର ପୁନଃ ଚକ୍ରଣ କରୁଛି ବେଦାନ୍ତ ଆଲୁମିନିୟମ

**୫ବିଲିୟନ ଲିଟର**

**ଭୁବନେଶ୍ୱର,୬।୯**



ଦେଶର ପ୍ରମୁଖ ଘରୋଇ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ାସ୍ଥିତ ଆଲୁମିନିୟମ ସ୍ମେଲଟର-୧ ଆର୍ଥିକ ବର୍ଷ-୨୨ରେ ନିର୍ଦ୍ଧାରିତ ପରିମାଣର ଜଳ ବିନିଯୋଗକୁ ୧୧% ହ୍ରାସ କରିବାର ଗୌରବ ଅର୍ଜନ କରିଛି। ଗତ ଆର୍ଥିକ ବର୍ଷ-୨୧ରେ ୧୭,୪୦୦ ଟନ୍‌ରୁ ଅଧିକ ଆଲୁମିନିୟମ ଉତ୍ପାଦନ କରିଛି। ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ବିଶ୍ୱର ବୃହତ୍ ଆଲୁମିନିୟମ ସ୍ମେଲ୍‌ଟିଂ କମ୍ପ୍ଲେକ୍ସ ମଧ୍ୟରୁ ଅନ୍ୟତମ। ଏହାର ସ୍ମେଲ୍‌ଟର-୨ରେ ଜଳ ବ୍ୟବହାରକୁ ଆର୍ଥିକ ବର୍ଷ-୨୨ରେ ପ୍ରାୟ ୮ % ହ୍ରାସ କରିଥିଲାବେଳେ ଉତ୍ପାଦନକୁ ପ୍ରାୟ ୨ଲକ୍ଷ ଟନ ବୃଦ୍ଧି କରିଛି। ମୋଟ ଉପରେ ଗତ ଆର୍ଥିକ ବର୍ଷରେ ଇନ୍ ହାଉସ ବ୍ୟବହାର ପାଇଁ ଏହି ସାଇଟ ପ୍ରାୟ ୫ ବିଲିୟନ ଲିଟର ଜଳର ପୁନଃ ଚକ୍ରଣ କରିଛି। ୨୦୩୦ ସୁଦ୍ଧା ଏହାର କାର୍ଯ୍ୟକୁ ନେଟ୍ ୱାଟର ପଜିଟିଭ କରିବା କମ୍ପାନୀର ଲକ୍ଷ୍ୟ ରହିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ (ଝାରସୁଗୁଡ଼ା ୟୁନିଟ୍)ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଆମର ଜଳ ପ୍ରବନ୍ଧନ ପ୍ରଚେଷ୍ଟା ୟୁଏନ୍ ସଷ୍ଟେନବେଲ ଡେଭଲପମେଣ୍ଟ ଗୋଲ୍ (ଏସ୍‌ଡିଜି) ଆଧାରିତ। ଆମେ ଜଳ ବ୍ୟବହାରକୁ କମ୍ କରିବା ପାଇଁ ପ୍ରୟାସ କରୁଛୁ। ଜଳ ପ୍ରବନ୍ଧନ ଯୋଜନା ବେଦାନ୍ତର ଏକ ଆଭ୍ୟନ୍ତରୀଣ ଅଂଶ। ଏହା ଶୂନ୍ୟ ଲିକୁଇଡ୍ ଡିସ୍‌ଚାର୍ଜ ନୀତିକୁ ଆପଣାଇଥାଏ, ଯାହାଦ୍ୱାରା ନିର୍ଗମିତ ହେଉଥିବା ଜଳକୁ ପ୍ରକ୍ରିୟାକୃତ କରାଯାଇ ପ୍ଲାଣ୍ଟରେ ପୁନଃ ବ୍ୟବହାର କରାଯାଏ। ସ୍ଥାୟୀ ଜଳ ସମାଧାନ ପାଇଁ କମ୍ପାନୀ ପକ୍ଷରୁ ୪ସ୍ତମ୍ଭ ବିଶିଷ୍ଟ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ନୂତନ ଅଭିଯାନର ଶୁଭାରମ୍ଭ

**ନୂଆଦିଲ୍ଲୀ,୬।୯**

ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ନୂତନ ଅଭିଯାନ 'ଦିଲ୍ ସେ ଓପୋନ୍-ଆପ୍‌କେ ଲିଏ' ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଲୋୟେ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏହି ଅଭିଯାନରେ ୫ଟି ସ୍ୱତନ୍ତ୍ର ଫିଲ୍ମ ପ୍ରଦର୍ଶନ କରାଯିବ। ବିଶେଷକରି ବ୍ୟାଙ୍କର କର୍ମଚାରୀମାନଙ୍କ ବାସ୍ତବ ଜୀବନରୁ ଅନୁପ୍ରାଣିତ, ଯେଉଁମାନେ ନିଜର ଦିଲ୍ ସେ ଓପୋନ୍ ପ୍ରତିଶ୍ରୁତିକୁ ବାସ୍ତବରେ ପାଳନ କରିଛନ୍ତି। ସେହି କାହାଣୀଗୁଡ଼ିକ ଆକ୍ସିସ୍ ବ୍ୟାଙ୍କର କର୍ମଚାରୀମାନଙ୍କ କାର୍ଯ୍ୟ ମୂଲ୍ୟବୋଧର ଅସଲି ମାନ୍ୟତା ଦେଇଛି। ବ୍ୟାଙ୍କ ଶିଳ୍ପରେ ଚାଟ-ବଟ୍, ରୋବୋଟିକ୍ ଅଟୋମେଶନ ପ୍ରକ୍ରିୟା, ଡିଜିଟାଲ ଆପ୍ଲିକେଶନ ଆଦି ବ୍ୟାପକ ଭାବେ ବ୍ୟବହାର ହେଉଛି। ତଥାପି ମାନବ ସ୍ପର୍ଶ ଓ ଆବେଗିକ ସମ୍ପର୍କ ଶିଳ୍ପ ପାଇଁ ଅସୀମ ସମ୍ପତ୍ତି ହୋଇ ରହିଛି। ଏହି ଅଭିଯାନକୁ ଟିଭି, ଡିଜିଟାଲ ମିଡିଆ ଆଦି ବିବିଧ ମାଧ୍ୟମରେ ପ୍ରଚାର କରାଯିବ। ଉକ୍ତ ଅଭିଯାନରେ ପ୍ରସ୍ତୁତ କରାଯାଇଥିବା ଫିଲ୍ମ ମଧ୍ୟରୁ ୩ଟି ଫିଲ୍ମକୁ ଅର୍ଦ୍ଧ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଗ୍ରାହକମାନଙ୍କୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ବ୍ୟାଙ୍କର ସାରା ଦେଶରେ ୪୭୫୦ରୁ ଅଧିକ ଶାଖା ଓ ୧୬,୯୦୦ ଏଟିଏମ୍ କାଉଣ୍ଟର ରହିଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଉପ ପରିଚାଳନା ନିର୍ଦ୍ଦେଶକ ରାଜୀବ ଆନନ୍ଦ କହିଛନ୍ତି, ଆମ ଅର୍ଥନୀତି ହେଉଛି ଗ୍ରାହକଙ୍କ ଦ୍ୱାରା ଆଗକୁ ବଢୁଥିବା ଅର୍ଥନୀତି, ବହୁ ଜିନିଷ ପୂର୍ବାପେକ୍ଷା ଦ୍ରୁତଗତିରେ ଘଟୁଛି। ତେଣୁ ଏକ ସଂସ୍ଥା ପାଇଁ ଅନ୍ୟତମ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଗୁଣ ହେଉଛି ଗ୍ରାହକମାନଙ୍କୁ ପ୍ରତ୍ୟକ୍ଷ ଭାବେ ନିରନ୍ତର ଭଲ ଭାବେ ଶୁଣି ସେମାନଙ୍କ ଉଦୀୟମାନ ଆଶାକୁ ପୂରଣ କରିବା ଓ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସେମାନଙ୍କୁ ସଶକ୍ତ କରିବା।

## ଫୁର୍‌ସତ୍

# ଟ୍ରାକ୍ଟରରେ ଉଦ୍ଧାର ହେଲେ ସିଇଓଙ୍କ ପରିବାର

**ପ୍ରବଳ ବର୍ଷାରେ ବେଙ୍ଗାଲୁରୁ ଜଳାର୍ଣ୍ଣବ**



**ବେଙ୍ଗାଲୁରୁ,୬।୯**

ବେଙ୍ଗାଲୁରୁରେ ଗତ ୭୫ ବର୍ଷ ମଧ୍ୟରେ ତୃତୀୟ ସର୍ବାଧିକ ବର୍ଷା ହୋଇଛି। ତିନିଦିନର ଲଗାଣ ବର୍ଷାରେ ସହର ଜଳାର୍ଣ୍ଣବ ହୋଇଯିବାରୁ ସାଧାରଣ ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଛି। ବର୍ଷା ସାଙ୍ଗକୁ ବିଦ୍ୟୁତ୍ କାଟ, ଟ୍ରାଫିକ୍ ଜାମ ସମସ୍ୟାକୁ ଦ୍ୱିଗୁଣିତ କରିଛି। ରାସ୍ତା ପାଣିରେ ବୁଡ଼ି ରହିଥିବାବେଳେ ଜଣେ ସିଇଓଙ୍କ ପରିବାର ଓ ତାଙ୍କ ପୋଷା କୁକୁରଙ୍କୁ ଏକ ଟ୍ରାକ୍ଟର ଯୋଗେ ଉଦ୍ଧାର କରାଯାଉଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶିକ୍ଷାପ୍ରଯୁକ୍ତି ପ୍ଲାଟଫର୍ମର ଅନ୍‌ଏକାଡେମି ସିଇଓ ଗୌରବ ମୁଞ୍ଜାଲ ନିଜେ ଏହି ଭିଡିଓ ଶେୟାର କରିଛନ୍ତି। ତାଙ୍କ ରେସିଡେନ୍ସିଆଲ ସୋସାଇଟ୍ ଜଳମଗ୍ନ ହୋଇଯାଇଛି। କେବଳ ତାଙ୍କ ସୋସାଇଟି ନୁହେଁ, ଅଧିକାଂଶ ବସ୍ତୀ ଅଞ୍ଚଳ ପାଣିଘେରରେ ରହିଥିବାରୁ ଲୋକେ ଟ୍ରାକ୍ଟର ଯୋଗେ ନିରାପଦ ସ୍ଥାନକୁ ଯାଉଥିବା ଦେଖାଯାଇଛି। ସିଲିକନ୍ ଭାଲିର ଅନେକ ଆଇଟି କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି।

ପ୍ରବଳ ବର୍ଷାଜନିତ ବନ୍ୟା ଯୋଗୁ ସହରର ସ୍ଥିତି ବେହାଲ ହୋଇଯାଇଛି। ଅନେକ ବିଳାସପୂର୍ଣ୍ଣ ବଙ୍ଗଳା ପାଣିଘେରରେ ଥିବାବେଳେ ଦାମୀ କାରଗୁଡ଼ିକ ପାଣିରେ ବୁଡ଼ିରହିଛି। କର୍ନାଟକ କଂଗ୍ରେସ ନେତା ରକ୍ସିଥ ଶିବରାମ ଏଭଳି ଏକ ଭିଡିଓ ପୋଷ୍ଟ କରିଛନ୍ତି। ଲୋକେ ଟ୍ରାକ୍ଟର ଓ କ୍ରେନ୍ ଯୋଗେ ଏପ୍‌ସିଲୋନ ଅତିକ୍ରମ କରୁଥିବା ଦେଖାଯାଇଛି। ଏହି ଅଞ୍ଚଳରେ ଘରଗୁଡ଼ିକର ଦାମ୍ ୩୦ କୋଟି ଟଙ୍କାରୁ କମ୍ ନୁହେଁ ବୋଲି ଶିବରାମ ଲେଖିଛନ୍ତି।

## ସମୋସା ପ୍ଲେଟ୍‌ରେ ନ ଦେବାରୁ ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍

**ଛତ୍ରପୁର:** ମଧ୍ୟପ୍ରଦେଶର ଜଣେ ଦୋକାନୀ ସମୋସା ପ୍ଲେଟ୍‌ରେ ପରିବେଷଣ ନ କରିବା ଏବଂ ଚାମଚ ନ ଦେବାରୁ ଜଣେ ଗ୍ରାହକ ଉତ୍‌କ୍ଷିପ୍ତ ହୋଇ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ହେଲ୍ପଲାଇନକୁ ଫୋନ ଲଗାଇଥିଲେ। ଛତ୍ରପୁର ବସ୍‌ଷ୍ଟାଣ୍ଡରେ ଥିବା 'ରାକେଶ ସମୋସା' ନାମକ ଜଳଖିଆ ଦୋକାନ ନାଁରେ ଅଭିଯୋଗ ଦାଏର ଲାଗି ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ କହିଥିଲେ। ଅଭିଯୋଗରେ ଯୁବକ ଜଣକ ଦର୍ଶାଇଛନ୍ତି, ସେ ଜଳଖିଆ ଦୋକାନରୁ ସମୋସା କିଣିଥିଲେ ମଧ୍ୟ ଦୋକାନୀ ତାଙ୍କୁ ପ୍ଲେଟ୍ ଓ ଚାମଚରେ ତାହା ପରିବେଷଣ କରିବାକୁ ମନା କରିଦେଇଥିଲେ। ଅଭିଯୋଗକାରୀଙ୍କ ନାମ ବଂଶ ବାହାଦୁର ବୋଲି ଜଣାପଡ଼ିଛି। ଏଠାରେ ସମୋସା ପ୍ୟାକେଟରେ ଦିଆଯାଉଥିବାରୁ ଦୋକାନୀ ପ୍ଲେଟ୍ କିମ୍ବା ଚାମଚ ଦେଉନାହାନ୍ତି। ଏହି ସମସ୍ୟାର ଯଥାଶୀଘ୍ର ସମ୍ଭବ ସମାଧାନ କରାଯାଉ ବୋଲି ଯୁବକ ଜଣକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅନୁରୋଧ କରିଛନ୍ତି।

# ଅମିତାଭଙ୍କ ସହ କାମ କରିବା ସ୍ୱପ୍ନ ଥିଲା

**ମୁମ୍ବାଇ**

ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ସହ ଏକାଠି କାମ କରିବାର ସ୍ୱପ୍ନ ପିଲାଦିନରୁ ରହିଥିଲା ବୋଲି ବଲିଉଡ୍ ଚଳଚ୍ଚିତ୍ର ପ୍ରଯୋଜିକା ଏକତା କପୁର ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅମିତାଭ, ରଶ୍ମିକା ମନ୍ଦାନା ଏବଂ ନୀନା ଗୁପ୍ତା ଅଭିନୀତ ଗୁଡ୍‌ବାଏର ଟ୍ରେଲର ଶୁଭାରମ୍ଭ ଅବସରରେ ସେ ଏହା କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଗ୍ ବି ଭର୍ଚୁଆଲି ଯୋଗଦେଇଥିବାବେଳେ ଏକତା କପୁରଙ୍କ ସହ ରଶ୍ମିକା ଏବଂ ନୀନା ମଞ୍ଚରେ ଉପସ୍ଥିତ ଥିଲେ। ଏକତା ପ୍ରଥମ ଥର ପାଇଁ ବିଗ୍ ବି'ଙ୍କ ସହ ଏକ ଚଳଚ୍ଚିତ୍ରରେ ଏକାଠି କାର୍ଯ୍ୟ କରିଛନ୍ତି। ସେ ବଲିଉଡ୍ ସୁପରଷ୍ଟାର ଖାନ୍‌ମାନଙ୍କ ସହ କାମ କରିବାକୁ କଦାପି ସ୍ୱପ୍ନ ଦେଖି ନ ଥିଲେ ବୋଲି ଏହି ଅବସରରେ ଏକତା କହିଛନ୍ତି। ତାଙ୍କ କହିବା ଅନୁଯାୟୀ ବିଗ୍ ବି ତାଙ୍କ ପାଇଁ ଆଦର୍ଶ। ସେ ପିଲାଦିନେ ଅମିତାଭଙ୍କ ଘରକୁ ଯାଇ ତାଙ୍କ ଜନ୍ମଦିନ ପାର୍ଟିରେ ଭାଗ ନେଉଥିଲେ। ଅଭିଷେକ ବଚ୍ଚନ ଓ ଶ୍ୱେତା ବଚ୍ଚନ ନନ୍ଦ ତାଙ୍କ ବନ୍ଧୁ ଥିଲେ। ଶେଷରେ ତାଙ୍କ ସ୍ୱପ୍ନ ସତ ହୋଇଛି, ସେ ଅମିତାଭଙ୍କ ସହ କାମ କରିବାର ସୁଯୋଗ ପାଇଛନ୍ତି ବୋଲି ଏକତା କହିଛନ୍ତି।


ଏକତା କପୁର



# ଠକେଇ ମାମଲା: ସରେଣ୍ଡର କରିପାରନ୍ତି ସ୍ୱପ୍ନା ଚୌଧୁରୀ

**ଲକ୍ଷ୍ନୌ**

ହରିୟାଣାର ଜଣାଶୁଣା ଡ୍ୟାନ୍ସର ତଥା ସିଙ୍ଗର ସ୍ୱପ୍ନା ଚୌଧୁରୀଙ୍କ ଅଡୁଆ ବେଳକୁ ବେଳ ବଢିବାରେ ଲାଗିଛି। ୪ ବର୍ଷ ତଳର ଏକ ଠକେଇ ମାମଲାରେ ତାଙ୍କୁ ଗିରଫ କରାଯାଇପାରେ। ଗିରଫଦାରି ଏଡାଇବା ପାଇଁ ସପନା କୋର୍ଟରେ ସରେଣ୍ଡର କରିପାରନ୍ତି ବୋଲି କୁହାଯାଉଛି। ସେଥିପାଇଁ ସେ ମଙ୍ଗଳବାର ସକାଳୁ ଲକ୍ଷ୍ନୌରେ ପହଞ୍ଚି ଯାଇଛନ୍ତି। ଡ୍ୟାନ୍ସି କୁଇନଙ୍କ ବିରୋଧରେ ଲକ୍ଷ୍ନୌର ଏକ ଅଦାଲତଙ୍କ ପକ୍ଷରୁ ଜାମିନ ବିହୀନ ଗିରଫ ପରୱାନ ଜାରି କରାଯାଇଛି। ଏହାପରେ ତାଙ୍କ ଉପରେ ଗିରଫ ହେବାର ଖଣ୍ଡା ଝୁଲୁଛି । କୁହାଯାଉଛି କି ଲକ୍ଷ୍ନୌ ପୋଲିସ ସ୍ୱପ୍ନା ଚୌଧୁରୀଙ୍କୁ ଖୋଜୁଛି। ସ୍ୱପ୍ନା ନିଜେ କୋର୍ଟରେ ଆତ୍ମସମର୍ପଣ ନ କଲେ, ପୋଲିସ ତାଙ୍କୁ ଗିରଫ କରିନେବ । ସୂଚନାଯୋଗ୍ୟ, ଲକ୍ଷ୍ନୌସ୍ଥିତ ଆଶିୟାନା ଥାନାରେ ଡ୍ୟାନ୍ସିଂ କୁଇନ ସ୍ୱପ୍ନା ଚୌଧୁରୀଙ୍କ ସମେତ ଅନ୍ୟ କେତେଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ତାଙ୍କ ଉପରେ ଠକେଇ ମାମଲାରେ ଏଫଆଇଆର ହୋଇଛି। ଏହି ମାମଲା ୨୦୧୮ ଅକ୍ଟୋବର ୧୩ର । ସେତେବେଳେ ଆଶିୟାନାର ଏକ ଘରୋଇ କ୍ଲବରେ ସ୍ୱପ୍ନା ଚୌଧୁରୀଙ୍କ ଶୋ'ର ଆୟୋଜନ କରାଯାଇଥିଲା। ଡ୍ୟାନ୍ସ ଶୋ' ପାଇଁ ପଇସା ନେଇଥିଲେ ମଧ୍ୟ ସ୍ୱପ୍ନା ପହଞ୍ଚି ନ ଥିଲେ। ଫଳରେ ଶୋ' ଆୟୋଜନକାରୀ ଥାନାରେ ଏତଲା ଦେଇଥିଲେ। ଏହାପରେ ସେ କୋର୍ଟରେ ହାଜର ହୋଇନାହାନ୍ତି।

# ପଟିଆରା ଜାହିରରୁ ହତ୍ୟା

ରେଙ୍ଗାଲି,୬।୯(ଡି.ଏନ.ଏ.)

ପଟିଆରା ଜାହିର କରିବା ଜଣେ ଯୁବକ ପାଇଁ ମହଙ୍ଗା ପଡିଛି। ଏଥିଲାଗି ତାଙ୍କୁ ଜୀବନ ହରାଇବାକୁ ପଡିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ତାଲଭଟା ପଡ଼ାରେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଜ୍ୟୋତିର୍ମୟୀ ମଲ୍ଲିକଙ୍କ ଉପସ୍ଥିତିରେ ମଙ୍ଗଳବାର ମାଟିତଳୁ ମୃତଦେହ ଜବତ ହୋଇଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ଗୋଲୁ ବିଭାର(୨୨)। କ୍ଷେତରାଜପୁର ପୋଲିସ ଏହି ଘଟଣାରେ ସ୍ଥାନୀୟ ଷ୍ଟେଶନପଡ଼ାର ୪ଜଣ ଯୁବକଙ୍କୁ ଅଟକରଖି ପଚରାଉଚୁରା କରୁଛି। ଅନ୍ୟପଟେ ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲି, ମଦବୋତଲ, ରଶି, ରକ୍ତ ଲଗା କପଡ଼ା ଆଦି ଜବତ ହୋଇଛି। ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳରୁ ରକ୍ତ ନମୁନା ସଂଗ୍ରହ କରିଛି। ମୃତକଙ୍କ ଭଉଣୀ ମମତା ବିଭାରଙ୍କ ଅଭିଯୋଗ କ୍ରମେ ପୋଲିସ ଆଇପିସି ଦଫା ୩୦୨ରେ ମାମଲା (ନଂ.୨୬୦/୨୨) ରୁଜୁ କରିଛି।

କ୍ଷେତରାଜପୁର ଥାନା ଅଧିକାରିଣୀ ମମତା ନାୟକ କହିବା ଅନୁଯାୟୀ, ତାଲଭଟାପଡ଼ାର ଗୋଲୁ ଓ ଷ୍ଟେଶନପଡ଼ାର ଅଟକ ଥିବା ୪ ଯୁବକଙ୍କ ସହ ଭଲ ସମ୍ପର୍କ ରହିଥିଲା। ଅନେକ ସମୟରେ ଏମାନଙ୍କ ମଧ୍ୟରେ ବଚସା ଲାଗୁଥିଲେ ମଧ୍ୟ ପୁଣି ସମାଧାନ ହୋଇଯାଉଥିଲା। ଗୋଲୁ ପଟିଆରା ଦେଖାଇବା ପାଇଁ ସବୁବେଳେ ଚେଷ୍ଟା କରୁଥିଲେ। ଏହାକୁ ନେଇ ଗୋଲୁଙ୍କ ଉପରେ ଯୁବକମାନଙ୍କ ଆକ୍ରୋଶ ରହିଥିଲା। ୨ଦିନ ପୂର୍ବରୁ ଗୋଲୁ ଓ ଅନ୍ୟ ଯୁବକମାନେ ଷ୍ଟେଶନପଡ଼ାରେ ଥିବା ଏକ ପରିତ୍ୟକ୍ତ ମିଲ୍ ଭିତରକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ପରସ୍ପର ମଧ୍ୟରେ


ହତ୍ୟା ଘଟଣାର ତଦନ୍ତ କରୁଛି ପୋଲିସ।

### ମାଟିତଳୁ ଗଳିତ ମୃତଦେହ ଜବତ

ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ୪ ଯୁବକ ଗୋଲୁଙ୍କୁ ମଦ ବୋତଲ ଓ ଭୁଜାଲିରେ ଆକ୍ରମଣ କରି ହତ୍ୟା କରିଥିଲେ। ପରେ ସେଠାରେ ଗାତଖୋଳି ମୃତଦେହକୁ ପୋତି ଦେଇଥିଲେ। ଘରକୁ ନ ଫେରିବାରୁ ଗୋଲୁଙ୍କ ଭଉଣୀ ମମତା କ୍ଷେତରାଜପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଖୋଜାଖୋଜି କରିଥିଲା। ଅନ୍ୟପଟେ ପରିବାର ଓ ସମ୍ପର୍କୀୟ ଲୋକେ ଗୋଲୁଙ୍କୁ ହତ୍ୟାକରି ମିଲ୍‌ଭିତରେ ପୋତି ଦିଆଯାଇଥିବା ସୂଚନା ପାଇ ପୋଲିସକୁ ଜଣାଇଥିଲେ। ପୋଲିସ ମଧ୍ୟ ସନ୍ଦେହରେ ଆସିଥିବା ଅଟକ ୪ ଯୁବକଙ୍କ ମଧ୍ୟରୁ ଜଣଙ୍କୁ ଉଠାଇନେଇ ପଚରାଉଚୁରା କରିଥିଲା। ତାଙ୍କ ବୟାନକୁ ଆଧାରକରି ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିଥିଲା।

# ରାଉରକେଲା ଖେଳାଳିଙ୍କୁ ରୌପ୍ୟ, କାଂସ୍ୟ ପଦକ

ରାଉରକେଲା ଅଫିସ,୬।୯

ମାଲେସିଆ ଓପନ ତାଇକୋଣ୍ଡୋ ପ୍ରତିଯୋଗିତରେ ରାଉରକେଲାର ଦୁଇଜଣ ଖେଳାଳି ଅଂଶଗ୍ରହଣ କରି ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି। ଗତ ୧ରୁ ୪ ତାରିଖ ପର୍ଯ୍ୟନ୍ତ ୫ମ ମାଲେସିଆ ଓପନ ତାଇକୋଣ୍ଡୋ ଅନ୍ତର୍ଜାତୀୟ ଚାମ୍ପିୟନସିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ସେକ୍ଟର-୧୬ ସ୍ଥିତ ଡିଏଭି ସ୍କୁଲର ନବମ ଶ୍ରେଣୀ ଛାତ୍ର ଅମନ ମୁଣ୍ଡା ଓ ଜଗଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟମ ଶ୍ରେଣୀର ଛାତ୍ର ସୌମ୍ୟ ରଞ୍ଜନ ମହାନ୍ତି ଭାଗ ନେଇଥିଲେ। ଅମନ ଫାଇନାଲରେ ରୌପ୍ୟ ପଦକ ହାସଲ କରିଥିବାବେଳେ ସୌମ୍ୟରଞ୍ଜନ କାଂସ୍ୟ ପଦକ ହାସଲ କରିଥିଲେ। ଏହି ଚାମ୍ପିୟନସିପ୍‌ରେ ଭାରତର ବିଭିନ୍ନ ରାଜ୍ୟରୁ ୧୧ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। କୋଚ୍ ଆନନ୍ଦ କୁମାର ସୁନାଙ୍କ ନେତୃତ୍ୱରେ ଉକ୍ତ ଖେଳାଳି ମାଲେସିଆ ଓପନରେ ଭାଗ ନେଇଥିଲେ। ଅମନ ମୁଣ୍ଡା ମାଲେସିଆରେ ଉଚ୍ଚ କୋଟୀର ଖେଳ ପ୍ରଦର୍ଶନ କରିଥିବାରୁ ତାଙ୍କୁ ସାଉଥ୍ କୋରିଆ ଓପନ ତାଇକୋଣ୍ଡୋ ଖେଳିବା ପାଇଁ ଚୟନ କରାଯାଇଥିବା ତାଙ୍କ ବାପା ସାଗର ମୁଣ୍ଡା ସୂଚନା ଦେଇଛନ୍ତି।


ରୌପ୍ୟ ଓ କାଂସ୍ୟ ପଦକ ବିଜେତା ଦୁଇ ଖେଳାଳି ଏବଂ କୋଚ୍।

## ସଂକ୍ଷେପରେ

### ଗ୍ରାମୀଣ ସ୍ୱଚ୍ଛ ଭାରତ ମିଶନର ତାଲିମ କାର୍ଯ୍ୟକ୍ରମ

**ଲେଫ୍ରିପଡା,୬।୯(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ସଭାକକ୍ଷରେ ମଙ୍ଗଳବାର ଗ୍ରାମୀଣ ସ୍ୱଚ୍ଛ ଭାରତ ମିଶନର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାଁସଦା, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଅଶୋକ ନାଏକ, ଜିଲା ସ୍ୱଚ୍ଛ ଭାରତ ମିଶନର ନୋଡାଲ ଅଧିକାରୀ, ବ୍ଲକ ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଲିଟୁନ ମହାନନ୍ଦିଆ, ଯୋଗଦାନ କରିଥିଲେ । ଏଥିରେ ସ୍ୱଚ୍ଛ ଭାରତ ମିଶନ ଉପରେ ଆଧାରିତ କାର୍ଯ୍ୟକ୍ରମ ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ପିଇଓ, କନିଷ୍ଠ ଯନ୍ତ୍ରୀ, ଜିପିଟିଏ, ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାମାନେ ଭାଗ ନେଇଥିଲେ ।

### ନିଯୁକ୍ତି ଦାବି ନେଇ ଦାବିପତ୍ର ପ୍ରଦାନ

**ହେମଗିର,୬।୯(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲାସ୍ଥିତ ଓସିପିଏଲ କମ୍ପାନୀ ଅଧୀନରେ କାର୍ଯ୍ୟ କରୁଥିବା ବିଜିଆର କମ୍ପାନୀରେ ନିଯୁକ୍ତି ଦାବି ନେଇ ମଙ୍ଗଳବାର ଓଡିଶା ଡ୍ରାଇଭର ମହାସଂଘ ହେମଗିର ତରଫରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ସ୍ଥାନୀୟ ଡ୍ରାଇଭରମାନଙ୍କୁ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦେବା ପାଇଁ ଦାବି କରାଯାଇଛି। ଏହି ଅବସରରେ ସଂଘର ସଭାପତି ଗଙ୍ଗାଧର ସାହୁ,ସଂପାଦକ ଦୀନଦୟାଲ କିଶାନ, କୋଷାଧକ୍ଷ ହେମସାଗର କିଶାନ, ସଂଯୋଜକ ଭୂବନ ସା, ରବି କିଶାନ, ଦୀପକ ଭୋଇ, ଭାଗରଥି କିଶାନ, ଶଙ୍କର ରାଉତଙ୍କ ସମେତ ଡ୍ରାଇଭରମାନେ ଉପସ୍ଥିତ ଥିଲେ । ଏକ ମାସ ମଧରେ ଦାବି ପୂରଣ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସଂଘ ଦାବି କରିଛି ।

### ବିଭିନ୍ନ ସ୍ଥାନରେ ଅହିଂସା ରଥକୁ ସ୍ୱାଗତ

**ଲହୁଣୀପଡା,୬।୯(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ, ବିଦ୍ୟାଳୟ ଓ ସରକାରୀ କାର୍ଯ୍ୟାଳୟଗୁଡିକରେ ଅହିଂସା ରଥକୁ ସ୍ୱାଗତ କରାଯାଇଛି। ସର୍ବପ୍ରଥମେ ଏହି ରଥ ଖୁଣ୍ଟୁଗାଁ ପଞ୍ଚାୟତ ପରିସରରେ ପ୍ରବେଶ କରିବା ପରେ ଖୁଣ୍ଟୁଗାଁ ସରପଞ୍ଚ ସୁମିତ୍ରା ଚାରଡ଼ିଆ, ଜିଲାପରିଷଦ ସଦସ୍ୟା ଶୁଶିଳା ନାୟକ, ତାଳବାହାଲି ଓ ହଳଦୀକୁଦର ସରପଞ୍ଚ ରଶ୍ମିତା ସାଣ୍ଡିଲ, ବିଜୟ ସିଂ ମୁଣ୍ଡା, ଅଜୟ କୁମାର ନାୟକ ପ୍ରମୁଖ ରଥକୁ ସ୍ୱାଗତ କରିଥିଲେ। ଏହାପରେ ଖୁଣ୍ଟୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ, ପୋଇଗାଁ ବିଦ୍ୟାଳୟ, ଉଲସୁରେଇ କନ୍ୟାଶ୍ରମଠାରେ ସ୍ୱାଗତ ସମ୍ବର୍ଦ୍ଧନା ପରେ ରଥଟି ଲହୁଣୀପଡାରେ ପହଞ୍ଚି ଥିଲା। ଲହୁଣୀପଡାସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ, ଲାଟେଇମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏବିଇଓ ଇମା କ୍ରିପା ମିଞ୍ଜ, ନରହରି କିଷାନ, କର୍ମଚାରୀ ଏବଂ ଲାଟେଇମୁଣ୍ଡି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଉଲି ମାହାନ୍ତ, ଶିକ୍ଷୟିତ୍ରୀ,ଶିକ୍ଷକ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏହାପରେ ରଥ ବ୍ଲକ କାର୍ଯ୍ୟାଳୟ ପରିସରକୁ ପ୍ରବେଶ କରିଥିଲା । ଆଦିବାସୀ ପାରମ୍ପରିକ ବାଦ୍ୟନୃତ୍ୟର ତାଳେ ତାଳେ ରଥକୁ ସ୍ୱାଗତ କରାଯାଇଥିଲା।

# ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଭ୍ରାମ୍ୟମଣ ସ୍ୱାସ୍ଥ୍ୟ ସେବା

ସୁନ୍ଦରଗଡ,୬।୯(ଡି.ଏନ.ଏ.)

ସୁନ୍ଦରଗଡ ଜିଲାରେ ଥିବା ଏନଟିପିସି ଦର୍ଲିପାଲି ପକ୍ଷରୁ ଆରମ୍ଭ ହୋଇଥିବା ଭ୍ରାମ୍ୟମଣ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଏବେ ଗ୍ରାମୀଣ ଅଧିବାସୀଙ୍କ ପାଇଁ ବରଦାନ ସଦୃଶ ହୋଇଛି । ଏନଟିପିସି ଦର୍ଲିପାଲି ପ୍ରକଳ୍ପ ତରଫରୁ ଗତ ମେ ମାସରୁ ଆରମ୍ଭ ହୋଇଥିବା ମୋବାଇଲ ହେଲଥ କ୍ଲିନିକ ଜରିଆରେ ୩୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା ମିଳିପାରିଛି। ଏହାଦ୍ୱାରା ବିଶେଷ କରି ଗ୍ରାମୀଣ ମହିଳାମାନେ ଉପକୃତ ହୋଇଛନ୍ତି। ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ସହ ମହିଳାମାନଙ୍କୁ ପ୍ରସବ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସ୍ୱାସ୍ଥ୍ୟ ସେବା ଓ ଦେଖାଶୁଣା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ୨ଜଣ ଡାକ୍ତରଙ୍କ ମଧ୍ୟରେ ଜଣେ ମହିଳା ଡାକ୍ତର, ୩ ଜଣ ପାରା ମେଡ଼ିକାଲ ଷ୍ଟାଫ ଓ ନର୍ସଙ୍କୁ ନେଇ ଏହି ଅତ୍ୟାଧୁନିକ କ୍ଲିନିକରେ ରୋଗୀମାନଙ୍କୁ ମାଗଣା ପରାମର୍ଶ ,ବିଭିନ୍ନ ପରୀକ୍ଷଣ ଓ ଔଷଧ ବିତରଣ କରାଯାଉଛି। ମାସରେ ୨୪ ଦିନ ନିରବଚ୍ଛିନ୍ନ ଭାବେ ଏହି ସେବା ଯୋଗାଇ ଦିଆଯାଉଛି। ପ୍ରକଳ୍ପ ଆଖପାଖ ସୁନ୍ଦରଗଡ ଓ ଝାରସୁଗୁଡା ଜିଲାର ବିଭିନ୍ନ ଗ୍ରାମ ପଞ୍ଚାୟତ ଯଥା ଦର୍ଲିପାଲି, ରାଏଡିହି, ଲଇକେରା,ଲୋଇସିଂହ, ଗୋଡମାଲ, ଚନ୍ଦିନୀମାଲ, ରାଜପୁର, ଜେ.ରାଏବଗାର ୨୫ରୁ ଊର୍ଦ୍ଧ୍ୱ ଗ୍ରାମର ଅଧିବାସୀଙ୍କୁ ଏହି ସେବା ଯୋଗାଇ ଦିଆଯାଉଥିବା ଏନଟିପିସି ଦର୍ଲିପାଲି ପକ୍ଷରୁ କୁହାଯାଇଛି।



ମୋବାଇଲ ହେଲଥ କ୍ଲିନିକ।

# ଟ୍ରେନ୍ ଆଗକୁ ଡେଇଁ ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

ବାଲେଶ୍ୱର ଅଫିସ, ୬।୯

ବିଦ୍ୟାଳୟରେ ନିର୍ଯାତନା ସହି ନ ପାରି ଜଣେ ଦଶମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିବା ଘଟଣା ବାଲେଶ୍ୱରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏନେଇ ତାଙ୍କ ପରିବାର ଲୋକେ ସ୍କୁଲ କର୍ତ୍ତୃପକ୍ଷଙ୍କ ନାମରେ ଏତଲା ଦେବା ସହ ଛାତ୍ରଙ୍କ ମୃତଦେହ ଧରି ସ୍କୁଲ ଆଗରେ ଧାରଣାରେ ବସିଛନ୍ତି।

ସୁନ୍ଦରଗଡ଼ ଜିଲା ଲାଠିକଟା ଅଞ୍ଚଳର ସନ୍ତୋଷ କୁମାର ଗୁପ୍ତା ବାଲେଶ୍ୱର ସହରର ଭୋଇସାହି ଅଞ୍ଚଳରେ ପୁଅର ପାଠପଢ଼ା ପାଇଁ ଘରଭଡା ନେଇ ରହୁଥିଲେ। ପୁଅ ସୁରଜ ଭୋଇସାହିରେ ଥିବା ସିଦ୍ଧି ବିନାୟକ ପବ୍ଲିକ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ। ଗତ ୧ ତାରିଖରେ ପୁଅ ସ୍କୁଲରୁ ଘରକୁ ଫେରିବା ବେଳେ ତାଙ୍କ ବେକରେ ଏକ କଟା ଦାଗ ରହିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଘରେ

### ବିଦ୍ୟାଳୟରେ ନିର୍ଯାତନା ଅଭିଯୋଗ

ଅଭିଭାବକ ପଚାରିବାରୁ ଜଣେ ଶ୍ରେଣୀ ପିଲା ସୁରଜଙ୍କୁ କାଠଫାଳିଆରେ ମାଡ଼ ମାରିଥିବା ପ୍ରକାଶ କରିଥିଲେ। ପରଦିନ ଅର୍ଥାତ ୨ତାରିଖରେ ସୁରଜଙ୍କ ବାପା ସ୍କୁଲ କର୍ତ୍ତୃପକ୍ଷଙ୍କ ପାଖରେ ଘଟଣା ସମ୍ପର୍କରେ କହିଥିଲେ ମଧ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣାକୁ ନେଇ ସ୍କୁଲର ଜଣେ ଶିକ୍ଷକ ସୁରଜଙ୍କୁ ତାଗିଦ୍ କରିବା ସହ ମାନସିକ ଭାବେ ନିର୍ଯାତନା ଦେଇଥିବା ବାପା ସନ୍ତୋଷ ଏତଲାରେ ଉଲ୍ଲେଖ କରିଛନ୍ତି । ଶିକ୍ଷକଙ୍କ ଏଭଳି ନିର୍ଯାତନା ସହି ନ ପାରି ସୁରଜ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

# ମଙ୍ଗଳବାର ହାଟରେ ନକଲି ଖାଦ୍ୟ ସାମଗ୍ରୀ ବିକ୍ରି

### ନାହିଁ କାର୍ଯ୍ୟାନୁଷ୍ଠାନ

କୁଆଁରମୁଣ୍ଡା,୬।୯(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ମଙ୍ଗଳବାର ହାଟରେ ନକଲି ଖାଦ୍ୟ ସାମଗ୍ରୀ ବିକ୍ରି ହେଉଥିବା ଅଭିଯୋଗ ହେଉଛି । କୁଆଁରମୁଣ୍ଡା ଫାଣ୍ଡି ନିକଟରେ ପ୍ରତି ମଙ୍ଗଳବାର ଏହି ହାଟ ବସିଥାଏ। ଏହି ହାଟ ୧୪୩ ନମ୍ବର ଜାତୀୟ ରାଜପଥ କଡ଼ରେ ସପ୍ତାହରେ ଥରେ ବସୁଥିବାରୁ ଏଠାରେ ବେପାରୀଙ୍କ ଠାରୁ ଆରମ୍ଭ କରି ଖାଉଟିଙ୍କ ଭିଡ଼ ଜମିଥାଏ । ହାଟ ମଙ୍ଗଳବାର ସକାଳ ପ୍ରାୟ ୮ଟାରୁ ଆରମ୍ଭ ହୋଇ ରାତି ୮ଟା ପର୍ଯ୍ୟନ୍ତ ଚାଲିଥାଏ। ରାଉରକେଲା, ବିଶ୍ରା, ନୂଆଗାଁ, ଲାଠିକଟା, ରାଜଗାଙ୍ଗପୁର, କୁତ୍ରା ଠାରୁ ଆରମ୍ଭ କରି ରାଏବୋଗା, ବୀରମିତ୍ରପୁର, କୁଆଁରମୁଣ୍ଡା ଆଦି ଅଞ୍ଚଳ ସହ ପଡୋଶୀ ଝାଡଖଣ୍ଡ ରାଜ୍ୟର ସାମୀନ୍ତବର୍ତ୍ତୀ ଜିଲାଗୁଡିକରୁ ବେପାରୀମାନେ ଏହି ହାଟକୁ ଆସିଥାଆନ୍ତି। ହେଲେ ଏହି ହାଟରେ ବିକ୍ରି ହେଉଥିବା ଫାଷ୍ଟଫୁଡ ଦୋକାନୀ ଠାରୁ ଆରମ୍ଭ କରି ଗୁପଚୁପ୍ ଓ ତେଜରାତି ଦୋକାନଗୁଡିକରେ ଅନେକ ନକଲି ସାମଗ୍ରୀ ଚଢା ଦାମରେ ବିକ୍ରି ହେଉଥିଲେ ମଧ ଏହାର ତଦାରଖ କରାଯାଉନାହିଁ । ନକଲି ଲୁଣ, ଖାଇବା ତେଲ, ସସ୍, ହଳଦୀଗୁଣ୍ଡ ଆଦି ବିକ୍ରି ହେଉଥିବା ଅଭିଯୋଗ ହେଉଛି। ସେହିପରି ପରିବା ବେପାରୀ, ଫଳ ଦୋକାନୀ ପୁରୁଣା ବଟକରାରେ ଓଜନ କରି ଓଜନରେ ଠକେଇ କରୁଥିବା ଅଭିଯୋଗ ହେଉଛି। ଏ ଦିଗରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ଦିଗରେ ଜିଲା ଖାଦ୍ୟ ନିରୀକ୍ଷକ ଏବଂ ମାପ ଓ ଓଜନ ବିଭାଗ ପକ୍ଷରୁ ଅଚାନକ ଚଢାଉ କରାଯିବାକୁ ଦାବି ହେଉଛି ।

# କରମା ପୂଜା ମହୋତ୍ସବ ପାଳିତ

ରାଉରକେଲା ଅଫିସ,୬।୯

ରାଉରକେଲା ଓରାମପଡା ସ୍ଥିତ କୁଡୁଖ ସଭାସ୍ଥଳରେ ଦୁର୍ଗାପୁର କୁଡୁଖ ପାଡ୍‌ହା ପୂଜା କମିଟି ପକ୍ଷରୁ ସଭାପତି ବିକ୍ରମ କୁଜୁରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ରାଜୀ କରମା ପୂଜା ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଦୁର୍ଗାପୁର ମୌଜାର ଓରାମପଡା, କୁମ୍ଭାରପଡା, ଶୀତଳପଡା, ମହୁଲପାଲି ଅଞ୍ଚଳରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଭାଦ୍ରବ ଏକାଦଶୀରେ ୯ଦିନ ଧରି କୁଆଁରୀ ଝିଅମାନେ ଉପବାସ ବ୍ରତ ରଖି ଭୋଗରେ ଚୂଡ଼ା, କାକୁଡି, କ୍ଷୀର ଓ ୫ ପ୍ରକାର ଫସଲ ମଞ୍ଜିକୁ ନିୟମ ଅନୁସାରେ କରମା ରାଜାଙ୍କୁ ଅର୍ପଣ କରିବା ସହ ଶ୍ରଦ୍ଧାଳୁଙ୍କ ବିତରଣ କରିଥିଲେ। ପରେ ସମସ୍ତ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପାହାଣ ସୁନ୍ଦରା ମିଞ୍ଜ ସାମୂହିକ ପ୍ରାର୍ଥନା କରିଥିଲେ। ଉତ୍ସବରେ ପ୍ରବଚକ ଭାବେ ଚାନ୍ଦୁ କୁଜୁର ଓ ସୁରେଶ ଲାକ୍ରା ଯୋଗଦେଇ କରମା-ଧରମା ପୂଜାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ପରେ ଆଦିବାସୀ ସଂସ୍କୃତି ପରମ୍ପରା ମାଦଳ ବାଦ୍ୟ ସହ ନୃତ୍ୟ ପରିବେଷଣ କରାଯାଇଥିଲା। ପୂଜା କମିଟିର ସାଧାରଣ ସମ୍ପାଦକ ଅଜିତ ପାନ୍ନା, ସହ ସମ୍ପାଦକ ଲଦ୍ରା କେରକେଟ୍ଟା, କୋଷାଧ୍ୟକ୍ଷ ଶୁକ୍ରା କୁଜୁର, ସୁରେଶ ଲାକ୍ରା, ମନମୋହନ ଓରାମ, ଲୁନ୍ଦେଇ ଓରାମ ପ୍ରମୁଖ ସହଯୋଗ କରିଥିଲେ।


କରମା ପୂଜା ମହୋତ୍ସବରେ ନୃତ୍ୟ ପରିବେଷଣ କରାଯାଉଛି।

# ସ୍କୁଲରେ ତାଲା ପକାଇଲେ ଅଭିଭାବକ

ଦେବଗଡ଼/ରିଆମାଳ,୬।୯(ଡି.ଏନ.ଏ)

ଶିକ୍ଷକ ପଦବୀ ପୂରଣ ଦାବି କରି ସ୍କୁଲ ଫାଟକରେ ତାଲା ପକାଇଲେ ଅଭିଭାବକ ଓ ଗ୍ରାମବାସୀ। ଫଳରେ ସ୍କୁଲ ବାହାରେ ଘଣ୍ଟା ଘଣ୍ଟା ଧରି ଶିକ୍ଷକ, ଛାତ୍ରୀଛାତ୍ର ବସିରହିଲେ। ଏଭଳି ଏକ ଘଟଣା ମଙ୍ଗଳବାର ଦେଖିବାକୁ ମିଳିଛି ଦେବଗଡ଼ ଜିଲା ରିଆମାଳ ବ୍ଲକ ମଳେହିପଡା ଗ୍ରାମପଞ୍ଚାୟତର ମଳେହିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ସୂଚନା ଅନୁସାରେ, ମଳେହିପଡା ଉଚ୍ଚ ପ୍ରାଥମିକ

### ଶିକ୍ଷକ ପଦବୀ ପୂରଣ ଦାବି ତେଜିଲା

ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୫୪ ଜଣ ଛାତ୍ରୀଛାତ୍ର ପାଠ ପଢନ୍ତି। ମାତ୍ର ବିଦ୍ୟାଳୟରେ କେବଳ ୪ ଜଣ ଶିକ୍ଷକ ରହିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଫଳରେ ଆଉ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ଏହା ସତ୍ତ୍ୱେ ଶିକ୍ଷକ ନିଯୁକ୍ତି ପାଇଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଗତ ୩ ତାରିଖରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୀରାଧର ସ୍ୱାଇଁ ଓ ସରପଞ୍ଚ ରୁନୁ ବେହେରା ପ୍ରମୁଖ ରିଆମାଳ ବିଇଓଙ୍କୁ ଭେଟି ୨ ଜଣ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଥିଲେ। ତିନିଦିନ ମଧ୍ୟରେ ଦାବି ପୂରଣ ନ ହେଲେ ବିଦ୍ୟାଳୟରେ ତାଲା ପକାଇବାକୁ ସେମାନେ ଚେତାବନୀ ଦେଇଥିଲେ। ଏହି କ୍ରମରେ ମଙ୍ଗଳବାର ସେମାନେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଏହାର ପ୍ରତିବାଦ କରିଥିଲେ।


ସ୍କୁଲ ଗେଟ୍‌ରେ ତାଲା ପଡିଥିବାରୁ ଛାତ୍ରୀଛାତ୍ର ବାହାରେ ବସିଛନ୍ତି।

# ଉଚ୍ଛେଦ ପୂର୍ବରୁ ଥଇଥାନ କର

ରାଉରକେଲା ଅଫିସ,୬।୯

ରାଉରକେଲା ବନ୍ଧୁମଣ୍ଡା ନେପାଳି ବସ୍ତି ଓ ସାରଦାପଲି ବସ୍ତିର ଶତାଧିକ ବାସିନ୍ଦା ମଙ୍ଗଳବାର ଆରଏମ୍‌ସି କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଦୁଇଟି ବସ୍ତି ଗଢି ଉଠିଥିବା ସ୍ଥାନରେ ରେଲୱେ କର୍ତ୍ତୃପକ୍ଷ ନିଜର ଷ୍ଟକ୍ ୟାର୍ଡ ନିର୍ମାଣ କରୁଥିବାରୁ ଗତ ୪ ତାରିଖରେ ପ୍ରଥମେ ୧୫ ଜଣଙ୍କ ଘରକୁ ଉଚ୍ଛେଦ କରାଯାଇଥିଲା। ପରେ ପୁଣି ମଙ୍ଗଳବାର ଉକ୍ତ ବସ୍ତିର କିଛି ଲୋକଙ୍କ ଘର ଉଚ୍ଛେଦ କରାଯିବା ବେଳେ ଏହାକୁ ଉଭୟ ବସ୍ତିବାସୀ ବିରୋଧ କରିଥିଲେ। ତେବେ ରେଲୱେ କର୍ତ୍ତୃପକ୍ଷ ବସ୍ତିବାସୀଙ୍କ କୌଣସି ଅଭିଯୋଗ ନ ଶୁଣି ଉଚ୍ଛେଦ ପ୍ରକ୍ରିୟା ଜାରି ରଖିଥିଲେ। ଫଳରେ ସ୍ଥାନୀୟ ଦୁଇଟି ବସ୍ତିର ଶତାଧିକ ମହିଳା ଏକତ୍ରିତ ହୋଇ ରାଉରକେଲା ମହାନଗର ନିଗମ(ଆରଏମ୍‌ସି) କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବସ୍ତିବାସୀ ଦୀର୍ଘ ୪୦ ବର୍ଷ ଧରି ସେଠାରେ ବାସ କରିଆସୁଥିବା ବେଳେ ବିନା


ଦାବିପତ୍ର ଦେବା ପାଇଁ ଆର୍‌ଏମ୍‌ସି କାର୍ଯ୍ୟାଳୟକୁ ଆସିଥିବା ବସ୍ତି ବାସିନ୍ଦା ।

### ଆର୍‌ଏମ୍‌ସି ଅଫିସ୍‌ରେ ବିକ୍ଷୋଭ କଲେ ବସ୍ତିବାସୀ

ନୋଟିସରେ କିଭଳି ସେମାନଙ୍କୁ ଉଚ୍ଛେଦ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ତେଣୁ ପ୍ରଥମେ ବସ୍ତିବାସିନ୍ଦାଙ୍କୁ ଥଇଥାନ କରି ପରେ ଉଚ୍ଛେଦ କରାଯାଉ ବୋଲି ବସ୍ତିବାସୀ ଦାବି କରିଥିଲେ। ଏହି ମର୍ମରେ ସେମାନେ ଆରଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏ ନେଇ ରେଲୱେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ଆର୍‌ଏମ୍‌ସି କମିଶନର ବସ୍ତିବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ରେଲୱେ କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳରେ ରେଲୱେ ଷ୍ଟକ୍ ୟାର୍ଡ କରିବା ପାଇଁ ଗତ ୩ ମାସ ତଳୁ ନୋଟିସ ଜାରି କରିଥିବା ସୂଚନା ଦେଇଛନ୍ତି। ଏହି ବିକ୍ଷୋଭରେ ସତ୍ୟବତୀ ଜେନା, ସନ୍ଧ୍ୟା ବିଶ୍ୱାଳ, ଭାରତୀ ନାୟକ, ଗୀତା ସାହୁ, କୌଶଲ୍ୟା ନାୟକ, ରୀତା ବେହେରା, ସୁନିତା ପୂର୍ତ୍ତି ପ୍ରମୁଖ ବସ୍ତିବାସୀ ଉପସ୍ଥିତ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ସ୍କ୍ରାପ୍ ଚୋରାଚାଲାଣ, ଯୁବକ ଗିରଫ

**ରାଉରକେଲା ଅଫିସ,୬।୯:** ସ୍କ୍ରାପ୍ ଚୋରାଚାଲାଣ ସମୟରେ ରଘୁନାଥପାଲି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରଫ୍ ସା(୩୪)। ତାଙ୍କଠାରୁ ସ୍କ୍ରାପ୍ ବୋଝେଇ ଗାଡ଼ି ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୬୧।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ପ୍ଲାଣ୍ଟସାଇଟ ଅଞ୍ଚଳରେ ରଫଙ୍କର ଏକ ଲୁହା କଣ୍ଟା ଦୋକାନ ରହିଛି। ସୋମବାର ବିଳମ୍ବିତ ରାତିରେ ସେ ଏକ ଟାଟା ଏସିଇ ଗାଡ଼ିରେ ୨୩୬୦ କେଜି ସ୍କ୍ରାପ୍ ବୋଝେଇ କରି ରାଉରକେଲାରୁ ବେଦବ୍ୟାସ ଅଭିମୁଖେ ଯାଉଥିଲେ। ଏହି ସମୟରେ ରାଉରକେଲା ହନୁମାନ ବାଟିକା ଛକରେ ପୋଲିସ ପାଟ୍ରୋଲିଂ ଗାଡ଼ିକୁ ଦେଖି ରଫ୍ ରିଂରୋଡ୍ ଦେଇ ଫେରାର ହେବାକୁ ଉଦ୍ୟମ କରିଥିଲେ। ପୋଲିସ ଗାଡ଼ିକୁ ପିଛା କରି ଜେଲ୍ ରୋଡ୍ ଡିଏଭି ଛକରେ କାବୁ କରିଥିଲା। କାଗଜପତ୍ର ଯାଞ୍ଚ କରିବାରୁ ସ୍କ୍ରାପ୍ ବେଆଇନ ବୋଲି ଜଣାପଡିଥିଲା।

### ଅଟୋ ରିକ୍ସା ଜାଳିଦେବା ଘଟଣା: ଅଭିଯୁକ୍ତ ଗିରଫ

**ଦେବଗଡ଼,୬।୯(ଡି.ଏନ.ଏ.):** ଦେବଗଡ଼ ସୁଗୁଡା କଲେଜ ଛକ ନିକଟସ୍ଥ ରାଞ୍ଚି-ବିଜୟୱାଡା ରାସ୍ତାରେ ସୋମବାର ଅପରାହ୍ନରେ ଏକ ଅଟୋ ରିକ୍ସାକୁ ଅଟକାଇ ନିଆଁ ଲଗାଇ ପୋଡ଼ିଦେବା ଘଟଣାରେ ଦେବଗଡ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରଶାନ୍ତ ସାହୁ ଓରଫ କାଳିଆ(୩୪)। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ସୋମବାର ଦେବଗଡ ଆଦର୍ଶ ଥାନା ସୁଗୁଡା ଗ୍ରାମର ପ୍ରଶାନ୍ତ କୌଣସି କାମ ପାଇଁ ଅଟୋ ରିକ୍ସାର ଆବଶ୍ୟକତା ପଡିବାରୁ ନିକଟସ୍ଥ ଖୁଣ୍ଟିଆପାଲି ଗ୍ରାମର ଅଟୋ ମାଲିକ ବିକାଶ ଦୀପଙ୍କୁ ଫୋନ କରିଥିଲେ। ମାତ୍ର ବିକାଶ କଲ୍ ରିସିଭ ନ କରିବାରୁ ପ୍ରଶାନ୍ତ ଉତ୍ୟକ୍ତ ହୋଇ ପଡିଥିଲେ। ଅପରାହ୍ନ ପ୍ରାୟ ୪ଟା ସମୟରେ ବିକାଶ ଅଟୋ ରିକ୍ସା ନେଇ ପଥରଖଣି ଆଡକୁ ଯାଉଥିବା ଦେଖି ପ୍ରଶାନ୍ତ ତାଙ୍କ ପିଛା କରିବା ସହ ସୁଗୁଡା କଲେଜ ଛକ ନିକଟରେ ଅଟକାଇ ପାଟିତୁଣ୍ଡ କରିଥିଲେ। ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଯୁକ୍ତିତର୍କ ହେବା ପରେ ପ୍ରଶାନ୍ତ ସୁଗୁଡା ଗ୍ରାମରୁ କିଛି ପେଟ୍ରୋଲ ଆଣି ଉକ୍ତ ଅଟୋ ରିକ୍ସାରେ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ଅଟୋ ଜଳିଯାଇଥିଲା। ସୂଚନା ପାଇ ଦେବଗଡ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଟୋଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଦେବଗଡ ଆଦର୍ଶ ଥାନା ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଷାଠିଏ ଘର ଡୁମାଳ ସମାଜ ପକ୍ଷରୁ ଗୁରୁ ପୂଜନ

**ବଲାଙ୍ଗୀର ଅଫିସ/ଲୋଇସିଂହା, ୬।୯(ଡି.ଏନ.ଏ):** ବଲାଙ୍ଗୀର ସାମ୍ବାଦିକ ଭବନରେ ଜିଲା ଷାଠିଏ ଘର ଡୁମାଳ ସମାଜ ପକ୍ଷରୁ ଗୁରୁଦିବସ ଓ ଗୁରୁ ଆଶୀର୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଖୁସିରାମ ଚାଉଳିଆ ଅଧ୍ୟକ୍ଷତା କରିଥିଲେ। ଏଥିରେ ଭିକାରୀଚରଣ ପଧାନ, କୃଷ୍ଣଚନ୍ଦ୍ର କଲତା, ସୁବଳ ଗୁରାଣ୍ଡି, ରାଜକିଶୋର ଭୋଇ, ଇନ୍ଦୁଭୂଷଣ ଡାଙ୍ଗ, ପ୍ରକାଶ ମେର୍ଲି, ଦୟାନିଧି କରନ, ଇଶ୍ୱର କରନ ପ୍ରମୁଖ ଶିକ୍ଷକ ଅତିଥିଭାବେ ଯୋଗଦେଇଥିଲେ।

# ଅବହେଳା ବିରୋଧରେ ହେବ ଆନ୍ଦୋଳନ

**ବଲାଙ୍ଗୀର ଅଫିସ/ତରଭା,୬।୯ (ଡି.ଏନ୍.ଏ.)**


ତରଭା ସ୍ଥିତ ମୁରଲୀ ନାରାୟଣ କଲ୍ୟାଣ ମଣ୍ଡପରେ ତରଭା ବୁଦ୍ଧିଜୀବୀଙ୍କ ସହ ବଲାଙ୍ଗୀର ସଂଘର୍ଷ ସମିତି ସଦସ୍ୟ।

**ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ**

- ତରଭାରେ ସଂଘର୍ଷ ସମିତିର ବୈଠକ
- ୧୧ରେ ବଲାଙ୍ଗୀରରେ ହେବ ବଲାଙ୍ଗୀର, ସୋନପୁର, ବୌଦ୍ଧ ଜିଲା ବୈଠକ
- ତରଭା-ବଇରାସର ମଝିରେ ରେଳଷ୍ଟେଶନ୍ ଦାବି

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସଂଘର୍ଷ ସମିତି ପକ୍ଷରୁ ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ତରଭାସ୍ଥିତ ମୁରଲୀ ନାରାୟଣ କଲ୍ୟାଣ ମଣ୍ଡପରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ପଶ୍ଚିମ ଓଡିଶାର ଏହି ଗୁରୁତ୍ୱପୂର୍ଣ୍ଣ ରେଳପ୍ରକଳ୍ପକୁ ଜାଣିଶୁଣି ଅବହେଳା କରାଯାଇଛି ଓ ଏଥିସକାଶେ ସରକାରୀ ସମ୍ପୂର୍ଣ୍ଣ ଦାୟୀ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲା ତରଭା ସହରର ବୁଦ୍ଧିଜୀବୀ ଓ ସଦସ୍ୟ ଯୋଗଦେଇଥିଲେ। ସ୍ୱାଧୀନତା ପୂର୍ବରୁ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ ସର୍ଭେ ସରିଥିଲେ ମଧ୍ୟ ଏହି ପ୍ରକଳ୍ପ ଘୋର ଅବହେଳାର ଶିକାର ହୋଇଆସିଛି। କେନ୍ଦ୍ର ଓ ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ ଯେତିକି ଆନ୍ତରିକତା ଦେଖାଇବା କଥା ଦେଖାଉନାହାନ୍ତି।

୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଲାଙ୍ଗୀର-ବିଚ୍ଛୁପାଲି ୧୫କିଲୋମିଟର ରେଳପଥ ଓ ରେଳ ଚଳାଚଳ ଉଦ୍‌ଘାଟନ କରିଥିଲେ। ଏହାପରେ ବଲାଙ୍ଗୀର ପଟରୁ ମଧ୍ୟ ରେଳପଥ ନିର୍ମାଣ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଇତିମଧ୍ୟରେ ତିନିବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଛି। ବିଚ୍ଛୁପାଲିରୁ ୭ କିଲୋମିଟର ଦୂର ସୁବର୍ଣ୍ଣପୁର ଜିଲାର ଝାରତରଭାକୁ ରେଳ ଚଳାଚଳ ସମ୍ଭବ ହେଲାନାହିଁ। କେନ୍ଦ୍ର ସରକାର ଯେତିକି ଟଙ୍କା ରେଳବଜେଟରେ ଘୋଷଣା କରୁଛନ୍ତି ସେତିକି ଟଙ୍କା ଖର୍ଚ୍ଚ ହୋଇପାରୁନାହିଁ। ଏଥିରୁ ଆନ୍ତରିକତା ବୁଝାପଡୁଛି। ସୋନପୁର ଓ ବୌଦ୍ଧ ଜିଲାରେ କେବେ ରେଳ ଚଳାଚଳ ହେବ ତାର ହିସାବ ନାହିଁ। ଏହାର ପ୍ରତିବାଦ ପାଇଁ ବଲାଙ୍ଗୀର-ସୋନପୁର-ବୌଦ୍ଧର ବିଭିନ୍ନ ସଙ୍ଗଠନ ମିଳିତ ଭାବେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସଂଘର୍ଷ ସମିତି ଗଠନ କରିଛନ୍ତି। ଏହି ସମିତି ପୂର୍ବରୁ ବୌଦ୍ଧ ଏବଂ ସୋନପୁରଠାରେ ବୈଠକ କରିସାରିଛି। ଆସନ୍ତା ୧୧ ତାରିଖରେ ବଲାଙ୍ଗୀରଠାରେ ମିଳିତ ବୈଠକ ଅନୁଷ୍ଠିତ ହେବ। ଏଥିରେ ପ୍ରକଳ୍ପକୁ ନେଇ ସରକାରଙ୍କ ଆଭିମୁଖ୍ୟ ବିଷୟରେ ଆଲୋଚନା କରାଯାଇ ଆଗକୁ ବଡ ଧରଣର ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକ ପୂର୍ବରୁ ମଙ୍ଗଳବାର ତରଭାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ତରଭା ସହରରେ ରେଳଷ୍ଟେଶନ କରା ନ ଯାଇ ସେଠାରୁ ୫ କିଲୋମିଟର ଦୂର ଝାରତରଭାରେ ରେଳଷ୍ଟେଶନ କରାଯାଇଛି। ତରଭା ସହର ରେଳ ମାନଚିତ୍ରରେ ରହୁନାହିଁ। ଏହାବାଦ୍ ତରଭାର ଅନ୍ୟାନ୍ୟ ସମସ୍ୟା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସଂଘର୍ଷ ସମିତି ଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତରଭାର ବୁଦ୍ଧିଜୀବୀ ହରିବନ୍ଧୁ ପାଣିଗ୍ରାହୀ, ଦେବେନ୍ଦ୍ର ବିଜୟ ସାହୁ, ଜୟପ୍ରକାଶ ନାରାୟଣ ସାହୁ, ଅକ୍ଷୟ କୁମାର ବାଗ, ସୁରେଶ ଚନ୍ଦ୍ର ମହଲା, ଅନ୍ତର୍ଯ୍ୟାମୀ ସାହୁ, ରବୀନ୍ଦ୍ରନାଥ ଠାକୁର, ମାଙ୍ଗେଲାଲ ଅଗ୍ରୱାଲ, ପ୍ରବୀଣ କୁମାର ସାହୁ, ରାଜେଶ ମେହେର, ଜୟକୁମାର ସାହୁ, ସତୀଶ କୁମାର ସାହୁ, ସନ୍ତୋଷ କୁମାର ସାହୁ, କପିଳାସ ସେଠ୍, ସୁନୀଲ କୁମାର ଝାଜରିଆ ଆନ୍ଦୋଳନକୁ ସମର୍ଥନ କରି ଗୁରୁତ୍ୱପୂର୍ଣ୍ଣ ମତ ଦେଇଥିଲେ। ତରଭାରେ ରେଳଷ୍ଟେଶନ ନିର୍ମାଣ ଓ ତରଭା ଷ୍ଟେଶନ ନାମକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମିତି ସଂଯୋଜକ ଆଇନଜୀବୀ ଭବାନୀ ଶଙ୍କର ଶତପଥୀ ଆନ୍ଦୋଳନର ରୂପରେଖ ସମ୍ପର୍କରେ କହିଥିଲେ। ବଲାଙ୍ଗୀର ୟୁଥ୍ ଆକ୍ସନ କମିଟି ସଭାପତି ବିନୋଦ କାଲସାଏ ରେଳପଥ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କହିଥିଲେ।

## ଆଦ୍ୱେଶା, ସମ୍ଭାବୀଙ୍କୁ ବ୍ରୋଞ୍ଜ ପଦକ

**ଜାତୀୟସ୍ତରୀୟ ବକ୍ସିଂ ଚାମ୍ପିୟନଶିପ୍**

**ସୁନ୍ଦରଗଡ,୬।୯(ଡି.ଏନ୍.ଏ )**

ବିହାର ଓ ଝାଡ଼ଖଣ୍ଡ ରାଜ୍ୟ ସିଆଇଏସସିଇର ମିଳିତ ଆନୁକୂଲ୍ୟରେ ଝାଡ଼ଖଣ୍ଡସ୍ଥିତ ଜାମ୍‌ସେଦପୁରର ଜେଆର୍‌ଡି ଷ୍ଟାଡିୟମଠାରେ ଅନୁଷ୍ଠିତ ସିଆଇଏସସିଇ ଏକ ଜାତୀୟ ସ୍ତର ବକ୍ସିଂ ଚାମ୍ପିୟନଶିପ୍‌ରେ ସୁନ୍ଦରଗଡ଼ର ଆଦ୍ୱେଶା ବକ୍ସି ଓ ସମ୍ଭାବୀ ଗୁପ୍ତା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗତ୧ତାରିଖ ରୁ ୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୁନ୍ଦରଗଡ଼ ସେଣ୍ଟର ଟେରେସା ଇଂଲିଶ ମିଡିୟମ ସ୍କୁଲର ଆଦ୍ୱେଶା ଓ ସମ୍ଭାବୀ ଜିଲା ତରଫରୁ ମନୋନୀତ ହୋଇଥିଲେ। ୧୪ ବର୍ଷରୁ କମ୍ ବୟସ ବିଭାଗରେ ଆଦ୍ୱେଶା ଓ ୧୭ ବର୍ଷରୁ କମ୍ ବୟସ ବିଭାଗରେ ସମ୍ଭାବୀ ତୃତୀୟ ସ୍ଥାନ ଅଧିକାର ସହ ବ୍ରୋଞ୍ଜ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଦେଇଛନ୍ତି। ଖେଳାଳିଙ୍କ କୋଚ ଭାବରେ ରୂପକ ପ୍ରସାଦ,ଓ ମ୍ୟାନେଜର ଭାବେ ସୁଭଦ୍ରା ସିଂ ସେମାନଙ୍କ ସହ ଯାଇଥିଲେ। ଖେଳାଳି ଦ୍ୱୟଙ୍କ ଏହି ସଫଳତା ପାଇଁ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ବକ୍ସିଂ ସମ୍ପାଦକ ଅନୀଲ ବହିଦାର, କୋଷାଧ୍ୟକ୍ଷ ଦୁର୍ଗାମାଧବ ପାଏକ, ସହସମ୍ପାଦକ ଜୟଦେବ ପାତ୍ର ତଥା ସେଣ୍ଟ ଟେରେସା ସ୍କୁଲର ଅଧ୍ୟକ୍ଷା ସିଷ୍ଟର ସେଲଭି, କ୍ରୀଡ଼ା ଶିକ୍ଷକ ଅନୀଲ କୁମାର ଦାସଙ୍କ ସମେତ ଆହୁରି ଅନେକ ଅଭିନନ୍ଦନ ଜଣାଇଛନ୍ତି।

# କାନାଡ଼ାରେ ପାଳିତ ହେଲା ନୂଆଁଖାଇ


କାନାଡାରେ ନୂଆଁଖାଇ ପର୍ବ ପାଳନ କରାଯାଉଛି।

**ସୁନ୍ଦରଗଡ,୬।୯(ଡି.ଏନ.ଏ)**

ସୁଦୂର କାନାଡ଼ାର କାଲଗାରୀ ସହରରେ ଅବସ୍ଥାପିତ ପଶ୍ଚିମ ଓଡ଼ିଶାର ଓଡ଼ିଆ ପରିବାର ପ୍ରଥମ ଥର ପାଇଁ ଗତ ୪ ତାରିଖରେ ନୂଆଁଖାଇ ପର୍ବ ମହାସମାରୋହରେ ପାଳନ କରିଛନ୍ତି। ସ୍ଥାନୀୟ ସାଉଥ ଗ୍ଲେନମୋର ପାର୍କଠାରେ ପାଳିତ ହେଉଥିବା ଏଇ ଉତ୍ସବରେ ନୂଆଁଖାଇର ସମସ୍ତ ରୀତିନୀତି ଅନୁସରଣ କରାଯାଇଥିଲା। ସ୍ଥାନୀୟ କୃଷିକ୍ଷେତ୍ରରୁ ସଂଗୃହୀତ ନୂତନ ଶସ୍ୟରେ ନବାନ୍ନ ପ୍ରସ୍ତୁତ କରାଯାଇ ମା' ସମଲେଶ୍ୱରୀଙ୍କୁ ଭୋଗ ଅର୍ପଣ କରାଯାଇଥିଲା। ଏହାକୁ ଉପସ୍ଥିତ ପରିବାରବର୍ଗଙ୍କ ମଧ୍ୟରେ ବିତରଣ କରାଯାଇଥିଲା।ନବାନ୍ନ ଗ୍ରହଣ କଲା ପରେ ସମସ୍ତେ ଉପସ୍ଥିତ ବୟୋଜ୍ୟେଷ୍ଠମାନଙ୍କୁ ପ୍ରଣାମ କରି ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ବ୍ୟଞ୍ଜନରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା। ସାରାଦିନ ସମ୍ବଲପୁରୀ ସଙ୍ଗୀତର ମଧୁର ମୂର୍ଚ୍ଛନାରେ ପାର୍କଟି ମୁଖରିତ ହୋଇ ଉଠିଥିଲା। ଓଡ଼ିଆ ପରିବାରର କଳାକାରମାନଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ଗୀତ ଏବଂ ନୃତ୍ୟ ପରିବେଶକୁ ଆହୁରି ଆବେଗପୂର୍ଣ୍ଣ କରି ତୋଳିଥିଲା। ଏହି ଉତ୍ସବ ପାଳନ ସମୟରେ ପାର୍କରେ ଥିବା କେତେଜଣ ପାଖକୁ ଆସି ନିଜର କୌତୁହଳ ମେଣ୍ଟାଇବା ସହିତ ଭାରତୀୟ ଖାଦ୍ୟ ଉପଭୋଗ କରିଥିଲେ। ଏଣିକି ପ୍ରତ୍ୟେକ ବର୍ଷ କାଲଗାରୀରେ ନବାନ୍ନ ପର୍ବ ଅନୁଷ୍ଠିତ ହେବ ବୋଲି ଉଦ୍ୟୋକ୍ତାମାନେ ପ୍ରକାଶ କରିଥିଲେ।

## ମାତା ପିତା ପ୍ରଥମ ଗୁରୁ

**ବଡ଼ଗାଁ,୬।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ନିକଟ ସର୍ବତୀ ଦେବୀ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ମହେଶ୍ୱର ବରିହାଙ୍କ ସହଯୋଗ ଓ ଶିଶୁ ଅନୁକୂଳ ପ୍ରୋଗ୍ରାମର ବ୍ଲକ ସଂଯୋଜକ ଜଗବନ୍ଧୁ ମହାନ୍ତିଙ୍କ ଉଦ୍ୟମକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟଅତିଥି ଓ ପ୍ରାଧାପକ ହେମନ୍ତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ପଟେଲ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମହେଶ୍ୱର ମଲ୍ଲିକ, ସିଡିପିଓ ସୁଜାତା ବେଜ, ପ୍ରଧାନ ଶିକ୍ଷୟିତ୍ରୀ ଅଶ୍ରୁ ପ୍ରଧାନ ଯୋଗ ଦେଇଥିଲେ। ପ୍ରାଧାପକ ପଣ୍ଡା ଗୁରୁ ଦିବସ ପାଳନର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ବ୍ଲକ ଅଧ୍ୟକ୍ଷା ସୋରେଙ୍ଗ କହିଥିଲେ ମାତାପିତା ହେଉଛନ୍ତି ପ୍ରଥମ ଗୁରୁ। ତାପରେ ଶିକ୍ଷାଗୁରୁ। ସେମାନେ ପିଲାଙ୍କୁ ସାଧାରଣରୁ ଅସାଧାରଣ କରିଥାନ୍ତି। ଭଲ ଓ ସଫଳ ମଣିଷ ହେବା ପାଇଁ କ'ଣ ସବୁ କରିବାକୁ ହେବ ସରପଞ୍ଚ ବରିହା ପିଲାଙ୍କୁ ବୁଝାଇଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ମଲ୍ଲିକ ପୌରାଣିକ କଥା ଉପରେ ଆଲୋଚନା କରି ଆଦର୍ଶ ଶିଷ୍ୟ ହେବାକୁ ପରାମର୍ଶ ଦେଇଥିଲେ। ମା' ବାପା ପିଲାଙ୍କ ପ୍ରଥମ ପଥ ପ୍ରଦର୍ଶକ। ତେଣୁ ସେମାନଙ୍କ କଥା ମାନି କାମ କରିବାକୁ ଭାଇସ ଚେୟାରମ୍ୟାନ ପଟେଲ ପରାମର୍ଶ ଦେଇଥିଲେ। ଏହି ଅବସରରେ ବକ୍ତୃତା,ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀ ନମ୍ରତା ବେହେରା,ସୁଶୀଳା ମୁଣ୍ଡା, ଶିବାନୀ ଲାକ୍ରା, ରଶ୍ମିଦାସ, ସୁଶୀଳା, ଅର୍ଜୁନ ଡୁଙ୍ଗଡୁଙ୍ଗ, ସିଦ୍ଧାର୍ଥ ବିଶାଳ, ଅହଲ୍ୟା ସିବିଲ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବାପା, ଭଉଣୀଙ୍କ ସ୍ମୃତିରେ ସରକାରୀ ସ୍କୁଲକୁ ଉପକରଣ ପ୍ରଦାନ

**ସମ୍ବଲପୁର,୬।୯(ବ୍ୟୁରୋ)**

ବାପା ରାଜେଶ ଅଗ୍ରୱାଲ ଓ ଭଉଣୀ ସୃଷ୍ଟିଙ୍କ ସ୍ମୃତିରେ ବ୍ରୁକ୍ସହିଲ ୟୁପି ସ୍କୁଲକୁ ମଙ୍ଗଳବାର ଡେସ୍କ ଓ ବେଞ୍ଚ ପ୍ରଦାନ କରିଛନ୍ତି ଯୋଗେଶ ଅଗ୍ରୱାଲ। ୫୦ ଗୋଟି ପାଠ ପଢା ସଂଯୁକ୍ତ ବେଞ୍ଚ ଓ ଚେୟାର ପ୍ରଦାନ କରାଯାଇଛି। ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ର ପାଇଁ ଏହା ସହାୟକ ହେବ। ଟ୍ରଷ୍ଟ ସଦସ୍ୟ ଯୋଗେଶ କହିଛନ୍ତି,୨୦୧୪ ଫେବୃୟାରୀ ୧୪ରେ ହୀରାକୁଦ ଜଳଭଣ୍ଡାରରେ ଡଙ୍ଗାବୁଡି ବାପା ରାଜେଶ ଓ ଭଉଣୀ ସୃଷ୍ଟିଙ୍କୁ ହରାଇଥିଲେ। ଦୁର୍ଘଟଣାରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ପିଲାମାନଙ୍କ ମୁହଁରେ ଖୁସି ଦେଖିଲେ ଭଉଣୀର ଆତ୍ମା ଶାନ୍ତିରେ ରହିବ ବୋଲି ଆଶା କରୁଛି। ଜିଲା ପ୍ରଶାସନ ବେଞ୍ଚ ଦେବା ପାଇଁ ଅନୁମତି ଦେଇଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ।


ବ୍ରୁକ୍ସହିଲ ସ୍କୁଲରେ ଜିଲାପାଳ ଅନନ୍ୟା ଦାସ ଓ ଅନ୍ୟମାନେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମଜନଶୁଣାଣି ଶିବିର

**ଭବାନୀପାଟଣା,୬।୯(ସ୍ୱ.ପ୍ର.):** କଳାହାଣ୍ଡି ଜିଲାପାଳଙ୍କ ସମ୍ମିଳନୀ ଗୃହରେ ମଙ୍ଗଳବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଏସ୍‌ପି ଅଭିଲାଷ ଜିଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଉପଜିଲାପାଳ ଡ ବିଶ୍ୱଜିତ ଦାସଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ମୋଟ ୩୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୭ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୩ଟି ଅଭିଯୋଗର ସମାଧାନ ତତକ୍ଷଣା କରାଯାଇଥିଲା। ଅଭିଯୋଗ ମୁଖ୍ୟତଃ ଆବାସ ଗୃହ, ଭତ୍ତା, ରାଶନ କାର୍ଡ ଉପରେ ଥିଲା।

# ହିଣ୍ଡାଲ୍‌କୋ ପକ୍ଷରୁ ବିଦ୍ୟାଳୟକୁ ଫାଷ୍ଟଏଡ଼ କିଟ୍ ପ୍ରଦାନ

**ସମ୍ବଲପୁର,୬।୯(ବ୍ୟୁରୋ)**

ହିଣ୍ଡାଲ୍‌କୋ ପକ୍ଷରୁ ହୀରାକୁଦ ଅଞ୍ଚଳର ୨୨ଟି ସ୍କୁଲକୁ ମଙ୍ଗଳବାର ଫାଷ୍ଟଏଡ଼ କିଟ୍ ପ୍ରଦାନ କରାଯାଇଛି। ହୀରାକୁଦ ପାୱାର କଲୋନୀ କମ୍ୟୁନିଟି ସେଣ୍ଟରଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୨୨ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ହିଣ୍ଡାଲ୍‌କୋ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ ଯୋଗଦେଇ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ କିଟ ବିତରଣ କରିଥିଲେ। ହିଣ୍ଡାଲ୍‌କୋ ହୀରାକୁଦର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁବ୍ରତ ଚାଟାର୍ଜୀ, ପାୱାର ମୁଖ୍ୟ ଶୁଭଶ୍ରୀ ମହାପାତ୍ର, ସିଏସ୍‌ଆର ମୁଖ୍ୟ ସୁକାନ୍ତ ମହାପାତ୍ର, ଆନନ୍ଦ ଚକ୍ରବର୍ତ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ହିଣ୍ଡାଲ୍‌କୋର ବରିଷ୍ଠ ଡାକ୍ତର ପାମେଲା ଚାଟାର୍ଜୀ ଓ ଡାକ୍ତର ମାୟାଧର ସାହୁ ଫାଷ୍ଟଏଡ଼ ଚିକିତ୍ସା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ତ୍ୱରିତ ସେବା ଦ୍ୱାରା ସ୍କୁଲରେ ଛାତ୍ରୀଛାତ୍ର ଓ ଜନସାଧାରଣ କିପରି ପ୍ରାଥମିକ ଚିକିତ୍ସା ପାଇପାରିବେ ସେନେଇ ଅତିଥିମାନେ ପରାମର୍ଶ ଦେଇଥିଲେ। ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ହେଡ କୈଳାଶ ପାଣ୍ଡେଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ହୋଇଥିଲା।



ହିଣ୍ଡାଲ୍‌କୋ ପକ୍ଷରୁ ଫାଷ୍ଟଏଡ କିଟ୍ ପ୍ରଦାନ କରାଯାଉଛି।

# ସ୍ୱାଗତ ସମାରୋହରେ ସମ୍ବଲପୁର ବିଜେଡି ସାମିଲ

**ସମ୍ବଲପୁର,୬।୯(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କ୍ୟାପିଟାଲ ଫାଉଣ୍ଡେଶନ ପକ୍ଷରୁ ଜୀବନ ବ୍ୟାପି ସାଧନା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଓଡ଼ିଶା ଫେରିଛନ୍ତି। ଏହାକୁ ସମ୍ବଲପୁର ଜିଲା ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି। ବରିଷ୍ଠ ବିଜେଡି ନେତା, ଯୁବ, ଛାତ୍ର ଓ ମହିଳା ସଂଗଠକ ତଥା ଦଳୀୟ କର୍ମୀ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରେ ହୋଇଥିବା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲା ବିଜେଡି ସଭାପତି ଇଂ. ସିଦ୍ଧାର୍ଥ ଦାସ, ଉପସଭାପତି ଅଶୋକ ମହାକୁର, ସମ୍ପାଦକ ଶିଶିର ରଞ୍ଜନ ମହାନ୍ତି, ସୁଧୀର ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବିନ୍ଦ୍ର କୁଅଁର, ପୂର୍ବତନ ସରପଞ୍ଚ ପ୍ରମୋଦ ନାଏକ, ଯୁବ ବିଜେଡି ନେତା ଜୈମିନି ବହିଦାର, ଇଂ.ନିଶିଥ ଆକାଶ, ସମ୍ବଲପୁର ବସ୍ତି ବାସିନ୍ଦା ମହାସଂଘର ଆଶିଷ ମହାନନ୍ଦ, ଷ୍ଟିଫେନ ତିର୍କୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସାମିଲ ଥିଲେ। ସମ୍ବର୍ଦ୍ଧନା ସ୍ଥଳରେ ଜିଲା ପରିଷଦ ସଭାପତି କୁମୁଦିନୀ ନାଏକ, ରାଜ୍ୟ ଯୁଗ୍ମ ସମ୍ପାଦକ ଇଂ.ଦିଲୀପ ଦୁରିଆ, ଯୁବ ବିଜେଡି ରାଜ୍ୟ ସମ୍ପାଦକ ମନୋଜ ମହାପାତ୍ର ଅନ୍ୟମାନଙ୍କ ସହ ଉପସ୍ଥିତ ରହିଥିଲେ।


ସମ୍ବଲପୁର ଜିଲା ବିଜେଡି ସଦସ୍ୟମାନେ।

**ଆଜିଠୁ କଂଗ୍ରେସର 'ଭାରତ ଯୋଡ଼ୋ ଯାତ୍ରା'**

କନ୍ୟାକୁମାରୀ: କଂଗ୍ରେସ ବୁଧବାର କନ୍ୟାକୁମାରୀରୁ ୩,୫୭୦ କିଲୋମିଟର ବ୍ୟାପୀ 'ଭାରତ ଯୋଡୋ ଯାତ୍ରା' ଆରମ୍ଭ କରିବାକୁ ଯାଉଛି। ଏହି ଅବସରରେ ଅନୁଷ୍ଠିତ ବିଶାଳ ରାଲିରେ ଦଳ ପକ୍ଷରୁ ଦେଶର ଆର୍ଥିକ ଅସମାନତା, ସାମାଜିକ ଧ୍ରୁବୀକରଣ, ରାଜନୀତିର କେନ୍ଦ୍ରୀୟକରଣ, ବେରୋଜଗାରୀ ଆଦି ପ୍ରସଙ୍ଗ ଉଠାଯିବ। ଭାରତ ଯୋଡୋ ଯାତ୍ରା ଆରମ୍ଭ ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶ୍ରୀପେରୁମ୍ବୁଦୁରରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସ୍ମାରକୀ ସ୍ଥଳରେ ଏକ ପ୍ରାର୍ଥନା ସଭାରେ ଯୋଗଦେବେ। ସେଠାରୁ ରାହୁଲ ଅନ୍ୟ କଂଗ୍ରେସ ନେତାମାନେ ଆନୁଷ୍ଠାନିକ ଭାବେ ଯାତ୍ରାର ଶୁଭାରମ୍ଭ କରିବେ।

# କେଜ୍‌ରିୱାଲ, ବାମନେତାଙ୍କୁ ଭେଟିଲେ ନୀତୀଶ

ନୂଆଦିଲ୍ଲୀ,୬।୯(ପି.ଟି.)


ସିପିଏମ୍ ନେତା ସୀତାରାମ ୟେଚୁରୀଙ୍କ ସହ ନୀତୀଶ କୁମାର।

ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ଦିଲ୍ଲୀରେ ମଙ୍ଗଳବାର ଏଏପି ନେତା ଅରବିନ୍ଦ କେଜ୍‌ରିୱାଲ ଏବଂ ବାମଦଳର ନେତାମାନଙ୍କୁ ଭେଟିଛନ୍ତି। ସେ ପ୍ରଧାନମନ୍ତ୍ରୀ ପଦ ପାଇଁ ଦାବିଦାର ନୁହନ୍ତି କିମ୍ବା ଏଥିପାଇଁ ତାଙ୍କର ଅଭିଳାଷ ନାହିଁ। ଏବେ କଂଗ୍ରେସ, ବାମଦଳ ଓ ସମସ୍ତ ଆଞ୍ଚଳିକ ଦଳଙ୍କୁ ଏକାଠି କରାଇବାର ସମୟ ବୋଲି ନୀତୀଶ କହିଛନ୍ତି।

ଗତମାସରେ ଭାଜପା ନେତୃତ୍ୱାଧୀନ ମେଣ୍ଟରୁ ଓହରିଯାଇ ଜେଡିୟୁ ନେତା ନୀତୀଶ ବିହାରରେ ଆର୍‌ଜେଡି ଓ କଂଗ୍ରେସ ସହ ହାତ ମିଳାଇ ମହାଗଠବନ୍ଧନ ସରକାର ଗଢ଼ିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ ପରାଜିତ କରିବା ଲକ୍ଷ୍ୟରେ ପ୍ରମୁଖ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ଲାଗି ନୂଆଦିଲ୍ଲୀ ଗସ୍ତରେ ଆସିଥିବା ନୀତୀଶ ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିଥିବାବେଳେ ମଙ୍ଗଳବାର ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏବଂ ସିପିଆଇ ନେତା ଡି. ରାଜାଙ୍କୁ ଭେଟିଥିଲେ। ବାମଦଳ, କଂଗ୍ରେସ ସମେତ ସବୁ ବିରୋଧୀ ଦଳ ଏକାଠି ହେଲେ ଏକ ବଡ଼ ଡିଲ୍ ହେବ ବୋଲି ବିହାର ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ସେହିପରି ୟେଚୁରୀ କହିଛନ୍ତି, ନୀତୀଶ ବିରୋଧୀ ଶିବିରକୁ ଫେରି ଭାଜପା ବିରୋଧୀ ଲଢ଼େଇରେ ଯୋଗଦେବାକୁ ନିଷ୍ପତ୍ତି ନେଇଥିବାରୁ ଏହା ଦେଶର ରାଜନୀତି ପାଇଁ ଏକ ବଡ଼ ସଙ୍କେତ। ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କିଏ ହେବେ, ସେ ନିଷ୍ପତ୍ତି ଏବେ ନୁହେଁ। ସବୁ ଦଳଙ୍କୁ ଏକାଠି କରାଇବା ପ୍ରଥମ ଏଜେଣ୍ଡା। ସମୟ ଆସିଲେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀଙ୍କ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ୟେଚୁରୀ କହିଛନ୍ତି। ଆର୍‌ଏସ୍‌ଏସ୍-ଭାଜପାର କୁଶାସନ ବିରୋଧରେ ଏକାଠି ହେବାର ସମୟ ଆସିଛି ବୋଲି ରାଜା କହିଛନ୍ତି।

ନୀତୀଶ ତାଙ୍କ ଦିଲ୍ଲୀ ପ୍ରତିପକ୍ଷ କେଜ୍‌ରିୱାଲଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେଠାରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ଜେଡିୟୁ ନେତା ସଞ୍ଜୟ ଝା ଉପସ୍ଥିତ ଥିଲେ।

# ୨୯ରେ ଓଡ଼ିଶା ଆସିବେ ନଡ୍ଡା


ଜେ.ପି. ନଡ୍ଡା

**ଭୁବନେଶ୍ୱର,୬।୯(ବ୍ୟୁରୋ):** ଭାଜପା ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା ୨ଦିନିଆ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଆସନ୍ତା ୨୯ ରେ ନଡ୍ଡା ଓଡ଼ିଶା ଆସିବା କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ନେବାପରେ ଏହା ତାଙ୍କର ପ୍ରଥମ ଗସ୍ତ ହେବ। ଏନେଇ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଗୋଲକ କହିଛନ୍ତି, ନଡ୍ଡା ୨୯ ତାରିଖରେ ଓଡ଼ିଶାରେ ପହଞ୍ଚିବେ ଏବଂ ୩୦ ତାରିଖ ଯାଏଁ ରହିବେ।

# କିଣା ଆୱାର୍ଡ: ଭାଜପା

**ମୁଖ୍ୟମନ୍ତ୍ରୀଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ମିଳିବା ପ୍ରସଙ୍ଗ**
- ମାମୁଲି ପ୍ରାଇଜ୍: କଂଗ୍ରେସ
- ଚୋରକୁ ସମସ୍ତେ ଚୋରଭଳି ଦେଖାଯାଆନ୍ତି:ବିଜେଡି

**ଭୁବନେଶ୍ୱର,୬।୯(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ମିଳିବା ପରେ ସେ ଭୁବନେଶ୍ୱର ଫେରିଛନ୍ତି। ତାଙ୍କୁ ସ୍ୱାଗତ କରିବା ଲାଗି ହଜାର ହଜାର ସଂଖ୍ୟାରେ ବିଜେଡି କର୍ମୀ ଭୁବନେଶ୍ୱରରେ ଛାଉଣି ହୋଇଯାଇଛନ୍ତି। ହେଲେ ଏହାକୁ କଡ଼ା ଭାଷାରେ ବିରୋଧୀ ସମାଲୋଚନା କରିଛନ୍ତି। ନବୀନବାବୁ କିଣା ଆୱାର୍ଡ ପାଇଛନ୍ତି। ଏହା କେତେ ଟଙ୍କାରେ କିଣିଛନ୍ତି ତାହା ଜଣାନାହିଁ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି। ସେ କହିଛନ୍ତି, ଯେଉଁ ସଂସ୍ଥାକୁ ଭାରତରେ କେହି ଜାଣିନାହାନ୍ତି ସିଏ ସେବା ସାଧକ ଆୱାର୍ଡ ଦେଇଛନ୍ତି, ଯାହା ଆମ ଓଡ଼ିଶା ପାଇଁ ବାଧକ। ନିର୍ବାଚନ ପାଖେଇ ଆସିଲେ ନବୀନବାବୁ ଏମିତି ଗୋଟେ ଗୋଟେ ଆୱାର୍ଡ ନେଇଆସନ୍ତି। ଗତଥର ମଧ୍ୟ ଏପରି କରିଥିଲେ। ତେବେ ଏହାର କିଛି ପ୍ରଭାବ ପଡ଼ିବ ନାହିଁ। ନବୀନବାବୁଙ୍କ ଏହି ଡ୍ରାମାକୁ ଲୋକେ ବୁଝିସାରିଛନ୍ତି। ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ଏକ ପ୍ରହସନ ବୋଲି ସେ କହିଛନ୍ତି।

କଂଗ୍ରେସ ବରିଷ୍ଠ ନେତା ତଥା ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ଗୋଟେ ମାମୁଲି ପ୍ରାଇଜ୍ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ହ୍ରାସ ପାଇଲାଣି। ସେହି ଲୋକପ୍ରିୟତା କମିନି ବୋଲି ଦେଖାଇହେବା ପାଇଁ ଏମିତି କାର୍ଯ୍ୟକ୍ରମ କରୁଛନ୍ତି। ପ୍ରଥମେ ଦିଲ୍ଲୀକୁ ଲୋକ ବୁହାଇକି ନେଲେ ତା'ପରେ ସାରା ଓଡ଼ିଶାରୁ ଲୋକଙ୍କୁ ବୁହାଇ ଆଣି ବିମାନବନ୍ଦରରେ ପହଞ୍ଚାଇଲେ ବୋଲି ସୁର କହିଛନ୍ତି। ବିଜେଡି ବରିଷ୍ଠ ନେତା ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ମୁଖ୍ୟମନ୍ତ୍ରୀ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ କାମ କରିବା ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ତେଣୁ ତାଙ୍କୁ ଓଡ଼ିଶାବାସୀଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟପଟେ ବିରୋଧୀଙ୍କୁ ଆକ୍ଷେପକରି ରଣେନ୍ଦ୍ର କହିଛନ୍ତି, 'ଚୋରକୁ ସମସ୍ତେ ଚୋରଭଳି ଦେଖାଯାଆନ୍ତି'।

# ହାରିଥିବା ଲୋକ ସଭା, ବିଧାନସଭା ଆସନ ଉପରେ ଭାଜପାର ଫୋକସ

**ଭୁବନେଶ୍ୱର,୬।୯(ବ୍ୟୁରୋ):** ଭାଜପା ରାଜ୍ୟ ପ୍ରଭାରୀ ସୁନୀଲ ବଂଶଲ ତାଙ୍କ ୨ଦିନିଆ ଓଡ଼ିଶା ଗସ୍ତ ଶେଷକରି ଫେରିଯାଇଛନ୍ତି। ତାଙ୍କ ଗସ୍ତ ଶେଷ ପୂର୍ବରୁ ସେ ଦଳର ରାଜ୍ୟ ସଭାପତି, ପଦାଧିକାରୀ, ମୋର୍ଚ୍ଚା ସଭାପତି ଏବଂ ବରିଷ୍ଠ ନେତାମାନଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ଦଳ ତୃଣମୂଳସ୍ତରରେ କିପରି ସଶକ୍ତ ହେବ ସେନେଇ ନେତାଙ୍କଠାରୁ ଫିଡ୍‌ବ୍ୟାକ୍ ନେଇ ସେ ଯାଇଛନ୍ତି। ୨୦୧୯ ନିର୍ବାଚନରେ ଯେଉଁସବୁ ବୁଥ୍‌କୁ କମ୍ ଭୋଟ୍ ମିଳିଥିଲା ସେଗୁଡିକୁ ଶକ୍ତିଶାଳୀ କରାଯିବ। ପରାଜିତ ହୋଇଥିବା ଲୋକ ସଭା କ୍ଷେତ୍ରରେ ଲୋକସଭା ପ୍ରବାସ ଯୋଜନା ଆରମ୍ଭ ହେବ। କେନ୍ଦ୍ରମନ୍ତ୍ରୀମାନେ ଏହାର ସ୍ଥିତି ଅନୁଧ୍ୟାନ କରିବେ। ସଙ୍ଗଠନ ମଜଭୁତ ସହ ରାଜ୍ୟ ସରକାରଙ୍କ ବିଫଳତା ନେଇ ଜୋର୍‌ଦାର ଲଢେଇ ହେବ। କେନ୍ଦ୍ର ସରକାରଙ୍କ ସଫଳତା ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## NOTICE

No. MM-140: Sri Promod Kumar Satapathy, Dy. Coordinator (Retd.), Ex-Sub-Divisional Forest Officer, Jharsuguda (KL) Sub-Division of Jharsuguda (KL) Division, C/o. Dr. T.N. Panda, Plot No. 2110, Chintamaniswar Area, Budheswar Colony, Bhubaneswar - 751006 is hereby requested to attend in the Office of the Divisional forest Officer, Jharsuguda (KL) Division, Badmal, Jharsuguda on 19.09.2022 at 11.00 A.M. for hearing on recovery of inadmissible Special Incentive Allowance (Naxalite Allowance) pursuant to Order No.1 Dt.04.07.2022 of the Hon'ble High Court of Odisha, Cuttack passed in connection with WPC (OA) No. 2915 of 2015.

Sd./- Divisional Forest Officer
OIPR-08054/11/0003/2223 Jharsuguda (K.L.) Division

## GOVERNMENT OF ODISHA
No. O-931
## OFFICE OF THE EXECUTIVE ENGINEER, RURAL WORKS DIVISION, MOHANA
e-mail: rwdmohana@gmail.com
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 05/MOHANA/2022-23**

1. Name of the Work : Building Works
2. Total Number of Works : 02 (Two) Nos.
3. Estimated Cost : Varies from Rs.36.29 lakhs to Rs.37.21 lakhs
4. Class of Contractor : As per Annexure
5. Period of Completion : As per Annexure
6. Other details

| Procurement Officer | Bid Identification No. | No. of Works | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 05/MOHANA /2022-23 | 02 (Two) Nos. | 12.09.2022 from 11.00 A.M. | 22.09.2022 upto 5.00 P.M. | 21.09.2022 upto 5.00 P.M. | 23.09.2022 at 11.00 A.M. |

Further details can be seen from the website **www.tenderorissa.gov.in**.
OIPR-25148/11/0006/2223 Sd./- Executive Engineer, R.W. Division, Mohana

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

ସଂଖ୍ୟା: 16062/IND-II-PH-1060 ତାରିଖ: 05.09.2022

**ବିଜ୍ଞାପନ**

No. CAD-1727: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ସୁମି ଟ୍ରେଡିଙ୍ଗ କୋ, ଓଡ଼ିଶାର ସମ୍ବଲପୁର ଜିଲ୍ଲା, ମାନେଶ୍ୱର ତହସିଲ ଅନ୍ତର୍ଗତ ସାଲେସିଂ ଗ୍ରାମରେ ୫.୨୪ ହେକ୍ଟର ପରିମିତ ଅଞ୍ଚଳରେ (କ୍ଲଷ୍ଟର ଅନ୍ତର୍ଗତ ସମୁଦାୟ ୮.୫୮୩ ହେକ୍ଟର ଅଞ୍ଚଳ) ଖାତା ନଂ. ୨୨୯ ଅନ୍ତର୍ଗତ ପ୍ଲଟ ନଂ. ୫୨୯, ୬୩୪ ଏବଂ ୬୦୫ସ୍ଥିତ ସାଲେସିଂ ପଥର ଖଣି - A ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୮।୧୦।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ସମ୍ବଲପୁର ଜିଲ୍ଲା, ବଡ଼ଗାଁ ଆର୍.ଆଇ, ପରିମଣ୍ଡଳ, ବଡ଼ଗାଁ ଗ୍ରାମପଞ୍ଚାୟତ, ସାଲେସିଂ ମୌଜାସ୍ଥିତ ସାଲେସିଂ କଲୋନୀ ପଡ଼ା ଫୁଟବଲ ଖେଳପଡ଼ିଆଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ସମ୍ବଲପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ସମ୍ବଲପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ସମ୍ବଲପୁର।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ। ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0245/2223 ସ୍ୱା./- ସଦସ୍ୟ ସଚିବ

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in
cebuildings@rediffmail.com Tel.-(0674)-2391523

**INVITATIONS FOR BIDS (IFB)**

File No.B-I-Home-36/2022 33094/ Bhubaneswar, the 30th Aug, 2022

**Invitation for Bids 1st Corrigendum**

**Tender Reference No. OSD C.E. (B) - 18 / 2022-23**
**Name of the Work - Construction of Court Building Bhanjanagar.**
The following changes have been made in Bid Identification No. OSD C.E. (B) -18 / 2022-23
**No.B-546:**1.Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from dt.20.09.2022 to 17.00 hours of dt.10.10.2022 instead of dt.30.08.2022 to dt.19.09.2022 for ONLINE BIDDING respectively. 2.Online bids shall be received till 17.00 Hours of dt.10.10.2022 instead of dt.19.09.2022.3.The technical bids will be opened at 11.30 A.M. of dt.11.10.2022 instead of dt.20.09.2022. All other terms and conditions remain unchanged.

Sd./- OSD C.E. (Buildings), Odisha, Bhubaneswar
OIPR-34117/11/0049/2223

## OUIDF
Odisha Urban Infrastructure Development Fund
## Odisha Urban Infrastructure Development Fund
4th Floor, Zone A/2, Fortune Towers, Chandrasekharpur, Bhubaneswar-751023, Odisha
Email: ouidf.hudd@gmail.com Website: www.ouidf.in
Ref No- 01/OUIDF-227/2022 Date: 05/09/2022

**Extension of Proposal Due Date & Corrigendum-2 : Request for Proposal for Appointment of Project Management Unit in OUIDF**

**No.C-1156:**The Proposal Due Date for the RFP has been extended till 2:30 PM IST of 12/09/2022. Interested firms may download CORRIGENDUM-2 document from the websites www.ouidf.in or www.urbanodisha.gov.in and submit the complete RFP Document on or before 12/09/2022 by 2.30 PM IST at the above mentioned address.

Sd./- Secretary, OUIDF
OIPR-13048/11/0002/2223

## FOREST DEPARTMENT
## OFFICE OF THE DIVISIONAL FOREST OFFICER, BARIPADA FOREST DIVISION
No. MM-139
e-mail: dfo.baripada@odisha.gov.in

**Government of Odisha "e" Procurement Notice**
**Bid Identification No. DFO-BPD-01/2022-23**

1. Number of works : 9 (Nine number of works)
2. Approximate Estiamted Cost : 11.05 lakh to 18.20 lakh
3. Period of Completion : 4 (Four) Calendar Months
4. Date & time of availability of bid documents in the portal : Dt.09.09.2022 to 22.09.2022
5. Last date/time of receipt of bid in the portal : Dt.22.09.2022 upto 5.00 P.M.
6. Date of Opening of Bid : Dt.23.09.2022 at 11.00 A.M.
7. Name & address of the Office Inviting Bid : O/o. the Divisional Forest Officer, Baripada Forest Division, Baripada, Mayurbhanj

Further details can be seen from the e-procurement portal **http://www.tendersodisha.gov.in**.

Sd./- S.Joshi, IFS
Divisional Forest Officer
Baripada Forest Division
OIPR-08065/11/0001/2223

## ତହସିଲଦାରଙ୍କ କାର୍ଯ୍ୟାଳୟ, ଧରାକୋଟ (ଗଞ୍ଜାମ)
### ଭୂ-ଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ)
### ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ-326) ଓ କ୍ଷମତାପନ୍ନ ଅଧିକାରୀ,ଧରାକୋଟ

ବିଜ୍ଞପ୍ତି ସଂଖ୍ୟା ତା.06.09.2022

**ସର୍ବସାଧାରଣ ବିଜ୍ଞାପନ**

ଜାତୀୟ ରାଜପଥ ଆଇନ 1956 (Act. 48 of 1956)ର ଧାରା -୩କ ର ଉପଧାରା (୩) ମୁତାବକେ ଯେହେତୁ ଜାତୀୟ ରାଜପଥ ଆଇନ 1956 ଅନୁଯାୟୀ ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା S.O.3594 (ଙ) ତା.01.08.2022 ରିଖ ଭାରତ ସରକାରଙ୍କ ରାଜପତ୍ର ସଂ.3429, ତା.01.08.2022 ରିଖ ପ୍ରୋକ୍ତ ଆଇନର ଧାରା-3(କ)ରେ ଉଲ୍ଲେଖିତ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଓଡିଶା ରାଜ୍ୟର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଧରାକୋଟ ତହସିଲର ରାଜପଥ ସଂ. 326ରେ ସଂପ୍ରସାରଣ ପାଇଁ ଧାରା-3 (ଘ)ର ଉପଧାରା 1,2 ଅନୁସାରେ ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ନିମିତ୍ତ ସ୍ୱତ୍ୱବାନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ସେମାନେ ଆବଶ୍ୟକୀୟ ସମସ୍ତ କାଗଜାତ ସହ (ବିକ୍ରି କବଲା, ଭାଗବଣ୍ଟା, ଦାଖଲ ଖାରଜ, ଖଜଣାପାଉତି ଓ କିସମ ପରିବର୍ତ୍ତନ) ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ, ନଚେତ୍ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆମର ଦସ୍ତଖତ ଓ ସହି ମୋହର ଦ୍ୱାରା ପ୍ରମାଣିତ।

**ଜମିର ବିବରଣୀ**

ତଫସିଲଭୁକ୍ତ ଜମିର ସମ୍ପୂର୍ଣ୍ଣ ବିବରଣୀ ଯାହାକି ଜାତୀୟ ରାଜପଥ-326 (0 କିମି ଠାରୁ 3 କିମି) ଅଧିଗ୍ରହଣ ନିମନ୍ତେ ଆବଶ୍ୟକ ତାହା ନିମ୍ନରେ ଦର୍ଶାଇ ଦିଆଗଲା।

**ଗ୍ରାମ- ବାହାଡାଗୁଡା, ତହସିଲ-ଧରାକୋଟ, ଜିଲ୍ଲା-ଗଞ୍ଜାମ, ଓଡ଼ିଶା**

| କ୍ର. ସଂ. | ସର୍ଭେ/ ପ୍ଲଟ ନଂ. | ଜମିର ପ୍ରକାର | ଜମିର କିସମ | ଜମିର ରକବା (ଏକର) | ଜମିର ରକବା (ହେକ୍ଟର) | ରୟତଙ୍କ ନାମ |
|---|---|---|---|---|---|---|
| 1 | 1507 | ବେସରକାରୀ | ବିଲ ଦୋଫସଲି ଏକ | 0.020 | 0.0080939 | ଶ୍ରୀ ଗୁପ୍ତେଶ୍ୱର ମହାପ୍ରଭୁ ବିଜେ ନିଜଗାଁ ମା ଟ୍ରଷ୍ଟି, ସେବାୟତ ବା, କନ୍ଧ ମୁନି, ବାଜି ମୁନି, ପି:କ୍ଷେତ୍ର ମୁନି, ଗୁରା ମୁନି, ପି:ବସ୍ତ ମୁନି, ମଙ୍ଗୁଲୁ ମୁନି, ପି:ମହରଗ ମୁନି, ରାଜେନ୍ଦ୍ର ମୁନି, ଟୁନା ମୁନି, ଟୁକୁ ମୁନି, ରଂଜନ ମୁନି, ପି:ଶିବରାମ ମୁନି, ମୋଚି ମୁନି, ପି:କୈବଲ୍ୟ ମୁନି, ଜା:ବ୍ରାହ୍ମଣ, ବା:ନିଜଗାଁ |
| 2 | 1508 | ବେସରକାରୀ | ବିଲ ଦୋଫସଲି ଏକ | 0.015 | 0.0060704 | |
| 3 | 1510 | ବେସରକାରୀ | ବିଲ ଦୋଫସଲି ଏକ | 0.030 | 0.0121408 | |
| 4 | 1522 | ବେସରକାରୀ | ବିଲ ଦୋଫସଲି ଏକ | 0.220 | 0.0890328 | |
| 5 | 1525 | ବେସରକାରୀ | ବିଲ ଦୋଫସଲି ଏକ | 0.045 | 0.0182113 | |
| 6 | 1531 | ବେସରକାରୀ | ବିଲ ଦୋଫସଲି ଏକ | 0.090 | 0.0364225 | |
| 7 | 1532 | ବେସରକାରୀ | ବିଲ ଦୋଫସଲି ଏକ | 0.080 | 0.0323756 | |
| 8 | 642 | ବେସରକାରୀ | ବିଲ ଦୋଫସଲି ଏକ | 0.008 | 0.0032376 | |
| 9 | 651 | ବେସରକାରୀ | ବିଲ ଦୋଫସଲି ଏକ | 0.098 | 0.0396601 | |
| 10 | 652 | ବେସରକାରୀ | ବିଲ ଦୋଫସଲି ଏକ | 0.168 | 0.0679887 | |
| 11 | 718 | ବେସରକାରୀ | ବିଲ ଦୋଫସଲି ଏକ | 0.037 | 0.0149737 | ଭଗବାନ ଜେନା, ପି:ସୁବୁଦ୍ଧି ଜେନା,ଜା:କାଳଞ୍ଜି, ବା:ନିଜଗାଁ |

**ଗ୍ରାମ- ଢଉଗାଁ, ତହସିଲ-ଧରାକୋଟ, ଜିଲ୍ଲା-ଗଞ୍ଜାମ, ଓଡ଼ିଶା**

| କ୍ର. ସଂ. | ସର୍ଭେ/ ପ୍ଲଟ ନଂ. | ଜମିର ପ୍ରକାର | ଜମିର କିସମ | ଜମିର ରକବା (ଏକର) | ଜମିର ରକବା (ହେକ୍ଟର) | ରୟତଙ୍କ ନାମ |
|---|---|---|---|---|---|---|
| 12 | 2551 | ସରକାରୀ | କେନାଲ ଆଡି | 0.140 | 0.0566572 | |
| 13 | 2552 | ସରକାରୀ | ବର୍ଷାଧାର ଏକ | 0.022 | 0.0089033 | |
| 14 | 2553 | ସରକାରୀ | ବର୍ଷାଧାର ଏକ | 0.070 | 0.0283286 | |
| 15 | 2554 | ସରକାରୀ | ବିଲ ଦୋଫସଲି ଏକ | 0.140 | 0.0566572 | |
| 16 | 2555 | ସରକାରୀ | ବର୍ଷାଧାର ଏକ | 0.089 | 0.0360178 | |
| 17 | 2556 | ସରକାରୀ | ବର୍ଷାଧାର ଏକ | 0.008 | 0.0032376 | |
| 18 | 2557 | ସରକାରୀ | ବର୍ଷାଧାର ଏକ | 0.058 | 0.0234723 | |
| 19 | 2558 | ସରକାରୀ | ବର୍ଷାଧାର ଏକ | 0.057 | 0.0230676 | |
| 20 | 2559 | ସରକାରୀ | ବର୍ଷାଧାର ଏକ | 0.057 | 0.0230676 | |
| 21 | 2560 | ସରକାରୀ | କେନାଲ ଆଡି | 0.011 | 0.0445164 | |
| 22 | 2564 | ସରକାରୀ | କେନାଲ | 0.100 | 0.0404694 | |
| 23 | 2564/5243 | ବେସରକାରୀ | ବିଲ ଦୋଫସଲି ଏକ | 0.100 | 0.0404694 | ଗାଣ୍ଡୁ ବେହେରା, ପି:ଅଗାଧୁ ବେହେରା, ଜା:କେଉଟ,ବା:ନିଜଗାଁ |
| 24 | 2564/5459 | ସରକାରୀ | ବିଲ ଦୋଫସଲି ଏକ | 0.045 | 0.0182113 | |
| 25 | 2564/5460 | ବେସରକାରୀ | ବିଲ ଦୋଫସଲି ଏକ | 0.050 | 0.0202347 | ଗାଣ୍ଡୁ ବେହେରା, ପି:ଅଗାଧୁ ବେହେରା, ଜା:କେଉଟ,ବା:ନିଜଗାଁ |
| 26 | 2565 | ସରକାରୀ | ନୟନଝୋରି | 0.043 | 0.0174019 | |
| 27 | 2566 | ସରକାରୀ | ରାସ୍ତା | 0.035 | 0.0141643 | |
| 28 | 2567 | ସରକାରୀ | ନୟନଝୋରି | 0.080 | 0.0323756 | |
| 29 | 2569 | ବେସରକାରୀ | ବିଲ ଦୋଫସଲି ଏକ | 0.060 | 0.0242817 | ଗୋବିନ୍ଦ ଚନ୍ଦ୍ର ଜେନା,ପିତା: ନାରାୟଣ ଜେନା, ଜା:କାଳଞ୍ଜି, ବା.ବାହାଡାଗୁଡା |
| 30 | 2569/5245 | ସରକାରୀ | ବିଲ ଦୋଫସଲି ଏକ | 0.011 | 0.0044516 | |
| 31 | 2570 | ବେସରକାରୀ | ବିଲ ଦୋଫସଲି ଏକ | 0.127 | 0.0513962 | ଉଦୟନାଥ ବେହେରା, ପି:ଖଲି ବେହେରା,ଜା:କେଉଟ,ବା:ନିଜଗାଁ |
| 32 | 2576 | ବେସରକାରୀ | ବିଲ ଦୋଫସଲି ଏକ | 0.061 | 0.0246864 | କୃଷ୍ଣ ବେହେରା, ପି:ଖଲି ବେହେରା ଜା:କେଉଟ,ବା:ନିଜଗାଁ |
| 33 | 2576/5559 | ବେସରକାରୀ | ବିଲ ଦୋଫସଲି ଏକ | 0.018 | 0.0072845 | ଦେବରାଜ ବେହେରା, ପି:ଖଲି ବେହେରା, ଜା:କେଉଟ,ବା:ନିଜଗାଁ |
| 34 | 2576/5560 | ବେସରକାରୀ | ବିଲ ଦୋଫସଲି ଏକ | 0.022 | 0.0089033 | ରାମଚନ୍ଦ୍ର ବେହେରା, ପି:ଖଲି ବେହେରା, ଜା:କେଉଟ,ବା:ନିଜଗାଁ |
| 35 | 2577 | ବେସରକାରୀ | ବିଲ ଦୋଫସଲି ଏକ | 0.122 | 0.0493727 | କନ୍ଧ ଗୌଡ,ପି:ସାଇବ ଗୌଡ, ଜା: ଗଉଡ, ବା:ନିଜଗାଁ |
| 36 | 2578 | ବେସରକାରୀ | ବିଲ ଦୋଫସଲି ଏକ | 0.047 | 0.0190206 | ଉଦୟନାଥ ବେହେରା, ରାମ ବେହେରା, ଦେବରାଜ ବେହେରା, କୃଷ୍ଣ ବେହେରା, ପ୍ରଫୁଲ୍ଲ ବେହେରା, ପି:ଖଲି ବେହେରା, ଗନ୍ଧିଆ ବେହେରା, ପି:ସତ୍ୟବାଦୀ ବେହେରା, ଜମ୍ଭୁ ବେହେରା, ସ୍ୱା: ସତ୍ୟବାଦୀ ବେହେରା, ଜା:କେଉଟ,ବା:ନିଜଗାଁ |
| 37 | 2579 | ବେସରକାରୀ | ବିଲ ଦୋଫସଲି ଏକ | 0.040 | 0.0161878 | କନ୍ଧ ଗୌଡ,ପି:ସାଇବ ଗୌଡ, ଜା: ଗଉଡ, ବା:ନିଜଗାଁ |
| 38 | 2580 | ବେସରକାରୀ | ବିଲ ଦୋଫସଲି ଏକ | 0.039 | 0.0157831 | ରାମଚନ୍ଦ୍ର ବେହେରା, ପି:ଖଲି ବେହେରା, ଜା:କେଉଟ,ବା:ନିଜଗାଁ |
| 39 | 2590 | ବେସରକାରୀ | ବିଲ ଦୋଫସଲି ଏକ | 0.125 | 0.0505868 | ରାମଚନ୍ଦ୍ର ବେହେରା, ପି:ଖଲି ବେହେରା, ଜା:କେଉଟ,ବା:ନିଜଗାଁ |
| 40 | 2591 | ବେସରକାରୀ | ବିଲ ଦୋଫସଲି ଏକ | 0.081 | 0.0327802 | ରାଧାମଣି ଦାସ, ସ୍ୱା:ଦେବେନ୍ଦ୍ର ଦାସ, ଜା:ବ୍ରାହ୍ମଣ, ବା:ନଳବଣ୍ଟା |
| 41 | 5053/5489 | ସରକାରୀ | ପଦର ଏକ | 0.050 | 0.0202347 | |
| 42 | 718 | ସରକାରୀ | ନୟନଝୋରି | 0.079 | 0.0319709 | |
| 43 | 719 | ସରକାରୀ | କେନାଲ | 0.120 | 0.0485633 | |

ସ୍ୱା./-ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ ଓ କ୍ଷମତାପନ୍ନ ଅଧିକାରୀ
ଭୂ-ଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ), ଏନ୍.ଏଚ୍.-326 ପ୍ରକଳ୍ପ, ଧରାକୋଟ

## ଚଳିତ ବର୍ଷ ହେବ କାର୍ତ୍ତିକ ବ୍ରତ ଯୋଜନା

ଭୁବନେଶ୍ୱର, ୬।୯(ବ୍ୟୁରୋ): କୋଭିଡ୍ ଯୋଗୁ ଗତ ୨ବର୍ଷ ହେବ ହବିଷିଆଳିମାନଙ୍କ ପାଇଁ ରାଜ୍ୟ ସରକାରଙ୍କ କାର୍ତ୍ତିକ ବ୍ରତ ଯୋଜନା କାର୍ଯ୍ୟକାରୀ ହୋଇପାରୁ ନ ଥିଲା। କରୋନା ସଂକ୍ରମଣ ହ୍ରାସ ପାଇବା ଯୋଗୁ ଚଳିତ ବର୍ଷ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ପୁରୀରେ ୨ହଜାର ୫ଶହ ହବିଷିଆଳିଙ୍କ ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯିବ। ସେପ୍ଟେମ୍ବର ୧୦ ତାରିଖରୁ ଏଥିପାଇଁ ପଞ୍ଜୀକରଣ ଆରମ୍ଭ ହେବ ଏବଂ ୨୫ ତାରିଖରେ ଶେଷ ହେବ। ଏନେଇ ଆସନ୍ତା ୮ତାରିଖରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯିବ। ଆସନ୍ତା ଅକ୍ଟୋବର ୧୦ ତାରିଖରୁ କାର୍ତ୍ତିକ ବ୍ରତ ଆରମ୍ଭ ହେବ। ଯେଉଁମାନେ ଏହି ଯୋଜନାରେ ସାମିଲ ହେବାକୁ ଚାହିଁବେ, ସେମାନେ ନିଜ ନିଜ ଜିଲାରେ ନାମ ପଞ୍ଜୀକରଣ କରିପାରିବେ। ଏଥିରେ ସାମିଲ ହେବାକୁ ଥିବା ହବିଷିଆଳିମାନେ କରୋନା ଟିକା ନେଇଥିବା ବାଧ୍ୟତାମୂଳକ କରାଯାଇଛି। ଏହି କାର୍ତ୍ତିକ ବ୍ରତ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି।

# ଟଙ୍କାଛପା କାଗଜ କାରଖାନା ଲାଗି ସ୍ଥିତି ଅନୁଧ୍ୟାନ

■ ବିଭିନ୍ନ ବିଭାଗ ସହ ଆଲୋଚନା କଲେ ଆର୍‌ବିଆଇ ଟିମ୍
■ ବନ୍ୟା ନିୟନ୍ତ୍ରଣ ଲାଗି ଜିଲା ପ୍ରଶାସନର ପ୍ରତିଶ୍ରୁତି

ବାଲେଶ୍ୱର ଅଫିସ, ୬।୯

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ବାଲେଶ୍ୱର ଜିଲାରେ ଟଙ୍କାଛପା କାଗଜ କାରଖାନା ସ୍ଥାପନ ଲାଗି ନିଷ୍ପତ୍ତି ହେବା ପରେ ଅଧିକାରୀମାନଙ୍କ ପକ୍ଷରୁ ବାରମ୍ବାର ଜମି ସର୍ବେକ୍ଷଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୂର୍ବାହ୍ନରେ ଆର୍‌ବିଆଇର ୩ଜଣିଆ ଟିମ୍ ସହ ଇଡ୍‌କୋ, ଆର୍‌ଡବ୍ଲ୍ୟୁଏସ୍‌ଏସ୍, ଆର୍ ଆଣ୍ଡ ବିର ମୁଖ୍ୟ ୮ଜଣିଆ ଟିମ୍ ମିଳିତ ଭାବେ ବାଲେଶ୍ୱର ଜିଲାପାଳଙ୍କ ଅଫିସ୍‌ରେ ପହଞ୍ଚିଥିଲେ। ସେଠାରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲାପାଳ ଭବେଶ ନାୟକ ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଜିଲା ପ୍ରଶାସନ ସହ ରେମୁଣା ବ୍ଲକ ଅଧୀନ ପଦାବଡ଼ଗାଁ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଆର୍‌ବିଆଇ ଟଙ୍କା ଛପା କାଗଜ କାରଖାନାର ମୁଖ୍ୟ ମାନସ ମହାନ୍ତିଙ୍କ ସମେତ ଉଚ୍ଚ ଅଧିକାରୀମାନେ ପଦାବଡ଼ଗାଁରେ ପହଞ୍ଚି ଥିବା ବେଳେ ଏଠାରେ ଏହି ପ୍ରକଳ୍ପ ହେବା ଏକପ୍ରକାର ସିଦ୍ଧାନ୍ତ କରାଯାଉଥିବା ସୂଚନା ମିଳିଛି। କାରଖାନା ଲାଗି ୧୫୦ ଏକର ଜମି ଓ ରାସ୍ତା ପାଇଁ ପ୍ରାୟ ୬ ଏକର ଜମି ଆବଶ୍ୟକତା ରହିଛି। ଏହି ଜମି ବୁଢ଼ାବଳଙ୍ଗ ନଦୀ ନିକଟରେ ଥିବାରୁ ବନ୍ୟା ସ୍ଥିତିକୁ ନେଇ ପ୍ରଶାସନ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆବଶ୍ୟକ ପଡ଼ିଲେ ବନ୍ୟାଜଳକୁ କେନାଲ ଦେଇ ନିୟନ୍ତ୍ରଣ କରାଯାଇପାରିବ ବୋଲି ଅଧିକାରୀମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏହି ପ୍ରକଳ୍ପ ପାଇଁ ପୂର୍ବରୁ ଗତ ଏପ୍ରିଲରେ ପ୍ରଥମଥର ପାଇଁ ଆର୍‌ବିଆଇର ୩ଜଣିଆ ଟିମ୍ ଇଡ୍‌କୋ ଏବଂ ଜିଲା ପ୍ରଶାସନ ସହଯୋଗରେ ରେମୁଣା ବ୍ଲକ ପଦାବଡ଼ଗାଁ, ବାଉଁଶମୁହାଁ ଏବଂ ନରହରିପୁର ଅଞ୍ଚଳରେ ଥିବା ସରକାରୀ ଜମିକୁ ବୁଲି ଦେଖିଥିଲେ। ପୁନର୍ବାର ଗତ ଜୁଲାଇ ୧୨ତାରିଖରେ ଆର୍‌ବିଆଇର ଏକ ଟିମ୍ ଜିଲାପାଳଙ୍କ ଅଫିସ୍‌ରେ ପହଞ୍ଚି ସେଠାରେ କିଛି ସମୟ ଆଲୋଚନା ପରେ ଜମି ସର୍ବେକ୍ଷଣ ପାଇଁ ପଦାବଡ଼ଗାଁ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।



ପଦାବଡ଼ଗାଁସ୍ଥିତ ଜମି ସର୍ବେକ୍ଷଣ କରୁଛନ୍ତି ଆର୍‌ବିଆଇ ଟିମ୍ ଓ ଜିଲା ପ୍ରଶାସନ।

# ମତ୍ସ୍ୟଜୀବୀଙ୍କୁ ତୀରମାଡ଼ କରି ହତ୍ୟା ଉଦ୍ୟମ, ପଡ଼ୋଶୀ ଗିରଫ



ବାବୁ ଧୀବରଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଦେବଗଡ଼,୬।୯(ଡି.ଏନ.ଏ)

ଦେବଗଡ଼ ଜିଲା ବାରକୋଟ ଥାନା ରାଇତାବାହାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଉପର ଖଣ୍ଡାମ ଗ୍ରାମରେ ତୀରମାଡ଼ରେ ଜଣେ ମତ୍ସ୍ୟଜୀବୀ ବାବୁ ଧୀବର(୨୫) ଗୁରୁତର ହୋଇଛନ୍ତି। ଚିକିତ୍ସା ନିମନ୍ତେ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ତୀରମାଡ଼ କରିଥିବା ଅଭିଯୁକ୍ତ ଗଣ୍ଡି ଧୀବରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ତାଙ୍କଠାରୁ ଧନୁକାଣ୍ଡ ଓ ୨ଟି ତୀର ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ସୋମବାର ରାତିରେ ଉପରଖଣ୍ଡାମ ଗ୍ରାମର ମତ୍ସ୍ୟଜୀବୀ ବାବୁ ନିଜ ବଡଭାଇଙ୍କ ଘର ଆଡକୁ ଯାଉଥିବା ବେଳେ ଉକ୍ତ ଗ୍ରାମର ଗଣ୍ଡି ତାଙ୍କୁ ପଛପଟୁ ତୀରମାଡ଼ କରିଥିଲେ। ଫଳରେ ବାବୁଙ୍କ ପିଠିରେ ଉକ୍ତ ତୀରଟି ପଶିଯିବାରୁ ସେ ତଳେ ପଡି ଚିତ୍କାର କରିଥିଲେ। ଚିତ୍କାର ଶୁଣି ବାବୁଙ୍କ ସ୍ତ୍ରୀ ପିଙ୍କି ଏବଂ ସାହି ପଡ଼ିଶା ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ଅଭିଯୁକ୍ତ ଗଣ୍ଡି ସେଠାରୁ ପଳାଇଯିବାକୁ ଉଦ୍ୟମ କରୁଥିବା ବେଳେ ପଡିଶା ଲୋକେ ତାଙ୍କୁ କାବୁ କରି ବାରକୋଟ ଥାନା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ସୂଚନା ପାଇ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି। ଅନ୍ୟପଟେ ଗୁରୁତର ବାବୁଙ୍କୁ ପ୍ରଥମେ ବାରକୋଟ୍ ଡାକ୍ତରଖାନା ଓ ପରେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭିମ୍‌ସାର, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ତେବେ ବ୍ରହ୍ମାଣୀ ନଦୀରୁ ମାଛଧରାକୁ କେନ୍ଦ୍ର କରି ଉଭୟ ଗଣ୍ଡି ଓ ବାବୁଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଲାଗିରହିଥିଲା। ଏହା ହିଁ ଆକ୍ରମଣର କାରଣ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।

# ପ୍ରେମିକଙ୍କ ଘର ଆଗରେ ଧାରଣା



ବୋହୂ ମାନ୍ୟତା ଦାବିରେ ଯୁବତୀ ଜଣଙ୍କ ପ୍ରେମିକଙ୍କ ଘର ଆଗରେ ଧାରଣା ଦେଇଛନ୍ତି।

**ବୋହୂ ମାନ୍ୟତା ଦାବି**

ଦେବଗଡ଼,୬।୯(ଡି.ଏନ.ଏ): ବୋହୂର ମାନ୍ୟତା ଦାବିରେ ଜଣେ ଯୁବତୀ ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ବାବରାକୋଟ ଗ୍ରାମ ସ୍ଥିତ ପ୍ରେମିକଙ୍କ ଘର ଆଗରେ ଧାରଣାରେ ବସିଛନ୍ତି। ଯୁବତୀ ଜଣକ ସୋମବାରଠାରୁ ସେଠାରେ ଧାରଣା ଦେଇଥିଲେ ମଧ୍ୟ ତାଙ୍କୁ ବୋହୂ ମାନ୍ୟତା ଦେବା ବଦଳରେ ପ୍ରେମିକ ଜଣକ ଘର ଛାଡି ଫେରାର ହୋଇଯାଇଛନ୍ତି। ସେହିପରି ବୋହୂର ମାନ୍ୟତା ନ ଦେବା ପର୍ଯ୍ୟନ୍ତ ସେ ଧାରଣାରୁ ଉଠିବେ ନାହିଁ ବୋଲି ଧାରଣାରତା ଯୁବତୀ ଜିଦ୍ ଧରିଥିବା ଜଣାପଡିଛି । ଅଭିଯୋଗ ଅନୁସାରେ, ଦେବଗଡ଼ ଜିଲା ବାବରାକୋଟ ଗ୍ରାମର ସଞ୍ଜୟ ସାହୁ ଓ ସମ୍ବଲପୁର ଜିଲା ନାକଟିଦେଉଳ ଥାନା ହିତସରା ଗ୍ରାମର ଅଲି ସାହୁ (୩୭)ଙ୍କ ମଧ୍ୟରେ ଦୀର୍ଘବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ୨୦୧୯ରେ ସଞ୍ଜୟ ହିତସରା ଗ୍ରାମ ସ୍ଥିତ ଅଲିଙ୍କ ଘରକୁ ଯାଇ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ ସମୟରେ ଧରାପଡି ବଳାତ୍କାର ଅଭିଯୋଗରେ ରେଢାଖୋଲ ଜେଲ୍ ଯାଇଥିଲେ। ପରେ ସଞ୍ଜୟ ଅଲି ଏବଂ ତାଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରି ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଫଳରେ ଅଲିଙ୍କ ପରିବାର ଲୋକେ କୋହଳ ମନୋଭାବ ପୋଷଣ କରିବାରୁ ସଞ୍ଜୟ ଜେଲରୁ ମୁକୁଳିଥିଲେ। ଏହାପରେ ସଞ୍ଜୟ ଅଲିଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେବା ସହ କୁଆଡେ ଘର ନିର୍ମାଣ ଏବଂ ଦୋକାନର ଉନ୍ନତୀକରଣ ପାଇଁ ଟଙ୍କା ମାଗିବାରୁ ଅଲି ବିଭିନ୍ନ ପର୍ଯ୍ୟାୟରେ ତାଙ୍କୁ ୩ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଥିଲେ। ଏହି ଟଙ୍କା ସେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ସଞ୍ଜୟଙ୍କୁ ପ୍ରଦାନ କରିଥିବା ଅଲି ପ୍ରକାଶ କରିଛନ୍ତି। ଘର ନିର୍ମାଣ ଓ ଦୋକାନର ଉନ୍ନତୀକରଣ ପରେ ସଞ୍ଜୟ ତାଙ୍କୁ ବିବାହ କରିବା ପରିବର୍ତ୍ତେ ଧରାଛୁଆଁ ଦେଇ ନ ଥିଲେ। ଫଳରେ ଅଲି ସଞ୍ଜୟଙ୍କୁ ସାକ୍ଷାତ କରି ବିବାହ ପାଇଁ ଜିଦ୍ ଧରିବାରୁ ସଞ୍ଜୟ ନାନା ଆଳ ଦେଖାଇ ବିବାହ ପାଇଁ ମନା କରିଦେଇଥିଲେ। ଫଳରେ ସୋମବାର ଅପରାହ୍ନରେ ଅଲି ସମ୍ପର୍କୀୟା ମାନଙ୍କ ସହ ବାବରାକୋଟ ଗ୍ରାମକୁ ଆସି ସଞ୍ଜୟ ଏବଂ ତାଙ୍କ ମା'ଙ୍କ ସହ ଆଲୋଚନା କରି ତାଙ୍କୁ ବୋହୂ ମାନ୍ୟତା ଦେବାକୁ ଅନୁରୋଧ କରିଥିଲେ। ମାତ୍ର ସେମାନେ ଏଥିରେ ରାଜି ନ ହେବାରୁ ଅଲି ସଞ୍ଜୟଙ୍କ ଦ୍ୱାର ମୁହଁରେ ଧାରଣା ଦେଇଥିଲେ। ଏ ନେଇ ସୂଚନା ପାଇ ରିଆମାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଲିଙ୍କୁ ବୁଝାଶୁଝା କରିଥିଲେ। ତେବେ ସଞ୍ଜୟ ତାଙ୍କୁ ସ୍ତ୍ରୀର ମାନ୍ୟତା ନ ଦେବା ପର୍ଯ୍ୟନ୍ତ ସେ ଧାରଣାରେ ବସିରହିବେ ବୋଲି କହିଛନ୍ତି। ଏହି ଘଟଣା ଦେବଗଡ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

# ଓଏସ୍ଏଲ୍ ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ରଙ୍କୁ ସର୍ତ୍ତମୂଳକ ଜାମିନ

ଭୁବନେଶ୍ୱର,୬।୯(ବ୍ୟୁରୋ)

ପାରାଦୀପ ବନ୍ଦରରେ କନଭେୟର ବେଲ୍ଟ ମରାମତି ପାଇଁ ହୋଇଥିବା ଲାଞ୍ଚ କାରବାର ମାମଲାରେ ଗିରଫ ହୋଇ ଜେଲରେ ଥିବା ଶିଳ୍ପପତି ମହିମା ମିଶ୍ରଙ୍କ ସାନ ପୁଅ ତଥା ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ (ଓଏସ୍ଏଲ)ର ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ରଙ୍କୁ ମଙ୍ଗଳବାର ଜାମିନ ମିଳିଛି। ସ୍ୱତନ୍ତ୍ର ସିବିଆଇ କୋର୍ଟ ଚର୍ଚ୍ଚିତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଫଳରେ ସେ ମାସେ ପରେ ଜେଲରୁ ମୁକୁଳିଛନ୍ତି। ଚର୍ଚ୍ଚିତ ତଦନ୍ତରେ ସହଯୋଗ କରିବା ସହ ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ। ଏଥିସହ ବିନା ଅନୁମତିରେ ବିଦେଶଗସ୍ତ କରିପାରିବେ ନାହିଁ ଏବଂ ପ୍ରତି ୧୫ଦିନରେ ଥରେ ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହେବାକୁ କୋର୍ଟ ତାଙ୍କ ସର୍ତ୍ତରେ ଉଲ୍ଲେଖ କରିଛନ୍ତି। ୧ଲକ୍ଷ ଟଙ୍କା ଓ ପାସପୋର୍ଟ ଦାଖଲ ସହ ଦୁଇ ଜାମିନଦାରଙ୍କ ବ୍ୟକ୍ତିଗତ ମୁଚାଲିକା ପରେ ଚର୍ଚ୍ଚିତଙ୍କୁ ଜାମିନ ମିଳିଛି। ଅନ୍ୟପକ୍ଷରେ ଜାଣିଶୁଣି ଆକ୍ରୋଶମୂଳକ ଭାବେ ଓଡ଼ିଆ ବ୍ୟବସାୟୀଙ୍କୁ ହଇରାଣ କରାଯାଉଥିବା ଚର୍ଚ୍ଚିତଙ୍କ ଓକିଲ ଜୟଦୀପ ପାଲ୍ କହିଛନ୍ତି। ସୂଚନାଯୋଗ୍ୟ, ପାରାଦୀପ ବନ୍ଦରରେ କାର୍ଗୋ ଅନ୍‌ଲୋଡ଼ିଂ ବେଳେ ଓଏସ୍ଏଲ୍ କନ୍‌ଭେୟର ବେଲ୍ଟ ଛିଡ଼ାଇଦେଇଥିଲା। ଏଥିପାଇଁ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ ହେବାକୁ ଥିବାରୁ ପୋର୍ଟ ଚିଫ୍ ମେକାନିକାଲ ଇଞ୍ଜିନିୟର ସରୋଜ ଦାସ ଲାଞ୍ଚ କାରବାର କରିଥିଲେ। ଲାଞ୍ଚ କାରବାର କଥା ସିବିଆଇ ଜାଣିବା ପରେ ଗତ ଅଗଷ୍ଟ ୪ ତାରିଖ ରାତିରେ ୬ଟି ଟିମ୍ ପାରାଦୀପ ବନ୍ଦର ସମେତ କଟକ, ଭୁବନେଶ୍ୱର ଆଦି ସ୍ଥାନରେ ଚଢାଉ କରି ୮୪ ଲକ୍ଷ ଟଙ୍କା ଜବତ କରିଥିଲା। ପରେ ସିବିଆଇ ଓଏସ୍ଏଲ୍ ନିର୍ଦ୍ଦେଶକ ଚର୍ଚ୍ଚିତ, ଡିଜିଏମ୍ (ଅପରେଶନ) ସୂର୍ଯ୍ୟନାରାୟଣ ସାହୁ, କେସିଟି ଗ୍ରୁପ ମ୍ୟାନେଜର ଶଙ୍ଖଶୁଭ୍ର ମିତ୍ର, ଦେବପ୍ରିୟ ମହାନ୍ତି, ବିଲ୍ଡର ଶିଶିର ଦାସ, ପାରାଦୀପ ପୋର୍ଟ ସିଏମ୍ଇ ସରୋଜ ଦାସ ଏବଂ ମଧ୍ୟସ୍ଥ ସୁମନ୍ତ ରାଉତଙ୍କ ସମେତ ୭ଜଣଙ୍କୁ ଗିରଫ କରିଥିଲା। ଏହି ମାମଲାରେ ବିଲ୍ଡର ଶିଶିର ଦାସଙ୍କୁ ଜାମିନ ମିଳିଥିବାବେଳେ ଅନ୍ୟମାନଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା। ତେବେ ତଦନ୍ତ ସମୟରେ ଅଭିଯୁକ୍ତଙ୍କ ଏକ ଭଏସ୍ ରେକର୍ଡିଂ ସିବିଆଇ ହାତରେ ଲାଗିଥିବାରୁ ଏନେଇ ସ୍ପଷ୍ଟ ହେବା ଲାଗି ଫୋରେନ୍‌ସିକ ଯାଞ୍ଚ ଲାଗି ଅନୁମତି ଦେବାକୁ କୋର୍ଟରେ ଆବେଦନ କରାଯାଇଥିଲା। ତେବେ ଚର୍ଚ୍ଚିତଙ୍କୁ ପୁଣି ରିମାଣ୍ଡରେ ନେବା ଓ ତାଙ୍କ ଭଏସ୍ ଟେଷ୍ଟ କରିବା ନେଇ ସିବିଆଇର ଆବେଦନକୁ ଗତ ୨୭ ତାରିଖରେ କୋର୍ଟ ଖାରଜ କରିଦେଇଥିଲେ।



ଚର୍ଚ୍ଚିତ ମିଶ୍ର

# ମୁଖ୍ୟ ଶାସନ ସଚିବଙ୍କ ସହ ଆଇଏଏସ୍ ଶିକ୍ଷାନବିସଙ୍କ ଆଲୋଚନା

**ଓଡ଼ିଶାର ଅଭିନବ ସୃଜନତାରୁ ଶିକ୍ଷାଲାଭ କର: ସୁରେଶ ମହାପାତ୍ର**

ଭୁବନେଶ୍ୱର,୬।୯(ବ୍ୟୁରୋ)

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଶିକ୍ଷାନବିସମାନଙ୍କ ସହ ମଙ୍ଗଳବାର ଆଲୋଚନା କରିଛନ୍ତି। ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ମହାନିର୍ଦ୍ଦେଶକ ରଞ୍ଜନା ଚୋପ୍ରାଙ୍କ ନେତୃତ୍ୱରେ ଏହି ୬ ଜଣିଆ ଦଳ ରାଜ୍ୟ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କୁ ଭେଟିଛନ୍ତି। ଆଲୋଚନା ବେଳେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ଅଭିନବ ସୃଜନାତ୍ମକ ପ୍ରଚେଷ୍ଟାରୁ ଶିକ୍ଷାଲାଭ କରି ନିଜ ଅଞ୍ଚଳରେ ସେସବୁର ପ୍ରୟୋଗ ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ବିଶେଷତଃ ନୂଆ ଜୀବିକା ନିର୍ବାହ ପନ୍ଥା ସୃଷ୍ଟି, ଶିଳ୍ପ ପାଇଁ କ୍ଷେତ୍ର ଓ ଭିତ୍ତିଭୂମି ପ୍ରସ୍ତୁତି, ଗ୍ରାମ ସମୁଦାୟ ଭିତ୍ତିକ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ପ୍ରକୃତି, ପର୍ଯ୍ୟଟନ, ରୋଜଗାର କ୍ଷମତା ବୃଦ୍ଧି ମାଧ୍ୟମରେ ମହିଳା ସଶକ୍ତୀକରଣ, ଗ୍ରାମାଞ୍ଚଳରେ ସହରୀ ସୁବିଧା ସୃଷ୍ଟି, ପ୍ରତି ଘରକୁ ପାଇପ୍ ଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ଆଦି କ୍ଷେତ୍ରରେ ଅନେକ ନୂତନ କୌଶଳର ପ୍ରୟୋଗ ରାଜ୍ୟରେ ସଫଳତାର ସହ କରାଯାଇଛି। ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସୃଜନାତ୍ମକ ପ୍ରୟୋଗ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ହାସଲ ହୋଇଥିବା ରୂପାନ୍ତରଣରୁ ମଧ୍ୟ ଶିକ୍ଷାଲାଭ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରୋବେଶନରମାନଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଆହୁରି କହିଛନ୍ତି, ବନାନୀ, ପ୍ରାକୃତିକ ଦୃଶ୍ୟରାଜି, ବନ୍ୟଜନ୍ତୁ ଓ ଜୈବ ବିବିଧତା ଆଦି ପ୍ରାକୃତିକ ସମ୍ପତ୍ତିର ଆମେ ବ୍ୟବସାୟିକ ବ୍ୟବହାର କରିନାହୁଁ। ବରଂ ଏସବୁର ସଂରକ୍ଷଣ ଏବଂ ଅଭିବୃଦ୍ଧିରେ ସ୍ଥାନୀୟ ବାସିନ୍ଦାଙ୍କୁ ସାମିଲକରି ସେମାନଙ୍କ ପାଇଁ ନୂତନ ଜୀବିକା ନିର୍ବାହ ପନ୍ଥା ସୃଷ୍ଟି କରିଛୁ। ଏହି ମଡେଲ ସ୍ଥାନୀୟ ବାସିନ୍ଦା ଏବଂ ପ୍ରାକୃତିକ ପରିବେଶ ପାଇଁ ବେଶ୍ ଲାଭଦାୟକ ହୋଇଛି। ଓଡ଼ିଶାରେ ଶସ୍ୟ ବିବିଧକରଣ, ଭୂତଳ ଜଳର ବ୍ୟବହାର ଏବଂ ପରିପୂରଣ, ଜୈବିକ କୃଷ ଆଦି କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏସବୁ କ୍ଷେତ୍ରରେ ସୃଜନାତ୍ମକ ଅଭିନବ ପ୍ରକଳ୍ପଗୁଡିକ ପ୍ରସ୍ତୁତକରି ନିଜ ଅଞ୍ଚଳରେ ପ୍ରୟୋଗ କରିବାକୁ ସେ ଶିକ୍ଷାନବିସମାନଙ୍କୁ ପରାମର୍ଶ ଦେଇଛନ୍ତି। ଭେଟିବାକୁ ଆସିଥିବା ସମସ୍ତ ଶିକ୍ଷାନବିସ ଓଡ଼ିଶା କ୍ୟାଡର ଅନ୍ତର୍ଭୁକ୍ତ ଏବଂ ସେମାନେ ୨୦୨୧ ବ୍ୟାଚ୍‌ର ।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୬।୯: ଜନୈକା ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଭଗବାନ ବେହେରା(୨୨)। ମାମଲା ନମ୍ବର ୪୦୬/୨୨ ରେ ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଗତ ୪ ତାରିଖରେ ସଦର ଥାନା ଅଞ୍ଚଳରେ ରହୁଥିବା ଭଗବାନ ତାଙ୍କ ଘର ନିକଟରେ ଥିବା ଜଣେ ନାବାଳିକାଙ୍କ ଘରେ ପଶିଥିଲେ। ଘର ଭିତରେ ଥିବା ଜଣେ ନାବାଳିକାଙ୍କୁ ସେ ବଳପୂର୍ବକ ଅପହରଣ ଉଦ୍ୟମ କରିଥିଲେ। ହେଲେ ପରିବାର ଲୋକ ଏହାର ପ୍ରତିବାଦ କରିଥିଲେ। ଗାଁ ଦାଣ୍ଡରେ ଯୁବକ ଜଣଙ୍କ ଏଭଳି କାଣ୍ଡ କରିବା ସହ ନାବାଳିକାଙ୍କ ପରିବାର ଲୋକଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ସମାଜରେ ନାବାଳିକାଙ୍କ ମାନ ସମ୍ମାନ ହାନି ହୋଇଥିବା ନେଇ ପୀଡ଼ିତାଙ୍କ ବାପା ଏନେଇ ଥାନାରେ ଅଭିଯୋଗ କରିଥିଲେ।


**NOTICE**

No. 670/Agril Dated: 03.09.2022

No. L-73: This is to inform all concern that EOI Notice No. 640 dated 24.08.2022 may kindly be viewed and downloaded all documents and DTCN from **agrisnetodisha.ori.nic.in** instead of **agriodisha.nic.in.**

Sd./- Executive Engineer (Agril)
Agriculture Engg. Division, Nayagarh
OIPR-01449/11/0003/2223

**OFFICE OF THE SUPERINTENDING ENGINEER JHARSUGUDA(R&B) DIVISION**

E-mail ID: eepwdjsg2014@gmail.com
Telephone: 06645-271242, Kalimandir Road, Jharsuguda, 768202
No.3459, Dt.26.08.22

**1st Corrigendum to e- Procurement Notice BID No- EE R&B- JSG-10 of 2022-23**

**No.B-543:** The e- Procurement Notice BID No- EE R&B- JSG-10 of 2022-23 invited by the Superintending Engineer, Jharsuguda (R&B) Division is hereby modified as follows due to some unavoidable Circumstances the tender could not be uploaded and the same is here by extended from **10.00 A.M. 12.09.22 to 17.00 Hrs** 22.09.22 and critical date hereby modified as **10.00 A.M 26.08.2022 to 17.00 Hours 05.09.2022.**
The On-line bid will be opened by the assigned Officer in the Office of the Superintending Engineer, Jharsuguda (R&B) Division at 11.30 A.M. on Dt. 23.09.22 in place of Dt.06.09.2022.
The Bid documents will be available in the Website: **https://tendersodisha.gov.in.**
All other terms and conditions in DTCN remain unchanged.

Sd./- Executive Engineer, Jharsuguda (R&B) Division
OIPR-34094/11/0011/2223

**Bhubaneswar Municipal Corporation**
*Progress through Partnership for better Bhubaneswar*

RFP No. 42326 Date: 02.09.2022

**RFP for "Selection of an Agency for humanly catching & transporting of stray cattle and lifting of dead animals under the jurisdiction of Bhubaneswar Municipal Corporation (BMC)"**

No. C-1141: Bhubaneswar Municipal Corporation (BMC) invites sealed proposals from intending agencies for having the requisite qualification as per terms stipulated in the detailed RFP document for undertaking the work of humanly catching & transporting of stray cattle and lifting of dead animals under the jurisdiction of Bhubaneswar Municipal Corporation (BMC). The detailed RFP document shall be made available on the website **bmc.gov.in** from 03.09.2022 at 12.00 Noon onwards. The pre-bid meeting is scheduled to be held on Dt.12.09.2022 at 4.00 P.M. in the mini conference hall of Bhubaneswar Municipal Corporation. The last date of receipt of proposals is till 5.00 P.M. on 19.09.2022. For any clarification, an e-mail may be sent on **bmcpmu@bmc.gov.in.**

By Order
OIPR-13002/11/0086/2223 Sd./- Dy. Commissioner (ABC)

**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**

No. 11520 Dated: 02.09.2022
**Bid Identification No. MC/RMC/71/2022**

No. C-1137: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online mode. Bid Identification No. MC/RMC/71/2022 for 02 Nos. Civil work with value of Rs.56.75 lakh to 71.04 lakh.

1. Bid documents will be available in website **www.tendersorissa.gov.in** from 03.09.2022.
2. Bids must be submitted on "Online" on or before 13.09.2022 by 17.00 hours.
3. Bids shall be opened at 11.00 hours on 14.09.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in.**

Sd./- Municipal Commissioner
Rourkela Municipal Corporation
OIPR-13131/11/0094/2223

**NOTICE INVITING TENDER**
**OFFICE OF THE CHIEF CSO-CUM-DISTRICT MANAGER ODISHA STATE CIVIL SUPPLIES CORPORATION LTD.**
**DISTRICT - MAYURBHANJ**

No. CAD-1692: Cost of Tender Document: Rs.5900/- inclusive of GST for UNIT/SUB-DIVISION i.e. for **Baripada Sub-Division (Tender No. 2471 Dt.03.09.2022), Kaptipada Sub-Division (Tender No. 2472 Dt.03.09.2022), Panchpir Sub-Division (Tender No. 2473 Dt.03.09.2022) & (Tender No. 2474 Dt.03.09.2022) under Mayurbhanj District.**
Online tenders are invited from eligible bidders for selection and appointment of transport contractors for transportation of paddy from Paddy Purchase Centres (PPC) to rice mills within district or outside the district within the State of Odisha.

| | | |
|---|---|---|
| 1 | Availability of Tender documents | From Date: 09.09.2022 Downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, time and venue for pre-bid conference | On Dt.13.09.2022 at 11 A.M. O/o. Chief CSO-cum-District Manager, OSCSC Ltd., Mayurbhanj |
| 3 | Last date and time for online submission of completed tender documents with enclosures | Through e-Procurement portal **www.tendersodisha.gov.in** up to 27.09.2022 till 5.00 P.M. |
| 4 | Date, time and venue for opening of Technical Bid by the Tender Committee | On Dt.28.09.2022 at 11.00 A.M., Collectorate, Mayurbhanj, Baripada |
| 5 | Date, time and venue of submission of original documents in support of scanned copies uploaded in the portal for verification | On Dt.28.09.2022 at 03.00 P.M., Collectorate, Mayurbhanj, Baripada |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time.

Sd./- Chief CSO-cum-District Manager
OSCSC Ltd., Mayurbhanj
OIPR-07046/11/0004/2223

**NOTICE INVITING TENDER**
**Office of Chief CSO/CSO-cum-District Managers**
**Odisha State Civil Supplies Corporation Ltd. District- Jajpur**
**Tender No.3414, Dated: 05.09.2022**
**Cost of Tender Document:- Rs.5900/- Inclusive of GST for each UNIT**

**No.CAD-1696:** Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills within district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From dt.06.09.2022 Downloadable from website www.oscsc.in & www.tendersodisha.gov.in. |
| 2 | Date, Time & Venue for Pre-bid conference | On dt.09.09.2022 at 11.00 AM Office of CSO-cum-DM, OSCSC Ltd., Jajpur |
| 3 | Last date and time for online submission of completed tender documents with enclosures | Through e-Procurement Portal: www.tendersodisha.gov.in upto 21.09.2022 at 5.00 PM |
| 4 | Date, Time and Venue for Opening of Technical Bid by the Tender Committee | On dt.23.09.2022 at 11.00 AM at Collectorate, Jajpur |
| 5 | Date, time and venue of submission of original documents in support of scanned copies uploaded in the portal for verification. | On dt.23.09.2022 at 11.00 AM onwards At Collectorate, Jajpur |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

N.B:1. If the office happens to be closed on the date of opening of tenders, tenders will be opened on the next working day in the same time.

Sd./- Chief CSO/CSO-cum-District Managers, OSCSC Ltd.
OIPR-07016/11/0003/2223

**OFFICE OF THE SUPERINTENDENT MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL**
BERHAMPUR - 760004, GANJAM, ODISHA
Tel.: 0680-2292624, Fax: 0680-2292752
E-mail: supdtmkcg@gmail.com, supdtmkcg-bam@gov.in
No. 12175 MCH/CS/2022 Date: 05.09.2022

**1st CORRIGENDUM TO THIS OFFICE TENDER CALL NOTICE No. - 11332, Dt. 20.08.2022 (Supply of Medicine and Injectable Items a) published in Odiya daily The Dharitri and English daily The New Indian Express on 21.08.2022**

No. E-440: The bidders should not quote the items listed as Annexure - X(Donwload from **www.ganjam.nic.in**) in this tender as these are already exists and tender period is not expired.
The other specification, terms and conditions remain unchanged.

Sd./- Superintendent
M.K.C.G. Medical College Hospital
Berhampur
OIPR-10028/11/0009/2223

## ସଂକ୍ଷେପରେ

### ପୁଣି ଜଣେ ଯୁବକଙ୍କୁ ଡେଙ୍ଗୁ, ଜିଲାରେ ୩୫ ଆକ୍ରାନ୍ତ

ବ୍ରହ୍ମପୁର ଅଫିସ,୬।୯: ଗଞ୍ଜାମ ଜିଲାରେ ଏବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ପାତ୍ରପୁରର ଜଣେ ୨୪ ବର୍ଷର ଯୁବକଙ୍କୁ ଜ୍ୱର ଲାଗି ରହିଥିଲା। ତାଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇ ଡେଙ୍ଗୁ ପରୀକ୍ଷା ପାଇଁ ଏମ୍‌କେସିଜି ପଠାଯାଇଥିଲା। ତାଙ୍କ ରିପୋର୍ଟ ପଜିଟିଭ ଆସିଛି। ଜିଲାରେ ଏବେ ୩୫ ଜଣ ଆକ୍ରାନ୍ତ ହୋଇଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। କିଛିଦିନ ପୂର୍ବରୁ ପାତ୍ରପୁର ବ୍ଲକରେ ଦିନକରେ ୯ଜଣଙ୍କ ଡେଙ୍ଗୁ ରିପୋର୍ଟ ପଜିଟିଭ ଆସିଥିଲା। ଏଣୁ ଉକ୍ତ ଅଞ୍ଚଳରେ ଡେଙ୍ଗୁ ମଶା ବଂଶବୃଦ୍ଧି ହେବାରୁ ସେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଅନୁମାନ କରୁଛି। ସେ ଏବେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ରହିଥିବା ଜଣାପଡିଛି। ଅନ୍ୟପଟେ ଜିଲାରେ ଥିବା ବିଭିନ୍ନ ଘରୋଇ ନର୍ସିଂହୋମ୍‌ରେ ଅଧିକାଂଶ ଡେଙ୍ଗୁ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ଜାଣିବାକୁ ମିଳିଛି।

### ଆତ୍ମସମର୍ପଣ କଲେ ମହିଳା ମାଓବାଦୀ ପାର୍ବତୀ

ମାଲକାନଗିରି,୬।୯(ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର କାଙ୍କେର ଏସ୍‌ପି ଶଲବ ସିହ୍ନାଙ୍କ ନିକଟରେ ଜଣେ ମହିଳା ମାଓବାଦୀ ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ପାର୍ବତୀ ସୋଡି। ତାଙ୍କ ନାମରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିଲା। ଗତ ୩ବର୍ଷ ତଳେ ସେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇ ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିଲେ। ମାଓବାଦୀ ସଙ୍ଗଠନ ନିଜ ନୀତି ଆଦର୍ଶ ହରାଇବା ଏବଂ କ୍ୟାଡର ମାଓବାଦୀଙ୍କ ଶୋଷଣ ଦିନକୁ ଦିନ ବଢୁଥିବାରୁ ଅତ୍ୟାଚାରରେ ଅତିଷ୍ଠ ହୋଇ ପାର୍ବତୀ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଆତ୍ମସମର୍ପଣ ପରେ ପାର୍ବତୀଙ୍କୁ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ ସହ ଅନ୍ୟାନ୍ୟ ସୁବିଧା ମିଳିବ ବୋଲି ଏସପି ସିହ୍ନା କହିଛନ୍ତି।

### ଓପିଏସ୍‌ସି ଜାରି କଲା ଟୋଲ୍ ଫ୍ରି ନମ୍ବର

**ଚାକିରି ପାଇଁ ପ୍ରାର୍ଥୀଙ୍କୁ ମଗାଯାଉଛି ଟଙ୍କା**

କଟକ ଅଫିସ,୬।୯: ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ କରାଯାଉଥିବା ବିଭିନ୍ନ ପରୀକ୍ଷାରେ ପ୍ରାର୍ଥୀମାନଙ୍କୁ ଯୋଗ୍ୟତା ତାଲିକାରେ ସ୍ଥାନ ଦେବାକୁ କେତେଜଣ ଅସାଧୁ ବ୍ୟକ୍ତି ପ୍ରତିଶ୍ରୁତି ଦେଇ ଟଙ୍କା ମାଗୁଛନ୍ତି। ଏ ସମ୍ପର୍କରେ ଓପିଏସ୍‌ସି ନିକଟରେ ଅଭିଯୋଗ ହୋଇଛି। ଏହାପରେ ଓପିଏସ୍‌ସି ପକ୍ଷରୁ ମଙ୍ଗଳବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସେଥିରେ ଉଲ୍ଲେଖ କରାଯାଇଛି, କେତେଜଣ ଅସାଧୁ ବ୍ୟକ୍ତି ପ୍ରାର୍ଥୀମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ବେଆଇନ ଭାବେ ଅର୍ଥ ଆଦାୟ କରୁଛନ୍ତି। ଏଭଳି ମିଥ୍ୟା ପ୍ରତିଶ୍ରୁତିକୁ କୌଣସି ପ୍ରାର୍ଥୀ ବିଶ୍ୱାସ କରନ୍ତୁ ନାହିଁ। ଓପିଏସ୍‌ସି ପକ୍ଷରୁ ସମସ୍ତ ନିଯୁକ୍ତିରେ ଦୃଢ, ସ୍ୱଚ୍ଛତା ଓ ଯୋଗ୍ୟତାଭିତ୍ତିକ ପ୍ରକ୍ରିୟା ଅନୁସରଣ କରାଯାଏ। ଯଦି କୌଣସି ବ୍ୟକ୍ତି ଏଭଳି କରୁଛନ୍ତି, ତା' ହେଲେ ଓପିଏସ୍‌ସିକୁ ଜଣାନ୍ତୁ। ଏଥିପାଇଁ ଟୋଲ୍ ଫ୍ରି ନମ୍ବର (୦୬୭୧-୨୩୦୧୧୦୭, ୦୬୭୧-୨୩୦୪୦୯୦) ଜାରି କରାଯାଇଥିବାବେଳେ ଅଫିସିଆଲ ଇ-ମେଲରେ ଯୋଗାଯୋଗ କରିବାକୁ କୁହାଯାଇଛି।

CLASSIFIED DISPLAY
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଟିସିଏଫ୍ ଭାରତର
ଏକ ମାତ୍ର ପଞ୍ଜୀକୃତ
କମ୍ପାନୀ ଦ୍ୱାରା ଋଣ
2% ସୁଧ
45% ଛାଡ଼
ମାର୍କଶିଟ୍, ପ୍ରପର୍ଟି,
ବି.ପି.ଏଲ୍. ଓ ସମସ୍ତ
ଋଣ 5 ଘଣ୍ଟାରେ ଘରେ
ବସି ପାଆନ୍ତୁ
08779988242

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହନୁମାନ ପଇସା ଠକେଇ ର୍‍ୟାକେଟ୍‌ର ପର୍ଦ୍ଦାଫାଶ





ଗିରଫ ଅଭିଯୁକ୍ତମାନେ ଓ ଜବତ ସାମଗ୍ରୀ।

**୫ ଗିରଫ, କାର୍, ହନୁମାନ ପଇସା, ଲୁଟ୍ ୯୦ ହଜାର ଜବତ**

ଝାରସୁଗୁଡ଼ା ଅଫିସ,୬।୯

ଝାରସୁଗୁଡ଼ା ପୋଲିସ ଏକ ଆନ୍ତଃ ଜିଲା ହନୁମାନ ପଇସା ଠକେଇ ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସୁନ୍ଦରଗଡ଼ର ଟିଙ୍କୁ ଜୋତ୍‌ବା (୩୨), ସୋନି କୁମାର (୩୭), ଦଶରଥ ସୋରେନ୍ (୩୨), ମାଧବ ମିଞ୍ଜ ଓ ହାସନ ଖାନ୍। ଏମାନଙ୍କ ନିକଟରୁ ଠକେଇରେ ବ୍ୟବହୃତ ହୋଇଥିବା ଓଆର୍୦୨ବିପି-୦୦୫୫ନଂ. କାର୍, ଓଡି୧୬ଏଚ୍-୭୬୫୪ନଂ. ବାଇକ୍, ୬ ମୋବାଇଲ୍ ଫୋନ୍, ନକଲି ହନୁମାନ ପଇସା, ଆଧାର କାର୍ଡ, ଭୋଟର କାର୍ଡ, ପାନ୍ କାର୍ଡ ଓ ଲୁଟ୍ ହୋଇଥିବା ୯୦ ହଜାର ଟଙ୍କା ଜବତ କରାଯାଇଛି। ଠକେଇର ଶିକାର ହୋଇଥିବା କେନ୍ଦ୍ରାପଡ଼ାର ଠିକାଦାର ରବୀନ୍ଦ୍ର କୁମାର ଦାସଙ୍କ ଅଭିଯୋଗକୁ ଭିତ୍ତିକରି ଝାରସୁଗୁଡ଼ା ଟାଉନ ଥାନା ପୋଲିସ ଏକ ମାମଲା (ନଂ.୪୯୩/୨୨) ରୁଜୁକରି ତଦନ୍ତ ଚଳାଇଛି।

ଝାରସୁଗୁଡା ଏସ୍‌ଡିପିଓ ନିର୍ମଳ ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଠକାମିର ଶିକାର ହୋଇଥିବା ଠିକାଦାର ଦାସ ଝାରସୁଗୁଡାରେ ରହି ବିଭିନ୍ନ ଠିକା କାମ କରନ୍ତି। ତାଙ୍କ ସହିତ ଅଭିଯୁକ୍ତ ସୋନି ବନ୍ଧୁତ୍ୱ ସ୍ଥାପନ କରି ହନୁମାନ ପଇସାର ଆନ୍ତର୍ଜାତିକ ବଜାରରେ ଚାହିଦା ରହିଛି କହି ପ୍ରଲୋଭନ ଦେଖାଇଥିଲେ। ପରେ ଲଇକେରାର ଜଣେ ବ୍ୟକ୍ତିଙ୍କ ନିକଟରେ ହନୁମାନ ପଇସା ରହିଛି ଓ ସେ ୧ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ କହୁଛନ୍ତି। ଏହାକୁ ଆମେ ଲକ୍ଷେ ଟଙ୍କାରେ ଆଣି ୬ଲକ୍ଷ ଟଙ୍କାରେ ବିକ୍ରି କରିବା। ଏହି ଟଙ୍କାକୁ ଉଭୟ ଭାଗବାଣ୍ଟି ନେବା ପାଇଁ ସୋନି ତାଙ୍କୁ କହିଥିଲେ। ଠିକାଦାର ସୋନୁଙ୍କ କଥାରେ ରାଜିହୋଇ ହନୁମାନ ପଇସା କିଣିବା ପାଇଁ ଟଙ୍କା ଯୋଗାଡ଼ କରିଥିଲେ। ଉଭୟ ୧ଲକ୍ଷ ଟଙ୍କା ଧରି ଲଇକେରା ଯାଉଥିବାବେଳେ ରାସ୍ତାରେ ୪ଜଣ ବ୍ୟକ୍ତି ଅଟକାଇ ଟଙ୍କା, ମୋବାଇଲ୍ ଆଦି ଲୁଟିନେଇ ଫେରାର୍ ହୋଇ ଯାଇଥିଲେ। ଠକାମିର ଶିକାର ହେବା ପରେ ଠିକାଦାର ଦାସ ଗତ ୨୭ ତାରିଖରେ ଝାରସୁଗୁଡା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଆଇଆଇସି ସାବିତ୍ରୀ ବଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଏହି ର୍‍ୟାକେଟ୍‌ର ଡେର ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା ଓ ସୋନପୁର ଆଦି ଜିଲାକୁ ଲମ୍ବିଥିବା ପୋଲିସ ତଦନ୍ତରୁ ଜଣାପଡିଛି।

# ସ୍ତ୍ରୀଙ୍କୁ ପଚରାଉଚରା କଲା ପୋଲିସ

**ପୋକ୍ସୋ କୋର୍ଟ ବିଚାରପତିଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା**

କଟକ ଅଫିସ,୬।୯

କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସୁବାସ କୁମାର ବିହାରୀ(୪୯)ଙ୍କ ମୃତ୍ୟୁ ଘଟଣାରେ ତାଙ୍କ ସ୍ତ୍ରୀ ଅପରିଜିତାଙ୍କୁ ମଙ୍ଗଳବାର ମର୍କତନଗର ଥାନା ପୋଲିସ ପଚରାଉଚରା କରିଛି। ସିଡିଏସ୍ଥିତ ସରକାରୀ କ୍ୱାର୍ଟର୍ସରେ ଅପରିଜିତାଙ୍କ ସହ ପରିବାର ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ଅପରପକ୍ଷରେ ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ହସ୍ତଗତ ହେବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ବିଚାରପତି ବିହାରୀଙ୍କ ମା' ତୁଳସୀଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ହତ୍ୟା ମାମଲା ରୁଜୁ କରିବା ପରେ ପୋଲିସ ବିଭିନ୍ନ ଦିଗକୁ ତଦନ୍ତରେ ସାମିଲ କରିଛି। ବିଚାରପତିଙ୍କ ପରିବାର ଲୋକଙ୍କ ସମେତ ତାଙ୍କ ସହ ସାମିଲ ଥିବା ବ୍ୟକ୍ତି ବିଶେଷଙ୍କୁ ପୋଲିସ ପଚରାଉଚରା କରିବ ବୋଲି ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ ଯେ, ବିଚାରପତି ସୁବାସ ବିହାରୀଙ୍କ ଗତ ୩ ତାରିଖରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ସିଡିଏ ମର୍କତନଗରସ୍ଥିତ ତାଙ୍କ ସରକାରୀ କ୍ୱାର୍ଟର୍ସରୁ ରଶିରେ ଝୁଲୁଥିବା ଅବସ୍ଥାରେ ସୁବାସଙ୍କୁ ସ୍ତ୍ରୀ ଏବଂ କର୍ମଚାରୀ ଉଦ୍ଧାର କରି ନିକଟସ୍ଥ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ମୃତ୍ୟୁର ପରଦିନ ଅର୍ଥାତ୍ ଶନିବାର ମା' ତୁଳସୀ ବିଚାରପତିଙ୍କ ସ୍ତ୍ରୀ ଏବଂ ଶାଳକ ମିଶି ସୁବାସଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ଅଭିଯୋଗ କରି ମର୍କତନଗର ଥାନାରେ ଏତଲା ଦାୟର କରିଥିଲେ। ପୋଲିସ ଉକ୍ତ ଅଭିଯୋଗକୁ ଆଧାର କରି ଆଇପିସି ଦଫା ୩୦୨, ୩୨୩, ୨୯୪ ଏବଂ ୩୪ରେ ଏକ ମାମଲା ରୁଜୁ କରିଥିଲା।

# ସାମ୍ବାଦିକ କରାଇଦେବା ନାଁରେ ୧ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ



ଅକ୍ଷୟ ରଞ୍ଜନ ଦାସ

କଟକ ଅଫିସ,୬।୯: ଜଣେ ମହିଳାଙ୍କୁ ସାମ୍ବାଦିକ କରାଇଦେବା ଓ ମାସକୁ ୩୦ ହଜାର ଟଙ୍କା ଦରମା ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ୧ ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ାର ଅକ୍ଷୟ ରଞ୍ଜନ ଦାସ(୫୪)। ପୋଲିସ ତାଙ୍କଠାରୁ ଏକ ବାଇକ୍ ଓ ମୋବାଇଲ ଜବତ କରିଛି। ଅକ୍ଷୟ ଏକ ୱେବ୍‌ପୋର୍ଟାଲର ସାମ୍ବାଦିକ ବୋଲି ଜଣାପଡିଛି।

ପୋଲିସ ସୂଚନା ମୁତାବକ, ପୁରୀଘାଟ ଥାନା ଅଞ୍ଚଳର ମହିଳା ଜଣଙ୍କ ସାମ୍ବାଦିକ ହେବା ପ୍ରଲୋଭନରେ ପଡ଼ି ଅକ୍ଷୟଙ୍କ କଥାନୁସାରେ କାର୍ଯ୍ୟ କରିଥିଲେ। ତାଙ୍କୁ ମାସକୁ ୩୦ ହଜାର ଟଙ୍କା ଦରମା ମିଳିବ ବୋଲି କୁହାଯାଇଥିଲା। ଅକ୍ଷୟ ତାଙ୍କୁ ବିଭିନ୍ନ ସ୍ଥାନକୁ ନେଇ କାମରେ ନିୟୋଜିତ କରିଥିଲେ ବି କୌଣସି ପାରିଶ୍ରମିକ ଦେଇନଥିଲେ। ହେଲେ ମହିଳା ଜଣଙ୍କ ସୁନା ବନ୍ଧକ ଦେଇ ତାଙ୍କୁ ୧ ଲକ୍ଷ ଟଙ୍କା ଦେଇଥିଲେ। ଏହାସତ୍ତ୍ୱେ ବି ମହିଳାଙ୍କୁ କୌଣସି ପରିଚୟପତ୍ର ଦିଆଯାଇ ନ ଥିଲା। ଏ ସମ୍ପର୍କରେ ସେ ପଚାରିଥିଲେ ମଧ୍ୟ ଅକ୍ଷୟ ଉକ୍ତ ପ୍ରସଙ୍ଗକୁ ଏଡ଼ାଇ ଯାଉଥିଲେ। ଖାଲି ସେତିକି ନୁହେଁ, ମହିଳାଙ୍କୁ ନୂଆପଡ଼ାସ୍ଥିତ ଘରକୁ ଡାକି ମୃଦୁ ପାନୀୟରେ ନିଶା ଦେଇ ବଳାତ୍କାର କରିଥିଲେ। ଏପରି କି ସେ ତାଙ୍କର ଆପତ୍ତିଜନକ ଭିଡିଓ ଉତ୍ତୋଳନ କରିଥିଲେ। ପରେ ସେ ଏହି ଭିଡିଓକୁ ମହିଳାଙ୍କୁ ଦେଖାଇ ବ୍ଲାକ୍‌ମେଲିଂ କରିଥିଲେ। ଏ ନେଇ ମହିଳା ଜଣଙ୍କ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଗତ ଅଗଷ୍ଟ ୨୪ରେ ଏକ ମାମଲା(ନଂ.୯୮/୨୨) ରୁଜୁକରିଥିଲା।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୨ ତାରିଖରେ ମହିଳା ଥାନାକୁ ଏହି ମାମଲାରେ ଯାଇଥିବାବେଳେ ସମ୍ପୃକ୍ତା ମହିଳା ଓ ଅକ୍ଷୟଙ୍କ ମଧ୍ୟରେ ଗାଳିଗୁଲଜ ଓ ମାରପିଟ୍‌ଘଟିଥିଲା। କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଟିଥିବା ଏଭଳି ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

# ରାଜଭବନ ଆଗରେ ଭାଜପାର ଧାରଣା

**ଉଠାଗଲା ମହିଳାଙ୍କ ସୁରକ୍ଷା ପ୍ରସଙ୍ଗ**



ରାଜଭବନ ସମ୍ମୁଖରେ ମଙ୍ଗଳବାର ଧାରଣାରେ ବସିଥିବା ଭାଜପା କର୍ମୀ।

ଭୁବନେଶ୍ୱର,୬।୯(ବ୍ୟୁରୋ): ୨୨ବର୍ଷର ନିରଙ୍କୁଶ ଶାସନ ପରେ ମଧ ଓଡ଼ିଶାର ମହିଳାମାନେ ଅସୁରକ୍ଷିତ। ନାରୀ ନିର୍ଯାତନା ଏବଂ ଅତ୍ୟାଚାରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ଅତ୍ୟନ୍ତ ଚିନ୍ତା ଓ ଲଜ୍ଜାଜନକ ଘଟଣା ବୋଲି ଭାଜପା ଅଭିଯୋଗ କରିଛି। ଗୋଟିଏ ପଟେ ରାଜ୍ୟରେ ନାରୀ ନିର୍ଯାତନା, ଶିଶୁ ନିଖୋଜ, ଅପହରଣ ଘଟଣା ଦିନକୁ ଦିନ ବୃଦ୍ଧି ପାଇବା ଏବଂ ଅଧିକାଂଶ କ୍ଷେତ୍ରରେ ଶାସକ ବିଜେଡିର ମନ୍ତ୍ରୀ ଓ ନେତାଙ୍କ ସମ୍ପୃକ୍ତି ପଦାକୁ ଆସୁଥିବାବେଳେ ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାୟୋଜିତ ପୁରସ୍କାର ଗ୍ରହଣ କରିବାକୁ ଦିଲ୍ଲୀ ଯିବା ଆହୁରି ନିନ୍ଦନୀୟ ବୋଲି ଭାଜପା ଅଭିଯୋଗ କରି ମଙ୍ଗଳବାର ରାଜଭବନ ସମ୍ମୁଖରେ ପ୍ରତିବାଦ ସଭା କରିଛି। ଭାଜପା ଆହୁରି ଅଭିଯୋଗ କରିଛି, ଏପରିକି ପୁରସ୍କାର ଓ ସମ୍ବର୍ଦ୍ଧନା ଆଳରେ ଦିଲ୍ଲୀ ଯାଇଥିବା ବିଜେଡିର ମନ୍ତ୍ରୀ ଓ ନେତାମାନେ ନିଶାସକ୍ତ ଅବସ୍ଥାରେ ବିମାନବନ୍ଦରରେ ଘଟାଇଥିବା ଅସ୍ୱାଭାବିକ ବ୍ୟବହାର ଯୋଗୁ ଓଡ଼ିଶା ସମ୍ମାନ ହରାଇ ଲଜ୍ଜିତ ହୋଇଛି। ରାଜ୍ୟର ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଶାସକ ଦଳକୁ ଆଉ କେତେବର୍ଷ ଲାଗିବ ବୋଲି ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ ପ୍ରଶ୍ନ କରିଛନ୍ତି। 'ବିଜେଡି ଶାସନରେ ମହିଳା ବିପଦରେ ଏବଂ ଓଡ଼ିଶାରେ ମହିଳା ବିରୋଧୀ ହିଂସା'କୁ ବିରୋଧ କରି ଭାଜପା ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ସ୍ମାରକପତ୍ର ପ୍ରଦାନ କରିବା ସହିତ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

# ୬ ସପ୍ତାହ ମଧ୍ୟରେ ଜବାବ ଦେବାକୁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

**ମାରିୱାଡ଼ା ଆଶ୍ରମ ସ୍କୁଲର ଅନ୍ତେବାସୀ ୨୦ କିଲୋମିଟର ଚାଲିଚାଲି ଯିବା ଘଟଣା**

ଭୁବନେଶ୍ୱର,୬।୯(ବ୍ୟୁରୋ)

ମାଲକାନଗିରି ଜିଲା ମାରିୱାଡ଼ା ଆଶ୍ରମ ସ୍କୁଲର ଅନ୍ତେବାସୀମାନେ ୨୦ କିଲୋମିଟର ଚାଲିଚାଲି ଯାଇ ଜିଲା ଅଧିକାରୀଙ୍କୁ ଅଭିଯୋଗ କରିବା ଘଟଣାରେ ଲୋକାୟୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେପ୍ଟେମ୍ବର ୪ ତାରିଖରେ ଗଣମାଧ୍ୟମରେ 'ଛାତ୍ରମାନେ ହଷ୍ଟେଲ ମେସ୍ ବିରୋଧରେ ଅଭିଯୋଗ କରିବା ପାଇଁ ୨୦ କିଲୋମିଟର ଚାଲିଚାଲି ଯିବା' ଏବଂ 'ଛାତ୍ରମାନଙ୍କୁ ନିମ୍ନମାନର ଖାଦ୍ୟ ଖାଇବାକୁ ଦିଆଯାଉଥିବା' ସମ୍ପର୍କରେ ଖବର ପ୍ରକାଶ ପାଇଥିଲା। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ମାଲକାନଗିରି ଜିଲା ଅନ୍ତର୍ଗତ କୋରୁକୋଣ୍ଡା ବ୍ଲକରେ ଥିବା ମାରିୱାଡ଼ା ଆଶ୍ରମ ସ୍କୁଲର ୨୦ରୁ ଅଧିକ ଅନ୍ତେବାସୀ ଛାତ୍ରାବାସ ପାଚେରି ଡେଇଁ ୨୦ କିଲୋମିଟର ଚାଲି ଚାଲି ଯାଇ ଜିଲାସ୍ତରୀୟ ଅଧିକାରୀଙ୍କୁ ସେମାନଙ୍କୁ ଦିଆଯାଉଥିବା ଚାଉଳ ଶିକ୍ଷକମାନଙ୍କ ଦ୍ୱାରା ବିକ୍ରି କରାଯାଉଥିବା ଓ ଛାତ୍ରାବାସରେ ଦିଆଯାଉଥିବା ଖାଦ୍ୟ ନିମ୍ନମାନର ବୋଲି ଅଭିଯୋଗ କରିବାକୁ ଯାଇଥିଲେ। ଏହି ଅଭିଯୋଗ ସମ୍ପର୍କରେ ଲୋକାୟୁକ୍ତ ନିଜଆଡୁ ଘଟଣାର ଅନୁଧ୍ୟାନ କରି ଏ ସମ୍ପର୍କରେ ମାଲକାନଗିରି ଜିଲାପାଳ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ମାଲକାନଗିରି, ଜିଲା ମଙ୍ଗଳ ଅଧିକାରୀ, ମାଲକାନଗିରି, ମାରିୱାଡ଼ା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ନୋଟିସ ଜାରି କରିଛନ୍ତି। ଆସନ୍ତା ୬ ସପ୍ତାହ ମଧ୍ୟରେ ଏହାର ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅକ୍ଟୋବର ୨୬ ତାରିଖରେ ଏନେଇ ପରବର୍ତ୍ତୀ ଶୁଣାଣି କରାଯିବ।

ଜନ୍ମବାର୍ଷିକ ଶୁଭେଚ୍ଛା



ସ୍ୱପ୍ନାରାଣୀ ମହାନ୍ତି
ତିରିମଲ୍ଲ, ଜଟଣୀ
ଜନ୍ମଦିନର ଅନେକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୪୫୦

22th Birthday Wishes
RUPSA RANI
SWAIN (LUINA)
NIMAPADA, PURI



ଆଜି ତୁମର ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କ ଅଶେଷ କୃପାରୁ ତୁମର ଭବିଷ୍ୟତ ଓ ଜୀବନ ସୁଖମୟ ହେଉ, ଏହାହିଁ ପ୍ରଭୁଙ୍କ ପାଖରେ ମୋର ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛା ସହ: ବାଦଲ ସାହୁ (ଦିବ୍ୟ)
ଧ-୧୪୪୫

# ଗୁରୁଦିବସ ପାଳନ ନ କରି ୨ ଶିକ୍ଷୟିତ୍ରୀ ନିଲମ୍ବିତ

ଫୁଲବାଣୀ ଅଫିସ, ୬।୯

ଏକ ସ୍କୁଲରେ ଗୁରୁଦିବସ ପାଳନ ନ କରିବା ମହଙ୍ଗା ପଡ଼ିଛି। କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ଲାହାବାଡ଼ି ପ୍ରାଥମିକ ବିଦ୍ୟାଳୟରେ ଏହି ଦିବସ ପାଳନ ହୋଇ ନ ଥିବା ଅଭିଯୋଗ ହେବାରୁ ବ୍ଲକ ଶିକ୍ଷାଧିକାରୀ ୨ ଜଣ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରିଛନ୍ତି। ସେମାନେ ହେଲେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଣ୍ଡା ଓ ସହକାରୀ ଶିକ୍ଷୟିତ୍ରୀ ସରିତା ମିଶ୍ର।

ଗତ ସୋମବାର ଗୁରୁଦିବସ ଲାଗି ପିଲାମାନେ ସକାଳ ପ୍ରାୟ ସାଢେ ୬ଟାରେ ସ୍କୁଲକୁ ଆସି ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ହେଲେ ଶିକ୍ଷୟିତ୍ରୀମାନେ ଆସି ନ ଥିଲେ। ପରେ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟ କମିଟିର ସଦସ୍ୟା ଜାନକୀ କଟାଙ୍କୁ ଫୋନ କରି ସ୍କୁଲ ଛୁଟି ବୋଲି କହିବାରୁ ଛାତ୍ରୀଛାତ୍ରମାନେ ଘରକୁ ଫେରିଥିଲେ। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମଙ୍ଗଳବାର ଅଭିଭାବକଙ୍କ ସମେତ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ସ୍କୁଲ ଫାଟକରେ ତାଲା ପକାଇଥିଲେ। କିଛି ସମୟ ପରେ ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷୟିତ୍ରୀ ଆସିବାରୁ ଆନ୍ଦୋଳନକାରୀ ସେମାନଙ୍କୁ ସ୍କୁଲରେ ପୂରାଇ ଦେଇ ନ ଥିଲେ। ସ୍କୁଲରେ ୩ ତାରିଖରେ ଗୁରୁ ଦିବସ ପାଳନ କରାଯାଇଛି ବୋଲି ଶିକ୍ଷୟିତ୍ରୀ କହିଥିଲେ। ସାରାଦେଶରେ ୫ତାରିଖରେ ଗୁରୁଦିବସ ପାଳନ ହେଉଥିବା ବେଳେ ଏଠାରେ ୩ ତାରିଖରେ କିଭଳି ପାଳନ କରାଗଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ। ଖବରପାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁର ସ୍କୁଲରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ଘଟଣା ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ଏ ନେଇ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡଙ୍ଗୀଙ୍କ ସହ ଯୋଗାଯୋଗ କରିବାରୁ ଗୁରୁଦିବସରେ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟକୁ ଯାଇ ନ ଥିଲେ। ବିଇଓ ଘଟଣାର ତଦନ୍ତ କରି ସେମାନଙ୍କୁ ନିଲମ୍ବିତ କରିଥିବା ପ୍ରକାଶ କରିଛନ୍ତି।

# ପକ୍ଷ ରଖିଲେ ରାଜୀବ, ମହିଳା ସାମାଜିକ କର୍ମୀ



ନିଜ ପକ୍ଷ ରଖୁଛନ୍ତି ରାଜୀବ।

**ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ନଚେଇବା ପ୍ରସଙ୍ଗ**

ଜୟପୁର, ୬।୯ (ନି.ପ୍ର.)

ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ ଥିବା ବେଳେ କଟକସ୍ଥିତ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିଲେ। ଏହି ସମୟରେ ତାଙ୍କ ନିକଟରେ ହସ୍ପିଟାଲ ପକ୍ଷରୁ ରାଜୀବ ହିଆଲ ଦେଖାଶୁଣା କରିବାକୁ ଉପସ୍ଥିତ ଥିଲେ। କମଳା ଚିକିତ୍ସାଧୀନ ଥିବା ସମୟରେ ତାଙ୍କୁ ଜଣେ ମହିଳା ସାମାଜିକ କର୍ମୀ ସାକ୍ଷାତ୍ କରିବାକୁ ଯାଇଥିଲେ। ସେ ଅସୁସ୍ଥ କମଳାଙ୍କୁ ମେଡିକାଲରେ ନଚାଇ ଏହାର ଭିଡିଓ ଉତ୍ତୋଳନ କରି ଭାଇରାଲ କରିଥିଲେ। ଏହି ବିଷୟ ଜଣାପଡିବା ପରେ ଏହାକୁ ଜିଲା ପ୍ରଶାସନ ଗୁରୁତର ସହ ନେଇଥିଲା। ଏନେଇ ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନ ଉଭୟଙ୍କୁ ନୋଟିସ ଜାରି କରିଥିଲେ। ସେମାନେ ୬ ତାରିଖରେ ଉପଜିଲାପାଳଙ୍କ ନିକଟରେ ଉପସ୍ଥିତ ରହିବାକୁ ନୋଟିସରେ କୁହାଯାଇଥିଲା। ସେହି ଅନୁସାରେ ମଙ୍ଗଳବାର ରାଜୀବ ଉପଜିଲାପାଳ ପ୍ରଧାନଙ୍କ ନିକଟରେ ଉପସ୍ଥିତ ରହି ଲିଖିତ ରୂପେ ନିଜ ପକ୍ଷ ରଖିଥିଲେ। ଏନେଇ ରାଜୀବ କହିଛନ୍ତି ଯେ, ସେ ସମ୍ପୃକ୍ତା ମହିଳା ସାମାଜିକ କର୍ମୀଙ୍କୁ ଜାଣିନାହାନ୍ତି। ସେ ଆସିବା ଦିନଠାରୁ ଫଟୋ, ଭିଡିଓ ଉଠାଉଥିଲେ। ଏପରି କାର୍ଯ୍ୟ ନିଜେ କରି ତାଙ୍କ ନାମରେ ମହିଳା ଜଣକ ଯେଉଁ ଅଭିଯୋଗ ଉଠାଉଛନ୍ତି ତାହା ମିଥ୍ୟା। ଏହାର ତଦନ୍ତ କରିବାକୁ ରାଜୀବ ଦାବିକରିଛନ୍ତି। ଅନ୍ୟ ପକ୍ଷରେ ମହିଳା ସାମାଜିକ କର୍ମୀ ଜଣକ ଅନୁପସ୍ଥିତ ରହି ମଧ ଲିଖିତ ଭାବେ ତାଙ୍କ ପକ୍ଷ ରଖିଥିବା ଜଣାଯାଇଛି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ଉମାରାଣୀ ସୁଆର
ବ୍ରହ୍ମେଶ୍ୱର ବାଗ, ଭୁବନେଶ୍ୱର
ଆବିର୍ଭାବ :୧୭-୧୧-୧୯୪୪
ତିରୋଧାନ : ୧୮-୦୯-୨୦୨୧
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା, ବିଶ୍ୱାସ ହେଉନାହିଁ। ଏବେବି ତୁମର ଅନୁପସ୍ଥିତି ଆମମାନଙ୍କୁ ମର୍ମାହତ କରୁଛି। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ ସମସ୍ତଙ୍କ ଅନ୍ତରରେ ସ୍ମୃତି ହୋଇ ରହିବ। ତୁମେ ଯେଉଁଠି ଅଛ, ଶାନ୍ତିରେ ଥାଇ ଆମକୁ ଆଶିର୍ବାଦ କରୁଥାଅ। ପ୍ରଥମ ବର୍ଷ ଶ୍ରାଦ୍ଧ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ - ସ୍ୱାମୀ - ଗୌରହରି, ପୁତ୍ର - ଅଖିଳ ଏବଂ ପରିବାର ବର୍ଗ।
ଧ-୧୪୪୪

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ଉମାରାଣୀ ସୁଆର
ବ୍ରହ୍ମେଶ୍ୱର ବାଗ, ଭୁବନେଶ୍ୱର
ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିଶ୍ୱନିୟନ୍ତା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଆମ୍ଭେମାନେ ବିନମ୍ର ପ୍ରାର୍ଥନା କରୁଛୁ।
- ଶୋକ ସନ୍ତପ୍ତ -
ସ୍ୱାମୀ- ଶ୍ରୀ ଗୌରହରି ସୁଆର, ପୁତ୍ର- ଅଖିଳ କୁମାର, ବୋହୂ- କୃଷ୍ଣରାଣୀ, ଝିଅ- ଝୁନୁ, ରୁନୁ, ନାନୁ, ଜ୍ୱାଇଁ- ଆଦିତ୍ୟ, ରଞ୍ଜନ, ଉକ୍ତ, ନାତି- ଡ଼ିଲନ, ଚନ୍ଦନ, ପ୍ରିତମ୍, ମିଲନ, ବୁବୁନ, ଶିବୁନ, ନାତୁଣୀବୋହୂ- ରୋନା, ଗୁଡୁଲି, ନାତୁଣୀ- ଲୁସି, ନଣନ୍ଦ, ନଣନ୍ଦେଇ, ଭାଇନା, ଭାଉଜ, ଭଣଜା, ଭାଣିଜି, ପୁତୁରା, ଝିଆରୀ ଇତ୍ୟାଦି ପରିବାର ବର୍ଗ ଏବଂ ଆତ୍ମୀୟ ସ୍ୱଜନ ବର୍ଗ।
ଧ-୧୪୪୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ବାପି
ଜନ୍ମ: ବୈଶାଖ ମାସ ପ୍ରତିପଦା
ଦେହାନ୍ତ: ଭାଦ୍ରବ ମାସ ସୁନିଆଁ
ବାପିରେ, ମୋ ଜୀବନ, ଲାଗୁଛି କାଲିପରି ତୋ ହସରେ ହସୁଥିଲା ଘର। ତୁ ଗଲାଦିନୁ ମୋ ଘର ଅନ୍ଧାର। ଅଳ୍ପଦିନ ପାଇଁ ଆସିଥିଲୁ ଖୁସି ଦେବାକୁ। ଆମେ ମରିବା ସମାନ, ତୋ ବାପା, ମା, ଭଉଣୀ ଆଖିରୁ ଲୁହ ଶୁଖୁନି। ତୋ ମା ତୋ ଫୋନ୍ ଆସିବା ବାଟକୁ ଲୁହଝରି ଚାହିଁ ବସିଛି। ଚାହୁଁ ଚାହୁଁ ଦୁଇବର୍ଷ ଚାଲିଗଲା। ତୋ ବୋଉର ତୁ ଜୀବନ। କେମିତି ବଞ୍ଚିବି। ଈଶ୍ୱର ତୋତେ ପୁନର୍ଜନ୍ମ ଦିଅନ୍ତୁ। ତୋ ଅଧୁରା ସ୍ୱପ୍ନ ପୂରଣ ହେଉ। ତୋ ବାପା, ବୋଉଙ୍କ ଆଶୀର୍ବାଦ, ଭଉଣୀର ଅନାବିଳ ସ୍ନେହ, ଈଶ୍ୱର ତାଙ୍କ ପାଦତଳେ ଆଶ୍ରା ଦିଅନ୍ତୁ।
ଧ-୭୪୦୧୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ



✓ଶାନ୍ତିଲତା ପାତ୍ର
ସ୍ୱାମୀ: ଶଶଧର ପାତ୍ର
କ୍ୱାର୍ଟର ନଂ.-ଏ/୧୨୬, ସେକ୍ଟର-୪, ରାଉରକେଲା
ଆବିର୍ଭାବ-୧୫।୦୪।୧୯୫୫
ତିରୋଧାନ- ୧୮।୦୯।୨୦୨୧
ମା', ଚାହୁଁ ଚାହୁଁ ଏକବର୍ଷ ବିତିଗଲା, କାଳର କରାଳ ଗତିରେ ତମେ ଆମ୍ଭମାନଙ୍କୁ ଚିରଦିନ ପାଇଁ ଶୋକ ସାଗରରେ ଭସାଇ ଦେଇ ଚାଲିଗଲ। ତମର ଅନୁପସ୍ଥିତି ଆମ୍ଭମାନଙ୍କ ଜୀବନରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି, ଯାହା ଅପୂରଣୀୟ। ତମ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ପରମବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣ ତଳେ ଏତିକି ପ୍ରାର୍ଥନା ତମ ଅମର ଆତ୍ମାର ସଦ୍‌ଗତି ହେଉ। ଯେଉଁଠି ବି ଥାଅ ଆମମାନଙ୍କ ଉପରେ ସଦାସର୍ବଦା ତୁମର ଆଶୀର୍ବାଦ ଥାଉ। ଶୋକସନ୍ତପ୍ତ: ପୁତ୍ର: ରତି, ପାଗୁଲୁ, କୁନିଆ, ପୁତ୍ରବଧୂ: ଭାନୁ, ବେବି, ଲିମା, ନାତି: ପାପୁନ, ଓମ୍, ଆବି, ଇସୁ, ସୋମ୍।
ଧ-୧୪୪୬

## ସୂର୍ଯ୍ୟମୁଖୀ: କଳଙ୍କି ରୋଗ ଦମନ



ସୂର୍ଯ୍ୟମୁଖୀ ଚାଷରେ କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଫୁଲଶଢ଼ା ରୋଗ ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ । ଏହି ଚାଷରେ ଧଳାମାଛି ଦମନ ଲାଗି ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ଦମନ ସକାଶେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ।

## ଅଧିକ ଅମଳକ୍ଷମ ଭେଣ୍ଡି ବିହନ

ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪। ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଭଲ। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡି ଚାଷ ସକାଶେ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଓ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ। ଭେଣ୍ଡି ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ। ପ୍ରତି ୨ ଦିନରେ ଥରେ ଫଳ ତୋଳିବା ବିଧେୟ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ। ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ ।



## ଢିପ ଜମିରେ ଡାଲିଜାତୀୟ ଫସଲ



ଢିପଜମିରେ ମୁଗ, ବିରି, କୋଳଥ ଆଦି ଡାଲିଜାତୀୟ ଫସଲ ଚାଷ କରନ୍ତୁ। ଏଗୁଡ଼ିକର ଉନ୍ନତ କିସମ ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି। ମୁଗ : ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓ.ୟୁ.ଏମ୍.୧୧-୫ (କାମଦେବ), ସୁଜାତା, ଧଉଳି, ଆଇ.ପି.ଏମ୍.-୨-୩ ଓ ଆଇ.ପି.ଏମ୍.-୨-୧୪। ବିରି : ଟି-୯, ପନ୍ତୟୁ-୩୦, ପନ୍ତୟୁ-୩୫, ପ୍ରସାଦ, ଶେଖର-୨, ସାରଳା, ଉଜ୍ଜ୍ୱଳା। କୋଳଥ: ଉର୍ମୀ, ଡି.ଏ.ଏସ୍. ୧-୨-୨, ଡି.ଏ.ଏସ୍. ୧-୨, ସି.ଇ.-୧, ପାୟେର-୨ । ମୁଗ, ବିରି ହେକ୍ଟର ପ୍ରତି ୨୦ ରୁ ୨୫ କିଲୋଗ୍ରାମ୍ ଓ କୋଳଥ ୩୦ କିଲୋଗ୍ରାମ୍ ଆବଶ୍ୟକ ହୋଇଥାଏ। ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ୍ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍‌ରେ ଗୋଳାଇ ବିଶୋଧନ କରନ୍ତୁ। ବୁଣିବା ପୂର୍ବରୁ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର କିଲୋଗ୍ରାମ୍ ପ୍ରତି ୨୦ ଗ୍ରାମ୍ ହିସାବରେ ବିହନକୁ ଉପଚାର କରି ଛାଇରେ ଶୁଖାଇ ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ମୁଗ, ବିରି ବା ହରଡ଼ ଫସଲରେ ଦେଖାଦେଲେ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ୍ ୨ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଳ ନିଷ୍କାସନର ସୁବ୍ୟବସ୍ଥା କରନ୍ତୁ।

# ବନ୍ୟା ପରବର୍ତ୍ତୀ ଚାଷ



ପ୍ର. ସୁବୋଧ କୁମାର ସାହୁ



ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ରାଜ୍ୟର ୩ ପ୍ରତିଶତ ଜମି ମୌସୁମୀ ବର୍ଷା ଉପରେ ନିର୍ଭର କରେ । ମୌସୁମୀ ବର୍ଷା ସଠିକ୍ ପରିମାଣ, ଅନୁପାତ ଏବଂ ବିତରଣ ହେଲେ ଫସଲ ଅମଳ ଆଶାନୁରୂପ ହୁଏ । କୃଷିର ଉପରୋକ୍ତ ତିନିଗୋଟି ଅବସ୍ଥା ମୁଖ୍ୟତଃ ପ୍ରକୃତି ଉପରେ ନିର୍ଭର କରେ । ବର୍ଷାର ପରିମାଣ ଫସଲର ଆବଶ୍ୟକତା ଠାରୁ କମ୍ ହେଲେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୁଏ । ବର୍ଷାର ବିତରଣ ସମାନୁପାତରେ ନ ହେଲେ ଫସଲର ଅମଳ କମେ । ମାତ୍ରାଧିକ ବର୍ଷାହେଲେ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ । ଫସଲ ଧୋଇ ନଷ୍ଟ ହୁଏ । ଚଳିତବର୍ଷ ବିଭିନ୍ନ ସମୟରେ ଏକାଧିକ ଲଘୁଚାପ ସୃଷ୍ଟି ହୋଇ ମାତ୍ରାଧିକ ବର୍ଷା ହେବା ଦ୍ୱାରା ରାଜ୍ୟର ୧୦ ଜିଲାରେ ପ୍ରବଳ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଶ୍ରାବଣ ମାସର ମଧ୍ୟଭାଗ ଏବଂ ଭାଦ୍ରବ ମାସର ପ୍ରଥମ ଭାଗରେ ବନ୍ୟା ଆସି ରାଜ୍ୟର ମୁଖ୍ୟ ଧାନ ଏବଂ ପରିବା ଫସଲ ନଷ୍ଟ ହୋଇଛି । ଢିପ ଏବଂ ଖାଲ କିସମ ଜମିରେ ବୁଣା ଯାଇଥିବା ଧାନ ଏବଂ ମଧ୍ୟମ କିସମ ଜମିରେ ସଦ୍ୟ ରୁଆ ଯାଇଥିବା ଧାନ ଫସଲ ଧୋଇ ନଷ୍ଟ ହୋଇଛି । ଏବେବି ସମୟ ଅଛି, ଚାଷୀ ଧୈର୍ଯ୍ୟହରା ନ ହୋଇ ସାହସର ସହ ଚଳିତ ବନ୍ୟାଜନିତ କ୍ଷତିର ସମ୍ମୁଖୀନ ହୋଇପାରିବେ।

ଧାନ ଏପରି ଏକ ଫସଲ, ଯାହା ନିର୍ଦ୍ଦିଷ୍ଟ ସୂର୍ଯ୍ୟାଲୋକ ଏବଂ ଉତ୍ତାପରେ ଭଲ ବଢ଼େ। ଭଲ ଅମଳ ପାଇଁ ଧାନ ଦୈନିକ ୮ ଘଣ୍ଟା ସୂର୍ଯ୍ୟାଲୋକ ଏବଂ ବିଭିନ୍ନ ବର୍ଦ୍ଧନ ସମୟରେ ୨୦୦ରୁ ୩୦୦ ସେଲିସିୟସ ଉତ୍ତାପ ଆବଶ୍ୟକ କରେ । ଆମ ରାଜ୍ୟରେ ଡିସେମ୍ବର ଏବଂ ଜାନୁୟାରୀ ୧୫ ପର୍ଯ୍ୟନ୍ତ ସୂର୍ଯ୍ୟାଲୋକ ଏବଂ ଉତ୍ତାପ କମ୍ ଥିବାରୁ ଉକ୍ତ ସମୟ ଧାନଚାଷ ପାଇଁ ଉପଯୁକ୍ତ ନୁହେଁ । ବର୍ଷର ଅନ୍ୟ ସମୟ ଧାନଚାଷ ସକାଶେ ଉପଯୁକ୍ତ, ଯଦି ପାଣିର ଅଭାବ ନଥାଏ । ତେଣୁ ଜମିରେ ପାଣି ଥିଲେ ଏବଂ ପରବର୍ତ୍ତୀ ସମୟରେ ଉପଯୁକ୍ତ ବର୍ଷା ହେଲେ ଚାଷୀ ଡେରିରେ ଧାନଚାଷ କରି ମଧ୍ୟ ଲାଭବାନ୍ ହେବେ। ବର୍ତ୍ତମାନ ଚାଷୀ ପାଖରେ ୩୦ରୁ ୪୦ ଦିନର ବୟସ୍କ ତଳି ଥିଲେ ଏହାକୁ ରୋଇପାରିବେ। ଧାନ ତଳି ବୟସ୍କ ହୋଇଥିଲେ ୪ ରୁ ୫ ତଳି ରୁଅନ୍ତୁ । ଧୋଇ ନଷ୍ଟ ହୋଇଥିବା ଧାନ କ୍ଷେତରେ ପୂର୍ବରୁ ଫସ୍‌ପେଟ ଏବଂ ପଟାସ ସାର ପ୍ରୟୋଗ ହୋଇଥିଲେ, ଉକ୍ତ ଦୁଇସାର ପ୍ରୟୋଗ ନକରି କେବଳ ଯବକ୍ଷାରଯାନ ସାରରୁ ଏକରକୁ ୮ କିଲୋ ପ୍ରୟୋଗ କରି ଧାନ ରୁଅନ୍ତୁ। ଏହାର ୨୧ ଦିନ ପରେ ଆଉ ୧୨ କିଗ୍ରା ଏବଂ ୪୫ ଦିନରେ ୮ କିଗ୍ରା ଯବକ୍ଷାରଯାନ ସାର ୟୁରିୟା ଭାବରେ ପ୍ରୟୋଗ କରନ୍ତୁ । ବନ୍ୟାପରେ କ୍ଷେତରେ ୫୦ରୁ ୬୦ ଭାଗ ଧାନ ବୁଦା ଥିଲେ ଏବଂ ଉକ୍ତ ବୁଦାରେ ୪ରୁ ୫ ପିଲ ଥିଲେ, ଉକ୍ତ ବୁଦାରୁ ୨ରୁ ୩ ପିଲକୁ ଚେର ସହ ଉଠାଇ ଖାଲିଥିବା ସ୍ଥାନ ପୂରଣ କରିହେବ। ଏହି ସମୟରେ ଏକରକୁ ୧୬ କିଲୋ ଯବକ୍ଷାରଯାନ ସାର ପ୍ରୟୋଗ କଲେ ଧାନଗଛ ବୁଦା ମାରି ସଅଳ ବଢ଼ିବ।

କ୍ଷେତରୁ ସମ୍ପୂର୍ଣ୍ଣ ଧାନଗଛ ନଷ୍ଟ ହୋଇଥିଲେ ବର୍ତ୍ତମାନ ମଧ୍ୟମ ଅବଧି ଧାନ ଯଥା ଆଇଆର-୮, ଆଇଆର-୩୬, ଦୟା, ସାରଥି, କୋଣାର୍କ, ଗଜପତି କିମ୍ବା ସ୍ୱର୍ଣ୍ଣଧାନ ଆଦିକୁ ଦାପକ ପ୍ରଣାଳୀରେ ତଳି ଉଠାଇ କିମ୍ବା ଖତୁଆ ମାଟିରେ ତଳି ଉତାରି ୧୫ ରୁ ୨୧ ଦିନ ତଳି ରୋଇ ହେବ । ବନ୍ୟାପରେ ମଧ୍ୟମ କିସମ ଖାଲ ଜମିରେ ୧୨ରୁ ୧୫ ସେମି ଠିଆ ପାଣି ଥିଲେ ଏବଂ ଧାନଗଛ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲେ ଉକ୍ତ ଜମିରେ ୧୩୫ ରୁ ୧୪୫ ଦିନର ଧାନ ଯଥା ମସୁରି, ଲଲାଟ, କାଞ୍ଚନ, ମହାନଦୀ ଧାନ କିସମ ପୂର୍ବଭଳି ତଳି ଉତାରି ରୋଇ ହେବ । ଠିଆ ପାଣି ଥିବା ଧାନରେ ନିମ ତେଲ ବୋଳା ୟୁରିୟା ପ୍ରୟୋଗ ଦ୍ୱାରା ଯବକ୍ଷାରଯାନ ସାରର ଉପଯୁକ୍ତ ଉପଯୋଗ ହୋଇପାରିବ । ଅଧିକ ଖାଲ ଅର୍ଥାତ୍ ୨୫ରୁ ୩୦ ସେମି ଠିଆ ପାଣି ଥିବା କ୍ଷେତରେ ଜୁନ୍ ମାସରେ ବୁଣାଯାଇଥିବା ବଡ଼ ଅବଧି କିସମ ଧାନଗଛ ଯଦି ବନ୍ୟା ପ୍ରକୋପରୁ ବଞ୍ଚି ଯାଇଥାଏ, ତେବେ ସେ ସ୍ଥଳରେ କେବଳ ବୁଦାରୁ ଚେରଥିବା ପିଲ ଉଠାଇ ଖାଲି ସ୍ଥାନରେ ରୁଆ ଯାଇପାରିବ ।



ଏପରି ସ୍ଥଳେ ୟୁରିୟା ସାର ମାଟିରେ ପ୍ରୟୋଗ ନ କରି ଗଛ ୬୦ରୁ ୭୦ ଦିନର ହେଲେ ୨.୫% ଭାଗ ୟୁରିୟାକୁ ୭ଦିନ ବ୍ୟବଧାନରେ ୩ଥର ପତ୍ର ଛିଞ୍ଚା କରାଯାଇପାରେ। ଢିପ କିସମ ଜମିରେ ବୁଣାଧାନ ନଷ୍ଟ ହୋଇଥିଲେ ଉକ୍ତ ଜମିରେ ଧାନ ନ ବୁଣି ମୁଗ, ବିରି, ହରଡ଼, ଚିନାବାଦାମ କିମ୍ବା ରାଶି ବୁଣନ୍ତୁ। ମୁଗ ପାଇଁ ଧଉଳି, ଦୁର୍ଗା, ସୁଜାତା କିମ୍ବା ଜ୍ୟୋତି କିସମ ବାଛିବା ଆବଶ୍ୟକ । ବିରି ପାଇଁ ଶାରଳା କିମ୍ବା ଟି୯ ନମ୍ବର ଉପଯୁକ୍ତ । ହରଡ଼ ଲାଗି ଉପାସ, ଏସ୍-୨୫ କିମ୍ବା ଟି ୨୧ ନମ୍ବର ଉପଯୁକ୍ତ। ଏହି ସମସ୍ତ ଫସଲ ମିରେ ରାଇଜୋବିୟମ କଲଚ୍‌ର କିଲୋ ପ୍ରତି ୨୦ ଗ୍ରାମ ବୋଳାଇ ୧ରୁ ୧୬ କିଲୋ ଫସ୍‌ପେଟ ସାର ପ୍ରୟୋଗ କରି ଧାଡ଼ିରେ ବୁଣିବା ଭଲ । ରାଶି ବୁଣିବାର ଥିଲେ କନକ, କାଳିକା କିମ୍ବା ବିନାୟକ ବୁଣାଯାଇପାରେ । ଏକରକୁ ୩ କିଲୋ ମିରେ, ଯବକ୍ଷାରଯାନ, ଫସପେଟ୍ ଏବଂ ପଟାସ୍ ଯଥା କ୍ରମେ ୧୨, ୬ ଏବଂ ୬ କିଲୋ ଆବଶ୍ୟକ ହୁଏ।

ବନ୍ୟାରେ ପରିବା ଫସଲ ନଷ୍ଟ ହୋଇଥିଲେ ପୁନଶ୍ଚ ବାଇଗଣ, ଭେଣ୍ଡି, ଝୁଡ଼ଙ୍ଗ, ଲଙ୍କା ଆଦି ଲଗାଯାଇପାରିବ। ବାଇଗଣ ପାଇଁ ୧୧୦ରୁ ୧୨୦ ଦିନରେ ଫଳ ଆସୁଥିବା କିସମ ଯଥା ପୁଷା ପରପଲ ରାଉଣ୍ଡ, ପୁଷା ପରପଲ ଲଙ୍ଗ କିମ୍ବା ପୁଷାକ୍ରାନ୍ତି ବାଛିବା ଭଲ । ସିଲେକ୍‌ସନ୍ ୭ ନମ୍ବର କିସମ ଭେଣ୍ଡି ଏଇ ମାସରେ ଲଗାଇଲେ ଭଲ ଅମଳ ଦେବ। ବର୍ତ୍ତମାନ ଅର୍ଥକରୀ ଫସଲ ଯଥା ବିଲାତି ବାଇଗଣ, ବନ୍ଧାକୋବି ଏବଂ ଫୁଲକୋବି ଉତାରି ରୁଆ ଯାଇପାରିବ । ବିଲାତି ବାଇଗଣ କିସମ ମଧ୍ୟରେ ପାବ ଛୁଆରା ଓ ପାବ କେଶରୀ ଉପଯୁକ୍ତ । ବନ୍ଧାକୋବି ପାଇଁ ଗୋଲ୍‌ଡେନ ଏକର, ପ୍ରାଇଡ୍ ଅଫ ଇଣ୍ଡିଆ କିମ୍ବା ପୁଷାଡ୍ରମ ବାଛି ପାରନ୍ତି । ଫୁଲକୋବି ପାଇଁ ସ୍ନୋବଲ-୧୬ ଜାପାନିଜ ସିନ୍ଥେଟିକ, ମଧୁମତି କିମ୍ବା ଆଘାନି ବାଛିପାରନ୍ତି । ବନ୍ୟାପରେ ଉପରୋକ୍ତ ପରିବା ଫସଲରେ ଅନୁମୋଦିତ ଖତସାର ପ୍ରୟୋଗ କରି ଏବଂ ରୋଗ ପୋକର ପ୍ରତିଷେଧକ ବ୍ୟବସ୍ଥା କଲେ ଚାଷୀ ବନ୍ୟା ଦ୍ୱାରା ହୋଇଥିବା କ୍ଷତିର ଅଭାବ ପୂରଣ କରିପାରିବେ।

- ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ:୯୫୫୬୨୬୬୦୮୫

## ଫଳଚାଷ




ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ। ରୋଗଣା ଗଛକୁ ବାହାର କରିଦିଅନ୍ତୁ। ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ଏକ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛମୂଳରେ ମାଟିଭିଜା କରନ୍ତୁ। ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶୀ ହୁଏ। ଗଛଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ। ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ। ଏକ ମାସ ଅନ୍ତରରେ କପର୍ ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ଏକଭାଗ ବୋର୍ଡାକ୍ସ ମିକ୍ସଚର (୫:୫:୫୦)କୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇ ପାରିବ। ପିଜୁଳି ଓ ଲେମ୍ବୁର ପାଣିକୁଆଁ ସବୁ କାଟି ଦିଅନ୍ତୁ।

## ଚିନାବାଦାମରୁ ଅଧିକ ଅମଳ ଲାଗି...

ଚିନାବାଦାମ ଚାଷ ହୋଇଥିବା ଜମିରୁ ପାଣି କାଟି ଦିଅନ୍ତୁ । ଏଠାରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ। ଫଳରେ ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ଜରୁରୀ। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ। ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ। ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ, ଯେପରିକି ମାଟି ଭଲ ଭାବରେ ଭିଜିପାରିବ।



## ଶୀତଦିନିଆ ପନିପରିବା ପାଇଁ ପ୍ରସ୍ତୁତି

ଶୀତଦିନିଆ ପନିପରିବା ଚାଷ କରିବା ପାଇଁ ଏବେଠାରୁ ଚାରା ପକାଇବା ଆରମ୍ଭ କରନ୍ତୁ। ଏକ ଏକର ଜମିରେ ପରିବା ଚାଷ କରିବା ପାଇଁ ୫୦ ବର୍ଗମିଟର ଜାଗାରେ ୧ ମିଟର ଓସାର ଓ ୩ ମିଟର ଲମ୍ବର ମାଟି ପତନଠାରୁ ୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ତଳିଘରା ମଧ୍ୟରେ ୫୦ ସେ.ମି. ବ୍ୟବଧାନରେ ନାଳି ରଖନ୍ତୁ। ତଳିଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନରେ ୨ ଗ୍ରାମ୍ କାର୍ବୋକ୍ସିନ୍ ଓ ଥିରାମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରନ୍ତୁ। ତଳିଘରାରେ ମଧ୍ୟ କ୍ୟାପ୍‌ଟାନ୍ (୦.୨%) ସିଞ୍ଚନ କରନ୍ତୁ। ତଳିଘରାରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ। ସଅଳ ଶୀତଦିନିଆ ଉନ୍ନତ ପନିପରିବା କିସମଗୁଡ଼ିକ ହେଲା- ମୂଳା: ପୁଷା ଚେତକି, ପୁଷା ରଶ୍ମି, ପୁଷା ହିମାନୀ। ଫୁଲକୋବି : ପୁଷା ଦୀପାଳି, ପୁଷା କୁଆଁରୀ, ପୁଷା କାଟକୀ, ଅର୍ଲି ସିନ୍ଥେଟିକ୍। ବନ୍ଧାକୋବି : ପ୍ରାଇଡ୍ ଅଫ୍ ଇଣ୍ଡିଆ, ଗୋଲ୍‌ଡେନ୍ ଏକର, ଗ୍ରୀନ୍ ବଲ୍, ପ୍ରିୟା। ଗୁଆଁର : ପୁଷା ସଦାବାହାର, ପୁଷା ନୌବାହାର । ଟମାଟୋ : ଉତ୍କଳ ଦୀପ୍ତି, ଉତ୍କଳ କୁମାରୀ, ଉତ୍କଳ ଶ୍ରାବଣୀ। ବିନ୍: ଆର୍କାକୋମଳ, ଆର୍କାସୁବିଧା। ବଜାରରେ ମିଳୁଥିବା ସଙ୍କର କିସମ ବିହନ ମଧ୍ୟ ଚାଷ କରାଯାଇପାରିବ। ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ।



# ପ୍ରାଣୀଙ୍କ ଯତ୍ନ ନେବେ କିପରି



ଶାହାଣ, ଫାଟୁଆ ଓ ବଜବଜିଆ ରୋଗ ନ ହେବା ପାଇଁ ପ୍ରାଣୀଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ। ଟିକା ଦେବାର ୧୫-୨୦ ଦିନ ଆଗରୁ କୃମିନାଶକ ଔଷଧ ଖାଇବାକୁ ଦିଅନ୍ତୁ। ବର୍ଷାଦିନେ ଗୋରୁଙ୍କୁ ଅଢ଼େଇଆ ଜ୍ୱର ମଶା ଓ ଡାଆଁଶର ଉପଦ୍ରବ ଯୋଗୁ ହୋଇଥାଏ। ଏହାଦ୍ୱାରା ଶରୀରର ଉତ୍ତାପ ୧୦୩ ରୁ ୧୦୭ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ନାକ, ଆଖି ଓ ପାଟିରୁ ପାଣି ବାହାରେ। ପ୍ରଥମେ କଠିନ ଓ ପରେ ତରଳ ଝାଡ଼ା ହୋଇଥାଏ । ଏହାର ପ୍ରତିକାର ଲାଗି ଗୁହାଳରେ ଝୁଣା କିମ୍ବା ଲିମ୍ବପତ୍ର ଧୂଆଁ ସନ୍ଧ୍ୟା ସମୟରେ ଦିଅନ୍ତୁ। ଗୁହାଳର ଚାରିପଟ ପରିଷ୍କାର ରଖନ୍ତୁ। ଖତଗଦା ଗୁହାଳଠାରୁ ଦୂରରେ କରନ୍ତୁ। ପ୍ରତିକାର ସକାଶେ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ।

- ବର୍ଷା ସମୟରେ ଛେଳି ଓ ମେଣ୍ଢାଙ୍କୁ ଗୁହାଳରେ ରଖି ଦାନା ବା ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ। ଏଣ୍ଟାରୋ ଟକ୍ସେମିଆ ଓ ପିପିଆର୍ ରୋଗର ଟିକା ଦିଆ ନ ହୋଇଥିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଦିଅନ୍ତୁ। ବର୍ଷାଦିନେ ଫିମ୍ପି ମାରିଥିବା ଦାନା ଖାଇବାକୁ ଦିଅନ୍ତୁ ନାହିଁ । କୁକୁଡ଼ା ଘରକୁ ପ୍ରବେଶ କରିବା ସମୟରେ ଜୋତାକୁ ଫିନାଇଲ୍ (୨ ପ୍ରତିଶତ) ପାଣିରେ ବୁଡ଼ାଇ ପ୍ରବେଶ କରନ୍ତୁ । କୁକୁଡ଼ାଘର ଭିତରକୁ ବର୍ଷାପାଣି ନ ଛାଟିବାର ବ୍ୟବସ୍ଥା କରନ୍ତୁ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୭/୨୦୨୨ Sambalpur, Wednesday, September 7/ 2022

# ଚତୁର୍ଥ ରାଉଣ୍ଡରୁ ନାଡାଲ ବିଦା

**ନ୍ୟୁୟର୍କ,୬ା୯(ପି.ଟି.)**

ୟୁଏସ୍ ଓପନ ଚତୁର୍ଥ ରାଉଣ୍ଡରୁ ବିଦା ହେଲେ ସ୍ପେନର ରାଫେଲ ନାଡାଲ। ୨୨ଟି ଗ୍ରାଣ୍ଡସ୍ଲାମ ବିଜୟୀ ନାଡାଲ ପ୍ରଥମ ଥର ପାଇଁ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରେ ପହଞ୍ଚିବାରେ ବିଫଳ ହୋଇଛନ୍ତି। ଏହା ସହିତ ନାଡାଲଙ୍କ କ୍ରମାଗତ ୨୨ ମ୍ୟାଚ୍ ବିଜୟରେ ମଧ୍ୟ ରୋକ୍ ଲାଗିଛି। ସୋମବାର ବିଳମ୍ବିତ ରାତିରେ ଫ୍ରାନ୍ସେସ୍ ଟିଆଫୋଙ୍କ ବିପକ୍ଷ ମ୍ୟାଚକୁ ନାଡାଲ ୬-୪, ୪-୬, ୬-୪ ଓ ୬-୩ରେ ହାରି ଯାଇଛନ୍ତି। ଏହି ବିଜୟ ପରେ ଆର୍ଥର ଆଶେ

## ୟୁଏସ୍ ଓପନ




କୋର୍ଟରେ କାନ୍ଦି ପକାଇଥିଲେ ଫ୍ରାନ୍ସେସ୍ ଟିଆଫୋ। ବିଜୟର କିଛି ମୁହୂର୍ତ୍ତ ଯାଏ ମୋ ଚାରି ପାଖରେ ଦୁନିଆ ଅଟକି ଯାଇଥିଲା। ୟୁଏସ୍ ଓପନରେ ନାଡାଲ ଦୁଇ ନମ୍ବର ସିଡ୍‌ର ମାନ୍ୟତା ପାଇଥିବା ବେଳେ ଟିଆଫୋ ୨୨ନମ୍ବର ସିଡ୍‌ରହିଥିଲେ। ଏହି ବିଜୟ ସହିତ ଆମେରିକାର ପୂର୍ବତନ ଖେଳାଳି ଆଣ୍ଡି ରଡିକ୍‌ଙ୍କ ୧୬ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଛନ୍ତି। ୨୪ ବର୍ଷ ବୟସରେ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ସହିତ ସର୍ବକନିଷ୍ଠ ଖେଳାଳି ପାଲଟିଛନ୍ତି। ଟିଆଫୋଙ୍କ ମାତାପିତା ମୂଳତଃ ପୂର୍ବଆଫ୍ରିକା ସ୍ଥିତ ସିଏରା ଲିଓନର ବାସିନ୍ଦା। ୧୯୯୦ ଗୃହ ଯୁଦ୍ଧ ସମୟରେ ଉଭୟ ଦେଶଛାଡି ଆମେରିକାର ମେରିଲାଣ୍ଡକୁ ପଳାଇ ଆସିଥିଲେ। ଆମେରିକାରେ ଏକ ଟେନିସ୍ କୋର୍ଟରେ ପିତା କାମ କରୁଥିବା ବେଳେ ସେଠାରୁ ଟେନିସ୍ ଖେଳିବା ଆରମ୍ଭ ହୁଏ। ଏହି ବିଜୟ ପରେ ଟିଆଫୋ କହିଛନ୍ତି, ମୋ ନାତି ନାତୁଣୀଙ୍କୁ ମୁଁ କହିପାରିବି କି ମୁଁ ନାଡାଲଙ୍କୁ ହରାଇଥିଲି। ଏହା ପୂର୍ବରୁ ଦୁଇଥର ସେ ନାଡାଲଙ୍କୁ ଭେଟିଥିବା ବେଳେ ନାଡାଲ ବାଜି ମାରି ନେଇଥିଲେ। ସେହିପରି ପୂର୍ବରୁ ଏକ ନମ୍ବର ମାନ୍ୟତାପ୍ରାପ୍ତ ଡାନିଲ ମେଡଭେଡେଭ ବିଦା ହୋଇ ସାରିଥିବା ବେଳେ ୨୦୦୦ ମସିହା ପରେ ପ୍ରଥମ ଥର ପାଇଁ ଦୁଇ ଟପ୍ ସିଡେଡ୍ ଖେଳାଳି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ଅସଫଳ ରହିଛନ୍ତି। ଟିଆଫୋ ପରବର୍ତ୍ତୀ ରାଉଣ୍ଡରେ ୯ ନମ୍ବର ମାନ୍ୟତାରେ ରହିଥିବା ଆଣ୍ଡି ରୁବଲେଭଙ୍କୁ ଭେଟିବେ। ରୁବଲେଭ ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ରହିଥିବା କାମ୍ ନୋରିଙ୍କୁ ୬-୪, ୬-୪ ଓ ୬-୪ ସେଟରେ ପରାସ୍ତ କରିଛନ୍ତି। ଦୁଇଟି ଗେମ୍ ପଛୁଆ ରହିଥିବା ବିଶ୍ୱ ମାନ୍ୟତାର ୧୧ ନମ୍ବର ଖେଳାଳି ଜାନିକ୍ ସିନ୍ନର ୬-୧, ୫-୭, ୬-୨, ୪-୬ ଓ ୬-୩ରେ ଇଲ୍ୟା ଇଭାଷ୍କାଙ୍କ ବିପକ୍ଷରେ ବିଜୟୀ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ରହିଥିବା କାର୍ଲୋସ ଆଲକାରାଜ ଗାର୍ଫିଆ ମଧ୍ୟ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମାରିନ୍ ସିଲିକଙ୍କ ବିପକ୍ଷ ମ୍ୟାଚକୁ ୬-୪, ୩-୬, ୬-୪, ୪-୬ ଓ ୬-୩ରେ ସେ ଜିତି ନେଇଛନ୍ତି। ମହିଳା ସିଙ୍ଗଲ୍ସରେ ଇଗା ସ୍ୱିଟେକ୍ ପ୍ରଥମ ଥର ୟୁଏସ୍ ଓପନ କ୍ୱାର୍ଟରରେ ପ୍ରବେଶ କରିଥିବା ବେଳେ ଆରିନା ସାବାଲେଙ୍କା ଓ କାରୋଲିନା ପ୍ଲିସକୋଭା ମଧ୍ୟ ବିଜୟୀ ହୋଇଛନ୍ତି। ପ୍ରଥମ ସେଟକୁ ହାରିଥିଲେ ହେଁ ପରବର୍ତ୍ତୀ ଦୁଇ ସେଟ ଜିତି ନେଇଥିଲେ ପୋଲାଣ୍ଡର ୨୧ ବର୍ଷୀୟ ସ୍ୱିଟେକ୍। ୨-୬, ୬-୪ ଓ ୬-୦ରେ ସେ ଜୁଲି ନେମିୟରଙ୍କୁ ହରାଇଥିଲେ। କ୍ୱାର୍ଟର ଫାଇନାଲ ମୁକାବିଲାରେ ସେ ଜେସିକା ପେଗୁଲାଙ୍କୁ ଭେଟିବେ। ମହିଳା ସିଙ୍ଗଲ୍ସର ଅନ୍ୟ ମୁକାବିଲାରେ ଆରିନା ସାବାଲେଙ୍କା ୬-୩, ୩-୬,୨-୬ରେ ଡାନିଏଲ କଲିନ୍ସଙ୍କୁ ଓ କାରୋଲିନା ପ୍ଲିସକୋଭା ୭-୫, ୬-୭(୫-୭), ୬-୨ରେ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି।




ଜାତୀୟ ଜୁନିୟର ଉସୁ ଚାମ୍ପିୟନଶିପ୍‌ରେ ପଦକ ବିଜେତା ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

## ସମସ୍ତ ଫର୍ମାଟରୁ ରାଇନାଙ୍କ ଅବସର



**ନୂଆଦିଲ୍ଲୀ,୬ା୯(ପି.ଟି):** ପୂର୍ବତନ ଭାରତୀୟ ଖେଳାଳି ସୁରେଶ ରାଇନା କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଗ୍ରହଣ କରିଛନ୍ତି। ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରୁ ରାଇନା ଅବସର ଗ୍ରହଣ କରି ସାରିଥିବା ବେଳେ ଘରୋଇ କ୍ରିକେଟ ଓ ଆଇପିଏଲରୁ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ଏହା ସହିତ ସେ ଲିଜେଣ୍ଡ ଲିଗ୍ ଏବଂ ବିଭିନ୍ନ ବିଦେଶୀ ଟି୨୦ ଲିଗ୍‌ରେ ବର୍ତ୍ତମାନ ଅଂଶଗ୍ରହଣ କରିପାରିବେ। ଅଗଷ୍ଟ ୧୫, ୨୦୨୦ରେ ମହେନ୍ଦ୍ର ସିଂ ଧୋନୀଙ୍କ ପଛେ ପଛେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ଗ୍ରହଣ କରିଥିଲେ। ୨୦୨୧ ଯାଏ ସେ ଆଇପିଏଲ୍ ଖେଳିଥିବା ବେଳେ ୨୦୨୨ରେ ଚେନ୍ନାଇ ସୁପରକିଙ୍ଗସ୍ ପକ୍ଷରୁ ତାଙ୍କୁ ରିଲିଜ୍ କରାଯାଇଥିଲା। ନିଜ ଟ୍ୱିଟର ହ୍ୟାଣ୍ଡେଲରେ ସେ ବିସିସିଆଇ, ଉତ୍ତର ପ୍ରଦେଶ କ୍ରିକେଟ ଓ ସିଏସ୍‌କେକୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଘରୋଇ କ୍ରିକେଟରେ ସକ୍ରିୟ ଖେଳାଳି କୌଣସି ବିଦେଶୀ ଟି୨୦ ଲିଗ୍ କିମ୍ବା ଲିଜେଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବା ଉପରେ କଟକଣା ରହିଥିବାରୁ ରାଇନା ଅବସର ଗ୍ରହଣ କରିଥିବା ଚର୍ଚ୍ଚା ହେଉଛି। ଆସନ୍ତା ବର୍ଷରୁ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ଟି୨୦ ଲିଗ୍‌ର ସମସ୍ତ ଫ୍ରାଞ୍ଚାଇଜି ଭାରତୀୟ ହୋଇଥିବା ବେଳେ ଏଥିରେ ସିଏସ୍‌କେ ମଧ୍ୟ ସାମିଲ ରହିଛି। ଅକ୍ଟୋବର ୨୦୨୧ରେ ରାଇନା ଶେଷ ଥର ପାଇଁ ସିଏସ୍‌କେ ଜର୍ସିରେ ନଜର ଆସିଥିଲେ। ୨୦୧୧ ଦିନିକିଆ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ରହିଥିବା ରାଇନା ଭାରତ ପାଇଁ ୨୨୬ ଦିନିକିଆ, ୧୮ ଟେଷ୍ଟ ଓ ୭୮ ଟି୨୦ ମ୍ୟାଚ ଖେଳିଛନ୍ତି।

# ଅପରାଜିତା ଭାରତୀୟ ଦଳର କୋଚ୍

**ଭୁବନେଶ୍ୱର, ୬ା୯ (କ୍ରୀଡ଼ା ପ୍ରତିନିଧି)**

ଚଳିତମାସ ୧୫ରୁ ୨୮ ପର୍ଯ୍ୟନ୍ତ ଜର୍ଜିଆର ବାଟୁମିଠାରେ ହେବାକୁ ଯାଉଛି ଫିଡେ (ଆନ୍ତର୍ଜାତୀୟ ଚେସ୍ ଫେଡେରେଶନ୍) ୱାର୍ଲ୍ଡ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶାର କ୍ୟାଣ୍ଡିଡେଟ ମାଷ୍ଟର ତଥା ଫିଡେ ଇନ୍‌ଷ୍ଟ୍ରକ୍ଟର ଅପରାଜିତା ଗୋଚ୍ଛିକାର ଭାରତୀୟ ଚେସ ଦଳର

## ବିଶ୍ୱ କ୍ୟାଡେଟ୍ ଚେସ୍

କୋଚ୍ ନିଯୁକ୍ତ ହୋଇଛନ୍ତି। ଜର୍ଜିଆ ଚେସ୍ ଫେଡେରେଶନ ଆନୁକୂଲ୍ୟରେ ୮, ୧୦ ଓ ୧୨ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଭାରତରୁ ମୋଟ ୬୫ ଜଣିଆ ପ୍ରତିନିଧି ଦଳ ବାଟୁମି ଅଭିମୁଖେ ଯାତ୍ରା କରିଛନ୍ତି। ଅପରାଜିତା ଗୋଚ୍ଛିକାର ପ୍ରଧାନୀଙ୍କ ସମେତ ଏସ୍. ସି. ସୁବ୍ରମଣ୍ୟମଙ୍କୁ କୋଚ୍ ଦାୟିତ୍ୱ ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୧୮ରେ ସ୍ପେନରେ ଆୟୋଜିତ ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍‌ରେ ଅପରାଜିତା ଭାରତୀୟ ଦଳର ପ୍ରଶିକ୍ଷକ ଥିଲେ। ଏଥିରେ ଭାରତ ରୌପ୍ୟ ପଦକ ହାସଲ କରିଥିଲା। ଏହା ବ୍ୟତୀତ ତାସ୍‌କେଣ୍ଟରେ ଆୟୋଜିତ ଏସୀୟ ଯୁବ ଚେସ ଚାମ୍ପିୟନଶିପ୍‌ରେ ସେ ଭାରତୀୟ ଯୁବ ଦଳର ପ୍ରଶିକ୍ଷକ ଥିଲେ ଏବଂ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା। ନିକଟରେ ଚେନ୍ନାଇରେ ଶେଷ ହୋଇଥିବା ୪୪ ତମ ଫିଡେ ଚେସ୍ ଅଲିମ୍ପିଆଡ୍‌ରେ ଫିଡେ ଦ୍ୱାରା ମନୋନୀତ ହୋଇଥିବା ଫେୟାର ପ୍ଲେ ପ୍ୟାନେଲ (ଏଫ୍‌ପିପି)ର ସଦସ୍ୟ ଥିଲେ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ସଭାପତି ଜି. ସି. ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜ, ମୁଖ୍ୟ ପୃଷ୍ଠପୋଷକ ଅଚ୍ୟୁତ ସାମନ୍ତ, ଏଓସିଏର ଅନ୍ୟ ସମସ୍ତ ସଦସ୍ୟ ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନର ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ପ୍ରମୁଖ ଅପରାଜିତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଅପରାଜିତା ଗୋଚ୍ଛିକାର






# ଓଡ଼ିଶା ଜୁନିୟର ଉସୁ ଦଳକୁ ୮ ପଦକ

**ଭୁବନେଶ୍ୱର, ୬ା୯ (କ୍ରୀଡ଼ା ପ୍ରତିନିଧି)**

କେରଳର କୋଝିକୋଡେଠାରେ ୨୧ତମ ଜାତୀୟ ଜୁନିୟର ଉସୁ ଚାମ୍ପିୟନଶିପ୍ ଚଳିତମାସ ୧ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଦଳ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ସମେତ ମୋଟ ୮ଟି ପଦକ ହାସଲ କରିଛି। ଓଡ଼ିଶାର ବବୁଲୁ ମୁଣ୍ଡା ଜୁନିୟର ବାଳକ ୪୮ କେଜି ସାଣ୍ଡା ଏବଂ ରାଜେଶ ମୁଣ୍ଡା ୟୁଥ୍ ବାଳକ ୪୮ କେଜି ସାଣ୍ଡା ବର୍ଗରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ପ୍ରେମ ମୁଣ୍ଡା ଜୁନିୟର ବାଳକ ୪୫କେଜି ଏବଂ ନୁପୂର ପଟ୍ଟନାୟକ ନନ୍‌ଷ୍ଟାଇଲ୍ ବାଳିକା ତାଓଲୁରେ ରୌପ୍ୟ ପଦକ ହାସଲ କରିଛନ୍ତି। ତାଓଲୁରେ ବ୍ରୋଞ୍ଜ ପଦକ ପାଇଥିବା ଓଡ଼ିଶା ଖେଳାଳିମାନେ ହେଲେ ପାୟଲ ପଟ୍ଟନାୟକ (ବାଳିକା ୱିଙ୍ଗଚୁନ୍), ଆଶୁତୋଷ ମହାରଣା (ବାଳକ ଗୁନ୍‌ଶୁ), ରାଜକୁମାର ମୁଣ୍ଡା (ବାଳକ ନାନ୍‌କ୍ୱାନ) ଏବଂ ସୌଭାଗ୍ୟ ଶରନ (ବାଳକ କ୍ୱାଙ୍ଗଶୁ)। ଓଡ଼ିଶାରୁ ୨୨ ଖେଳାଳି ଓ ୫ ଅଫିସିଆଲ୍‌ଙ୍କୁ ମିଶାଇ ମୋଟ ୨୭ ଜଣିଆ ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲା। ପ୍ରଦ୍ୟୁମ୍ନ ବେହେରା ତାଇଲୁ ବିଭାଗର ମୁଖ୍ୟ ଜଜ୍ ଥିବାବେଳେ ଅନୁରାଧା ଦୋରା ସାନ୍ଦା ବିଭାଗରେ ଜଜ୍ ଦାୟିତ୍ୱ ତୁଲାଇଥିଲେ। ପଙ୍କଜ ମହନ୍ତ ଓ ସୁଜନ ରଥ ଟିମ୍ କୋଚ୍ ଏବଂ କୃଷ୍ଣଚନ୍ଦ୍ର ସାହୁ ମ୍ୟାନେଜର ଦାୟିତ୍ୱ ନିର୍ବାହ କରିଥିଲେ। ଉସୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଏସ୍.ଏସ୍. ହରିଚନ୍ଦନ, ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଉପସଭାପତି ଶିବାନନ୍ଦ ରାୟ ଓ ବିକାଶ ପଟ୍ଟନାୟକ ପ୍ରମୁଖ ପଦକ ବିଜେତା ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପୁରସ୍କାର ଦୌଡ଼ରେ ହରମନପ୍ରୀତ୍

**ଲାଉସାନେ, ୬ା୯ (ପି.ଟି.):** ଏଫ୍‌ଆଇଏଚ୍ ହକି ଷ୍ଟାର୍ସ ଆୱାର୍ଡ ୨୦୨୧-୨୨ ପାଇଁ ଦୌଡ଼ରେ ରହିଥିବା ଖେଳାଳିମାନଙ୍କର ସଂକ୍ଷିପ୍ତ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ପୁରୁଷ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଁ ସୁପାରିସ ୫ଜଣ ଖେଳାଳିଙ୍କ ମଧ୍ୟରେ ଭାରତର ଷ୍ଟାର ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂ ରହିଛନ୍ତି। ଅନ୍ୟପକ୍ଷରେ ଶ୍ରେଷ୍ଠ ପୁରୁଷ ଓ ମହିଳା ଗୋଲକିପର ପୁରସ୍କାର ଦୌଡ଼ରେ ପି.ଆର୍. ଶ୍ରୀଜେସ୍ ଓ ସବିତା ପୁନିଆ ଅଛନ୍ତି। ହରମନପ୍ରୀତ ଭାରତୀୟ ହକି ଦଳର ଉପ ଅଧିନାୟକ ରହିଛନ୍ତି। ତାଙ୍କ ବ୍ୟତୀତ ପୁରୁଷ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ବେଲଜିୟମର ଦୁଇଜଣ ଆର୍ଥର ଡି' ସ୍ଲୁଭର ଓ ଟମ୍ ବୁନ୍, ଜର୍ମାନୀର ନିକ୍ଲାସ ୱେଲେନ୍ ଓ ନେଦରଲାଣ୍ଡର ଥିଏରୀ ବ୍ରିଙ୍କ୍‌ମ୍ୟାନ୍। ଏଫ୍‌ଆଇଏଚ୍ ମହିଳା ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଦୌଡ଼ରେ କୌଣସି ଭାରତୀୟ ଖେଳାଳି ନାହାନ୍ତି। ହରମନପ୍ରୀତ ଗତବର୍ଷ ଏହି ସମ୍ମାନଜନକ ପୁରସ୍କାର ପାଇଥିଲେ।

# ରୋହିତ ଶର୍ମାଙ୍କ ଦ୍ରୁତ ଅର୍ଦ୍ଧଶତକ

**ଦୁବାଇ, ୬ା୯**

ଅଧିନାୟକ ରୋହିତ ଶର୍ମାଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଭାରତ ମଙ୍ଗଳବାର ଅନୁଷ୍ଠିତ ଏସିଆ କପ୍ କ୍ରିକେଟର ଶ୍ରୀଲଙ୍କା ବିପକ୍ଷ ସୁପର ଫୋର ମ୍ୟାଚରେ ୧୭୩ ରନ ସ୍କୋର କରିଛି। ଅନ୍ୟପକ୍ଷରେ ଆବଶ୍ୟକ ସମୟରେ ଶ୍ରୀଲଙ୍କା ବୋଲରମାନେ ଉଇକେଟ ହାସଲ କରି ଦଳପାଇଁ ଆଶା ଉଜ୍ଜୀବିତ କରିଛନ୍ତି।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦ୍ୱିତୀୟ ଓଭରରେ ଲୋକେଶ ରାହୁଲ(୬)ଙ୍କ ଉଇକେଟ ହରାଇଥିଲା। ପୂର୍ବ ୨ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିବା ବିରାଟ କୋହଲି ଏଠାରେ ଖାତା ଖୋଲିବା ପୂର୍ବରୁ ଆଉଟ ହେବାରୁ ଭାରତ ୧୩ ରନରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ରୋହିତ ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୫୮ ବଲ୍‌ରୁ ୯୭ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ରୋହିତ ୪୧ ବଲ୍‌ରୁ ୭୨ (୫ ଚୌକା, ୪ ଛକା) ରନ କରିଥିବାବେଳେ ଚାମିକା କରୁଣାରତ୍ନେଙ୍କ ସ୍ଲୋୟର ଶର୍ଟ ବଲ୍‌କୁ ଅପର କଟ୍ ଖେଳିଥିଲେ। ମାତ୍ର ଶଟ୍‌ରେ ପର୍ଯ୍ୟାପ୍ତ ପାୱାର ନ ଥିବାରୁ ଡିପ୍ ପଏଣ୍ଟ ଅଞ୍ଚଳରେ ପଥୁମ ନିଶଙ୍କା କ୍ୟାଚ ଧରି ନେଇଥିଲେ ଏବଂ ଭାରତର ରନହାରରେ ଅଙ୍କୁଶ ଲାଗିଥିଲା। ମିଡିଲ ଅର୍ଡରରେ ସୂର୍ଯ୍ୟକୁମାର ଯାଦବ ୩୪, ହାର୍ଦ୍ଦିକ ପାଣ୍ଡ୍ୟା ୧୭, ରିଷଭ ପନ୍ତ ୧୭ ଓ ଦୀପକ ହୁଡା ମାତ୍ର ୩ ରନ କରି ଆଉଟ ହୋଇଥିଲେ। ଶେଷ ଭାଗରେ ରବିଚନ୍ଦ୍ରନ ଅଶ୍ୱିନ ୭ ବଲ୍‌ରୁ ୧ ଛକା ସହାୟତାରେ ୧୫ ରନକରି ଅପରାଜିତ ରହିବାରୁ ଭାରତ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା।



ଶଟ୍ ଖେଳିବା ଅବସରରେ ରୋହିତ ଶର୍ମା।

## ଏସିଆ କପ୍‌ରୁ ବାଦ ପଡ଼ିଲେ ଆଭେଶ

**ନୂଆଦିଲ୍ଲୀ,୬ା୯(ପି.ଟି):** ଜ୍ୱରରେ ପୀଡିତ ଥିବା ପେସ୍ ବୋଲର ଆଭେଶ ଖାନ୍ ଏସିଆ କପରୁ ବାଦ ପଡିଛନ୍ତି। ଜ୍ୱରରୁ ସୁସ୍ଥ ହୋଇଥିଲେ ହେଁ ଏହା ପରବର୍ତ୍ତୀ ଅସୁସ୍ଥତା କାରଣରୁ ସେ ଏସିଆ କପରୁ ବାଦ ପଡିଛନ୍ତି। ମଙ୍ଗଳବାର ବିସିସିଆଇ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଥିବା ବେଳେ ଷ୍ଟାଣ୍ଡବାଇ ଥିବା ଦୀପକ ଚହରଙ୍କୁ ଦଳରେ ସାମିଲ କରାଯାଇଛି। ୱେଷ୍ଟଇଣ୍ଡିଜ ଗସ୍ତରୁ ଖରାପ ଫର୍ମରେ ରହିଥିବା ଆଭେଶ ଚଳିତ ଏସିଆ କପରେ ମଧ୍ୟ ଦୃଢ଼ ପ୍ରଦର୍ଶନ ଦେବାରେ ବିଫଳ ରହିଥିଲେ। ହଂକଂ ବିପକ୍ଷରେ ୫୦ରୁ ଅଧିକ ରନ ବ୍ୟୟ କରିଥିବା ବେଳେ ଜ୍ୱର କାରଣରୁ ପାକିସ୍ତାନ ବିପକ୍ଷ ସୁପର-୪ରୁ ବାଦ ପଡିଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ୨୦ ଓଭରରେ ୧୭୩/୮ (ରୋହିତ ଶର୍ମା-୭୨, ସୂର୍ଯ୍ୟକୁମାର ଯାଦବ-୩୪, ଦିଲସାନ ମଦୁଶନକା-୩/୨୪, ଚାମିକା କରୁଣାରତ୍ନେ-୨/୨୭, ଦସୁନ ସନକା-୨/୨୬, ମହେଶ ଥିକଶାନା-୧/୨୯)।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସହର ଗାନ୍ଧୀଛକଠାରେ ସୋମବାର ରାତିରେ ଶୁଭମ୍ ମ୍ୟୁଜିକ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସ୍ୱର୍ଗତ ଶ୍ରୀରାମ ଲୁହାଙ୍କ ସ୍ମୃତିରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅନେକ କଳାକାରଙ୍କ ଦ୍ୱାରା ସାଂସ୍କୃତିକ ପରିବେଷଣ କରାଯାଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଏହି କ୍ରମରେ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହମ୍ମଦ ସାହେବ ଓ ସାମ୍ବାଦିକତା କ୍ଷେତ୍ରରେ ମହିଳା ଖବରଦାତା ସ୍ମିତାରାଣୀ ସିଂହଙ୍କୁ ସମ୍ମାନିତ କରାଯାଇଥିଲା।

# ରାସ୍ତାରୋକୋ କଲେ ଚାଷୀ

ଲୋଇସିଂହା,୬।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ନୁନିଆଁପାଲି, ଝାରଣୀପାଲି,ବଡଟିକା, ନଅଗାଁ(ଖ), ବେନ୍ଦ୍ରା, ପଟୁଆପାଲି, ସାଲେଭଟା ପଞ୍ଚାୟତରେ ଗତବର୍ଷ ମରୁଡି ହୋଇଥିଲା। ୨୦୨୦-୨୧ ବର୍ଷରେ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିଲେ ହେଁ ଉକ୍ତ ପଞ୍ଚାୟତର ଚାଷୀ କ୍ଷତିପୂରଣ ରାଶି ପାଇବାରୁ ବଞ୍ଚିତ ଅଛନ୍ତି। ସମ୍ପୃକ୍ତ ପଞ୍ଚାୟତର ଚାଷୀମାନେ ବୀମା ସହାୟତା ଦାବିରେ ଗତ ୨୬ ଜୁଲାଇରେ ରାସ୍ତାରୋକୋ କରିଥିଲେ। ଜିଲା କୃଷି ବିଭାଗର ୨ଜଣ କୃଷି ଅଧିକାରୀ ଆସି ପଦକ୍ଷେପ ନେବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଏକ ମାସ ବିତି ଯାଇଥିଲେ ବି କୌଣସି ସୁଫଳ ମିଳିନାହିଁ। ଏହାର ପ୍ରତିବାଦ କରି ମଙ୍ଗଳବାର ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଲୋଇସିଂହା ଥାନା ରୁଗୁଡିଖାଲଠାରେ ଚାଷୀମାନେ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଉପରେ ସକାଳ ୮ଟାରୁ ବିକ୍ଷୋଭ ପ୍ରଦର୍ଶନ କରଛନ୍ତି। ହକ୍ ପାଇବା ପାଇଁ ଅନିର୍ଦ୍ଦିଷ୍ଟ କାଳ ରାସ୍ତାରୋକୋ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

ଚାଷୀଙ୍କ ରାଜପଥ ଅବରୋଧ ଯୋଗୁ ସମ୍ପୃକ୍ତ ପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ରାସ୍ତାର ଉଭୟ ପଟରେ ଶହଶହ ଗାଡିମୋଟର ଅଟକି ରହିଛି। ଯାତ୍ରୀମାନେ ହଟହଟା ହେଉଛନ୍ତି। ସନ୍ଧ୍ୟା ୬ଟା ସୁଦ୍ଧା ଆନ୍ଦୋଳନସ୍ଥଳକୁ ବ୍ଲକ କିମ୍ବା ଜିଲା ପ୍ରଶାସନର କୌଣସି ଅଧିକାରୀ ଆଲୋଚନା ପାଇଁ ଆସି ନ ଥିବାରୁ ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଗଲପୁର ବ୍ଲକ କୃଷକ ସଂଘ ସଭାପତି ରତ୍ନାକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଚାଲିଥିବା ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଘର ସୁବାସ ବହିଦାର, ପୂର୍ଣ୍ଣଚନ୍ଦ୍ର ସାହୁ, କ୍ଷମା ଦଳପତି, ପ୍ରମୋଦ ମିଶ୍ର, କୃଷ୍ଣଚନ୍ଦ୍ର ନାଏକ, ଶ୍ୟାମସୁନ୍ଦର ବିଶ୍ୱାଳ ବିକ୍ଷୋଭ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା କୃଷକ ମହାସଂଘ ସଭାପତି ଜ୍ୟୋତି ପଧାନ,ସୌମେନ୍ଦ୍ର ପରିଚ୍ଛା, ଜିଲା କୃଷକ ସଂଘ ସଂଘ ସଭାପତି ବିଭୂତି ମିଶ୍ର ପ୍ରମୁଖ ସାମିଲ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଭିମୁଖ୍ୟ ଓ ଚାଷୀମାରଣ ନୀତିର ସମାଲୋଚନା କରିଥିଲେ। କିପରି ଜିଲାର ଏକ ଶହରୁ ଉର୍ଦ୍ଧ୍ୱ ପଞ୍ଚାୟତର ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା କରି ମଧ୍ୟ କ୍ଷତିପୂରଣ ପାଇବାରୁ ବଞ୍ଚିତ ରହିଛନ୍ତି ସେ ସମ୍ପର୍କରେ କହିଥିଲେ। ଚାଷୀଙ୍କ ହକ ପାଇଁ ଜିଲା ଉଭୟ ସଂଗଠନ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ବିରୋଧରେ ଲଢାଇ ଜାରି ରଖିଥିବା କହିଥିଲେ। ଚାଷୀ ନେତାମାନେ କହିଥିଲେ ଯେ, ଜିଲା କୃଷକ ମହାସଂଘ ପକ୍ଷରୁ ଗତ ମାସରେ ଜିଲାପାଳ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱରଠାରେ କୃଷିବୀମା କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହାଫଳରେ ବୀମା ତାଲିକାରୁ ବାଦ୍ ପଡିଥିବା ଜିଲାର କେତେକ ପଞ୍ଚାୟତକୁ ତାଲିକାଭୁକ୍ତ କରାଯାଇଛି। ହେଲେ ସେହି ପଞ୍ଚାୟତର ଚାଷୀ ସହାୟତା ରାଶି ପାଇବାରୁ ବଞ୍ଚିତ ରହିଛନ୍ତି। ଜିଲା କୃଷକ ସଂଘ ପୁଣି ଥରେ ଜିଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କୁହାଯାଇଥିଲା। ଅପରପକ୍ଷେ ଆନ୍ଦୋଳନସ୍ଥଳରେ କୋସଲ ଯୁବ ସମନ୍ୱୟ କମିଟିର କେତେକ ସଦସ୍ୟ ପହଞ୍ଚି ନାରାବାଜି କରିଥିଲେ। ଏହାକୁ ନେଇ କୋସଲ ସମନ୍ୱୟ ସମିତି ଓ ବିକ୍ଷୋଭକାରୀ ଚାଷୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତି ସମୟରେ କୋସଲ ସମନ୍ୱୟ ସମିତି ଆବାହକ ପ୍ରିତମ ଠାକୁର ଆନ୍ଦୋଳନକୁ ସମର୍ଥନ କରୁଥିବା କହି ଧାରଣାରେ ବସିଥିଲେ। ଖବର ପାଇ ଉପଜିଲାପାଳ କୁମାର ନାଗ ଭୂଷଣ, କୃଷି ବିଭାଗର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧିକାରୀ ସିଦ୍ଧେଶ୍ୱର ନନ୍ଦ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଘୋଷଣା କରିବା ଆମହାତରେ ନାହିଁ। ଆସନ୍ତ ୧୪ତାରିଖରେ ଏନେଇ ଆଉ ଏକ ବୈଠକ ରାଜ୍ୟ ସରକାର ରଖିଛନ୍ତି। ବାଦ୍ ପଡିଥିବା କେତେକ ପଞ୍ଚାୟତ ତାଲିକାଭୁକ୍ତ ହେବା ସମ୍ଭାବନା ରହିଛି। ତେଣୁ ଚାଷୀମାନେ ଆନ୍ଦୋଳନରୁ ହଟନ୍ତୁ ବୋଲି ଅଧିକାରୀଦ୍ୱୟ କହିଥିଲେ। ହେଲେ ମରୁଡି ଘୋଷଣା ନହେବା ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରହିବ ବୋଲି ଚାଷୀ ଶ୍ୟାମସୁନ୍ଦର ବିଶ୍ୱାଳ କହିଛନ୍ତି।




ରୁଗୁଡିଖାଲଠାରେ ରାଜପଥରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ୨୦୨୦-୨୧ ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷତିପୂରଣ ପ୍ରଦାନ ଦାବି
- ହକ୍ ନ ପାଇବା ଯାଏ ଆନ୍ଦୋଳନ ଚାଲିବ କହିଲେ ଚାଷୀନେତା

## ସଂକ୍ଷେପରେ

### ଆଡମ୍ବରପୂର୍ଣ୍ଣ ହେବ ଚଳିତ ଦୁର୍ଗାପୂଜା

**ମାଉସୀ ମା ମନ୍ଦିର ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା**

ଟିଟିଲାଗଡ,୬।୯(ଡି.ଏନ.ଏ.): ଚଳିତ ବର୍ଷ ଟିଟିଲାଗଡ ମାଉସୀ ମା ମନ୍ଦିର ଦୁର୍ଗାପୂଜା ୮୬ ବର୍ଷରେ ପାଦ ଦେଇଛି। ପୂଜାକୁ ଅଧିକ ଆଡମ୍ବରପୂର୍ଣ୍ଣ କରିବାକୁ ନିଷ୍ପତ୍ତି ନେଇଛି କମିଟି। ଏ ନେଇ କମିଟିର ଏକ ପ୍ରସ୍ତୁତି ବୈଠକ କରାଯାଇ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ସଭାପତି ଭାବେ ସୁଧୀର କୁମାର ଅଗ୍ରୱାଲ, ଉପସଭାପତି ଭକ୍ତବନ୍ଧୁ ଦଳବେହେରା, ସମ୍ପାଦକ ଅମର ଜୈନ, ସହସମ୍ପାଦକ ଦୁର୍ଯ୍ୟୋଧନ ସାହୁ, କୋଷାଧକ୍ଷଭାବେ ଶେଷଦେବ ସାହୁଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ ସଭ୍ୟଭାବେ ରମାକାନ୍ତ ଦର୍ଜୀ, ଧିରେନ ସାହୁ, ତାରକେଶ୍ୱର ପଟ୍ଟନାୟକ, ମୋହିତ ଜୈନ, ରିତେଶ ଜୈନ ଏବଂ ଉପଦେଷ୍ଟା ମଣ୍ଡଳୀରେ ଈଶ୍ୱର ଜୈନ, ପ୍ରେମଚନ୍ଦ ଜୈନ, ଧବଳେଶର ଦଳବେହେରା, ଦୀପକ ସମାଜଦର, ମହେଶ କୁମାର ଇନ୍ଦୋରିଆ, ସଞ୍ଜୀବ କୁମାର ପାଢ଼ୀ, ଦେବଦତ୍ତ ଷଡ଼ଙ୍ଗୀ, କମଳାକାନ୍ତ ସାହୁ, ପଙ୍କଜ କୁମାର ଅଗ୍ରୱାଲ, ଉମେଶ କୁମାର ସ୍ୱାଇଁ, ଅଶୋକ କୁମାର ସ୍ୱାଇଁଙ୍କୁ ରଖାଯାଇଛି।

### ହାଟପଦାପଡ଼ା ଦୁର୍ଗାପୂଜା କମିଟି ଗଠିତ

ଟିଟିଲାଗଡ,୬।୯(ଡି.ଏନ.ଏ.): ୬୨ବର୍ଷରେ ପଦାର୍ପଣ କରିଥିବା ଟିଟିଲାଗଡ ହାଟପଦା ପଡ଼ା ଦୁର୍ଗାପୂଜା ପାଇଁ ନୂତନ କମିଟି ଗଠିତ ହୋଇଛି। ସଭାପତି ଭାବେ ସତ୍ୟଜିତ ଷଡ଼ଙ୍ଗୀ, ଉପସଭାପତି ଦେବେନ୍ଦ୍ର ବେହେରା, ଘୁର୍ଲା ବେହେରା, ସମ୍ପାଦକ ଲିଙ୍କନ ଦାସ, ସହସମ୍ପାଦକ ସଞ୍ଜିତ ସିହ୍ନା, କାଲୁ ବେହେରା, ଦିଲ୍ଲୀପ ମିଶ୍ର, ରାହି ଷଡ଼ଙ୍ଗୀ, କୋଷାଧକ୍ଷ ଭାବେ ଲିଙ୍ଗରାଜ ସାହୁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଏହାବ୍ୟତୀତ ପରିଚାଳନା କମିଟି ଉପଦେଷ୍ଟା ମଣ୍ଡଳୀ ସଦସ୍ୟଭାବେ ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସ, ଶେଖର ସିହ୍ନା, ନୀଳାମ୍ବର ମିଶ୍ର, ସୁବୋଧ ଦାସ, ତ୍ରିନାଥ ସରାଫ, କୃଷ୍ଣ ସରାଫ, କାଉନସିଲର ସୁନୀଲ ଆଚାର୍ଯ୍ୟ, ରବି ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ମନୋନୀତ ହୋଇଛନ୍ତି। ମହାମାରୀ ଯୋଗୁ ଗତ ୨ବର୍ଷ ହେଲା ପୂଜା ନିରାଡାମ୍ବରଭାବେ ପାଳନ କରାଯାଇଥିଲା। ତେବେ ଚଳିତବର୍ଷ ଏହାକୁ ଅଧିକ ଯାକଜମକରେ କରିବାକୁ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

### ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

ଖଡ଼ିଆଳ,୬।୯(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ନୂତନ ଅଧକ୍ଷ ଭାବେ ଡ଼ା ତରୁଣ କୁମାର ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗ୍ରହଣ ପରେ ବିଶ୍ୱଜିତ ପାଢ଼ି ଓ ସମସ୍ତ କର୍ମଚାରୀଙ୍କ ଉପସ୍ଥିତରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ କଲେଜର ଉନ୍ନତି ପାଇଁ ଡ଼ା ପ୍ରଧାନ ଦେଇଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏଥିରେ 'ନାକ' ପ୍ରସ୍ତୁତି ଆଇଡିପି କୋଠା, ଲେବ, ଖୋଲା ଯିମ, ଓଇଫାଇ କେମ୍ପସ ଉପରେ ଆଲୋଚନା ହୋଇଥିଲା।

### ଦୋକାନ ବଜାର ବନ୍ଦ କରିବ ବଣିକ ସଂଘ

ବଲାଙ୍ଗୀର ଅଫିସ,୬।୯: ସ୍ୱତନ୍ତ୍ର କୋସଲ ରାଜ୍ଯ ଗଠନ ଦାବି ନେଇ କୋସଲ ସେନା ଏବଂ କୋସଲ ରାଏଜ୍ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବୁଧବାର ୧୨ ଘଣ୍ଟିଆ କୋସଲ ମହାବନ୍ଦ ଡାକରା ଦିଆଯାଇଛି। ଏହି ଡାକରା ଫଳରେ ବୁଧବାର ବଲାଙ୍ଗୀର ଜିଲାରେ ବନ୍ଦ ପାଳନ କରାଯିବ। କୋସଲ ସେନା ଓ ମୋର୍ଚ୍ଚା ପକ୍ଷରୁ ଗତ ଦୁଇଦିନ ହେଲା ଜିଲାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ବନ୍ଦ ପାଳନ ପାଇଁ ପ୍ରଚାର କରାଯାଇଥିଲା। ଏହି ବନ୍ଦ ଡାକରା ଫଳରେ ବଲାଙ୍ଗୀର ସହରର ଦୋକାନ ବଜାର, ବସ ଚଳାଚଳ ବନ୍ଦ ରହିବ। ସ୍କୁଲ କଲେଜ ବନ୍ଦ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ବନ୍ଦ ଘୋଷଣା ପରେ ଜିଲା ବଣିକ ସଂଘ ଦୋକାନ ବଜାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ସ୍ୱତନ୍ତ୍ର କୋସଲ ରାଜ୍ୟ ବିନା ପଶ୍ଚିମ ଓଡିଶାର ଅନ୍ତର୍ଗତ ଜିଲା ଓ ଜିଲାବାସୀଙ୍କ ଉନ୍ନତି ଅସମ୍ଭବ ବୋଲି କୁହାଯାଇ ତୁରନ୍ତ ସ୍ୱତନ୍ତ୍ର କୋସଲ ରାଜ୍ୟ ଗଠନ କରିବାକୁ ଦାବି କରାଯାଇଛି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଛି। ପଡୋଶୀ ଜିଲା ଗୁଡିକରେ ମଧ ବନ୍ଦ ପାଳନ ଜୋରଦାର ହେବ ବୋଲି ମୋର୍ଚ୍ଚା ପକ୍ଷରୁ କୁହାଯାଇଛି।

## ବଲାଙ୍ଗୀର ଦିନ ସ୍ମରଣିକା କମିଟି ଗଠିତ

ବଲାଙ୍ଗୀର ଅଫିସ, ୬।୯

ନଭେମ୍ବର ୧ ବଲାଙ୍ଗୀର ଦିନ୍ ପାଳନ ଅବସରରେ ଅଞ୍ଚଳର ଐତିହ୍ୟ ଓ ପରମ୍ପରାକୁ ନେଇ ଏକ ସ୍ମରଣିକା ପୁସ୍ତକ ପ୍ରକାଶ କରାଯିବ। ଏନେଇ ପାଟେଣେଶ୍ୱରୀ ମନ୍ଦିରରେ ବଲାଙ୍ଗୀର ଦିନ ପାଳନ କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର ଓ ଆୟୋଜନ କମିଟି ସମ୍ପାଦକ ପ୍ରଶାନ୍ତ ମହାକୁର ଦେବୀଙ୍କ ମହାଆଳତି କରି ଚିଠା ଘୋଷଣା କରି ଦେବୀଙ୍କୁ ଅର୍ପଣ କରିଥିଲେ। ବଲାଙ୍ଗୀର ଦିନ୍ ସ୍ମରଣିକା-୨୦୨୨ ଉପଦେଷ୍ଟା ମଣ୍ଡଳୀରେ ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଶ୍ରୀନିବାସ ଉଦ୍‌ଗାତା, ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡ. ଘାସିରାମ ମିଶ୍ର, ପ୍ରଫେସର ଶିବପ୍ରସାଦ ନନ୍ଦ, ସ୍ତମ୍ଭକାର ହେମନ୍ତ କୁମାର ପଣ୍ଡା ରହିଛନ୍ତି। ମୁଖ୍ୟସମ୍ପାଦକ ଭାବେ ଆନନ୍ଦ ଚନ୍ଦ୍ର ସାହୁ, ସମ୍ପାଦନା ମଣ୍ଡଳୀରେ ସଞ୍ଜୟ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅଖିଳ ହୋତା, ଅର୍ଜ୍ଜୁନ କୁମାର ସାହୁ ଓ ସହସମ୍ପାଦକ ଭାବେ ବିଭୁକଲ୍ୟାଣ ଗଡତିଆ ଦାୟିତ୍ୱ ତୁଲାଇବେ। ସମାଜସେବୀ ଡ. ଶ୍ରୀକର ମିଶ୍ରଙ୍କୁ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କମିଟି ଅଧ୍ୟକ୍ଷ ଅଙ୍କୁଶ ପାଣ୍ଡିଆ, ସହଅଧ୍ୟକ୍ଷ ବିନୋଦ କାଲସାଏ, ସଂସ୍କୃତି କମିଟି ସମ୍ପାଦକ ଅର୍ଜ୍ଜୁନ କୁମାର ସାହୁ, ଉପଦେଷ୍ଟା ମଣ୍ଡଳୀ ପ୍ରଭାକର ମିଶ୍ର, ରତନ ମହାରଣା, ସଙ୍ଗୀତା ପାଣିଗ୍ରାହୀ, ସୋନିୟା ବେଜ, ସୌମ୍ଯରଞ୍ଜନ ପଣ୍ଡା, ଶୁଭମ ଅଗ୍ରୱାଲ ଓ ଶମ୍ଭୁ ଶତପଥି, ଅବିନାଶ ଦିଶରୀ ଉପସ୍ଥିତ ଥିଲେ।

## କୋସଲ ରାଜ୍ୟ ଆନ୍ଦୋଳନକୁ ସମର୍ଥନ କରିବାକୁ ଆହ୍ୱାନ

ବଲାଙ୍ଗୀର ଅଫିସ,୬।୯

କୋସଲ ରାଜ୍ୟ ଗଠନ ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଏକ ପ୍ରେସବିଜ୍ଞପ୍ତିରେ କୋସଲବାଦୀ ନେତା ପ୍ରମୋଦ କୁମାର ମିଶ୍ର ଆହ୍ୱାନ ଜଣାଇଛନ୍ତି। ସେ କହିଛନ୍ତି ଯେ, ଦୀର୍ଘ ୩ ଦଶକ ହେଲା କୋସଲ ରାଜ୍ୟ ଦାବି ଜୋର ଧରିଛି। ବିଶେଷ କରି ୧୯୯୮ ମସିହାରେ କୋସଲ ଏକତା ମଞ୍ଚ ଗଠନ ହେଲା ପରେ ଏହି ଆନ୍ଦୋଳନ ସଙ୍ଗଠିତ ରୂପ ନେଇଥିଲା। ୨୦୦୦ ମସିହାରେ ବ୍ରଜରାଜନଗର ମହାସମ୍ମିଳନୀ ପରେ ସ୍ୱତନ୍ତ୍ର କୋସଲ ରାଜ୍ୟ ଆନ୍ଦୋଳନ ଓ ଦାବି ସମ୍ପ୍ରସାରିତ ହୋଇଥିଲା। ପରେ କୋସଲ ରାଜ୍ୟ ଦାବି ନେଇ ଅନେକ କାର୍ଯ୍ୟକ୍ରମ ହେଲା ।ନିକଟ ଅତୀତରେ ସୋସିଆଲ ମିଡିଆରେ ସଞ୍ଜୁକ୍ତ ହୋଇ ଅନେକ ଯୁବକ ଭିନ୍ନ ଭିନ୍ନ ସଙ୍ଗଠନ ନାଁରେ କାର୍ଯ୍ୟକ୍ରମମାନ କରୁଛନ୍ତି। ଆନ୍ଦୋଳନର ଜନାଧାର ବଢାଇବା ପାଇଁ ୨୦୧୩ ମସିହାରେ ଶତାଧିକ ସାମାଜିକ, ସାଂସ୍କୃତିକ ସଙ୍ଗଠନ ଓ ଜାତି ସମାଜକୁ ନେଇ କୋସଲ ରାଜ୍ୟ ସମନ୍ୱୟ ସମିତି ଗଠନ ହୋଇଥିଲା। ୨୦୧୩, ୨୦୧୪, ୨୦୧୫, ୨୦୧୬ ଓ ୨୦୧୮ ମସିହାରେ କୋସଲ ମହାବନ୍ଦ ପାଳିତ ହୋଇଥିଲା। ୧୯୩୬ ମସିହାରେ ଓଡିଶା ରାଜ୍ୟ ଗଠନ ଓ ୧୯୪୮ ମସିହାର ଗଡଜାତ ମିଶ୍ରଣ ପରେ କୋଶଳାଞ୍ଚଳକୁ କ୍ରମାଗତ ଭାବେ ଉପେକ୍ଷା କରାଯାଇଛି। ଏଭଳି ସ୍ଥଳରେ ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ଛଡା ଅନ୍ୟ କିଛି ପଦକ୍ଷେପ ଏ ଅଞ୍ଚଳର ବିକାଶ କରିପାରିବ ନାହିଁ। ତେଣୁ ତଥାକଥିତ ପଶ୍ଚିମ ଓଡିଶା ଓ କେବିକେ ଅଞ୍ଚଳ ଜନସାଧାରଣ ଦଳ, ମତ, ଗୋଷ୍ଠୀ ଓ ସଂଗଠନରୁ ଉର୍ଦ୍ଧ୍ୱକୁ ଆସି ସଞ୍ଜୁକ୍ତ ଭାବରେ କୋସଲ ଆନ୍ଦୋଳନକୁ ଜୋରଦାର କରନ୍ତୁ ବୋଲି କୋସଲବାଦୀ ନେତା ମିଶ୍ର କହିଛନ୍ତି।

## ଆଣ୍ଠୁଏ କାଦୁଅରେ ଲୋକଙ୍କ ଯାତାୟାତ

**ଡୁଡୁକାଠେଙ୍ଗାକୁ ସଂଯୋଗ ରାସ୍ତା ବେହାଲ**

କୋକସରା,୬।୯(ଡି.ଏନ.ଏ.)

ବାରମ୍ବାର ରାସ୍ତାରେ କାମ ହେଉଛି, ହେଲେ ସୁଧୁରନାହିଁ ରାସ୍ତାର ଅବସ୍ଥା। ଅଳ୍ପ ବର୍ଷା ହେଲେ ଆଣ୍ଠୁଏ କାଦୁଅ ରାସ୍ତାରେ ଯାତାୟାତ କରୁଛନ୍ତି କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ଲୋକେ। ଦର୍ଲିପଡା ଛକ ବିଜୁ ଏକ୍ସପ୍ରେସ ୱେରୁ ୪ କି.ମି. ରହିଥବା ରାସ୍ତା ଡୁଡୁକାଠେଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ସମେତ ବନ୍ଧପଡା, ମୁନୁଗାପଦର, ଶବରପଡା, ଧୋବେନ ଚଞ୍ଚରା, କଛାରପଡା ଗ୍ରାମକୁ ସଂଯୋଗ କରୁଛି। ସକାଳରୁ ରାତି ପର୍ଯ୍ୟନ୍ତ ଏହି ରାସ୍ତା ଦେଇ ଯାତାୟାତ କରନ୍ତି ଗ୍ରାମବାସୀ। ପଞ୍ଚାୟତକୁ ପିଡିଏସ ସାମଗ୍ରୀଠାରୁ ଆରମ୍ଭ କରି ଧାନ ମଣ୍ଡି, ସ୍କୁଲ କଲେଜ ଓ ବିଭିନ୍ନ କାର୍ଯ୍ୟରେ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ବେଳେ କାଦୁଅରେ ଅତିଷ୍ଠ ହୋଇ ପଡିଲେଣି ଗ୍ରାମବାସୀ। ପଞ୍ଚାୟତ ଗଠନ ହେବାର ୨୦ ବର୍ଷ ଅତିବାହିତ ହୋଇଥିବା ବେଳେ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ପୂର୍ବରୁ ଜିଲା, ବ୍ଲକ ପ୍ରଶାସନ ସମେତ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରି ଆସୁଛନ୍ତି। ହେଲେ ସୁଧୁରୁନାହିଁ ରାସ୍ତା ଅବସ୍ଥା। ଏ ନେଇ ସରପଞ୍ଚ ହରିପ୍ରିୟା ନାଗଙ୍କ ପ୍ରତିକ୍ରିୟା ନେବାରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରିବାକୁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ପଞ୍ଚାୟତ ଅନୁଦାନରୁ ଆଗକୁ ରାସ୍ତା ମରାମତି କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ତେବେ ଆଗକୁ ରାସ୍ତା ନିର୍ମାଣ ପାଇଁ ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କଲେ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




ଶିବିରରେ ଡାକ୍ତର ଜଣେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ଖପ୍ରାଖୋଲ, ୬।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ରଶ୍ମିରଞ୍ଜନ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ, ସମ୍ମାନିତ ଅତିଥି ଡିଏସଏସ ଓ ନବକିଶୋର ସାହୁ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଜିଲା ପରିଷଦ ସଦସ୍ୟା ପ୍ରମିଳା ପାଥର, ସଂଯୁକ୍ତା ମେହେର ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଶିବିରରେ ବ୍ଲକର ୨୧ପଞ୍ଚାୟତର ୬୩୩ଜଣ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜିକରଣ କରିଥିଲେ। ଡା. ସୁମି ପୁରୋହିତ, ଡ଼ା. ବାଦଲ ଏକ୍କା, ଡା. ରଞ୍ଜନ ଗୁରୁ, ଡ଼ା. କମଳାକାନ୍ତ ସାହୁ ପ୍ରମୁଖ ବିଶେଷଜ୍ଞ ଡାକ୍ତର ଯୋଗଦେଇ ଭିନ୍ନକ୍ଷମ ଚିହ୍ନଟ କରିଥିଲେ। ପରେ ଭିନ୍ନକ୍ଷମଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଔଷଧ ଓ କୋଭିଡ ଟିକା ପ୍ରଦାନ କରାଯାଇଥିଲା। ଶିବିରକୁ ବିଏସଏସଓ କନିଷ୍କ ବିଭାର ପରିଚାଳନା କରିଥିଲେ।




ସିକୁଆଁ ପ୍ରାଥମିକ ବିଦ୍ୟାଳୟରେ ବାଲାସ୍କୁଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି।

## ବାଲାସ୍କୁଲ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଦେଓଗାଁ,୬।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ଉନ୍ନିତ ପ୍ରାଥମିକ ବିଦ୍ୟାଳୟରେ ପିରାମଲ ଫାଉଣ୍ଡେସନ ତରଫରୁ ବାଲାସ୍କୁଲ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପିରାମଲ ଫାଉଣ୍ଡେସନର ସ୍ୱେଚ୍ଛାସେବୀ ସୌମି ଲାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ରାମଦତ୍ତ ଭୋଇ,ସମ୍ମାନୀତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ଭୋଇ, ସ୍ଥାନୀୟ ସରପଞ୍ଚ ରାଜକୁମାର ଭୋଇ, ଇଓ ବୀରେନ୍ଦ୍ର ଛତ୍ରିଆ, ଜିଆରଏସ ବୀଣା ପଧାନ ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ ଯୋଗଦେଇଥିଲେ। ଏହ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ ମାଧମରେ ଜ୍ଞାନ ଆହରଣ କରିବା ତଥା ଖେଳ ଶିଖିବା, ଏବଂ ପାଠପଢାରେ ପିଲାଙ୍କ ସୌଖୀନ ବ୍ୟବସ୍ଥା ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ କରାଯିବ। ଏହି କାର୍ଯ୍ୟକ୍ରମ ଜିଲାର ପ୍ରତି ବ୍ଲକରେ ୨ଟି ଲେଖାଏ ପଞ୍ଚାୟତରେ କାର୍ଯ୍ୟକାରୀ କରାଯିବ। ଦେଓଗାଁରେ ସିକୁଆଁ ଓ ବଡବାହାଲ ପଞ୍ଚାୟତ ହାତକୁ ନିଆଯାଇଥିବା ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନା ନାଗ, ସହକାରୀ ଶିକ୍ଷକ ଶ୍ରୀକାନ୍ତ ପାଣିଗ୍ରାହୀ, ଉର୍ବଶୀ ପଧାନ, ଅର୍ଚ୍ଚନା ନାଏକ, ପଲ୍ଲବୀ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଓଗାଁ ଦୁର୍ଗାପୂଜା ପାଇଁ ରାବଣ ବରଣ



ରାବଣ ଭୂମିକାରେ ଅଭିନୟ କରୁଥିବା କଳାକାରଙ୍କୁ ବରଣ କରାଯାଉଛି।

ଦେଓଗାଁ,୬।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ମେନରୋଡରେ ୫୫ତମ ସାର୍ବଜନୀନ ଦୁର୍ଗାପୂଜା ଉପଲକ୍ଷେ ୫ଦିନ ଧରି ରାବଣ ଦରବାର ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ପରିଚାଳନା କମିଟି ତରଫରୁ ରାବଣ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତ କୁମାର ପାଣ୍ଡେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହେବାକୁ ଥିବା ରାବଣ ଦରବାରରେ ରାବଣ ଭୂମିକାରେ ଅଭିନୟ କରୁଥିବା ଅନୀଲ କୁମାର ନାଏକଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଉପସଭାପତି ଜ୍ୱାଲା ପୋଢ଼, ରଜନୀକାନ୍ତ ମହାନ୍ତି,ପୃଥ୍ୱୀରାଜ ବାଗ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ସିଆର୍‌ପିଏଫ୍ ବାଟାଲିଅନରେ ନୂଆଁଖାଇ ଭେଟ୍‌ଘାଟ

ବଲାଙ୍ଗୀର ଅଫିସ, ୬।୯: ବଲାଙ୍ଗୀର ୧୮୯ ବାଟାଲିୟନରେ ସିଆରପିଏଫ ଯବାନମାନଙ୍କ ତରଫରୁ ଏକ ସ୍ୱତନ୍ତ୍ର ନସୁଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣା, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଅତିଥି ଭାବେ ଯୋଗଦାନ କରିଥିଲେ। ବାଟାଲିଅନ କମାଣ୍ଡାଣ୍ଟ ପବନ କୁମାର ତିୱାରୀ ସଭାରେ ଅଧକ୍ଷତା କରିଥିଲେ। ଜିଲାପାଳ ଓ ପୌରାଧକ୍ଷାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସ୍ୱାଗତ କରିବା ପରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସହରର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଅତିଥିଙ୍କ ସହ ଶିଶୁ କଳାକାରମାନେ।

## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ବାଉଁଶୁଣୀ,୬ା୯(ଡି.ଏନ.ଏ.):** ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗୁନ୍ଦୁଲିଆ ଗ୍ରାମ ପଞ୍ଚାୟତ ଅଧୀନ କିରିମାଖୋଲ ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି । ମୃତ ଯୁବକ ହେଲେ ସଚ୍ଚିରଞ୍ଜନ କହଁର (୩୫) । ମିଳିଥିବା ସୂଚନା ଅନୁଯାୟୀ, କିରିମାଖୋଲ ଗ୍ରାମର ସଚ୍ଚିରଞ୍ଜନ ସୋମବାର ସକାଳେ ନିଜ ଘରୁ ଗାଁ ପାଖ ନଦୀକୁ ଏକୁଟିଆ ଗାଧେଇବାକୁ ଯାଇଥିଲେ । ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ଶେଷରେ ରାତି ୧୨ଟା ସମୟରେ କେନ୍ଦୁଖୋଲ ନାଳ ପାର୍ଶ୍ୱରୁ ମୁମୂର୍ଷ ଅବସ୍ଥାରେ ସେ ପଡିଥିବା ଦେଖିବାକୁ ପାଇଥିଲେ । ତାଙ୍କ ପାଟିରୁ ଫେଣ ବାହାରୁଥିଲା । ପରିବାର ଲୋକେ ତାଙ୍କୁ ଘରକୁ ଆଣି ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ବାଉଁଶୁଣୀ ଡାକ୍ତରଖାନାକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବାଉଁଶୁଣୀ ପୋଲିସ ଡାକ୍ତରଖାନାକୁ ଆସି ମାମଲାଟି ମନମୁଣ୍ଡା ଥାନା ଅଞ୍ଚଳର ହୋଇଥିବା ହେତୁ ମନମୁଣ୍ଡା ଥାନାକୁ ଖବର୍ ଦେଇଥିଲା । ମନମୁଣ୍ଡା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ବିଷ ପିଇ ଯୁବକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିବା ବେଳେ ପ୍ରକୃତ କାରଣ ଜଣାପଡିନାହିଁ ।

### ରକ୍ତଦାନ ଶିବିର, ୩୭ ୟୁନିଟ୍ ସଂଗ୍ରହ

**ବରଗଡ଼ ଅଫିସ, ୬ା୯:** ବରଗଡ଼ ଜିଲା ଭେଡେନରେ ନିଷ୍ଠା ପରିବାର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ମୁଖ୍ୟ ଅତିଥି ଅରୁଣ ପଣ୍ଡା ଉଦ୍‌ଘାଟନ କରିଥିଲେ । ରଞ୍ଜନ ନାଏକ, ବସନ୍ତ ମହାକୁର, ଶ୍ରୀକାନ୍ତ ପ୍ରଧାନ, ବିନାୟକ ଦୁଆରୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ବୁର୍ଲା ରକ୍ତ ଭଣ୍ଡାର ପକ୍ଷରୁ ୩୭ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ସଭାପତି ରକ୍ଷପାଲ ସାହୁ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ, ଲିଙ୍ଗରାଜ ସାହୁ, ଚିତ୍ରସେନ ପ୍ରଧାନ, ହେମାଞ୍ଚଳ ସାହୁ, ବୁଲୁ ଷଡଙ୍ଗୀ, ଅମି ଥପା ପ୍ରମୁଖ ସହଯୋଗ କରିଥିଲେ ।

### ଗୋଡଭଗା କଲେଜର ପ୍ରତିଷ୍ଠା ଉତ୍ସବ

**ଜାମଟିକ୍ରା,୬ା୯(ଡି.ଏନ.ଏ.):** ଅତାବିରା ବ୍ଲକ ଗୋଡଭଗା ସାରସ୍ୱତ ମହାବିଦ୍ୟାଳୟର ୩୨ତମ ପ୍ରତିଷ୍ଠା ଉତ୍ସବ ସୋମବାର ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟ ଅତିଥି, ସମ୍ବଲପୁର ମହିଳା କଲେଜର ଅଧ୍ୟକ୍ଷ ସନ୍ତୋଷ ଦାସ ମୁଖ୍ୟ ବକ୍ତା, ଯୁକ୍ତ ୨ ଅଧ୍ୟକ୍ଷ ପ୍ରତିମା ପାଲ, ଯୁକ୍ତ ୩ ଅଧ୍ୟକ୍ଷ ପ୍ରମୋଦ ପ୍ରଧାନ, କଲେଜର ପୂର୍ବତନ ସଭାପତି ନିରଞ୍ଜନ ନାୟକ ଓ ନାରାୟଣ ଭୋଇ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରତିଷ୍ଠା ଉତ୍ସବରେ କଳାମାଟି ସରପଞ୍ଚ ସୁଷମା ସାହୁଙ୍କ ସମେତ ଅଞ୍ଚଳବାସୀ, ଛାତ୍ରୀଛାତ୍ର ଓ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

### ଦୋକାନ ବଜାର ବନ୍ଦ କରିବ ବଣିକ ସଂଘ

**ବଲାଙ୍ଗୀର ଅଫିସ,୬ା୯:** ସ୍ୱତନ୍ତ୍ର କୋସଲ ରାଜ୍ୟ ଗଠନ ଦାବି ନେଇ କୋସଲ ସେନା ଏବଂ କୋସଲ ରାଏଜ୍ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବୁଧବାର ୧୨ ଘଣ୍ଟିଆ କୋସଲ ମହାବନ୍ଦ ଡାକରା ଦିଆଯାଇଛି । ଏହି ଡାକରା ଫଳରେ ବୁଧବାର ବଲାଙ୍ଗୀର ଜିଲାରେ ବନ୍ଦ ପାଳନ କରାଯିବ । କୋସଲ ସେନା ଓ ମୋର୍ଚ୍ଚା ପକ୍ଷରୁ ଗତ ଦୁଇଦିନ ହେଲା ଜିଲାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ବନ୍ଦ ପାଳନ ପାଇଁ ପ୍ରଚାର କରାଯାଇଥିଲା । ଏହି ବନ୍ଦ ଡାକରା ଫଳରେ ବଲାଙ୍ଗୀର ସହରର ଦୋକାନ ବଜାର, ବସ ଚଳାଚଳ ବନ୍ଦ ରହିବ । ସ୍କୁଲ କଲେଜ ବନ୍ଦ କରିବାକୁ ଆହ୍ୱାନ ଦିଆଯାଇଛି । ଏହି ବନ୍ଦ ଘୋଷଣା ପରେ ଜିଲା ବଣିକ ସଂଘ ଦୋକାନ ବଜାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି । ସ୍ୱତନ୍ତ୍ର କୋସଲ ରାଜ୍ୟ ବିନା ପଶ୍ଚିମ ଓଡିଶାର ଅନ୍ତର୍ଗତ ଜିଲା ଓ ଜିଲାବାସୀଙ୍କ ଉନ୍ନତି ଅସମ୍ଭବ ବୋଲି କୁହାଯାଇ ତୁରନ୍ତ ସ୍ୱତନ୍ତ୍ର କୋସଲ ରାଜ୍ୟ ଗଠନ କରିବାକୁ ଦାବି କରାଯାଇଛି । ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଛି । ପଡୋଶୀ ଜିଲା ଗୁଡିକରେ ମଧ୍ୟ ବନ୍ଦ ପାଳନ ଜୋରଦାର ହେବ ବୋଲି ମୋର୍ଚ୍ଚା ପକ୍ଷରୁ କୁହାଯାଇଛି ।

# ପ୍ରକଳ୍ପକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଚିନ୍ତା

**ଅମରପାଲି,୬ା୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ପାନୀୟ ଜଳଯୋଗାଣ ସୁପରିଚାଳନା ଓ ତଦ୍‌ଜନିତ ସମସ୍ୟାକୁ ନେଇ ବିଡିଓ ମୋତିଲାଲ ସୁଲିଆଙ୍କ ଆବାହକତ୍ୱକ୍ରମେ ତ୍ରିପାକ୍ଷିକ ଆଲୋଚନା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକର ସମସ୍ତ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଦ୍ୟୁତ୍ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ । ବ୍ଲକର ବିଭିନ୍ନ ପଞ୍ଚାୟତମାନଙ୍କରେ ଥିବା ପାନୀୟ ଜଳ ପ୍ରକଳ୍ପକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ନେଇ ଆଲୋଚନା ହୋଇଥିଲା । ଆଲୋଚନାରେ ଉଫୁଲା, ଲୁଡୁରପଙ୍କ, ଲାଡୁରପେଟ, ତେଲିପାଲି, ମେଣ୍ଡାମାଲ, ଷଣ୍ଢା, ବାଗବର ଆଦି ପାନୀୟ ଜଳ ପ୍ରକଳ୍ପରେ ବକେୟା ବିଦ୍ୟୁତ୍ ବିଲ ଥିବା ଦର୍ଶାଇ ସରବରାହ ବିଚ୍ଛିନ୍ନ ସମ୍ପର୍କିତ ଆଲୋଚନା ହୋଇଥିଲା ।



ତ୍ରିପାକ୍ଷିକ ବୈଠକରେ ଉପସ୍ଥିତ ସରପଞ୍ଚ ଓ ଅଧିକାରୀ ।

**ପାନୀୟ ଜଳ ଯୋଗାଣ ସୁପରିଚାଳନା ପାଇଁ ତ୍ରିପାକ୍ଷିକ ଆଲୋଚନା**

ତ୍ରିପାକ୍ଷିକ ଆଲୋଚନାରେ ରାଜ୍ୟ ଅର୍ଥ କମିସନଙ୍କ ଅନୁମୋଦନକ୍ରମେ ବିଭିନ୍ନ ପ୍ରକଳ୍ପରେ ପଞ୍ଚାୟତ ତରଫରୁ ବିଲ୍ ପୈଠ ଓ ବକେୟା ବିଲ ସମ୍ବନ୍ଧେ ଆଲୋଚନା ହୋଇଥିଲା । ପର୍ଯ୍ୟାୟକ୍ରମେ ପୂର୍ବ ବିଦ୍ୟୁତ୍ ବିଲ୍‌କୁ ବାର୍ଷିକ କାର୍ଯ୍ୟ ଖସଡାମତେ ପ୍ରଦାନ ପାଇଁ ସ୍ଥିର ହୋଇଥିଲା । ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ଜଳଯୋଗାଣ ହେଉଥିବା ଗ୍ରାମବାସୀମାନଙ୍କଠାରୁ ଏସସିଏମମାନଙ୍କ ମାଧ୍ୟମରେ ମାସିକ ୬୦ ଟଙ୍କା ଆଦାୟ ଏବଂ ପୂର୍ବରୁ ଘରକୁ ପଞ୍ଚାୟତ ତରଫରୁ ପାଇପ ସଂଯୋଗ ନେଇ ହୋଇଥିବା ରାଶି ସମ୍ବନ୍ଧୀୟ ସତ୍ୟାସତ୍ୟ ଏବଂ ଖର୍ଚ୍ଚ ବିବରଣୀ ତନଖି କରିବା ନିଷ୍ପତ୍ତି ହୋଇଥିଲା । ସାଧାରଣ ଲୋକଙ୍କ ପାନୀୟ ଜଳ ସମସ୍ୟା ନେଇ ସମ୍ପୃକ୍ତ ଏସସିଏମମାନେ ଯେକୌଣସି ଅସୁବିଧା ହେଲେ ତୁରନ୍ତ ପଞ୍ଚାୟତ ସରପଞ୍ଚ କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେବା ସହିତ ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ଜଳଯୋଗାଣ ପ୍ରକଳ୍ପ ଗୁଡିକରେ ମିଟର ସ୍ଥାପନ, ପ୍ରକୃତ ମିଟର ରିଡଙ୍ଗ, ସରବରାହ ବିଚ୍ଛିନ୍ନ ପୂର୍ବରୁ ପ୍ରାକ୍ ନୋଟିସ ପ୍ରଦାନ କରିବାକୁ ଆଲୋଚନା ହୋଇଥିଲା । ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ତଥା ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ସଙ୍ଘ ଉପଦେଷ୍ଟା ପ୍ରମୋଦ ମହାପାତ୍ର, ବାଗବର ସରପଞ୍ଚ ନିରୂପମା ବରର୍ତ୍ତି, କମିରା ସରପଞ୍ଚ ଅନୁସୂୟା ପଧାନଙ୍କ ସମେତ ଅନ୍ୟ ସମସ୍ତ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏବିଡିଓ ପୁରୁଷୋତ୍ତମ ଧରୁଆ, ସହକାରୀ ଯନ୍ତ୍ରୀ ବିନିତ ଲାକ୍ରା ପ୍ରମୁଖ ବୈଠକରେ ଯୋଗଦେଇଥିଲେ ।

## ଭସାଣିରେ ସରିଲା କୁମାରକେଲି ଗଣେଶ ପୂଜା

**ସୋନପୁର,୬ା୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁମାରକେଲି ଶିବଶକ୍ତି ଯୁବକ ସଂଘ ଦ୍ୱାରା ଗଣେଶ ପୂଜା ରୌପ୍ୟ ଜୟନ୍ତି ମହାସମାରୋହରେ ପାଳିତ ହୋଇଯାଇଛି । ମଙ୍ଗଳବାର ଗଣେଷଙ୍କ ଭସାଣି ଶୋଭାଯାତ୍ରାରେ ବାଇନୃତ୍ୟ, ଦୁଲଦୁଲି ଓ ଡିଜେ ଶବ୍ଦରେ ଗାଁ ରାସ୍ତା ଦୁଲିକି ଉଠିଥିଲା । ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ଓ ଲୋକନୃତ୍ୟ ଦଳ ସାମିଲ ହୋଇଥିଲେ । ଗତ ଅଗଷ୍ଟ ୩୧ତାରିଖ ଗଣେଶ ପୂଜାଠାରୁ ଗତ ସୋମବାର ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଦିବସ ସନ୍ଧ୍ୟାରେ ବୌଦ୍ଧ ଜିଲା କୁମାରପାଲିର ଦିପ୍ତିମୟୀ ମିଶ୍ରଙ୍କ ଦ୍ୱାରା ପାଲା ପରିବେଷଣ, ବୀରମହାରାଜପୁରର ରଚନା ତ୍ରିପାଠୀଙ୍କ ଦ୍ୱାରା ଭଜନ ପରିବେଷଣ, ବଲାଙ୍ଗୀରର କଣ୍ଠଶିଳ୍ପୀ ମୋନାଲି ମହାପାତ୍ରଙ୍କ ଦ୍ୱାରା ଭଜନ ପରିବେଷଣ ଓ ଗତ ସୋମବାର ବିନିକାର କଣ୍ଠଶିଳ୍ପୀ ବନ୍ଦିତା ନାୟକଙ୍କ ଦ୍ୱାରା ଭଜନ ପରିବେଷଣ କରା ଯାଇଥିଲା । ସେହିଭଳି ସାଂସ୍କୃତିକ ସନ୍ଧ୍ୟାରେ ଜିଲା ପରିଷଦ ଉପାଧ୍ୟକ୍ଷ ଖାସକେତନ ବଘାର, ଉଲୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ମହଦା ସରପଞ୍ଚ ଆନନ୍ଦିନୀ ଶତପଥୀ, କୃତ୍ତିବାସ ମିଶ୍ର, ଗୌର ଚରଣ ସାହୁ, ଫିରୋଜ ପଧାନ, କଳାକାର ନିଗମାନନ୍ଦ ବେହେରା, ସତ୍ୟନାରାୟଣ ଦାସ, ମନରୁଚି ଭୋଇ ଓ ପ୍ରତାପ ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ । କ୍ଲବ ସଭାପତି ଛବିଳ ମେହେର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ହୃଷିକେଶ ଚାନ୍ଦ ମଞ୍ଚ ପରିଚାଳନା କରିଥିଲେ । କ୍ଲବର ସମ୍ପାଦକ ଅଜିତ ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ । ସକ୍ରିୟ ସଭ୍ୟ ସରୋଜ ସେଠୀ, ତରଣୀ ପଧାନ, ସୁବ୍ରତ ସେଠୀ, ଉମାକାନ୍ତ ନାଏକ ଓ ରାଜେଶ ପଧାନଙ୍କ ସମେତ ଗ୍ରାମବାସୀ ଗଣେଶ ପୂଜାର ରୌପ୍ୟ ଜୟନ୍ତି ପାଳନରେ ସହଯୋଗ କରିଥିଲେ ।

## ଭାଇଚାରା, ଏକତାର ବାର୍ତ୍ତା ଦିଏ ନୂଆଁଖାଇ

**ସୋନପୁର, ୬ା୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଜିଲାସ୍ତରୀୟ ନୂଆଁଖାଇ ଭେଟଘାଟ-୨୨ ମଙ୍ଗଳବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି । ଜିଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ଉତ୍ସବରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଅବୋଲି ସୁନିଲ ନରୱଣେ ଅଧ୍ୟକ୍ଷତା କରିଥିଲେ । ଜିଲାପାଳ ତାଙ୍କ ବକ୍ତବ୍ୟରେ ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅଞ୍ଚଳର ଗର୍ବ ଓ ଗୌରବ । ଏହି ପର୍ବ ଜନସାଧାରଣଙ୍କୁ ଭାଇଚାରା ଓ ଏକତାର ବାର୍ତ୍ତା ଦିଏ ବୋଲି କହିଥିଲେ । ନିଜର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ସମସ୍ତେ ଉଦ୍ୟମ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମା ମାଟିର ପର୍ବ ନୂଆଁଖାଇ ଧନୀ, ଗରିବ, କୃଷକ ଓ ଶ୍ରମିକଙ୍କୁ ଏକାତାର ସୂତ୍ରରେ ବାନ୍ଧି ରଖିଛି ବୋଲି ମତପ୍ରକାଶ କରିଥିଲେ । ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ ମିଞ୍ଜ, ଜିଲା ସଂସ୍କୃତି ପରିଷଦର ଉପସଭାପତି ମାନଭଞ୍ଜନ ମିଶ୍ର, ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ଶାଶ୍ୱତ କୁମାର ତ୍ରିପାଠୀ ଓ ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନ ଯୋଗଦାନ କରି ପଶ୍ଚିମ ଓଡିଶାର କଳା ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିବା ସହ ନୂଆଁଖାଇର ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ସାଂସ୍କୃତିକ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଡାଲଖାଇ, ରସରକେଲି, ସମ୍ବଲପୁରୀ, କରମସାନୀ ଓ ପତରସଉଁରା ନୃତ୍ୟ ଗୀତରେ ଦର୍ଶକ ଝୁମିଥିଲେ । ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।



କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି ।

## ଭୋଟର ତାଲିକାରେ ଆଧାର ସଂଯୋଗ ଲାଗି ବୁଲିଲା ସଚେତନତା ରଥ



ଜିଲାପାଳ ସତ୍ୟରଞ୍ଜନ ସାହୁ ସବୁଜ ପତାକା ଦେଖାଉଛନ୍ତି ।

**ବୌଦ୍ଧ,୬ା୯(ସ୍ୱ.ପ୍ର.)**

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ସହରାଞ୍ଚଳର ମତଦାତାଙ୍କ ଆଧାର ନମ୍ବରକୁ ଭୋଟର ପରିଚୟ ପତ୍ର ସହ ସଂଯୋଗ କରିବା ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ ମଙ୍ଗଳବାର ଦିନ ହୋଇଯାଇଛି । ଜିଲାପାଳ ସତ୍ୟରଞ୍ଜନ ସାହୁ , ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବହେରା, ଉପଜିଲାପାଳ ସତନ କୁମାର ନାଏକ, ସହକାରୀ ଜିଲାପାଳ ସତ୍ୟଜିତ ମହାପାତ୍ରଙ୍କ ଉପସ୍ଥିତିରେ ଏହି ରଥର ଶୁଭାରମ୍ଭ ହୋଇଥିଲା । ଏହି ରଥ ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକର ଭୋଟରମାନଙ୍କୁ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଆଧାର ନମ୍ବରକୁ ଭୋଟର ତାଲିକାରେ ସଂଯୋଗୀକରଣ ପାଇଁ ସଚେତନତା ସୃଷ୍ଟି କରିବ ।

## ନୂଆଁଖାଇ ଭେଟଘାଟ୍ ପାଇଁ ପ୍ରସ୍ତୁତି ବୈଠକ

**ସୋନପୁର,୬ା୯(ନି.ପ୍ର.)**

ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପରେ ନୂଆଁଖାଇ ଭେଟ୍‌ଘାଟ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଭାପତି ଡ. ଜ୍ୟୋତିରଞ୍ଜନ ବହିଦାର ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଆସନ୍ତା ୯ତାରିଖ ଅପରାହ୍ଣରେ ସୋନପୁର ଏନଜିଓସିସି ହଲଠାରେ ଭେଟ୍‌ଘାଟ କାର୍ଯ୍ୟକ୍ରମ ଆୟୋଜନ ନେଇ ନିଷ୍ପତ୍ତି ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନେ ଯୋଗଦେଇ ନିଜର ଅନୁଭୂତି ଓ ନୂଆଁଖାଇ ଉପରେ ନିଜର ଆଭିମୁଖ୍ୟ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି । ବୈଠକରେ ମନୋରଞ୍ଜନ ବହିଦାର, ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ, ଉମେଶ ଚନ୍ଦ୍ର ପଣ୍ଡା, ନୀଳମାଧବ ଗୁରୁ, ଡକ୍ଟର ସନ୍ତୋଷ କୁମାର ପାଢୀ, ଇନ୍ଦୁମତୀ ପୁରୋହିତ, ପ୍ରହ୍ଲାଦ ମିଶ୍ର, ସତ୍ୟନାରାୟଣ ମିଶ୍ର, ଉପସଭାପତି ଆର୍ତ୍ତତ୍ରାଣ ବାବୁ, ସହସମ୍ପାଦକ ଶ୍ରୀବତ୍ସ ମଲ୍ଲିକ, ବ୍ୟୋମକେଶ ଦାସ, ଇନ୍ଦ୍ରମଣି ଦାସ, ଲୋକେଶ ପ୍ରଧାନ, ହରିହର ଶତପଥୀ ଓ ମୃତ୍ୟୁଞ୍ଜୟ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କୃଷକ ସଙ୍ଗଠନର ଆନ୍ଦୋଳନ ଡାକରା

**ପଦ୍ମପୁର, ୬ା୯(ଡି.ଏନ.ଏ.)**

ବରଗଡ଼ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନ ଆବାହକ ଅଶୋକ ସାହୁଙ୍କ ଆହ୍ୱାନ କ୍ରମେ ପଦ୍ମପୁର ଗୋରୁ ବଜାର ପ୍ରାଙ୍ଗଣରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ୯ଟି ବ୍ଲକର ଚାଷୀମାନେ ଯୋଗଦେଇ ୨୦୨୧ ଖରିଫ ଚାଷର ବୀମା କ୍ଷତିପୂରଣ ସମ୍ବନ୍ଧରେ ଆଲୋଚନା କରିଥିଲେ । ଆଲୋଚନା ସମୟରେ ବରଗଡ଼ ଜିଲା ପ୍ରଶାସନ ଅନୁରୋଧ କ୍ରମେ କୃଷକ ସଙ୍ଗଠନ ନେତୃମଣ୍ଡଳୀ ୧୪ ପର୍ଯ୍ୟନ୍ତ ଆନ୍ଦୋଳନ ନ କରିବା ପାଇଁ ରାଜବୋଡାସମ୍ବର କୃଷକ ସଙ୍ଗଠନକୁ କରିଥିବା ଅନୁରୋଧ ପ୍ରସଙ୍ଗ ସ୍ଥାନ ପାଇଥିଲା । ପ୍ରଶାସନ ଆସନ୍ତା ୧୪ରେ ଜିଲାପାଳଙ୍କ ପ୍ରକୋଷ୍ଠରେ କମ୍ପାନୀର ଉଚ୍ଚ ପଦାଧିକାରୀ ଏବଂ ସଙ୍ଗଠନର ନେତୃମଣ୍ଡଳୀକୁ ନେଇ ସମ୍ପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିବା ପାଇଁ ପ୍ରସ୍ତାବ ରଖିଥିଲା । ପ୍ରଶାସନର ଅନୁରୋଧକୁ ସମ୍ମାନ ଜଣାଇ ସଙ୍ଗଠନ ୧୪ ପର୍ଯ୍ୟନ୍ତ ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଚାଷୀମାନଙ୍କ ଯୋଗ୍ୟତା ଅନୁସାରେ ପଦକ୍ଷେପ ନ ନେଲେ ଚରମ ପଦକ୍ଷେପ ନେବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷେ ବୁଧବାର କୋଶଳ ବନ୍ଦକୁ କୃଷକ ସଙ୍ଗଠନ ସମର୍ଥନ ଘୋଷଣା କରିଥିଲା । ଏଥିରେ ଆଇନ ପରାମର୍ଶଦାତା ଅଜିତ ଶତପଥି, ରୋହିତ ପ୍ରଧାନ, ବିଶ୍ୱନାଥ ରଣା, ଲିଙ୍ଗରାଜ ପ୍ରଧାନ, ଅରବିନ୍ଦ ପଣ୍ଡା, ସରୋଜ ସାହୁ ଓ ଅନ୍ୟ ଚାଷୀମାନେ ଯୋଗଦାନ କରିଥିଲେ ।

## ମାହେଶ୍ୱରୀ ସାଂସ୍କୃତିକ ସଂସଦର ନୂଆଁଖାଇ ଭେଟ୍

**ବରଗଡ଼ ଅଫିସ୍, ୬ା୯**

ବରଗଡ଼ ବ୍ଲକ କୁରୁଆଁ ମାହେଶ୍ୱରୀ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସଂସଦର ସଭାପତି ସମୀର କୁମାର ସିଂହ ସଭାପତିତ୍ୱ କରିଥିଲେ । ତେଜୁରୁ ବାରିକ ମୁଖ୍ୟ ଅତିଥି ଏବଂ ଉତ୍ପନ୍ନ କୁମାର ଭୋଇ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ । ବରିଷ୍ଠ ସଭ୍ୟ ମୀନକେତନ କର୍ମୀ ଅତିଥି ଆମନ୍ତ୍ରଣ ଓ ସଂସଦର ସମ୍ପାଦକ ରାମଚନ୍ଦ୍ର ଥାଟୀ ବିବରଣ ପାଠ କରିଥିଲେ । ଯୁଗଳ ଚରଣ ସିଂହ, ଭକ୍ତବନ୍ଧୁ ପଶାୟତ, ରବି ନାରାୟଣ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଗ୍ରାମର ୩ଜଣ ଅବସରପ୍ରାପ୍ତ ସୈନିକ ନିରୋଜ କୁମାର ପାତ୍ର, ଦଧିବାବନ ମହାକୁର, ମୁକେଶ କୁମାର ବଘାରଙ୍କୁ ସମ୍ମାନିତ କରାଯାଇଥିଲା । ରଞ୍ଜିତ ପଧାନ ବ୍ୟଙ୍ଗ କବିତା ପାଠ କରିଥିଲେ । ସନତ ମେହେର ରାବଣ ଓ କଂସର ସଂଳାପ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ବରଗଡ଼ର ମା’ ଦିବ୍ୟରୂପା କଳା ପରିଷଦ, ତୋରାର ମା’ ସମଲେଶ୍ୱରୀ ନୃତ୍ୟ ଗବେଷଣା କେନ୍ଦ୍ରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଗଙ୍ଗାଧର ସାହିତ୍ୟ ସମାରୋହ

**ଅମରପାଲି, ୬ା୯(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଅଧ୍ୟକ୍ଷ ସୁଦାମ ଚରଣ ସାହୁଙ୍କ ସଭାପତିତ୍ୱରେ ଗଙ୍ଗାଧର ସାହିତ୍ୟ ସମାରୋହ ମଙ୍ଗଳବାର ପାଳିତ ହୋଇଯାଇଛି । ମୁଖ୍ୟବକ୍ତଭାବେ ସୋନପୁର ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ. ସୌରଭ ରଞ୍ଜନ ଖମାରି ଯୋଗଦେଇ ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ । ମହତ ପ୍ରତିଭା ଆପେ ଆପେ ପ୍ରକାଶିତ ହୁଏ ବୋଲି ସେ କହିଥିଲେ । ପ୍ରାଧ୍ୟାପିକା ଗୀତାଞ୍ଜଳି ପୂଜାରୀ ସମ୍ମାନିତ ବକ୍ତାଭାବେ ଯୋଗଦେଇଥିଲେ । ଅଧ୍ୟାପକ ସୂର୍ଯ୍ୟ ନାରାୟଣ ପଣ୍ଡା, ବିଜୟ କୁମାର ପୁରୋହିତ, ଅଧ୍ୟାପିକା ସାଗରିକା ବିଶି ଓ ଛାତ୍ରୀଛାତ୍ରମାନେ ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ । ଅଧ୍ୟାପକ ପ୍ରକାଶ ସେଠ ସଭା ସଂଯୋଜନା,ସଞ୍ଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ଯାମିନୀ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀ ସୋଲାଙ୍କି, ଯୋଗେଶ୍ୱରୀ, ଅଙ୍କିତା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ।



ସାହିତ୍ୟ ସମାରୋହରେ ମଞ୍ଚାସୀନ ଅତିଥି ।

# ଗ୍ରାମବାସୀ ତହସିଲଦାରଙ୍କୁ ଫେରାଦ

**ଗ୍ରାମ୍ୟ ଜଙ୍ଗଲ, ଗୋଚର ଜମିରେ ବେଆଇନ ଧାନଚାଷ ଘଟଣା**

- ପଦକ୍ଷେପ ନ ନେଲେ ତହସିଲ ଅଫିସରେ ଗୋରୁ ପୂରାଇବା ଚେତାବନୀ

**ବିନିକା, ୬ା୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ଲୋକକଳା ଗ୍ରାମ ଭାବେ ପରିଚିତ କର୍ଡ଼ଙ୍ଗ ଗାଁର ଗ୍ରାମ୍ୟ ଜଙ୍ଗଲ ଓ ଗୋଚର ଜମିରେ କେତେକ ବ୍ୟକ୍ତି ବେଆଇନଭାବେ ଧାନଚାଷ କରୁଛନ୍ତି । ଏ ନେଇ କହିଲା ପରେ ବି କେହି କର୍ଣ୍ଣପାତ କରୁ ନାହାନ୍ତି । ସେଲେଡି ରାଜସ୍ୱ ଅଧିକାରୀ ଓ ସ୍ଥାନୀୟ ଫରେଷ୍ଟର ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଗତ ଅଗଷ୍ଟ ୧୭ ତାରିଖରେ ଗ୍ରାମବାସୀ ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ହେଲେ ଅଦ୍ୟାବଧି ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ଏହାର ପ୍ରତିବାଦ କରି ମଙ୍ଗଳବାର କର୍ଡ଼ଙ୍ଗ ଗ୍ରାମବାସୀ ତହସିଲଦାର ମୁକ୍ତେଶର ପାଣିଗ୍ରାହୀଙ୍କୁ ଫେରାଦ ହୋଇଥିଲେ । ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ । ଆସନ୍ତା ୧୯ତାରିଖ ମଧ୍ୟରେ ଏ ନେଇ କୌଣସି ପଦକ୍ଷେପ ନ ନେଲେ ସେମାନେ ତହସିଲ କାର୍ଯ୍ୟାଳୟରେ ଗୋରୁ ପୂରାଇ ଦେବାକୁ ଚେତାବନୀ ଦେଇଛନ୍ତି । ଦାବିପତ୍ରର ଏକ ନକଲ ସୋନପୁର ଉପ ଜିଲାପାଳ, ବନ ବିଭାଗ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି ।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୭ ସେପ୍ଟେମ୍ବର, ୨୦୨୨



**ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ**

ପଲମ,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ଗୁରୁଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୁବରାଜ ଜାନୀ, ସହ ଶିକ୍ଷକ ମିନିକେତନ ବେହେରା, ବୃଷକେତୁ ଦାସ, ମିଳିନା ସାହୁ, ଖେଳ ଶିକ୍ଷକ ହୃଷୀକେଶ ପୁଟେଲ ଯୋଗଦେଇଥିଲେ। ରାଏଧୁନିପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜ୍ଞାନେନ୍ଦ୍ର ଗହୀର ଅତିଥି ଭାବେ ଯୋଗଦାନ ଦେଇ ଛାତ୍ରୀଛାତ୍ରଙ୍କୁ ଗୁରୁଦିବସ ଉପରେ ବୁଝାଇଥିଲେ। ସହଶିକ୍ଷକ ବୃଷକେତୁ ଦାସ ଗୁରୁଦିବସ ବିଷୟରେ ବୁଝାଇଥିଲେ।

## ସଂକ୍ଷେପରେ

## ଆଜି ୧୨ ଘଣ୍ଟିଆ କୋଶଳ ବନ୍ଦ

### ତେଜୁଛି ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି

ଭବାନୀପାଟଣା,୬।୯(ସ୍ୱ.ପ୍ର.): ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ସହିତ ସ୍ୱତନ୍ତ୍ର କୋଶଳ ରାଜ୍ୟ ମାନ୍ୟତା ଦାବିରେ ସେପ୍ଟେମ୍ବର ୭ ତାରିଖରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଛି କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା। କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ଓ କୋଶଳ ସେନା ମିଳିତ ଭାବେ ଏହି ଆନ୍ଦୋଳନର ଡାକରା ଦେଇଛନ୍ତି। ଦୀର୍ଘ ବର୍ଷ ଧରି ପଶ୍ଚିମ ଓଡିଶା ତଥା କେବିକେ ଅଞ୍ଚଳ (କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ)କୁ ମିଶାଇ ସ୍ୱତନ୍ତ୍ର କୋଶଳ ରାଜ୍ୟ ମାନ୍ୟତା ଦାବି କରି ଆସୁଛନ୍ତି କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ଓ କୋଶଳ ସେନା। ବିଭିନ୍ନ ସମୟରେ ଆନ୍ଦୋଳନ କରିବା ସହ ବନ୍ଦ ଡାକରା ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଠାରେ ଦାବି ଉପସ୍ଥାପନ କରାଯାଉଛି। କିନ୍ତୁ ସରକାର ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ନେଇ କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ସଭାପତି ସାଗର ଚରଣ ଦାସ ଅଭିଯୋଗ କରିଛନ୍ତି। ହାଇକୋର୍ଟ ବେଞ୍ଚ ପ୍ରସଙ୍ଗଠାରୁ ଆରମ୍ଭ କରି ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡ଼ିଶାରେ ସ୍ଥାପନ ଓ ପଶ୍ଚିମ ଓଡିଶା ସହ କେବିକେ କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ ଅଞ୍ଚଳକୁ ମିଶାଇ ଏକ ସ୍ୱତନ୍ତ୍ର କୋଶଳ ରାଜ୍ୟ ମାନ୍ୟତା ଦାବିରେ ୧୨ ଘଣ୍ଟିଆ କୋଶଳ ମହାବନ୍ଦ ଡାକରା ଦିଆଯାଇଛି। କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ଓ କୋଶଳ ସେନା ମିଳିତ ଭାବେ ଏହି ବନ୍ଦରେ ସାମିଲ ହେବେ। କୋଶଳାଞ୍ଚଳର ସମସ୍ତ ସାମାଜିକ ସଙ୍ଗଠନ, ଓକିଲ ସଂଘ ଓ ବଣିକ ସଂଘ ସହଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ପୁସ୍ତକ ଲୋକାର୍ପଣ, କବିତା ଆସର

ଖଡ଼ିଆଳ,୬।୯(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନ ଓ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମିଳିତ ଆନୁକୂଲ୍ୟରେ ଏମପି ହଲରେ ପୁସ୍ତକ ଲୋକାର୍ପଣ ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀରେ ଗବେଷଣା ପ୍ରତିଷ୍ଠାନ ସଭାପତି ଅଧାପିକା ସଞ୍ଜିବନୀ ସୁଧା ରଥ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ କଳାହାଣ୍ଡିର କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାରପ୍ରାପ୍ତ କବି ଜୟଦ୍ରଥ ସୁନା, ପ୍ରତିଷ୍ଠାନ ସମ୍ପାଦକ ନୀଳିମା ରାଣୀ ସାଗର, କୋଷାଧକ୍ଷ ଜୟଶ୍ରୀ ଦଣ୍ଡସେନା, କବି ମିୟୋଗ ରଞ୍ଜନ ପାତ୍ର ଓ ଗାୟକ ଶିରୋମଣି ଅର୍ଜୁନ ଛତ୍ରିଆ ମଞ୍ଚାସୀନ ଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ନନ୍ଦଲାଲ ବାରିକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅର୍ଜୁନ ଛତ୍ରିଆ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହା ପରେ ଜିଲାର ୧୦୬ଜଣ କବିଙ୍କ ସ୍ୱରଚିତ କବିତା ନେଇ ସଂକଳିତ ତଥା ସଂଜିବନୀ ସୁଧା ରଥ, ନୀଳିମା ରାଣୀ ସାଗର ଓ ଜୟଶ୍ରୀ ଦଣ୍ଡସେନାଙ୍କ ଦ୍ୱାରା ଯୁଗ୍ମ ସଂପାଦିତ 'ମାରାଗୁଡା ମହ୍ଲାର' ଉନ୍ମୋଚନ ହୋଇଥିଲା। ସଂକଳନର ପ୍ରତିଟି କବିତା ନିଜସ୍ୱ ବର୍ଣ୍ଣବିଭାରେ ଉଚ୍ଛକିତ, ଭାବଗର୍ଭକ ଓ ପ୍ରତିବେଦିତ ହେବା ସହିତ ମାରାଗୁଡାର ଅସ୍ମିତାକୁ ଆହୁରି ଋଦ୍ଧିମନ୍ତ କରିପାରିଛି ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ମିୟୋଗ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନିଆଁ ଲାଗି ୨ ବଖରା ଘରପୋଡ଼ି



ଗୋଲାମୁଣ୍ଡା,୬।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଗଣ୍ଡାମେର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗି ରଜନୀ ମସରାଙ୍କ ଦୁଇ ବଖରା ଘର ପୋଡିଯାଇଛି। ଘର ପୋଡି ଯାଉଥିଲେ ମଧ ପରିବାର ଲୋକେ ଜାଣି ପାରି ନ ଥିଲେ। ଯେତେବେଳେ ମଟର ସାଇକେଲ ଗାଡିର ଟାୟାର ପୋଡ଼ି ଫାଟିବା ଶବ୍ଦଶୁଣି ପରିବାର ଲୋକେ ଭୟରେ ଉଠିପଡି ଦେଖିବା ବେଳେକୁ ତାଙ୍କ ଘର ଜଳିଯାଉଛି। ରଜନୀଙ୍କ ସୂଚନା ମତେ ତାଙ୍କର ଦୁଇଟି ଘର ଅଛି। ଗୋଟିଏ ଘରେ ପରିବାର ରହୁଥିବା ବେଳେ ଅନ୍ୟ ଘରେ ଯାବତୀୟ ସାମଗ୍ରୀ ରହିଥିଲା। ନିଆଁ କେମିତି ଲାଗିଲା ତାହା ଜଣାପଡ଼ି ନାହିଁ। ନିଆଁ ଲାଗି ଚାରୋଟି ସାଇକେଲ, ଗୋଟିଏ ମଟରସାଇକେଲ, ଖାଦ୍ୟପେୟ ସହ ଟଙ୍କା ଓ ସୁନାରୁପା ପୋଡିଯାଇଛି।




ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରମିକ ବୃନ୍ଦ।

# ଶ୍ରମିକ ମହାସଂଘର ନୂଆଁଖାଇ ଭେଟ୍‌ଘାଟ୍

ନୂଆପଡ଼ା ଅଫିସ,୬।୯

- ଶ୍ରମିକଙ୍କ ଆନ୍ଦୋଳନକୁ ସରକାରଙ୍କ ଅଣଦେଖା
- ସାମାଜିକ ସୁରକ୍ଷା ଯୋଜନା ବିଫଳ
- ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ

ନୂଆପଡା ଜିଲା ଶ୍ରମିକ ମହାସଂଘ ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ତରବୋଡସ୍ଥିତ ଗୋଡାରଜା ଅହିର ସମାଜ ଭବନରେ ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ଶ୍ରମିକ ସଙ୍ଗଠନ ସମସ୍ତ ନେତୃ ମଣ୍ଡଳୀ, ଗ୍ରାମସ୍ତରରେ କାମ କରୁଥିବା ଟ୍ରେଡ ୟୁନିୟନ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ୨୦୨୦ ଅକ୍ଟୋବର ୪ରେ ହୋଇଥିବା ଶ୍ରମିକ ଗର୍ଜନ ମହାସମାବେଶଠାରୁ ଆରମ୍ଭ କରି ବର୍ତ୍ତମାନ ସୁଦ୍ଧା ଅନେକ ଆନ୍ଦୋଳନ, ଆଲୋଚନା, ଦାବିପତ୍ର, ଘେରାଉ, ଧାରଣା, ରାସ୍ତାରୋକୋ ହୋଇଥିଲେ ମଧ୍ୟ ଶ୍ରମିକଙ୍କୁ ନ୍ୟାୟ ଦେବାରେ ସରକାର ବିଫଳ ହୋଇଛନ୍ତି। ନୂଆପଡା ଏକ ଦାଦନ ପ୍ରବଣ ଆଦିବାସୀ ଅଧ୍ୟୁଷିତ ଜିଲା। ଏହି ଜିଲା ଶ୍ରମିକଙ୍କୁ ସର୍ବାଧିକ ଶୋଷଣର ଶିକାର ହେବାକୁ ପଡୁଛି। ଗତ ଦିନ ଜିଲାରେ ଦାଦନର ଅତ୍ୟାଚାର କାହାଣି ବଢିଛି। ଜିଲାରେ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ସାମାଜିକ ସୁରକ୍ଷା ଯୋଜନା ବିଫଳ ହୋଇଛି। ଶ୍ରମିକଙ୍କ ହକ୍ ପାଇଁ ଆନ୍ଦୋଳନକୁ ଜାଣିଶୁଣି ସରକାର ଅଣଦେଖା କରୁଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲାରେ ବିଫଳ ହୋଇଛି। ଜିଲା ଶ୍ରମ କାର୍ଯ୍ୟାଳୟକୁ ଜିଲା ସଦର ମହକୁମାକୁ ସ୍ଥାନାନ୍ତର କରିବା ପାଇଁ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ ମଧ୍ୟ ଜିଲା ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି। ଏଥିପାଇଁ ଭେଟ୍‌ଘାଟ୍‌ରେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କାରାଯିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାର ସମସ୍ତ ପଞ୍ଚାୟତ ଘେରାଉ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦବିପତ୍ର ପ୍ରଦାନ କରାଯିବା ସହ ଶ୍ରମିକମାନଙ୍କୁ ଏକଜୁଟ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ସାରା ଜିଲାରେ ଆଇନ ଅମାନ୍ୟ, ଜେଲ ଭରୋ ଆନ୍ଦୋଳନ ଓ ହରତାଲ କରି ବେସରକାରୀ ଓ ସରକାରୀତନ୍ତ୍ରର ସବୁ ଅଚଳ କରି ଦିଆଯିବ ବୋଲି ଚେତବାନୀ ଦିଆଯାଇଛି। ବିଏମଏସ ନେତା ପ୍ରଦୀପ ଦଣ୍ଡସେନା, ଭକ୍ତବନ୍ଧୁ ଧରୁଆ, ସୁକଦେବ ସାହୁ, ଅନିରୁଦ୍ଧ ନାଗ, ଜ୍ଞାନ ରଞ୍ଜନ ସାହୁ, ଜ୍ଞାନେଶ୍ୱର ବାଗ, ବାବୁଲାଲ ମାଝି, କୋଦଣ୍ଡ ରାଉତରାୟ, ଅଭିଶେକ ମଶ୍ରା, ପ୍ରେମଲାଲ ନାଏକ, ଦିଗାମ୍ବର ମାଝି, ଭରତ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଦାବି ପୂରଣ ନ ହେବାରୁ ଶ୍ରମ କାର୍ଯ୍ୟାଳୟ ଘେରାଉ

ନୂଆପଡ଼ା ଅଫିସ,୬।୯

ନୂଆପଡା ଜିଲାର ଶ୍ରମିକମାନଙ୍କ ପଞ୍ଜୀକରଣ, ନବୀକରଣ, ଶିକ୍ଷା ସହାୟତା, ମୃତ୍ୟୁକାଳିନ ସହାୟତା, ବିବାହ ସହାୟତା ରାଶି ୨୦୧୯ରୁ ଏଯାଏ ମିଳିନାହିଁ। ଏ ନେଇ ଅନେକ ଥର ଶ୍ରମିକ ମହାସଂଘ ଦ୍ୱାରା ଦାବିପତ୍ର, ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କଲେ ମଧ୍ୟ ସୁଫଳ ମିଳୁନାହିଁ। ଗତ ଅଗଷ୍ଟରେ ଶ୍ରମମନ୍ତ୍ରୀ, କମିଶନର, ଜିଲାପାଳ ଓ ଶ୍ରମ ଅଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରି ୨୦୨୨ ସେପ୍ଟେମ୍ବର ୫ ପୂର୍ବରୁ ସହାୟତା ପ୍ରଦାନ ନ କଲେ ଶ୍ରମ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ଦାବି ପୂରଣ ନ ହୋଇ ନ ଥିବାରୁ ସୋମବାର ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ନୂଆପଡା ଦ୍ୱାରା ଶ୍ରମ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ କରାଯାଇଥିଲା। ସଂଘ ସଭାପତି କେଶବ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶ୍ରମିକ ମହାସଂଘ ଆବାହକ ଯଦୁମଣି ପାଣିଗ୍ରାହୀ, ଭକ୍ତବନ୍ଧୁ ଧରୁଆ, ଚୈତନ୍ୟ ତାଣ୍ଡି, ଟିକେ ଚନ୍ଦ୍ର ବାଗ, ଗଦାଧର ବେହେରା, ମନବୋଧ ପୁଞ୍ଜି, ଡିସେମ୍ବର ଠେଲା, ଖଗେଶ୍ୱର ଦୀପ, ପାରେଶ୍ୱର ଚଣ୍ଡି ତଥା ସମସ୍ତ ସଙ୍ଗଠନ କାର୍ଯ୍ୟକର୍ତ୍ତା ଓ ଶ୍ରମିକମାନେ ଯୋଗଦେଇଥିଲେ। ଶ୍ରମ ଅଧିକାରୀ ବାର୍ଲା ସଙ୍ଗଠନର ଦାବିଗୁଡିକ ବିଷୟରେ ଆଲୋଚନା କରି ଅତିଶୀଘ୍ର ପୂରଣ କରାଯିବା ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।



ବିକ୍ଷୋଭକାରୀଙ୍କୁ ଶ୍ରମ ଅଧିକାରୀ ବୁଝାଉଛନ୍ତି।

# ଦୁର୍ଗା ଯୁବକ ସଂଘର ବାର୍ଷିକ ଉତ୍ସବ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କର୍ଲାମୁଣ୍ଡା,୬।୯(ଡି.ଏନ.ଏ.)

### ନୂଆଁଖାଇ ଭେଟ୍‌ଘାଟ୍

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କର୍ଲାମୁଣ୍ଡା ବସ୍ତି ଭୀମନଗର ପଡାଠାରେ ସୋମବାର ରାତିରେ ମା' ଦୁର୍ଗା ଯୁବକ ସଂଘର ୫୭ତମ ବାର୍ଷିକ ଉତ୍ସବ ଓ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘ ସଭାପତି ଟିକ ବାଗଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ମୁଖ୍ୟବକ୍ତା ଭାବେ ପ୍ରଦୀପ କୁମାର ସାହୁ, କାନ୍ହୁ ଚରଣ ସାହୁ, ସଞ୍ଜୁ ସାହୁ, ସ୍ଥାନୀୟ ଶିକ୍ଷକ ବୁଧେଶ୍ୱର ନାଗ ପ୍ରମୁଖ ଯୋଗଦେଇ କଳା, ସଂସ୍କୃତ ସୁରକ୍ଷା ପାଇଁ ଯୁବକ ସଂଘ ଉଦ୍ୟମକୁ ପ୍ରଂଶସା କରିଥିଲେ। ଏହି ଅବସରରେ ଅୟୋଜିତ ଡ୍ୟାନ୍ସ ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଅନେୱସା ପୁଟେଲ ପ୍ରଥମ, ମୁସ୍କାନ ବାରିକ ଦ୍ୱିତୀୟ, ବୀଣା ନାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ଡାଇମଣ୍ଡ ଗ୍ରୁପ ଚିତଲପଟା ପ୍ରଥମ, ରାଇସିଂ ଷ୍ଟାର ଗ୍ରୁପ ସରଦାପୁର ଦ୍ୱିତୀୟ, ଏବଂ ପରି ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜୟୀ ପ୍ରତିଯୋଗୀମାନଙ୍କୁ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସଭାରେ ଅଧାପକ ଗୌର ସୁନା ସଂଯୋଜାନ କରିଥିବା ବେଳେ ଅଭିମନ୍ୟୁ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଡ୍ୟାନ୍ସ କାର୍ଯ୍ୟକ୍ରମରେ ଆଶିଷ ସାହୁ, ମୁକେଶ ସାହୁ, ଟୁନୁ ନନ୍ଦ ପରିଚାଳନା କରିଥିଲେ। ବିଚାରକ ଭାବେ କଲ୍ୟାଣ ନାଏକ, ହିମାଂଶୁ ମାଝି ରହିଥିଲେ। ଅନ୍ୟମାନଙ୍କ ମଧରେ ସୁଶାନ୍ତ ବାଗ, ଦିନେଶ କୁମାର, କିଶୋର ବାଗ, ଗଣେଶ କୁମାର, ପ୍ରଶାନ୍ତ ବାଗ, ପ୍ରକାଶ କୁମାର, ସୁଦେଶ କୁମାର, ତରୁଣ କୁମାର, ଉତ୍ତମ ବାଗ, ବିକାଶ କୁମାର, ଶଙ୍କର କୁମାର, ଅକ୍ଷୟ ବାଗ, ତାପସ କୁମାର, ଲକ୍ଷଣ ନାଏକ, ରାକେଶ କୁମାର, ସୁନିଲ ବାଗ, ଅଲୋକ ବାଗ, ଶୁଭମ ବାଗ, ଅନୀଲ କୁମାର, ସୌମ ବାଗ, ଯୁଗ ସୁନା, ଖଗବାଗ, ହୃଷିକେଶ ବାଗ ତଥା ପଡାବାସୀ ସହଯୋଗ କରିଥିଲେ।

## ବ୍ଲକ ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର

ଲାଞ୍ଜିଗଡ଼,୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ପ୍ରଶାସନ ଦ୍ୱାରା ଆରମ୍ଭ ହୋଇଥିବା ସାପ୍ତାହିକ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଧୀରେ ଧୀରେ ଲୋକପ୍ରିୟ ହେବାରେ ଲାଗିଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ଲୋକେ ବହୁମାତ୍ରାରେ ଆକୃଷ୍ଟ ହେବା ସହିତ ନିଜର ଆପତ୍ତି ଓ ଅଭିଯୋଗ ଜଣାଇବାକୁ ପ୍ରତି ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ବ୍ଲକ ସମ୍ମିଳନୀ କକ୍ଷଠାରେ ଲାଞ୍ଜିଗଡ ବ୍ଲକ ପ୍ରଶାସନ ପକ୍ଷରୁ ବିଶ୍ୱନାଥ ପଞ୍ଚାୟତ ସାପ୍ତାହିକ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ନିକଟରେ ଲୋକେ ସେମାନଙ୍କ ଆପତ୍ତି ଓ ଅଭିଯୋଗ ଜଣାଉଥିଲେ। ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଲାଞ୍ଜିଗଡ ଏବିଡିଓ ବିଭୁତି ଭୂଷଣ ସତପତି ଓ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୋଗାଣ ସହାୟକ ତପନ ଘଡେଇ ସହଯୋଗ କରିଥିଲେ। ଏଥିରେ ୯୨ଜଣ ଲୋକେ ନିଜର ଅଭିଯୋଗ ପ୍ରଶାସନ ନିକଟରେ ଉତ୍ଥାପନ କରିଥିଲେ। ବିଶେଷ କରି ଆବାସ ଯୋଜନାରେ ଘର ଓ ଭତ୍ତା ବାବଦକୁ ଲୋକେ ଅଧିକାଂଶ ଅଭିଯୋଗ ଦାଖଲ କରିଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

ପଲମ,୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ରାଜୀବଗାନ୍ଧୀ ସେବାକେନ୍ଦ୍ରଠାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଅଭିଯୋଗ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଲମ ସରପଞ୍ଚ ହେମକିଶୋର ନାଗ ସଭାପତିତ୍ୱ କରି ଜନଶୁଣାଣି ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଉପାଧକ୍ଷ ମନୋରମା ମହାନ୍ତି, ନର୍ଲା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ନର୍ଲା ବିଡିଓ ବାସନ୍ତି ସେଠ୍, ଅତିରିକ୍ତ ଏବିଡିଓ ଦେବେନ୍ଦ୍ର କୁମାର ସାମଲ, ନର୍ଲା ବ୍ଲକ ଉପାଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଜିପିଓ ଖିତିଶ ଚନ୍ଦ୍ର ନାଏକ, ନର୍ଲା ବିଇଓ ତପିମଣି ଜାନୀ ଉପସ୍ଥିତ ରହିଥିଲେ। ସମ୍ମାନିତ ଅତିଥି ଭାବେ ଏଇ ବାସୁଦେବ ମହାରଣା, ଜେଇ ମାନସ ରଞ୍ଜନ ଦାସ, ଏବିଇଓ ଗୋବର୍ଦ୍ଧନ ମାଝି, ପିଇଓ ମଧୁସୁଦନ ନାଏକ, ଏଏଚଓ ପ୍ରତିଭା ନାଏକ, ପଲମ ଫରେଷ୍ଟ ଗାର୍ଡ ରୁକ୍ମିଣୀ ମାଝି, ଆଇସିଡିଏସ ସୁପରଭାଇଜର କୁନ୍ତଳା କୁମାରୀ ନାଗ, ନର୍ଲା ଏମଆଇ ଶିବ ପ୍ରସାଦ, ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝି, ବିଏସଏସଓ ପ୍ରଦିପ କୁମାର ବେହେରା, ବିପିସି ଭୋଲାନାଥ ଦାସ, ସ୍ୱାସ୍ଥ୍ୟକର୍ମୀ ରାଜେଶ କୁମାର ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ୪୦୪ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ବିଶେଷ ଭାବେ ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନାର ଅଭିଯୋଗ ଥିବାବେଳେ ଅନ୍ୟାନ୍ୟ ବିଭାଗ କମ୍ ଅଭିଯୋଗ ଗ୍ରହଣ କରାଯାଇଥିଲା। ପଲମ ପିଇଓ ମଧୁସୁଦନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଜୁନାଗଡ଼ ଏନ୍‌ଏସି ପକ୍ଷରୁ ଅହିଂସା ରଥକୁ ଭବ୍ୟ ସମ୍ବର୍ଦ୍ଧନା

ଜୁନାଗଡ,୬।୯(ଡି.ଏନ.ଏ.)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅମୃତ ମହୋତ୍ସବ ଉପଲକ୍ଷେ ଗତ ୧୫ ତାରିଖରୁ ଓଡିଶାର ବୀର ସଂଗ୍ରାମୀ ଓ ବଳିଦାନର ବାର୍ତ୍ତା ନେଇଁ ଅହିଂସା ରଥ ରାଜ୍ୟର ବିଭିନ୍ନ ଜିଲାକୁ ପରିକ୍ରମା କରୁଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏହି ରଥ କଳାହାଣ୍ଡି ଜିଲା ଜୁନାଗଡ ସହରରେ ପହଞ୍ଚିବା ପରେ ସ୍ଥାନୀୟ ଏନ୍‌ଏସି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ରଥ ସହରର ସଂସ୍କୃତି ଭବନଠାରେ ପ୍ରଥମେ ପହଞ୍ଚିଥିଲା। ଏହି ସମୟରେ ରଥକୁ ନଗରପାଳ ମୁକେଶ ଅଗ୍ରୱାଲ ସ୍ୱାଗତ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ସହରରେ ଶୋଭାଯାତ୍ରା କରି ଏନ୍‌ଏସି କାର୍ଯ୍ୟାଳୟକୁ ଅଣଯାଇଥିଲା। ସେଠାରେ ଅନୁଷ୍ଠିତ ସଭାରେ ନଗରପାଳଙ୍କ ସମେତ ଜିଲା ଲୋକ ସୂଚନା ଅଧିକାରୀ ମନୋଜ ବେହେରା, ତହସିଲଦାର ବେଦବ୍ୟାସ ଭୋଇ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶମ୍ବର ମିଶ୍ର, ଉପାଧକ୍ଷା ହିମାଦ୍ରୀ ନାଏକ, ସମସ୍ତ କାଉନସିଲର ଓ ସ୍ଥାନୀୟ ଲୋକେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ କର୍ତ୍ତବ୍ୟର ମୁଖ୍ୟ ପରିଚାଳକ ଅଶୋକ ପଟ୍ଟନାୟକ ପରିଚାଳନା କରିଥିଲେ। ପରେ ସହରର କଳାବିକାଶ କେନ୍ଦ୍ର ଓ ସ୍ଥାନୀୟ ସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା।



ନଗରପାଳଙ୍କ ଦ୍ୱାରା ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

# ବିଭିନ୍ନ ସ୍ଥାନରେ ଅହିଂସା ରଥକୁ ଭବ୍ୟ ସମ୍ବର୍ଦ୍ଧନା

କୋକସରା,୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅହିଂସା ରଥକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଥମେ ମୋଟେର ଛକଠାରେ ଭବ୍ୟ ସମ୍ବର୍ଦ୍ଧନା ସହ ସ୍ୱାଗତ କରାଯାଇଛି। ଏଥିରେ ରାଜ୍ୟ ସଂଯୋଜକ ସୁରେନ୍ଦ୍ର ଜଗତ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ, ସମ୍ମାନିତ ଅତିଥି ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ମୋଟେର ସରପଞ୍ଚ ବାସନ୍ତି ନାଏକ, ବିଏସଏସଓ ଦୀପକ କୁମାର ବେହେରା, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, ଧର୍ମଗଡ଼ ଏସ୍‌ଡିପିଆରଓ ରମେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପରେ କୋକସରା ଜବାହାର ଉଚ୍ଚ ବିଦ୍ୟାଳୟଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠି, ସ୍କୁଲ ଏନ୍‌ସିସି ଛାତ୍ରୀଛାତ୍ର ସ୍ୱାଗତ କରିଥିଲେ। ସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ପରିଚାଳନାରେ ବ୍ଲକ ଅଧକ୍ଷା, ଉପାଧକ୍ଷ, ରାଜ୍ୟ ସଂଯୋଜକଙ୍କ ସହ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଜିଲା ଡିଆଇପିଆରଓ ମନୋଜ ବେହେରା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତୋଫାନ ମାଝି, ଜିପିଇଓ ନାରାୟଣ ଭୋଇ ଉପସ୍ଥିତ ରହିଥିଲେ। ପରେ ଗୁଡାହାଣ୍ଡି ଡୋକାରିଚଞ୍ଚରା ଅଭିମୁଖେ ବାହାରି ଥିବା ବେଳେ ମହିମା ପଞ୍ଚାୟତ ଡେଙ୍ଗାଗୁଡା, ଡୁଡୁକାଠେଙ୍ଗା ପଞ୍ଚାୟତ ଖଳିଗଡ଼ରେ ସମ୍ବର୍ଦ୍ଧନା ଦିଆଯାଇଛି। ଡୋକାରିଚଞ୍ଚରା ଉନ୍ନୟନ କମିଟି ପକ୍ଷରୁ ସଭାପତି ଭଦ୍ରେଶ୍ୱର ପାତ୍ର, ନିଳାମ୍ବର ନାଏକ, ସୁଧିର ପାତ୍ର, ଘନଶ୍ୟାମ ନାଏକ, ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, ସମିତି ସଭ୍ୟା ପାର୍ବତୀ ବାଗ, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, କାଶିବାହାଲ ସମିତି ସଭ୍ୟ ଗଜାନନ ନିଆଲ, ରେଙ୍ଗାଲପାଲି ସମିତି ସଭ୍ୟ ମୁକ୍ତେଶର ନାଏକ, ବରାଡଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ ପ୍ରମୁଖ ସମ୍ବର୍ଦ୍ଧନା ଦେଇଥିଲେ। ସନ୍ଧ୍ୟାରେ ରଥ ଜିଲାର ଶେଷ ସୀମା ଆମପାଣିରେ ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ ରୁକ୍ମଣି ବାଣ୍ଡୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ବିଘ୍ନେଶ୍ୱର ନାଏକ, ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବାଣ୍ଡୁଆ ଓ ଆମପାଣିବାସୀ ପକ୍ଷରୁ ସ୍ୱାଗତ କରାଯାଇଛି। ମଙ୍ଗଳବାର ଅହିଂସା ରଥ କଳାହାଣ୍ଡିରୁ ନବରଙ୍ଗପୁର ଜିଲା ଅଭିମୁଖେ ଯାତ୍ରା କରିଛି।



କୋକସରା ବ୍ଲକରେ ଅହିଂସା ରଥକୁ ସ୍ୱାଗତ କରାଯାଉଛି।

## ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସହର ଗାନ୍ଧୀଛକଠାରେ ସୋମବାର ରାତିରେ ଶୁଭମ୍ ମ୍ୟୁଜିକ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସ୍ୱର୍ଗତ ଶ୍ରୀରାମ ଲୁହାଙ୍କ ସ୍ମୃତିରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅନେକ କଳାକାରଙ୍କ ଦ୍ୱାରା ସାଂସ୍କୃତିକ ପରିବେଷଣ କରାଯାଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଏହି କ୍ରମରେ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହମ୍ମଦ ସାହେବ ଓ ସାମ୍ବାଦିକତା କ୍ଷେତ୍ରରେ ମହିଳା ଖବରଦାତା ସ୍ନିଗ୍ଧାରାଣୀ ସିଂହଙ୍କୁ ସମ୍ମାନିତ କରାଯାଇଥିଲା।



# ରାସ୍ତାରୋକୋ କଲେ ଚାଷୀ

ଲୋଇସିଂହା,୬।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ନୁନିଆଁପାଲି, ଝାରଣୀପାଲି,ବଡଟିକା, ନଅଗାଁ(ଖ), ବେନ୍ଦ୍ରା, ପଟୁଆପାଲି, ସାଲେଭଟା ପଞ୍ଚାୟତରେ ଗତବର୍ଷ ମରୁଡି ହୋଇଥିଲା। ୨୦୨୦-୨୧ ବର୍ଷରେ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିଲେ ହେଁ ଉକ୍ତ ପଞ୍ଚାୟତର ଚାଷୀ କ୍ଷତିପୂରଣ ରାଶି ପାଇବାରୁ ବଞ୍ଚିତ ଅଛନ୍ତି। ସମ୍ପୃକ୍ତ ପଞ୍ଚାୟତର ଚାଷୀମାନେ ବୀମା ସହାୟତା ଦାବିରେ ଗତ ୨୬ ଜୁଲାଇରେ ରାସ୍ତାରୋକୋ କରିଥିଲେ। ଜିଲା କୃଷି ବିଭାଗର ୨ଜଣ କୃଷି ଅଧିକାରୀ ଆସି ପଦକ୍ଷେପ ନେବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଏକ ମାସ ବିତି ଯାଇଥିଲେ ବି କୌଣସି ସୁଫଳ ମିଳିନାହିଁ। ଏହାର ପ୍ରତିବାଦ କରି ମଙ୍ଗଳବାର ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଲୋଇସିଂହା ଥାନା ରୁଗୁଡିଖାଲଠାରେ ଚାଷୀମାନେ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଉପରେ ସକାଳ ୮ଟାରୁ ବିକ୍ଷୋଭ ପ୍ରଦର୍ଶନ କରଛନ୍ତି। ହକ୍ ପାଇବା ପାଇଁ ଅନିର୍ଦ୍ଦିଷ୍ଟ କାଳ ରାସ୍ତାରୋକୋ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

ଚାଷୀଙ୍କ ରାଜପଥ ଅବରୋଧ ଯୋଗୁ ସମ୍ପୃକ୍ତ ପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ରାସ୍ତାର ଉଭୟ ପଟରେ ଶହଶହ ଗାଡିମୋଟର ଅଟକି ରହିଛି । ଯାତ୍ରୀମାନେ ହଟହଟା ହେଉଛନ୍ତି। ସନ୍ଧ୍ୟା ୬ଟା ସୁଦ୍ଧା ଆନ୍ଦୋଳନସ୍ଥଳକୁ ବ୍ଲକ କିମ୍ବା ଜିଲା ପ୍ରଶାସନର କୌଣସି ଅଧିକାରୀ ଆଲୋଚନା ପାଇଁ ଆସି ନ ଥିବାରୁ ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଗଲପୁର ବ୍ଲକ କୃଷକ ସଂଘ ସଭାପତି ରତ୍ନାକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଚାଲିଥିବା ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଘର ସୁବାସ ବହିଦାର, ପୂର୍ଣ୍ଣଚନ୍ଦ୍ର ସାହୁ, କ୍ଷମା ଦଳପତି, ପ୍ରମୋଦ ମିଶ୍ର, କୃଷ୍ଣଚନ୍ଦ୍ର ନାଏକ, ଶ୍ୟାମସୁନ୍ଦର ବିଶ୍ୱାଳ ବିକ୍ଷୋଭ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା କୃଷକ ମହାସଂଘ ସଭାପତି ଜ୍ୟୋତି ପଧାନ,ସୌମେନ୍ଦ୍ର ପରିଚ୍ଛା, ଜିଲା କୃଷକ ସଂଘ ସଂଘ ସଭାପତି ବିଭୂତି ମିଶ୍ର ପ୍ରମୁଖ ସାମିଲ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଭିମୁଖ୍ୟ ଓ ଚାଷୀମାରଣ ନୀତିର ସମାଲୋଚନା କରିଥିଲେ । କିପରି ଜିଲାର ଏକ ଶହରୁ ଉର୍ଦ୍ଧ୍ୱ ପଞ୍ଚାୟତର ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା କରି ମଧ୍ୟ କ୍ଷତିପୂରଣ ପାଇବାରୁ ବଞ୍ଚିତ ରହିଛନ୍ତି ସେ ସମ୍ପର୍କରେ କହିଥିଲେ । ଚାଷୀଙ୍କ ହକ ପାଇଁ ଜିଲା ଉଭୟ ସଂଗଠନ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ବିରୋଧରେ ଲଢାଇ ଜାରି ରଖିଥିବା କହିଥିଲେ। ଚାଷୀ ନେତାମାନେ କହିଥିଲେ ଯେ, ଜିଲା କୃଷକ ମହାସଂଘ ପକ୍ଷରୁ ଗତ ମାସରେ ଜିଲାପାଳ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱରଠାରେ କୃଷିବୀମା କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହାଫରେ ବୀମା ତାଲିକାରୁ ବାଦ୍ ପଡିଥିବା ଜିଲାର କେତେକ ପଞ୍ଚାୟତକୁ ତାଲିକାଭୁକ୍ତ କରାଯାଇଛି। ହେଲେ ସେହି ପଞ୍ଚାୟତର ଚାଷୀ ସହାୟତା ରାଶି ପାଇବାରୁ ବଞ୍ଚିତ ରହିଛନ୍ତି। ଜିଲା କୃଷକ ସଂଘ ପୁଣି ଥରେ ଜିଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କୁହାଯାଇଥିଲା। ଅପରପକ୍ଷେ ଆନ୍ଦୋଳନସ୍ଥଳରେ କୋସଲ ଯୁବ ସମନ୍ୱୟ କମିଟିର କେତେକ ସଦସ୍ୟ ପହଞ୍ଚି ନାରାବାଜି କରିଥିଲେ। ଏହାକୁ ନେଇ କୋସଲ ସମନ୍ୱୟ ସମିତି ଓ ବିକ୍ଷୋଭକାରୀ ଚାଷୀଙ୍କ ମଧରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତି ସମୟରେ କୋସଲ ସମନ୍ୱୟ ସମିତି ଆବାହକ ପ୍ରିତମ ଠାକୁର ଆନ୍ଦୋଳନକୁ ସମର୍ଥନ କରୁଥିବା କହି ଧାରଣାରେ ବସିଥିଲେ। ଖବର ପାଇ ଉପଜିଲାପାଳ କୁମାର ନାଗ ଭୂଷଣ, କୃଷି ବିଭାଗର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧିକାରୀ ସିଦ୍ଧେଶ୍ୱର ନନ୍ଦ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଘୋଷଣା କରିବା ଆମହାତରେ ନାହିଁ। ଆସନ୍ତ ୧୪ତାରିଖରେ ଏନେଇ ଆଉ ଏକ ବୈଠକ ରାଜ୍ୟ ସରକାର ରଖିଛନ୍ତି। ବାଦ୍ ପଡିଥିବା କେତେକ ପଞ୍ଚାୟତ ତାଲିକାଭୁକ୍ତ ହେବା ସମ୍ଭାବନା ରହିଛି। ତେଣୁ ଚାଷୀମାନେ ଆନ୍ଦୋଳନରୁ ହଟନ୍ତୁ ବୋଲି ଅଧିକାରୀଦ୍ୱୟ କହିଥିଲେ। ହେଲେ ମରୁଡି ଘୋଷଣା ନହେବା ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରହିବ ବୋଲି ଚାଷୀ ଶ୍ୟାମସୁନ୍ଦର ବିଶ୍ୱାଳ କହିଛନ୍ତି।



ରୁଗୁଡିଖାଲଠାରେ ରାଜପଥରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ୨୦୨୦-୨୧ ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷତିପୂରଣ ପ୍ରଦାନ ଦାବି
- ହକ୍ ନ ପାଇବା ଯାଏ ଆନ୍ଦୋଳନ ଚାଲିବ କହିଲେ ଚାଷୀନେତା

## ସଂକ୍ଷେପରେ

### ଆଡମ୍ବରପୂର୍ଣ୍ଣ ହେବ ଚଳିତ ଦୁର୍ଗାପୂଜା

#### ମାଉସୀ ମା ମନ୍ଦିର ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା

ଟିଟିଲାଗଡ,୬।୯(ଡି.ଏନ.ଏ.): ଚଳିତ ବର୍ଷ ଟିଟିଲାଗଡ ମାଉସୀ ମା ମନ୍ଦିର ଦୁର୍ଗାପୂଜା ୮୬ ବର୍ଷରେ ପାଦ ଦେଇଛି। ପୂଜାକୁ ଅଧିକ ଆଡମ୍ବରପୂର୍ଣ୍ଣ କରିବାକୁ ନିଷ୍ପତ୍ତି ନେଇଛି କମିଟି। ଏ ନେଇ କମିଟିର ଏକ ପ୍ରସ୍ତୁତି ବୈଠକ କରାଯାଇ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ସଭାପତି ଭାବେ ସୁଧୀର କୁମାର ଅଗ୍ରୱାଲ, ଉପସଭାପତି ଭକ୍ତବନ୍ଧୁ ଦଲବେହେରା, ସମ୍ପାଦକ ଅମର ଜୈନ, ସହସମ୍ପାଦକ ଦୁର୍ଯ୍ୟୋଧନ ସାହୁ, କୋଷାଧ୍ୟକ୍ଷଭାବେ ଶେଷଦେବ ସାହୁଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ ସଭ୍ୟଭାବେ ରମାକାନ୍ତ ଦର୍ଜୀ, ଧିରେନ ସାହୁ, ତାରକେଶ୍ୱର ପଟ୍ଟନାୟକ, ମୋହିତ ଜୈନ, ରିତେଶ ଜୈନ ଏବଂ ଉପଦେଷ୍ଟା ମଣ୍ଡଳୀରେ ଈଶ୍ୱର ଜୈନ, ପ୍ରେମଚନ୍ଦ ଜୈନ, ଧବଳେଶର ଦଲବେହେରା, ଦୀପକ ସମାଜଦର, ମହେଶ କୁମାର ଇନ୍ଦୋରିଆ, ସଞ୍ଜୀବ କୁମାର ପାଢ଼ୀ, ଦେବଦତ୍ତ ଷଡ଼ଙ୍ଗୀ, କମଳାକାନ୍ତ ସାହୁ, ପଙ୍କଜ କୁମାର ଅଗ୍ରୱାଲ, ଉମେଶ କୁମାର ସ୍ୱାଇଁ, ଅଶୋକ କୁମାର ସ୍ୱାଇଁଙ୍କୁ ରଖାଯାଇଛି।

### ହାଟପଦାପଡ଼ା ଦୁର୍ଗାପୂଜା କମିଟି ଗଠିତ

ଟିଟିଲାଗଡ,୬।୯(ଡି.ଏନ.ଏ.): ୬୨ବର୍ଷରେ ପଦାର୍ପଣ କରିଥିବା ଟିଟିଲାଗଡ ହାଟପଦା ପଡ଼ା ଦୁର୍ଗାପୂଜା ପାଇଁ ନୂତନ କମିଟି ଗଠିତ ହୋଇଛି। ସଭାପତି ଭାବେ ସତ୍ୟଜିତ ଷଡ଼ଙ୍ଗୀ, ଉପସଭାପତି ଦେବେନ୍ଦ୍ର ବେହେରା, ଘୁର୍ଲା ବେହେରା, ସମ୍ପାଦକ ଲିଙ୍କନ ଦାସ, ସହସମ୍ପାଦକ ସଞ୍ଜିତ ସିହ୍ନା, କାଲୁ ବେହେରା, ଦିଲ୍ଲୀପ ମିଶ୍ର, ରାହି ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଭାବେ ଲିଙ୍ଗରାଜ ସାହୁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଏହାବ୍ୟତୀତ ପରିଚାଳନା କମିଟି ଉପଦେଷ୍ଟା ମଣ୍ଡଳୀ ସଦସ୍ୟଭାବେ ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସ, ଶେଖର ସିହ୍ନା, ନୀଳାମ୍ବର ମିଶ୍ର, ସୁବୋଧ ଦାସ, ତ୍ରିନାଥ ସରାଫ, କୃଷ୍ଣ ସରାଫ, କାଉନସିଲର ସୁନୀଲ ଆଚାର୍ଯ୍ୟ, ରବି ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ମନୋନୀତ ହୋଇଛନ୍ତି। ମହାମାରୀ ଯୋଗୁ ଗତ ୨ବର୍ଷ ହେଲା ପୂଜା ନିରାଡାମ୍ବରଭାବେ ପାଳନ କରାଯାଇଥିଲା। ତେବେ ଚଳିତବର୍ଷ ଏହାକୁ ଅଧିକ ଯାକଜମକରେ କରିବାକୁ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

### ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ଖଡ଼ିଆଳ,୬।୯(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ଡ଼ା ତରୁଣ କୁମାର ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗ୍ରହଣ ପରେ ବିଶ୍ୱଜିତ ପାଢ଼ି ଓ ସମସ୍ତ କର୍ମଚାରୀଙ୍କ ଉପସ୍ଥିତରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ କଲେଜର ଉନ୍ନତି ପାଇଁ ଡ଼ା ପ୍ରଧାନ ଦେଇଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏଥିରେ 'ନାକ' ପ୍ରସ୍ତୁତି ଆଇଡିପି କୋଠା, ଲେବ, ଖୋଲା ଯିମ, ଓଇଫାଇ କେମ୍ପସ ଉପରେ ଆଲୋଚନା ହୋଇଥିଲା।

## ବଲାଙ୍ଗୀର ଦିନ ସ୍ମରଣିକା କମିଟି ଗଠିତ

ବଲାଙ୍ଗୀର ଅଫିସ, ୬।୯

ନଭେମ୍ବର ୧ ବଲାଙ୍ଗୀର ଦିନ୍ ପାଳନ ଅବସରରେ ଅଞ୍ଚଳର ଐତିହ୍ୟ ଓ ପରମ୍ପରାକୁ ନେଇ ଏକ ସ୍ମରଣିକା ପୁସ୍ତକ ପ୍ରକାଶ କରାଯିବ। ଏନେଇ ପାଟେଣେଶ୍ୱରୀ ମନ୍ଦିରରେ ବଲାଙ୍ଗୀର ଦିନ ପାଳନ କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର ଓ ଆୟୋଜନ କମିଟି ସମ୍ପାଦକ ପ୍ରଶାନ୍ତ ମହାକୁର ଦେବୀଙ୍କ ମହାଆଳତି କରି ଚିଠା ଘୋଷଣା କରି ଦେବୀଙ୍କୁ ଅର୍ପଣ କରିଥିଲେ । ବଲାଙ୍ଗୀର ଦିନ୍ ସ୍ମରଣିକା-୨୦୨୨ ଉପଦେଷ୍ଟା ମଣ୍ଡଳୀରେ ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଶ୍ରୀନିବାସ ଉଦ୍‌ଗାତା, ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡ. ଘାସିରାମ ମିଶ୍ର, ପ୍ରଫେସର ଶିବପ୍ରସାଦ ନନ୍ଦ, ଗ୍ରନ୍ଥକାର ହେମନ୍ତ କୁମାର ପଣ୍ଡା ରହିଛନ୍ତି। ମୁଖ୍ୟସମ୍ପାଦକ ଭାବେ ଆନନ୍ଦ ଚନ୍ଦ୍ର ସାହୁ, ସମ୍ପାଦନା ମଣ୍ଡଳୀରେ ସଞ୍ଜୟ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅଖିଳ ହୋତା, ଅର୍ଜୁନ କୁମାର ସାହୁ ଓ ସହସମ୍ପାଦକ ଭାବେ ବିଭୁକଲ୍ୟାଣ ଗଡତିଆ ଦାୟିତ୍ୱ ତୁଲାଇବେ । ସମାଜସେବୀ ଡ. ଶ୍ରୀକର ମିଶ୍ରଙ୍କୁ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କମିଟି ଅଧ୍ୟକ୍ଷ ଅଙ୍କୁଶ ପାଣ୍ଡିଆ, ସହଅଧ୍ୟକ୍ଷ ବିନୋଦ କାଲସାଏ, ସଂସ୍କୃତି କମିଟି ସମ୍ପାଦକ ଅର୍ଜୁନ କୁମାର ସାହୁ, ଉପଦେଷ୍ଟା ମଣ୍ଡଳୀ ପ୍ରଭାକର ମିଶ୍ର, ରତନ ମହାରଣା, ସଙ୍ଗୀତା ପାଣିଗ୍ରାହୀ, ସୋନିୟା ବେଜ, ସୌମ୍ୟରଞ୍ଜନ ପଣ୍ଡା, ଶୁଭମ ଅଗ୍ରୱାଲ ଓ ଶମ୍ଭୁ ଶତପଥି, ଅବିନାଶ ଦିଶରୀ ଉପସ୍ଥିତ ଥିଲେ।

# ଦେଶ ପ୍ରଗତିରେ ସଂସ୍କୃତ ଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଜିଲାସ୍ତରୀୟ ସଂସ୍କୃତ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଫିସ,୬।୯

ସଂସ୍କୃତ ଭାଷା ହେଉଛି ସର୍ବପୁରାତନ ଭାଷା। ଏହି ଭାଷା ଦେଶର ପ୍ରଗତି, ଅଖଣ୍ଡତା ଓ ଏକତା ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ସଂସ୍କୃତି ରକ୍ଷା ପାଇଁ ସଂସ୍କୃତ ଭାଷାର ଆବଶ୍ୟକତା ରହିଥିବା ବେଳେ ଏହି ଭାଷା କୌଣସି ଜାତି, ସମ୍ପ୍ରଦାୟରେ ସୀମିତ ରହିନାହିଁ। ଏହା ସର୍ବଜନାଦୃତ ଓ ସ୍ୱୀକୃତ ହୋଇସାରିଛି ବୋଲି ମଙ୍ଗଳବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଜିଲାସ୍ତରୀୟ ସଂସ୍କୃତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନା ଓ ଜିଲା ସଭାପତି ସୁରେଶ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଉଦ୍‌ଘାଟନ କରିଥିଲେ। ଶ୍ରୀ ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ପୁରୀର ଆସୋସିଏଟ ପ୍ରଫେସର ଭଗବାନ ସାମନ୍ତରାୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ ମୁଖ୍ୟ ଡ଼ଃ ସୁନେଲି ଦେଇ, ଯୁବ ସଙ୍ଗଠକ ବିଭୀଷଣ ବାରିକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ଡ଼ଃ କୁମାର ଚନ୍ଦ୍ର ମିଶ୍ର ରାଜ୍ୟସ୍ତରରେ ସଂସ୍କୃତ ଶିକ୍ଷା ଓ ବ୍ୟବସ୍ଥାର ସ୍ଥିତି ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼ଃ ମନୋଜ କୁମାର ସାହୁ, ଭାର୍ଗବ ନାଏକ ସଂସ୍କୃତର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ପଶ୍ଚିମ ସଂଭାଗ ସମ୍ପାଦକ ବୃନ୍ଦାବନ ଠେଠୁଆର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ୧୬ଜଣ ସଂସ୍କୃତ ଶିକ୍ଷକ ଏବଂ ନୂତନ ଭାବେ ଯୋଗଦାନ କରିଥିବା ୪୦ଜଣ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଅଶୋକ ସାହୁ, ଉପସଭାପତି ସୁଧୀର ରଥ, ଦୟାସାଗର ସାହୁ, ଗୋବର୍ଦ୍ଧନ ସାହୁ, ପ୍ରତାପ ପ୍ରଧାନ, ପ୍ରଶାନ୍ତ ଭୋଇ, ଲିଙ୍ଗରାଜ ସାହୁ, ଲିଙ୍ଗରାଜ ଭୋଇଙ୍କ ସମେତ ସଂଘର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

**ଜିଲାସ୍ତରୀୟ ସଂସ୍କୃତ ମହୋତ୍ସବରେ ମତପ୍ରକାଶ**

# ବରିଷ୍ଠ ନାଗରିକ ସଂଘର ନୂଆଁଖାଇ ଭେଟ୍‌ଘାଟ୍

ପାଇକମାଳ, ୬।୯(ଡି.ଏନ.ଏ.)

ପାଇକମାଳ ଓ ଝାରବନ୍ଧ ବ୍ଲକ ବରିଷ୍ଠ ନାଗରିକ ସଂଘର ନୂଆଁଖାଇ ଭେଟ୍‌ଘାଟ୍ ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥର ଏକ ଧର୍ମଶାଳାଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନନ୍ଦଲାଲ ପ୍ରସାଦ ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଭାଗ୍ୟଧର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ମୁଖ୍ୟ ଅତିଥି, ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଝାରବନ୍ଧ ବ୍ଲକ ବରିଷ୍ଠ ନାଗରିକ ସଂଘ ସଭାପତି ଡୋଲାମଣି ସାହୁ ସଂଘର ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ମଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକବୃନ୍ଦ।

# ପ୍ରକଳ୍ପଗୁଡ଼ିକ ଶୀଘ୍ର ସାରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

ବୌଦ୍ଧ,୬।୯(ସ୍ୱ.ପ୍ର.)

**ଜିଲାପାଳଙ୍କ ସମୀକ୍ଷା ବୈଠକ**

ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା ପ୍ରକଳ୍ପଗୁଡିକ ସଂପର୍କରେ ସମୀକ୍ଷା ବୈଠକ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନଏସିର ବିଭିନ୍ନ ସ୍କିମ ଓ ପ୍ରକଳ୍ପ ଯଥା ମୁକ୍ତା ସ୍କିମ, ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ, ଚଲାପଥ, ମିନି ପାର୍କ, ଭେଣ୍ଡିଂ ଜୋନ, ଖେଳପଡିଆ ଉନ୍ନତୀକରଣ, କ୍ରୀଡାର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ବିଭିନ୍ନ ପଦକ୍ଷେପ ତଥା ଜିଲା ସଂଗ୍ରହାଳୟର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଜିଲାପାଳ ସାହୁ ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପ କାର୍ଯ୍ୟଗୁଡିକୁ ଶୀଘ୍ର ଶେଷ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ଲାଷ୍ଟିକ ବର୍ଜନ ନେଇ ଏକ ବୈଠକ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ କରାଯିବାକୁ ଜିଲାପାଳ ସାହୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ଷ୍ଟାଡିୟମ, ସନ୍ତରଣାଗାର, ଇଣ୍ଡୋର ଷ୍ଟାଡିୟମ, ରେଭିନ୍ୟୁ କ୍ୱାର୍ଟର, ମାଷ୍ଟରଲାଇନ କ୍ୱାର୍ଟର ବୁଲି ଦେଖିବା ପରେ ସମସ୍ତ କ୍ୱାର୍ଟରର ମରାମତି ତଥା ପୁର୍ନନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଆହାର କେନ୍ଦ୍ର ପରିଦର୍ଶନ କରିବା ସହିତ ପୁରୁଣା ବସଷ୍ଟାଣ୍ଡର ହେବାକୁ ଥିବା କାମର ସମୀକ୍ଷା କରିଥିଲେ।


ଜିଲାପାଳ ଅଧିକାରୀମାନଙ୍କ ସହ ଷ୍ଟାଡିୟମ ବୁଲି ଦେଖୁଛନ୍ତି।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

ଅମରପଲି,୬।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅନ୍ତର୍ଗତ କମଳପୁର ଗାଁରେ ବିଲ୍ ପୈଠ ସତ୍ତ୍ୱେ ଜଳଯୋଗାଣ ପ୍ରକଳ୍ପରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଇଛି। ଏହାର ପ୍ରତିବାଦରେ କମଳପୁର ଗାଁର ନଳିନୀ ପଣ୍ଡା, ପ୍ରିୟବ୍ରତ ସାହୁ, କୈଳାସ ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ସହିତ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଥିଲ। କମଳପୁରରେ ଥିବା ଜଳଯୋଗାଣ ପ୍ରକଳ୍ପରୁ କମଳପୁର, ଗୌଡକେଲା, ଟାଙ୍ଗରସାହି ଆଦି ଗାଁମାନଙ୍କୁ ଜଳ ଯୋଗାଣ ହୋଇଥାଏ। କିନ୍ତୁ ଏହି ପ୍ରକଳ୍ପକୁ ଟାଟା ପାୱାର ବିଦ୍ୟୁତ୍ ବିଲ ବାକିଆ ଥିବା ଦର୍ଶାଇ ସରବରାହ ବିଚ୍ଛିନ୍ନ କରିଦେଇଛି। ଏନେଇ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଆମେ ଦାୟିତ୍ୱ ନେବା ପରେ ୧ ଲକ୍ଷ ୨୦ ହଜାର ଟଙ୍କା ବିଲ ପୈଠ କରିଛୁ। କିନ୍ତୁ ପୈଠ ହୋଇଥିବା ବକେୟା ଅର୍ଥକୁ ବିଭାଗ କେବଳ ଉଫୁଲା ପାନୀୟ ଜଳ ପ୍ରକଳ୍ପର ବିଲ୍ ପେମେଣ୍ଟ ଭାବି କମଳପୁର ପ୍ରକଳ୍ପର ବିଲ୍ ବାକି ଦର୍ଶାଇ ସରବରାହ ବିଚ୍ଛିନ୍ନ କରିଛନ୍ତି। କମଳପୁର ଗାଁରେ ଥିବା ଜଳ ପ୍ରକଳ୍ପର ବିଦ୍ୟୁତ୍ ବିଲ୍ ୪୦ ହଜାର ରହିଥିବା ବିଭାଗ କହୁଛି। ସରବରାହ ବିଚ୍ଛିନ୍ନ ନେଇ ପୂର୍ବରୁ କୌଣସି ସୂଚନା ମଧ ବିଭାଗ ତରଫରୁ ଦିଆ ଯାଇନାହିଁ। ଫଳରେ ଗ୍ରାମବାସୀ ଏହାର ପ୍ରତିବାଦ କରିଛନ୍ତି। ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଯାଥାଶୀଘ୍ର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।



ଲୋକେ ବୀରମହାରାଜପୁର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ତାଲା ପକାଇ ଘେରିଛନ୍ତି।

**ବିଲ ପୈଠ ହୋଇଛି, ଜଳ ପ୍ରକଳ୍ପରୁ ବିଦ୍ୟୁତ୍ ବଚ୍ଛିନ୍ନ**

## ସଂକ୍ଷେପରେ

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମଜନଶୁଣାଣି ଶିବିର

ଭବାନୀପାଟଣା,୬।୯(ସ୍ୱ.ପ୍ର.): କଳାହାଣ୍ଡି ଜିଲାପାଳଙ୍କ ସମ୍ମିଳନୀ ଗୃହରେ ମଙ୍ଗଳବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଏସ୍‌ପି ଅଭିଲାଷ ଜିଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଉପଜିଲାପାଳ ଡ ବିଶ୍ୱଜିତ ଦାସଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ମୋଟ ୩୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୭ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୩ଟି ଅଭିଯୋଗର ସମାଧାନ ତତକ୍ଷଣା କରାଯାଇଥିଲା। ଅଭିଯୋଗ ମୁଖ୍ୟତଃ ଆବାସ ଗୃହ, ଭତ୍ତା, ରାଶନ କାର୍ଡ ଉପରେ ଥିଲା। ଜୁନାଗଡ଼ ବ୍ଲକର ଗଉଡଛେଣ୍ଡିଆ ଗ୍ରାମର ଜୟନ୍ତ ଝାଙ୍କରଙ୍କୁ ପୁନର୍ବାସ ସହାୟତା ବାବଦକୁ ୫୦୦୦ ଟଙ୍କା ଆର୍ଥିକ ଅନୁମୋଦନ କରାଯାଇଥିଲା।

### ଷାଠିଏ ଘର ଡୁମାଳ ସମାଜ ପକ୍ଷରୁ ଗୁରୁ ପୂଜନ

ବଲାଙ୍ଗୀର ଅଫିସ/ଲୋଇସିଂହା, ୬।୯(ଡି.ଏନ.ଏ): ବଲାଙ୍ଗୀର ସାମ୍ବାଦିକ ଭବନରେ ଜିଲା ଷାଠିଏ ଘର ଡୁମାଳ ସମାଜ ପକ୍ଷରୁ ଗୁରୁଦିବସ ଓ ଗୁରୁ ଆଶୀର୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଖୁସିରାମ ଚାଉଳିଆ ଅଧ୍ୟକ୍ଷତା କରିଥିଲେ। ଏଥିରେ ଭିକାରୀଚରଣ ପଧାନ, କୃଷ୍ଣଚନ୍ଦ୍ର କଲତା, ସୁବଳ ଗୁରାଣ୍ଡି, ରାଜକିଶୋର ଭୋଇ, ଇନ୍ଦୁଭୂଷଣ ଡାଙ୍ଗ, ପ୍ରକାଶ ମେର୍ଲି, ଦୟାନିଧି କରନ, ଈଶ୍ୱର କରନ ପ୍ରମୁଖ ଶିକ୍ଷକ ଅତିଥିଭାବେ ଯୋଗଦେଇଥିଲେ। ଉପଯୁକ୍ତ ଶିକ୍ଷାନୀତି ନିର୍ମାଣରେ ସମକାଳୀନ ସମାଜର ଭୂମିକ ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। ପରିବାର ମଧ୍ୟରେ ଶିକ୍ଷା ମୂଳଦୁଆକୁ ମଜଭୁତ କରିବାକୁ ପଡିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭା ପୂର୍ବରୁ ଅତିଥି ଶିକ୍ଷକଙ୍କ ଗୁରପୂଜା ଓ ସମ୍ବର୍ଦ୍ଧିତ କରାଯାଇଥିଲା।

### ବନ୍ୟା ଆଶ୍ରୟସ୍ଥଳ ପରିଚାଳନା ତାଲିମ ଶିବିର ଉଦ୍‌ଘାଟିତ

ବରଗଡ଼ ଅଫିସ, ୬।୯: ବରଗଡ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମ ବନ୍ୟା ଆଶ୍ରୟସ୍ଥଳରେ ବନ୍ୟା ଆଶ୍ରୟସ୍ଥଳର ପରିଚାଳନା, ସୁରକ୍ଷା ଓ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ଭେଡେନ ବିଡିଓ ରଘୁନାଥ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ନିରୁପମା ବୁଡ଼େକ, ଏବିଡିଓ ପ୍ରୀତେଶ କୁମାର ଦୋରା, ଜିଲା ପ୍ରକଳ୍ପ ଅଧିକାରୀ (ଜରୁରୀକାଳୀନ) ରାକେଶ ମଲ୍ଲିକ, କମିଟି ସମ୍ପାଦକ ସୁରତ କୁମାର ସାହୁଙ୍କ ସମେତ ସ୍ଥାନୀୟ ସରପଞ୍ଚ ବିଜୟ କର୍ମୀ ପ୍ରମୁଖ ଯୋଗଦାନ କରିଥିଲେ। ମହାଶକ୍ତି ଫାଉଣ୍ଡେଶନର ସୁବୋଧ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପସଭାନେତ୍ରୀ ରୋଜାଲିନ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁପ ଚରଣ ଖଟେଇ ଏବଂ ବିନାୟକ ଦ୍ୱାରି ତାଲିମ ପ୍ରଦାନ କରିଥିଲେ। ଋତୁପର୍ନ ମହାକୁର, ସେବାରମ ଭେସ୍ରା ଓ ମୁକ୍ତେଶ୍ୱର ଧରୁଆ ସହଯୋଗ କରିଥିଲେ।

# ଅବହେଳା ବିରୋଧରେ ହେବ ଆନ୍ଦୋଳନ

ବଲାଙ୍ଗୀର ଅଫିସ/ତରଭା,୬।୯ (ଡି.ଏନ୍.ଏ.)



ତରଭା ସ୍ଥିତ ମୁରଲୀ ନାରାୟଣ କଲ୍ୟାଣ ମଣ୍ଡପରେ ତରଭା ବୁଦ୍ଧିଜୀବୀଙ୍କ ସହ ବଲାଙ୍ଗୀର ସଂଘର୍ଷ ସମିତି ସଦସ୍ୟ।

**ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ**

- ତରଭାରେ ସଂଘର୍ଷ ସମିତିର ବୈଠକ
- ୧୧ରେ ବଲାଙ୍ଗୀରରେ ହେବ ବଲାଙ୍ଗୀର, ସୋନପୁର, ବୌଦ୍ଧ ଜିଲା ବୈଠକ
- ତରଭା-ବଇରାସର ମଝିରେ ରେଳଷ୍ଟେଶନ୍ ଦାବି

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସଂଘର୍ଷ ସମିତି ପକ୍ଷରୁ ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ତରଭାସ୍ଥିତ ମୁରଲୀ ନାରାୟଣ କଲ୍ୟାଣ ମଣ୍ଡପରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ପଶ୍ଚିମ ଓଡିଶାର ଏହି ଗୁରୁତ୍ୱପୂର୍ଣ୍ଣ ରେଳପ୍ରକଳ୍ପକୁ ଜାଣିଶୁଣି ଅବହେଳା କରାଯାଇଛି ଓ ଏଥିସକାଶେ ସରକାରୀ ସମ୍ପୂର୍ଣ୍ଣ ଦାୟୀ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲା ତରଭା ସହରର ବୁଦ୍ଧିଜୀବୀ ଓ ସଦସ୍ୟ ଯୋଗଦେଇଥିଲେ। ସ୍ୱାଧୀନତା ପୂର୍ବରୁ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ ସର୍ଭେ ସରିଥିଲେ ମଧ୍ୟ ଏହି ପ୍ରକଳ୍ପ ଘୋର ଅବହେଳାର ଶିକାର ହୋଇଆସିଛି। କେନ୍ଦ୍ର ଓ ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ ଯେତିକି ଆନ୍ତରିକତା ଦେଖାଇବା କଥା ଦେଖାଉନାହାନ୍ତି।

୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଲାଙ୍ଗୀର-ବିଚ୍ଛୁପାଲି ୧୫କିଲୋମିଟର ରେଳପଥ ଓ ରେଳ ଚଳାଚଳ ଉଦ୍‌ଘାଟନ କରିଥିଲେ। ଏହାପରେ ବଲାଙ୍ଗୀର ପଟରୁ ମଧ୍ୟ ରେଳପଥ ନିର୍ମାଣ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଇତିମଧ୍ୟରେ ତିନିବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଛି। ବିଚ୍ଛୁପାଲିରୁ ୭ କିଲୋମିଟର ଦୂର ସୁବର୍ଣ୍ଣପୁର ଜିଲାର ଝାରତରଭାକୁ ରେଳ ଚଳାଚଳ ସମ୍ଭବ ହେଲାନାହିଁ। କେନ୍ଦ୍ର ସରକାର ଯେତିକି ଟଙ୍କା ରେଳବଜେଟରେ ଘୋଷଣା କରୁଛନ୍ତି ସେତିକି ଟଙ୍କା ଖର୍ଚ୍ଚ ହୋଇପାରୁନାହିଁ। ଏଥିରୁ ଆନ୍ତରିକତା ବୁଝାପଡୁଛି। ସୋନପୁର ଓ ବୌଦ୍ଧ ଜିଲାରେ କେବେ ରେଳ ଚଳାଚଳ ହେବ ତାର ହିସାବ ନାହିଁ। ଏହାର ପ୍ରତିବାଦ ପାଇଁ ବଲାଙ୍ଗୀର-ସୋନପୁର-ବୌଦ୍ଧର ବିଭିନ୍ନ ସଙ୍ଗଠନ ମିଳିତ ଭାବେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସଂଘର୍ଷ ସମିତି ଗଠନ କରିଛନ୍ତି। ଏହି ସମିତି ପୂର୍ବରୁ ବୌଦ୍ଧ ଏବଂ ସୋନପୁରଠାରେ ବୈଠକ କରିସାରିଛି। ଆସନ୍ତା ୧୧ ତାରିଖରେ ବଲାଙ୍ଗୀରଠାରେ ମିଳିତ ବୈଠକ ଅନୁଷ୍ଠିତ ହେବ। ଏଥିରେ ପ୍ରକଳ୍ପକୁ ନେଇ ସରକାରଙ୍କ ଆଭିମୁଖ୍ୟ ବିଷୟରେ ଆଲୋଚନା କରାଯାଇ ଆଗକୁ ବଡ ଧରଣର ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକ ପୂର୍ବରୁ ମଙ୍ଗଳବାର ତରଭାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ତରଭା ସହରରେ ରେଳଷ୍ଟେଶନ କରା ନ ଯାଇ ସେଠାରୁ ୫ କିଲୋମିଟର ଦୂର ଝାରତରଭାରେ ରେଳଷ୍ଟେଶନ କରାଯାଇଛି। ତରଭା ସହର ରେଳ ମାନଚିତ୍ରରେ ରହୁନାହିଁ। ଏହାବାଦ୍ ତରଭାର ଅନ୍ୟାନ୍ୟ ସମସ୍ୟା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସଂଘର୍ଷ ସମିତି ଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତରଭାର ବୁଦ୍ଧିଜୀବୀ ହରିବନ୍ଧୁ ପାଣିଗ୍ରାହୀ, ଦେବେନ୍ଦ୍ର ବିଜୟ ସାହୁ, ଜୟପ୍ରକାଶ ନାରାୟଣ ସାହୁ, ଅକ୍ଷୟ କୁମାର ବାଗ, ସୁରେଶ ଚନ୍ଦ୍ର ମହଲା, ଅନ୍ତର୍ଯ୍ୟାମୀ ସାହୁ, ରବୀନ୍ଦ୍ରନାଥ ଠାକୁର, ମାଙ୍ଗେଲାଲ ଅଗ୍ରୱାଲ, ପ୍ରବୀଣ କୁମାର ସାହୁ, ରାଜେଶ ମେହେର, ଜୟକୁମାର ସାହୁ, ସତୀଶ କୁମାର ସାହୁ, ସନ୍ତୋଷ କୁମାର ସାହୁ, କପିଳାସ ସେଠ୍, ସୁନୀଲ କୁମାର ଝାଜରିଆ ଆନ୍ଦୋଳନକୁ ସମର୍ଥନ କରି ଗୁରୁତ୍ୱପୂର୍ଣ୍ଣ ମତ ଦେଇଥିଲେ। ତରଭାରେ ରେଳଷ୍ଟେଶନ ନିର୍ମାଣ ଓ ତରଭା ଷ୍ଟେଶନ ନାମକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମିତି ସଂଯୋଜକ ଆଇନଜୀବୀ ଭବାନୀ ଶଙ୍କର ଶତପଥୀ ଆନ୍ଦୋଳନର ରୂପରେଖ ସମ୍ପର୍କରେ କହିଥିଲେ। ବଲାଙ୍ଗୀର ୟୁଥ୍ ଆକ୍ସନ କମିଟି ସଭାପତି ବିନୋଦ କାଲସାଏ ରେଳପଥ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କହିଥିଲେ।

### ଚୋରି ଘଟଣାରେ ୨ ବାଂଲାଦେଶୀ ଗିରଫ

ଭବାନୀପାଟଣା,୬।୯(ସ୍ୱ.ପ୍ର.)

କେତେବେଳେ ଫେରିବାଲା ବେଶରେ ତ ପୁଣି ଆଉ କେତେବେଳେ ଶାଢ଼ୀ ବ୍ୟବସାୟୀ ବେଶରେ ଘରକୁ ଘର ଯାଇ ଯୋଜନା ପ୍ରସ୍ତୁତ କରି ସେମାନେ ଲୁଟ କରୁଥିଲେ। ଶେଷରେ ପୋଲିସ ହାତରେ ବନ୍ଧା ହୋଇଛନ୍ତି ୨ ବାଂଲାଦେଶୀ ଡ଼କାୟତ। ସେମାନେ ହେଲେ ବାଂଲାଦେଶର ମସୁଦ ହୁସେନ ଓ ମୁନା ମାଜି ବୋଲି ଜଣାପଡିଛି। ୨ ଅଭିଯୁକ୍ତଙ୍କଠାରୁ ମୋବାଇଲ ଫୋନ, ଟଙ୍କା, ସୁନାଗହଣା ଜବତ କରିଛି ପୋଲିସ। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ଭବାନୀପାଟଣା ସଦର ଥାନାଠାରେ କଳାହାଣ୍ଡି ପୋଲିସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କଳାହାଣ୍ଡି ଜିଲାର ଭବାନୀପାଟଣା ସଦର ଥାନା ଅଞ୍ଚଳରେ ଗତ ୨ ତାରିଖ ଏକ ଚୋରି ହୋଇଥିବା ପୋଲିସରେ ଅଭିଯୋଗ ହୋଇଥିଲା। ସ୍ଥାନୀୟ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତଦନ୍ତ ପରେ ଏହି ଘଟଣାରେ ସାମିଲ ଥିବା ସମ୍ପୃକ୍ତ ୨ ବାଂଲାଦେଶୀଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଏସ ହେମ୍ବ୍ରମ ଓ ସ୍ଥାନୀୟ ଆଇଆଇଆସି ରଶ୍ମିତା ପ୍ରଧାନ ଉପସ୍ଥିତ ଥିଲେ।

## ଯୋଜନା ସମୀକ୍ଷା, ସୁକ୍‌ତେଲ ପ୍ରକଳ୍ପ ପରିଦର୍ଶନ



ଜିଲାପାଳ ଅଫିସରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଲେଇ ଜିଲାପାଳ ଚଞ୍ଚଳ ରାଣା ଓ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର ଅଫିସ,୬।୯

**ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ବଲାଙ୍ଗୀର ଜିଲା ଗସ୍ତ**

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଲେଇ ମଙ୍ଗଳବାର ବଲାଙ୍ଗୀର ଜିଲା ଗସ୍ତରେ ଆସି ବିଭିନ୍ନ ଯୋଜନାର କାର୍ଯ୍ୟକ୍ରମ ସମୀକ୍ଷା କରିବା ସହ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପ୍ରଥମେ ରାଜସ୍ୱ କମିଶନର ଡ ଦଲେଇ ଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ମହେନ୍ଦ୍ର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ ଉପସ୍ଥିତ ଥିଲେ। ସେଠାରେ ରାଜସ୍ୱ, ସ୍ଥାପନା, ତଉଜି, ନ୍ୟାୟିକ ଭୂଅର୍ଜନ, ସ୍ୱତନ୍ତ୍ର ଭୂଅର୍ଜନ, ଲୋୟର ସୁକ୍‌ତେଲ ପୁନର୍ବାସ ଓ ଥଇଥାନ, ସାମାଜିକ ମଙ୍ଗଳ, ଜିଲା ମଙ୍ଗଳ, ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ, ଅବକାରୀ ଓ ସମଗ୍ର ଶିକ୍ଷା ବିଭାଗର ସମୀକ୍ଷା କରିଥିଲେ। ଜିଲାରେ କାର୍ଯ୍ୟକାରୀ ବହୁ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହାପରେ ରାଜସ୍ୱ କମିଶନର ଡ. ଦଲେଇ ୫-ଟି ରୂପାନ୍ତରିତ ପୃଥ୍ୱୀରାଜ ହାଇସ୍କୁଲ ପରିଦର୍ଶନରେ ଯାଇ ସ୍ମାର୍ଟକ୍ଲାସ, ଇ-ଲାଇବ୍ରେରୀ, ବିଜ୍ଞାନ ପରୀକ୍ଷାଗାର ପରିଦର୍ଶନ କରି ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଶିକ୍ଷାଦାନ ଉପରେ ଆଲୋଚନା କରିଥିଲେ। ଏହାପରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଯାଇ ଓପିଡି ଏବଂ ନିରାମୟ ସେଣ୍ଟର ପରିଦର୍ଶନ କରିଥିଲେ। ରୋଗୀଙ୍କୁ ଦିଆଯାଉଥିବା ମାଗଣା ଔଷଧ, ଖାଦ୍ୟ, ସ୍ୱାସ୍ଥ୍ୟ ସୁବିଧା, ଚିକିତ୍ସା ସୁବିଧା ତଦାରଖ କରିଥିଲେ। ଏହାପରେ ରାଜସ୍ୱ କମିଶନର ଦଲେଇ ଜିଲାପାଳ ରାଣାଙ୍କ ସହ ଲୋୟର ସୁକ୍‌ତେଲ ପ୍ରକଳ୍ପ ପରିଦର୍ଶନରେ ଯାଇ ସ୍ପିଲୱେ ଓ ମାଟିବନ୍ଧ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରି ପ୍ରକଳ୍ପ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

### ନିମ୍ନମାନର ନଳକୂଅ ଚାନ୍ଦିନୀ ନିର୍ମାଣ

ଖଡ଼ିଆଳ,୫।୯(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବାଦୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପଦମପୁର ଗ୍ରାମ ରାମ ମନ୍ଦିର ନିକଟସ୍ଥ ନଳକୂଅର ଚାନ୍ଦିନୀ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ପରିସର ସର୍ବଦା କାଦୁଅରେ ବୁଡି ରହିଛି। ଏତଦ୍ୱାରା ଏଠାକୁ ପାଣି ନେବାକୁ ଆସୁଥିବା ଗାଁର ମହିଳାମାନେ ନାହିଁ ନ ଥିବା ଅସୁବିଧା ଭୋଗୁଥିବା। ସର୍ବଦା ନଳକୂଅ ଚାରି ପାଖରେ ପାଣି ଜମି ରହୁଥିବାରୁ ମଶା ମାଛିର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଫଳରେ ଲୋକେ ବିଭିନ୍ନ ରୋଗରେ ଶିକାର ହେଉଛନ୍ତି। ଦୀର୍ଘ ଚାରି ପାଞ୍ଚ ବର୍ଷ ଗ୍ରାମବାସୀ ଅନେକ ଥର ପଞ୍ଚାୟତଠାରୁ ଆରମ୍ଭ କରି ଏ ନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଏ କର୍ଣ୍ଣପାତ କରୁ ନ ଥିଲେ। ଗଣମାଧ୍ୟମରେ ଖବର ପ୍ରସାରଣ ପରେ ପ୍ରଶାସନ ତତ୍ପରତା ଦେଖାଇ ତରବରିଆ ଭାବେ ନଳକୂଅ ଚାନ୍ଦିନୀ ନିର୍ମାଣ କରିଥିଲା। ହେଲେ ନିମ୍ନମାନର ଚାନ୍ଦିନୀ ତିଆରି ହୋଇଥିବାରୁ ସ୍ଥାୟିତ୍ୱ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଠିକାଦାର ଓ ବିଭାଗୀୟ ଅଧିକାରୀମାନଙ୍କ ଖାମାଖିଆଲି ମନୋଭାବ ଯୋଗୁ ଏଭଳି ନିମ୍ନମାନର କାର୍ଯ୍ୟ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅଧିକାରୀମାନେ କାର୍ଯ୍ୟ ସ୍ଥଳ ପରିଦର୍ଶନ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## କଳାହାଣ୍ଡି ଗସ୍ତରେ ନୀତି ଆୟୋଗର କେନ୍ଦ୍ର ପ୍ରଭାରୀ

ଭବାନୀପାଟଣା,୬।୯(ସ୍ୱ.ପ୍ର.)

**ଉନ୍ନତ ପ୍ରଣାଳୀର କଦଳୀ ଚାଷକୁ ଦେଖି ଖୁସି ହେଲେ**

କଳାହାଣ୍ଡି ଜିଲାକୁ ୨ ଦିନିଆ ଗସ୍ତରେ ଆସିଛନ୍ତି ଦିଲ୍ଲୀ ନିତୀ ଆୟୋଗର କେନ୍ଦ୍ର ପ୍ରଭାରୀ ସଞ୍ଜୀବ ମିଶ୍ର। ସୋମବାର ପ୍ରଥମ ଦିନରେ ସେ ଧର୍ମଗଡ ଓ ଜୁନାଗଡ ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ରୂପାନ୍ତରିତ ହାଇସ୍କୁଲ, ଡାକ୍ତରଖାନା, ହାବସପୁରୀ ପାଟ ବୁଣାକାରାଙ୍କ ତାଲିମ କେନ୍ଦ୍ର, ଅମୃତ ସରୋବର, ଜଳସେଚନ ଆଦି ବୁଲି ଦେଖିଥିଲେ। ସେହିପରି ଜୁନାଗଡ ବ୍ଲକର ଧନେର ଗ୍ରାମରେ ଥିବା ଆଦିତ୍ୟ ସାହୁଙ୍କ କଦଳୀ ବଗିଚା ମଧ୍ୟ ବୁଲି ଦେଖିଥିଲେ। ଏହି ସମୟରେ ସେଠାରେ ହୋଇଥିବା ଉନ୍ନତ ପ୍ରଣାଳୀର ଚାଷକୁ ଦେଖି ଖୁସି ହୋଇଯାଇଥିଲେ। ଏହି ପରିଦର୍ଶନ ସମୟରେ ତାଙ୍କ ସହ ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଟଙ୍କଧର କାଲୋ, ଧର୍ମଗଡ ତହସିଲଦାର ହରେକୃଷ୍ଣ ବରିହା, ଡିପିଏମଓ ସୁକାନ୍ତ ଦଲେଇ ପ୍ରମୁଖ ଉପସ୍ଥିତ ଥିଲେ।



ନିତୀ ଆୟୋଗର କେନ୍ଦ୍ର ପ୍ରଭାରୀ ସଞ୍ଜୀବ ମିଶ୍ର ପରିଦର୍ଶନ କରୁଛନ୍ତି।

## ରାଜପୁରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

କର୍ଲାମୁଣ୍ଡା,୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅଧକ୍ଷ୍ୟା କୁନି ସାହୁ, ଭାରପ୍ରାପ୍ତ ତହସିଲଦାର ଦିଲୀପ ପାତ୍ର, ସରପଞ୍ଚ କୌଶଲ୍ୟା ରଣା, ସମିତି ସଭ୍ୟା ନିରୂପମା ଭୋଇ, ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ନାଏକ, ପ୍ରାଣୀ ନିରୀକ୍ଷକ ସନ୍ତୋଷ ମାଝି, ଭାରପ୍ରାପ୍ତ ସହକାରୀ କୃଷି ଅଧିକାରୀ ଅରୁଣ ଚନ୍ଦ୍ର ପାଢ଼ୀ, କିରାଣୀ ପ୍ରଦୀପ କୁମାର ମାଝି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଟିକେରାମ ଛତ୍ରିଆ, ଗ୍ରାମ ରୋଜଗାର ସେବକ ଯାଜ୍ଞସେନି ସାହୁ, ଏସିପି ସତ୍ୟ ପ୍ରଧାନ, ଡିଇଓ ସରୋଜ ସାହୁ, ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ ୨୧୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ରାଶନ କାର୍ଡ, ଆବାସ ଯୋଜନା, ଭତ୍ତା ଭଳି ଅନେକ ଅଭିଯୋଗ ହୋଇଥିଲା।



ଜନଶୁଣାଣି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ନୂଆଁଖାଇ ଭେଟ୍‌ଘାଟ, ନୃତ୍ୟ ପ୍ରତିଯୋଗିତା

ଟିଟିଲାଗଡ଼, ୬।୯ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ବିଜେପୁରଠାରେ ୪୨ତମ ଗଣେଶ ପୂଜା ମହୋତ୍ସବ ଅବସରରେ ଚଣ୍ଡେଶ୍ୱରୀ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ରକଷ୍ଟାର ଗ୍ରୃପ ଲୁଥୁରବନ୍ଧ, ଦ୍ୱିତୀୟ ଗୁଂଖୁଙ୍ଗ ଡ୍ୟାନ୍ସ ଗ୍ରୃପ, ତୃତୀୟ ଖୋଲାନ ମାଁ ଦ୍ୱାରସୂନୀ ଗ୍ରୃପକୁ ଅର୍ଥରାଶି ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଘୋଷକ ଶରତ ବଗର୍ତ୍ତି ତଥା ମୋହନ ରଣା ବିଚାରକ ଦାୟିତ୍ୱ ସମ୍ପାଦନ କରିଥିଲେ। ପାଣ୍ଡବ ବଗର୍ତ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେପୁର ସରପଞ୍ଚ ହୃଷିକେଶ ବାଗ, ବିକାଶ ପାଣିଗ୍ରାହୀ ଅତିଥି ଭାବରେ ଯୋଗଦେଇଥିଲେ। ବିଜେପୁର ଗ୍ରାମର ବିଶିଷ୍ଟ ବ୍ୟକ୍ତିତ୍ୱ ସ୍ୱର୍ଗତ ରାମଚନ୍ଦ୍ର ବଗର୍ତ୍ତି, ନରୋତ୍ତମ ବଗର୍ତ୍ତି, ଦେବେନ୍ଦ୍ର ବଗର୍ତ୍ତି, ବିଷ୍ଣୁ ବଗର୍ତ୍ତିଙ୍କୁ ଏହି ଅବସରରେ ଅତିଥିଗଣ ସ୍ମରଣ କରିଥିଲେ। ଅନ୍ୟତମ ଅତିଥି ଭାବରେ ନରେନ୍ଦ୍ର ବଗର୍ତ୍ତି, ଜିତେନ୍ଦ୍ର ବଗର୍ତ୍ତି, ସୋମନାଥ ବଗର୍ତ୍ତି, ଧରମସିଂ ବଗର୍ତ୍ତି, ବିଘ୍ନେଶ୍ୱର ବଗର୍ତ୍ତି, ବସନ୍ତ ବଗର୍ତ୍ତି ମଞ୍ଚାସୀନ ଥିଲେ। ଆୟୋଜକ କମିଟି ସଭାପତି ସିନ୍ଧୁର ବଗର୍ତ୍ତି, ସମ୍ପାଦକ ଟିକୁ ବଗର୍ତ୍ତି, ଭୋଦେବ ବଗର୍ତ୍ତି ସହଯୋଗ କରିଥିଲେ। ସମାଜସେବୀ ଗତିକୃଷ୍ଣ ବଗର୍ତ୍ତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।